# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଜୁଲାଇ ୨୮/୨୦୨୧ (୧୬ ପୃଷ୍ଠା) | Bhubaneswar, Wednesday, July 28/2021 | ★★★★

୪୭ଶ ଭାଗ ୨୪୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ରୂପିନ୍ଦରଙ୍କ ଡବଲ ଗୋଲ**

ଡ୍ରାଗ୍‌ଫ୍ଲିକର ରୂପିନ୍ଦର ପାଲ ସିଂଙ୍କ ଡବଲ୍ ଗୋଲ ବଳରେ ଭାରତ ଅଲିମ୍ପିକ୍ସ ହକିର ମଙ୍ଗଳବାର ମ୍ୟାଚ୍‌ରେ ସ୍ପେନ୍‌କୁ ୩-୦ ଗୋଲରେ ପରାସ୍ତ କରିଛି।

୧୫

୧୪

**ଆଲୟାଙ୍କ ଫିଟ୍‌ନେସ୍ ସିକ୍ରେଟ୍**

ଫିଟ୍‌ନେସ୍ ପାଇଁ କଠିନ ଯୋଗାସନ, ନିୟମିତ ବ୍ୟାୟାମକୁ ଗୁରୁତ୍ୱ ଦିଅନ୍ତି 'ଯୱାନୀ ଜାନେମନ' ନାୟିକା ଆଲୟା।






ଫାଇଲିନ୍ କ୍ଷତିଗ୍ରସ୍ତଙ୍କୁ ତୁରନ୍ତ ପକ୍କା ଘର କାର୍ଯ୍ୟାଦେଶ ପ୍ରଦାନ ଦାବିରେ ମଙ୍ଗଳବାର ଚିଲିକା ପାଣିରେ ପଶି ପୁରୀ ଅଭିମୁଖେ ବାହାରିଥିବା କୃଷ୍ଣପ୍ରସାଦ ଅଞ୍ଚଳର ବାତ୍ୟା ନିରୋଧ ବାସଗୃହ ମଞ୍ଚର ସଦସ୍ୟମାନେ।

# ବୋମାଇ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ

- ଭାଜପା ବିଧାୟକ ଦଳ ବୈଠକରେ ନିଷ୍ପତ୍ତି
- ଆଜି ଶପଥ ନେବେ



ବାସବରାଜ ବୋମାଇ

ବେଙ୍ଗାଲୁରୁ/ନୂଆଦିଲ୍ଲୀ,୨୭।୭

କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ପଦରୁ ବି.ଏସ୍. ୟେଦୁରପ୍ପାଙ୍କ ଇସ୍ତଫା ପରେ ତାଙ୍କ ଉତ୍ତରାଧିକାରୀ କିଏ ହେବେ ବୋଲି ଚାଲିଥିବା କଳ୍ପନାଜଳ୍ପନାର ଅବସାନ ଘଟିଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଏସ୍. ଆର. ବୋମାଇଙ୍କ ପୁଅ ତଥା ୟେଦୁରପ୍ପା କ୍ୟାବିନେଟରେ ଗୃହମନ୍ତ୍ରୀ ଥିବା ବାସବରାଜ ବୋମାଇ ଏହି ପଦରେ ଅବସ୍ଥାପିତ ହେବାକୁ ଯାଉଛନ୍ତି। ବେଙ୍ଗାଲୁରୁରେ ଅନୁଷ୍ଠିତ ଭାଜପା ବିଧାୟକ ଦଳ ବୈଠକରେ ବୋମାଇଙ୍କୁ ନେତା ନିର୍ବାଚିତ କରାଯାଇଛି। ସେ ବୁଧବାର ଅପରାହ୍ନ ୩ଟା ୨୦ରେ ରାଜଭବନରେ ରାଜ୍ୟର ୩୦ତମ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ।

୭୮ ବର୍ଷୀୟ ଲିଙ୍ଗାୟତ ଷ୍ଟ୍ରଙ୍ଗମ୍ୟାନ୍ ୟେଦୁରପ୍ପାଙ୍କ ବିରୋଧରେ ଦଳ ଭିତରେ ଅସନ୍ତୋଷ ବଢ଼ିବାରେ ଲାଗିଥିଲା। ଏହା ଭାଜପାର କେନ୍ଦ୍ରୀୟ ନେତୃତ୍ୱଙ୍କ ମୁଣ୍ଡବ୍ୟଥାର କାରଣ ପାଲଟିଥିଲା। ଫଳରେ ୟେଦୁରପ୍ପା ସୋମବାର ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇ ନିଜ ଉତ୍ତରାଧିକାରୀ ଚୟନ ନିମନ୍ତେ ପଥ ପରିଷ୍କାର କରିଥିଲେ। ବୁଧବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଜି. କିଷନ ରେଡ୍ଡୀ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଭାବେ ବେଙ୍ଗାଲୁରୁ ଯାଇଥିଲେ। ଦୁଇ କେନ୍ଦ୍ରମନ୍ତ୍ରୀ କାମଚଳା ମୁଖ୍ୟମନ୍ତ୍ରୀ ୟେଦୁରପ୍ପାଙ୍କୁ ତାଙ୍କ ବାସଭବନରେ ଭେଟିବା ପରେ ରାତି ୭ଟାରେ ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ଭାଜପାର କର୍ଣ୍ଣାଟକ ପ୍ରଭାରୀ ଅରୁଣ ସିଂ ଓ ରାଜ୍ୟ ସଭାପତି ନଳିନ କୁମାର କଟିଲ ମଧ୍ୟ ସାମିଲ ଥିଲେ। ଧର୍ମେନ୍ଦ୍ର, କିଷନ ରେଡ୍ଡୀ ଓ ୟେଦୁରପ୍ପାଙ୍କ ☞ପୃଷ୍ଠା-୪

## ୫% ଉପରେ ୩ ଜିଲାର ସଂକ୍ରମଣ ହାର

### ଭୁବନେଶ୍ୱରରେ ଗହଳି ଯୋଗୁ ସଂକ୍ରମଣ ଅଧିକ: ଡିଏମ୍‌ଇଟି



**ଭୁବନେଶ୍ୱର, ୨୭।୭(ବ୍ୟୁରୋ):** ରାଜ୍ୟରେ କରୋନା ସଂକ୍ରମଣ ତଳ ଉପର ହେଉଛି। ରାଜ୍ୟରେ ଗତ ୨୪ଘଣ୍ଟାରେ ୬୨,୬୮୬ ନମୁନା ପରୀକ୍ଷା ହୋଇଥିବାବେଳେ ୧,୬୨୯ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଫଳରେ ସଂକ୍ରମଣ ହାର ବଢ଼ି ୨.୬% ହୋଇଛି। ସେହିପରି ଖୋର୍ଦ୍ଧା, କଟକ, କେନ୍ଦ୍ରାପଡ଼ା, ପୁରୀ, ବାଲେଶ୍ୱର, ଦେବଗଡ଼ରେ ପୁଣି ସଂକ୍ରମଣ ହାର ବଢ଼ିଛି। ସୋମବାର ସବୁ ଜିଲାରେ ସଂକ୍ରମଣ ହାର ୫% ତଳେ ରହିଥିଲା। ମାତ୍ର ମଙ୍ଗଳବାର ଖୋର୍ଦ୍ଧା, କଟକ, କେନ୍ଦ୍ରାପଡ଼ାରେ ୫% ଉପରେ ସଂକ୍ରମଣ ହାର ରହିଛି। ଖୋର୍ଦ୍ଧାରେ ସର୍ବାଧିକ ୬.୭% ସଂକ୍ରମଣ ହାର ଥିବା ବେଳେ କଟକରେ ୬.୨%, କେନ୍ଦ୍ରାପଡ଼ାରେ ୫.୮% ରହିଛି। ସେହିପରି ପୁରୀରେ ୪.୪%, ବାଲେଶ୍ୱରରେ ୩.୯%, ଦେବଗଡ଼ରେ ୩.୭% ରହିଛି। ନୂଆ ଆକ୍ରାନ୍ତଙ୍କୁ ମିଶାଇ ରାଜ୍ୟରେ ମୋଟ ☞ପୃଷ୍ଠା-୪

# ଭାରି ପଡ଼ିଲାଣି ସହ ସଂକ୍ରମଣ

ଭୁବନେଶ୍ୱର, ୨୭।୭(ବ୍ୟୁରୋ)



- ଚିନ୍ତା ବଢ଼ାଇଛି ଜଳବାହିତ ରୋଗ
- ରାଜଧାନୀରେ ୪୨୧ ଡେଙ୍ଗୁ ରୋଗୀ ଚିହ୍ନଟ
- ସତର୍କ ରହିବାକୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ପରାମର୍ଶ

ରାଜ୍ୟରେ ଏବେ ଦୈନିକ କରୋନା ସଂକ୍ରମିତଙ୍କ ସଂଖ୍ୟା ୨ହଜାର ତଳକୁ ରହିଛି। ହେଲେ ଆଶାଜନକ ଭାବେ ସଂକ୍ରମଣ ସଂଖ୍ୟା କମି ନାହିଁ। କିଛି ଜିଲାରେ ସ୍ଥିତି ଜଟିଳ ରହିଛି। ଗୋଟେ ପଟେ କରେନା ସଂକ୍ରମଣର ଭୟ ଯାଇ ନ ଥିବାବେଳେ ଏବେ ସହସଂକ୍ରମଣ ଭାରି ପଡ଼ିଗଲାଣି। ଜଳବାହିତ ରୋଗ ଓ ମଶାଙ୍କ ଦ୍ୱାରା ହେଉଥିବା ରୋଗକୁ ନେଇ ଚିନ୍ତା ବଢ଼ିଲାଣି। କାରଣ ଡେଙ୍ଗୁ, ଚିକନଗୁନିଆ ରୋଗ କିମ୍ବା ଜଳବାହିତ ରୋଗର ଶିକାର ହୋଇଥିବା ବ୍ୟକ୍ତି ଯଦି କରୋନାରେ ସଂକ୍ରମିତ ହୁଅନ୍ତି ତେବେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାର ଆଶଙ୍କା ରହିଛି। ଏଥିପ୍ରତି ସଜାଗ ରହିବାକୁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସମସ୍ତ ରାଜ୍ୟକୁ ଚେତାଇ ଦେଇଛନ୍ତି। ସହ ସଂକ୍ରମଣ ନ ରୋକିଲେ ଆଗକୁ ସ୍ଥିତି ଅସମ୍ଭାଳ ହୋଇଯିବ। କୌଣସି ସହସଂକ୍ରମଣ ଆସିଲେ ହସ୍ପିଟାଲ ମ୍ୟାନେଜମେଣ୍ଟ ପରିଚାଳନାରେ ସମସ୍ୟା ହେବ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ତେଣୁ କରୋନା କାଳରେ ବର୍ଷାଦିନେ ଅଧିକ ସତର୍କ ରହିବାକୁ ମଙ୍ଗଳବାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ପରାମର୍ଶ ଦିଆଯାଇଛି। ସତର୍କତାର ସହ ପଦକ୍ଷେପ ନେବା ସହ ନାଳ ନର୍ଦ୍ଦମା ପରିଷ୍କାରଠାରୁ ଆରମ୍ଭ କରି ଲୋକେ ଯେପରି ଶୁଦ୍ଧ ପିଇବା ପାଣି ପାଇବେ ସେନେଇ ନିଶ୍ଚିତ କରିବାକୁ କୁହାଯାଇଛି।

> ରାଜ୍ୟରେ ବର୍ତ୍ତମାନ ପ୍ରତିଦିନ ପ୍ରାୟ ୧୫ ରୁ ୨୦ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହେଉଛନ୍ତି। ରାଜଧାନୀରୁ ଅଧିକ ଡେଙ୍ଗୁ ରୋଗୀ ଚିହ୍ନଟ ହେଉଛନ୍ତି। ବିଭିନ୍ନ ପ୍ରତିଷେଧମୂଳକ ବ୍ୟବସ୍ଥା ଚାଲିଛି। ତେବେ ଏହା ଚିନ୍ତାଜନକ ନୁହେଁ।
>
> **- ଡା. ନିରଞ୍ଜନ ମିଶ୍ର, ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ**

ଅପରପକ୍ଷରେ ରାଜ୍ୟରେ ଏବେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ବିଶେଷକରି ଭୁବନେଶ୍ୱରରେ କରୋନା ସଂକ୍ରମଣ ଅଧିକ ରହୁଥିବାବେଳେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବା ସରକାରଙ୍କ ଚିନ୍ତା ବଢ଼ାଇ ଦେଇଛି। ରାଜ୍ୟରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ୫୦୦ ପାଖାପାଖି ଥିବାବେଳେ ଭୁବନେଶ୍ୱରରୁ କେବଳ ୪୨୧ଜଣ ରହିଛନ୍ତି। ନୀଳାଦ୍ରି ବିହାର ଓ ଶୈଳଶ୍ରୀ ବିହାରରେ ଡେଙ୍ଗୁ ରେଗୀଙ୍କ ସଂଖ୍ୟା ବଢୁଥିବା ଦେଖାଯାଉଛି। ଡେଙ୍ଗୁ, ମ୍ୟାଲେରିଆ ହେଉ ବା ଅନ୍ୟ ଜଳବାହିତ ରୋଗ ତାକୁ ମୁକାବିଲା କରିବା ବିଏମ୍‌ସି ପାଇଁ ଏବେ ଚ୍ୟାଲେଞ୍ଜ ପାଲଟିଛି। ରାଜଧାନୀରେ ଡେଙ୍ଗୁ ଓ ମ୍ୟାଲେରିଆ ପ୍ରତିକାର ପାଇଁ ଯେଉଁସବୁ ପ୍ରତିଷେଧକ ବ୍ୟବସ୍ଥା ବର୍ଷାଦିନ ପୂର୍ବରୁ ବିଏମ୍‌ସି ପକ୍ଷରୁ ନିଆଯିବା କଥା ତାହା କରାଯାଇ ନ ଥିବା ସାଧାରଣରେ ଅଭିଯୋଗ ହେଉଛି। ବିଶେଷକରି ସହରର ନାଳ, ନର୍ଦ୍ଦମା ଓ ପାଣି ଜମି ରହୁଥିବା ସ୍ଥାନକୁ ପରିଷ୍କାର କରାଯିବା ସହ ମଶା ତେଲ ପକାଇବା ଏବଂ ମଶା ଧୂଆଁ ଛାଡ଼ିବା ଆଦି କାର୍ଯ୍ୟ ଠିକ୍ ଭାବେ ହୋଇ ନ ଥିବାରୁ ଏବେ ଏଭଳି ସ୍ଥିତି ସୃଷ୍ଟି ହୋଇଛି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି।

ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର ସଚେତନ ହେବାକୁ ଲୋକଙ୍କୁ ପରାମର୍ଶ ଦେଇଛନ୍ତି। ଜ୍ୱର ସହ ଗୋଡ଼ ହାତ ଘୋଳା ବିନ୍ଧା ହେଲେ ଟେଷ୍ଟ କରାଇ ନେବା ଜରୁରୀ। କ୍ୟାପିଟାଲ, ଆର୍‌ଏମ୍‌ଆର୍‌ସି, ଏମ୍‌ସ, ଖୋର୍ଦ୍ଧା ଜିଲା ମେଡିକାଲରେ ଟେଷ୍ଟ କରିବାକୁ ସେ ପରାମର୍ଶ ଦେଇଛନ୍ତି। ☞ପୃଷ୍ଠା-୪

# ରାଜ୍ୟକୁ ମିଳୁନି ଜିଏସ୍‌ଟି କ୍ଷତିପୂରଣ

### କେନ୍ଦ୍ର ଉପରେ ରହିଛି ୨,୭୩୮ କୋଟି ବକେୟା

ଭୁବନେଶ୍ୱର,୨୭।୭(ବ୍ୟୁରୋ)

ରାଜ୍ୟକୁ ମିଳୁନି ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ବକେୟା। କେନ୍ଦ୍ରର ଏନ୍‌ଡିଏ ସରକାର ୨୦୧୭ ଜୁଲାଇ ପହିଲାରୁ ସମସ୍ତ ଟିକସ ଉଚ୍ଛେଦ କରି ସମଗ୍ର ଦେଶରେ ଜିଏସ୍‌ଟି ଲାଗୁ କରିଥିଲେ। ଏହା ଲାଗୁ ହେବା ପରେ ଯଦି ଟିକସ ଅଭିବୃଦ୍ଧି ୧୪ ପ୍ରତିଶତ ନ ହେବ ତେବେ ୨୦୧୪-୧୫ ଆର୍ଥିକ ବର୍ଷକୁ ମୂଳ ବର୍ଷ(ବେସ୍ ଇୟର) ଭାବେ ଧରି ପ୍ରତି ୩ ମାସରେ ଆଗାମୀ ୫ ବର୍ଷ ଲାଗି କେନ୍ଦ୍ର ସରକାର ରାଜ୍ୟର ଜିଏସ୍‌ଟି ବାବଦ କ୍ଷତି ଭରଣା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ତେବେ ଜିଏସ୍‌ଟି ଲାଗୁ ହେବାର ୪ ବର୍ଷ ବିତିଯିବାକୁ ବସିଥିବା ବେଳେ କେନ୍ଦ୍ର ସରକାର ଓଡ଼ିଶାର ଜିଏସ୍‌ଟି ବକେୟା ୨,୭୩୮ କୋଟି ଦେଇନାହାନ୍ତି। ରାଜ୍ୟ ସଭାରେ ଏକ ଲିଖିତ ପ୍ରଶ୍ନର ଉତ୍ତର ଦେଇ ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ୧୩୪୯ କୋଟି ଟଙ୍କାର ଜିଏସ୍‌ଟି ବକେୟା ରହିଛି। ୨୦୧୭ରୁ ୨୦୧୯-୨୦ ଯାଏ ଓଡ଼ିଶା ସମେତ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ଜିଏସ୍‌ଟି କ୍ଷତିପୂରଣ ବକେୟା ପ୍ରଦାନ କରାଯାଇଛି। ଓଡ଼ିଶାକୁ କେନ୍ଦ୍ର ସରକାର ଜିଏସ୍‌ଟି କ୍ଷତିପୂରଣ ବାବଦରେ ୧୪,୦୭୭ କୋଟି ଟଙ୍କା ପ୍ରଦାନ କରିଛନ୍ତି।

ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ କେନ୍ଦ୍ର ସରକାର ୨୦୧୭-୧୮ରେ ଜିଏସ୍‌ଟି କ୍ଷତିପୂରଣ ୨,୩୪୮ କୋଟି ଟଙ୍କା ପ୍ରଦାନ କରିଥିବା ବେଳେ ୨୦୧୮-୧୯ରେ ୪,୨୪୧ କୋଟି ଜିଏସ୍‌ଟି କ୍ଷତିପୂରଣ ବାବଦରେ ପ୍ରଦାନ କରିଛନ୍ତି। ସେହିପରି ୨୦୧୯-୨୦ରେ ୫,୩୩୨ କୋଟି ପ୍ରଦାନ କରିଛନ୍ତି। କୋଭିଡ୍-୧୯ ମହାମାରୀ ପାଇଁ ୨୦୨୦-୨୧ରେ ୨,୧୫୬ କୋଟି ଟଙ୍କା ପ୍ରଦାନ କରାଯାଇଥିଲା। ୨୦୨୧-୨୨ ଆର୍ଥିକ ବର୍ଷରେ ☞ପୃଷ୍ଠା-୪

# ପ୍ରବାସୀଙ୍କୁ ଦେଇପାରିଲେନି ଦକ୍ଷତା ତାଲିମ

**କରୋନା ମହାମାରୀ ଯୋଗୁ ୨୦୨୦ ମାର୍ଚ୍ଚ ୨୫ରେ କେନ୍ଦ୍ର ସରକାର ହଠାତ୍ ଦେଶବ୍ୟାପୀ ଲକ୍‌ଡାଉନ ଘୋଷଣା କରିଥିଲେ। କଳକାରଖାନା ଓ ଅନ୍ୟ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକରେ ତାଲା ପଡ଼ିବାରୁ କୋଟିଏରୁ ଊର୍ଦ୍ଧ୍ୱ ପ୍ରବାସୀ ଶ୍ରମିକ ଜୀବିକା ହରାଇଥିଲେ। ବିଭିନ୍ନ ରାଜ୍ୟରେ ଫସିରହିଥିବା ଶ୍ରମିକମାନେ ହଜାର ହଜାର କି.ମି. ପାଦରେ ଚାଲି ଘରକୁ ଫେରୁଥିବା ସେତେବେଳେ ଦେଖାଯାଇଥିଲା। ଏହି ଧାରା ଅଦ୍ୟାବଧି ଅବ୍ୟାହତ ରହିଛି। କୋଭିଡ୍-୧୯ର ଦ୍ୱିତୀୟ ଲହର ନ ଯାଉଣୁ ତୃତୀୟ ଲହରର ଆତଙ୍କ ସୃଷ୍ଟି ହେଲାଣି। କିନ୍ତୁ ଗତବର୍ଷ ପ୍ରବାସୀଙ୍କୁ ଦକ୍ଷତା ବିକାଶ ପାଇଁ ତାଲିମ ଦେବାକୁ ରଖାଯାଇଥିବା ଲକ୍ଷ୍ୟ ଏଯାଏ ପୂରଣ ହୋଇପାରି ନାହିଁ। ଏହି ବିଷୟ ଖୋଦ କେନ୍ଦ୍ର ସରକାର ସ୍ୱୀକାର କରିଛନ୍ତି। ଉପଯୁକ୍ତ ସମନ୍ୱୟ ଅଭାବରୁ ସରକାରୀ ଯୋଜନାଗୁଡ଼ିକ କିପରି ବାଟବଣା ହେଉଛି ଏହା ତା'ର ଜ୍ୱଳନ୍ତ ଦୃଷ୍ଟାନ୍ତ।**



ନୂଆଦିଲ୍ଲୀ, ୨୭।୭

ଗତ ବର୍ଷ ମହାମାରୀ ବେଳେ ସୃଷ୍ଟି ହୋଇଥିବା ସ୍ଥିତି ପୂର୍ବରୁ କେବେ ଦେଖାଯାଇ ନ ଥିଲା। ଲକ୍‌ଡାଉନ ପରେ ଘରକୁ ଫେରୁଥିବା ପ୍ରବାସୀ ଶ୍ରମିକଙ୍କୁ ଦକ୍ଷତା ତାଲିମ ଦ୍ୱାରା ସେମାନେ ଯେମିତି ନିଜ ଘର ପାଖରେ କାମ ପାଇବେ ସେ ଦିଗକୁ କେନ୍ଦ୍ର ସରକାର ବିଚାର କରିଥିଲେ। ଓଡ଼ିଶା ସମେତ ଉତ୍ତର ପ୍ରଦେଶ, ବିହାର, ରାଜସ୍ଥାନ, ମଧ୍ୟ ପ୍ରଦେଶ ଏବଂ ଝାଡ଼ଖଣ୍ଡ ଭଳି ରାଜ୍ୟର ୧୧୩ ଜିଲାର ପ୍ରାୟ ୩ ଲକ୍ଷ ପ୍ରବାସୀଙ୍କୁ ଦକ୍ଷତା ତାଲିମ ପ୍ରଦାନ ନେଇ କେନ୍ଦ୍ର ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରଣାଳୟ ପକ୍ଷରୁ ଲକ୍ଷ୍ୟ ରଖାଯାଇଥିଲା। ମାତ୍ର ଏହି ଲକ୍ଷ୍ୟ ହାସଲ କରିବାକୁ ମନ୍ତ୍ରଣାଳୟ ଏ ପର୍ଯ୍ୟନ୍ତ ସକ୍ଷମ ହୋଇନାହିଁ। ଏହି ଯୋଜନାରେ ବର୍ତ୍ତମାନ ସୁଦ୍ଧା ମାତ୍ର ୭୧ ହଜାର ଶ୍ରମିକଙ୍କୁ ତାଲିମ ଦିଆଯାଇଥିବା ସରକାରୀ ସୂତ୍ରରୁ ପ୍ରକାଶ। ଗତ ବର୍ଷ ପ୍ରବାସୀମାନେ ଯେଉଁଭଳି ସମସ୍ୟାର ସମ୍ମୁଖୀନ ☞ପୃଷ୍ଠା-୪

| ରାଜ୍ୟ | ତାଲିମ ପାଇଛନ୍ତି |
|---|---|
| ଆସାମ | ୭୧୪ |
| ବିହାର | ୩୧,୬୧୯ |
| ମଧ୍ୟପ୍ରଦେଶ | ୧୦,୫୯୮ |
| ଓଡ଼ିଶା | ୧,୬୯୦ |
| ରାଜସ୍ଥାନ | ୧୨,୪୭୮ |
| ୟୁପି | ୧୩,୭୨୪ |
| ମୋଟ | ୭୦,୮୨୩ |

**କାଗଜ କଲମରେ ଚାଲିଛି ଯୋଜନା**

- ୩ ଲକ୍ଷଙ୍କୁ ମିଳିଥାନ୍ତା, ୭୧ ହଜାରଙ୍କୁ ମିଳିଛି
- ଓଡ଼ିଶାରେ ତାଲିମ ପାଇଛନ୍ତି ୧୬୯୦ ପ୍ରବାସୀ
- ଲକ୍‌ଡାଉନରେ ଫେରିଥିଲେ ୧.୦୮ କୋଟି ପ୍ରବାସୀ
- ରାଜ୍ୟସ୍ତରରେ ଅଧିକ ପଦକ୍ଷେପ ଜରୁରୀ: ବିଶେଷଜ୍ଞ

**ଆଜିର ସମ୍ପାଦକୀୟ**

ଆନ୍ତଃରାଜ୍ୟ ଯୁଦ୍ଧ



# କାହିଁକି ହେଉନି ପେଗାସସ୍ ତଦନ୍ତ




ଇସ୍ରାଏଲ କମ୍ପାନୀ ଏନ୍‌ଏସ୍‌ଓ ଗ୍ରୁପ୍ ପକ୍ଷରୁ ବିକଶିତ ସ୍ପାଏୱେରକୁ ନେଇ ବିଶ୍ୱବ୍ୟାପୀ ହଇଚଇ ସୃଷ୍ଟି ହୋଇଛି। ନେତା, ଖବରଦାତା, ମାନବାଧିକାର କର୍ମୀ ଓ ବିଜ୍‌ନେସମ୍ୟାନଙ୍କ ଭିତିରି କଥା ଜାଣିବା ପାଇଁ ଏହାକୁ ଗୁପ୍ତଚର ଭାବେ ବ୍ୟବହାର କରାଯାଇଛି। ବିଶେଷକରି ଶାସକ ଗୋଷ୍ଠୀ ବିରୋଧରେ ଭିନ୍ନ ମତ ପୋଷଣ କରୁଥିବା ହାଇପ୍ରୋଫାଇଲ ବ୍ୟକ୍ତିମାନଙ୍କୁ ଏହି ଅସ୍ତ୍ରରେ ଟାର୍ଗେଟ କରାଯାଇଥିବା ନେଇ ରିପୋର୍ଟ ପ୍ରକାଶ ପାଇବା ପରେ ବିବାଦ ବଢ଼ିବାରେ ଲାଗିଛି। ଫ୍ରାନ୍ସ, ଅଲଜେରିଆ ସମେତ ଅନ୍ୟ କେତେକ ରାଷ୍ଟ୍ର ଏନେଇ ତନାଘନା ଆରମ୍ଭ କଲେଣି। ହେଲେ ଭାରତରେ ପେଗାସସ୍ ପ୍ରସଙ୍ଗରେ ପାର୍ଲାମେଣ୍ଟରେ ଅଚଳାବସ୍ଥା ସୃଷ୍ଟି ହେବା ସତ୍ତ୍ୱେ ତଦନ୍ତ ପାଇଁ କେନ୍ଦ୍ର ନିର୍ଦ୍ଦେଶ ଦେଉନାହାଁ। ଏଥିଯୋଗୁ ମୋଦି ସରକାରଙ୍କ ଭୂମିକା ଓ ଅଭିସନ୍ଧିକୁ ନେଇ ଦେଶବାସୀଙ୍କ ମନକୁ ଅନେକ ପ୍ରଶ୍ନ ଆନ୍ଦୋଳିତ କରିଛି।



ପେଗାସସ୍ ପ୍ରସଙ୍ଗରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ନୂଆଦିଲ୍ଲୀସ୍ଥିତ ସରକାରୀ ବାସଭବନକୁ କଂଗ୍ରେସ ପକ୍ଷରୁ ଘେରାଉ କରାଯାଉଛି।

## ରାଷ୍ଟ୍ରପତିଙ୍କୁ ଚିଠି ଲେଖିଲେ ବିରୋଧୀ

### ପାର୍ଲାମେଣ୍ଟରେ ହେଉ ପେଗାସସ୍ ବିତର୍କ

ନୂଆଦିଲ୍ଲୀ,୨୭।୭

ପେଗାସସ୍ ପ୍ରସଙ୍ଗରେ ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି ବିରୋଧୀ। ପାର୍ଲାମେଣ୍ଟରେ ପେଗାସସ୍ ଫୋନ୍ ଟ୍ୟାପିଂ ଓ ଚାଷୀଙ୍କ ପ୍ରସଙ୍ଗରେ ବିତର୍କ ପାଇଁ ସରକାରଙ୍କୁ ନିର୍ଦ୍ଦେଶ ଦେବା ଲାଗି ୭ ବିରୋଧୀ ଦଳ ମଙ୍ଗଳବାର ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ପତ୍ର ଲେଖିଛନ୍ତି। ଜାତୀୟତାବାଦୀ କଂଗ୍ରେସ ପାର୍ଟି ଏନ୍‌ସିପି ନେତ୍ରୀ ସୁପ୍ରିୟା ସୁଲେ ଏନେଇ ସୂଚନା ଦେଇଛନ୍ତି। ଏନ୍‌ସିପି ସମେତ ବହୁଜନ ସମାଜ ପାର୍ଟି (ବିଏସ୍‌ପି), ରାଷ୍ଟ୍ରୀୟ ଲୋକତାନ୍ତ୍ରିକ ପାର୍ଟି (ଆର୍‌ଏଲ୍‌ପି), ଶିରୋମଣି ଅକାଳୀ ଦଳ (ଏସ୍‌ଏଡି), ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି), ଭାରତର କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ଏବଂ ଭାରତର ମାକ୍ସବାଦୀ କମ୍ୟୁନିଷ୍ଟ ପାର୍ଟି (ସିପିଆଇଏମ୍) ନେତାମାନେ ଉକ୍ତ ଚିଠିରେ ସ୍ୱାକ୍ଷର କରିଛନ୍ତି।

## ସଂକ୍ଷେପରେ

### ଆଜି ଅଧିକାରୀଙ୍କୁ ପ୍ରଶ୍ନ କରିବ ସଂସଦୀୟ କମିଟି

**ନୂଆଦିଲ୍ଲୀ,୨୭।୭:** ପେଗାସସ୍ ପ୍ରସଙ୍ଗରେ ପାର୍ଲାମେଣ୍ଟର ସୂଚନା ପ୍ରଯୁକ୍ତିବିଦ୍ୟା ସମ୍ପର୍କିତ ଷ୍ଟାଣ୍ଡିଂ କମିଟିର ବୈଠକ ବୁଧବାର ବସିବ। ଲୋକ ସଭା ସେକ୍ରେଟାରିଏଟ୍ ପକ୍ଷରୁ ଜାରି ଏକ ବିଜ୍ଞପ୍ତି ଅନୁସାରେ ବୈଠକର କାର୍ଯ୍ୟସୂଚୀ ହେଉଛି 'ସିଟିଜେନ୍ସ ଡାଟା ସିକ୍ୟୁରିଟି ଆଣ୍ଡ ପ୍ରିଭେସି'। ୩୨ ସଦସ୍ୟ ବିଶିଷ୍ଟ ଉକ୍ତ କମିଟିର ଅଧିକାଂଶ ମେମ୍ବର ଶାସକ ଭାଜପାର। ଉକ୍ତ ବୈଠକରେ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ତଥା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର କେତେଜଣ ଅଧିକାରୀଙ୍କୁ ହାଜର ପାଇଁ ସମନ କରାଯାଇଛି। କମିଟି ପକ୍ଷରୁ ସେମାନଙ୍କୁ ପ୍ରଶ୍ନ କରାଯିବ। କମିଟି ଅଧକ୍ଷ ତଥା ବରିଷ୍ଠ କଂଗ୍ରେସ ନେତା ଶଶୀ ଥରୁର ପେଗାସସ୍ ଗୁପ୍ତଚରଗିରି ପ୍ରସଙ୍ଗ ଆଇଟି ପ୍ୟାନେଲ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି।

### ଜେଲ ଗଲେ କୁନ୍ଦ୍ରା



**ମୁମ୍ବାଇ, ୨୭।୭:** ପର୍ନ ଫିଲ୍ମ ର୍ୟାକେଟ ମାମଲାରେ ଗିରଫ ହୋଇଥିବା ବିଶିଷ୍ଟ ବ୍ୟବସାୟୀ ତଥା ଅଭିନେତ୍ରୀ ଶିଳ୍ପା ସେଟ୍ଟୀଙ୍କ ସ୍ୱାମୀ ରାଜ କୁନ୍ଦ୍ରା ଅଗଷ୍ଟ ୧୦ ପର୍ଯ୍ୟନ୍ତ ନ୍ୟାୟିକ ହେପାଜତରେ ରହିବେ। ଏ ନେଇ ତାଙ୍କ ଓକିଲ ଅବାଦ ପଣ୍ଡା ସୂଚନା ଦେଇଛନ୍ତି। ମଙ୍ଗଳବାର ତାଙ୍କ ୧୪ ଦିନିଆ ରିମାଣ୍ଡ ଶେଷ ହେବା ପରେ କୁନ୍ଦ୍ରାଙ୍କୁ ମୁମ୍ବାଇ କୋର୍ଟରେ ହାଜର କରାଯାଇଥିଲା। ଆଉ ୭ ଦିନ ପାଇଁ ପୋଲିସ କୁନ୍ଦ୍ରାଙ୍କୁ ରିମାଣ୍ଡରେ ନେବାକୁ ଚାହୁଁଥିଲେ ହେଁ ଅଦାଲତ ଏହାକୁ ମଞ୍ଜୁରୀ ଦେଇ ନ ଥିଲେ। ହସ୍ପିଟାଲରେ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ ପରେ ତାଙ୍କୁ ଆର୍ଥର ରୋଡ୍ ଜେଲକୁ ପଠାଇ ଦିଆଯାଇଛି। ତେବେ କୁନ୍ଦ୍ରା ଜାମିନ ପାଇଁ କୋର୍ଟରେ ଆବେଦନ କରିଥିବାବେଳେ ବୁଧବାର ଏହା ଉପରେ ଶୁଣାଣି ହେବ। ଅପରପକ୍ଷେ ମଡେଲ-ଅଭିନେତ୍ରୀ ସେର୍ଲିନ ଚୋପ୍ରା ଓ ପୁନମ୍ ପାଣ୍ଡେଙ୍କ ଆଗୁଆ ଜାମିନ ଆବେଦନକୁ ବମ୍ବେ ହାଇକୋର୍ଟ ମଞ୍ଜୁର କରିଛନ୍ତି। ସେପ୍ଟେମ୍ବର ୨୦ ପର୍ଯ୍ୟନ୍ତ ଉଭୟଙ୍କ ବିରୋଧରେ ଜବରଦସ୍ତି କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇପାରିବ ନାହିଁ ବୋଲି ଅଦାଲତ କହିଛନ୍ତି। ପର୍ନ ର୍ୟାକେଟ ମାମଲାରେ ସେର୍ଲିନ ଚୋପ୍ରାଙ୍କୁ ମୁମ୍ବାଇ ପୋଲିସ ମଙ୍ଗଳବାର ହାଜର ପାଇଁ ସମନ କରିଥିଲା।

### ହାଜର ନ ହେଲେ ଜେଲ

#### କଙ୍ଗନାଙ୍କୁ କୋର୍ଟଙ୍କ ଚେତାବନୀ



**ମୁମ୍ବାଇ, ୨୭।୭ :** ସଙ୍ଗୀତକାର ଜାଭେଦ ଅଖତରଙ୍କ ମାନହାନି ମାମଲାରେ ବଲିଉଡ୍ ଅଭିନେତ୍ରୀ କଙ୍ଗନା ରାନାୱତଙ୍କୁ ମୁମ୍ବାଇର ଅନ୍ଧେରି ମେଟ୍ରୋପଲିଟାନ ମାଜିଷ୍ଟ୍ରେଟ କୋର୍ଟ ଚେତାବନୀ ଦେଇଛନ୍ତି। ଆସନ୍ତା ଶୁଣାଣିରେ କୋର୍ଟରେ ହାଜର ନ ହେଲେ କଙ୍ଗନାଙ୍କ ବିରୋଧରେ ଗିରଫ ପରୱାନା ଜାରି ହେବ ବୋଲି ଅଦାଲତ କହିଛନ୍ତି। ମଙ୍ଗଳବାର କଙ୍ଗନାଙ୍କୁ କୋର୍ଟରେ ହାଜର ହେବା ପାଇଁ ପୂର୍ବରୁ ନୋଟିସ୍ ଜାରି ହୋଇଥିଲେ ହେଁ ସେ ଆସି ନ ଥିଲେ। କଙ୍ଗନା ଦେଶ ବାହାରେ ଥିବାରୁ ସେ ଉପସ୍ଥିତ ହୋଇପାରି ନ ଥିବା ତାଙ୍କ ଓକିଲ କୋର୍ଟରେ କହିଥିଲେ। ତେବେ କଙ୍ଗନାଙ୍କୁ ଶେଷ ସୁଯୋଗ ଦେଇ ଅଦାଲତରେ ହାଜର ହେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜାଭେଦ ଅଖତର ବଲିଉଡ୍ ସୁଇସାଇଡ୍ ଗ୍ୟାଙ୍ଗ୍‌ର ସଦସ୍ୟ ବୋଲି କଙ୍ଗନା ଏକ ସାକ୍ଷାତକାରରେ କହିଥିଲେ।

### ଥ୍ରିଲର 'ଫରେନ୍ସିକ୍'ରେ ରାଧିକା

**ମୁମ୍ବାଇ, ୨୭।୭:** ଅପ୍‌କମିଂ ଥ୍ରିଲର ମୁଭି 'ଫରେନ୍ସିକ୍'ରେ ଅଭିନେତ୍ରୀ ରାଧିକା ଆପ୍ଟେ ଓ ବିକ୍ରାନ୍ତ ମେସି ସ୍କ୍ରିନ୍ ଶେୟାର କରିବେ। ଏହି କ୍ରାଇମ୍ ଥ୍ରିଲର ପ୍ରୋଜେକ୍ଟରେ ନିର୍ଦ୍ଦେଶକ ବିଶାଲ ଫୁରିଆଙ୍କ ସହ କାମ କରିବେ ବୋଲି ରାଧିକା ମଙ୍ଗଳବାର ସୂଚନା ଦେଇଛନ୍ତି। ପୂର୍ବରୁ ୱେବ୍ ଶୋ 'କ୍ରିମିନାଲ ଜଷ୍ଟିସ୍'ରେ ବିକ୍ରାନ୍ତ ଓ ବିଶାଲ କାମ କରିଥିଲେ। ବିକ୍ରାନ୍ତ କହିଛନ୍ତି, ସେ ସବୁବେଳେ ଏକ ଚଳଚ୍ଚିତ୍ର ପାଇଁ ଆଗଧାଡ଼ିର କାହାଣୀରେ ବିଶ୍ୱାସ କରନ୍ତି। ଯେତେବେଳେ ବିଶାଲ ତାଙ୍କୁ ସ୍କ୍ରିପ୍ଟ ଶୁଣାଇଥିଲେ ଜଣେ ଅଭିନେତା ସହ ଦର୍ଶକ ଭାବେ ମଧ ତାଙ୍କର ଫିଲ୍ମ ପ୍ରତି ଆଗ୍ରହ ବଢ଼ିଥିଲା।

# ସର୍ବଦଳୀୟ ବୈଠକ ଡାକନ୍ତୁ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୨୭।୭

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଙ୍ଗଳବାର ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିଛନ୍ତି। ସାକ୍ଷାତ ପରେ ମମତା ଗଣମାଧ୍ୟମକୁ କହିଛନ୍ତି, ପେଗାସସ୍ ପ୍ରସଙ୍ଗରେ ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ତଦନ୍ତ କରାଯିବା ଜରୁରୀ। ଏହି ତଦନ୍ତ ଉପରେ ନିଷ୍ପତ୍ତି ନେବା ଲାଗି ପ୍ରଧାନମନ୍ତ୍ରୀ ଏକ ସର୍ବଦଳୀୟ ବୈଠକ ଡାକନ୍ତୁ ବୋଲି ସେ ଦାବି କରିଛନ୍ତି। ପ୍ରକାଶ ଯେ, ଇସ୍ରାଏଲର ପେଗାସସ୍ ସ୍ପାଏୱେର କେବଳ ସରକାରମାନଙ୍କୁ ବିକ୍ରି କରାଯାଇଥାଏ। ଏହି ସଫ୍ଟୱେରକୁ ୨ କେନ୍ଦ୍ରମନ୍ତ୍ରୀ, ଅନେକ ବିରୋଧୀ ଦଳ ନେତା ଓ ୪୦ ଖବରଦାତାଙ୍କ ବିରୋଧରେ ଲଗାଯାଇଛି। ବିରୋଧୀ ଦଳଗୁଡ଼ିକ ଏଭଳି ଅଭିଯୋଗ ଆଣି ପ୍ରଧାନମନ୍ତ୍ରୀ ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ବିବୃତି ଦାବିରେ ପାର୍ଲାମେଣ୍ଟର ମୌସୁମୀ ଅଧିବେଶନକୁ ଚଳାଇ ଦେଉନାହାନ୍ତି। ମମତାଙ୍କ ପୁତୁରା ତଥା ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏମ୍‌ପି ଅଭିଷେକ ବାନାର୍ଜୀଙ୍କ ଫୋନ୍‌କୁ ମଧ ଏହି ସ୍ପାଏୱେର ଜରିଆରେ ଟ୍ୟାପ୍ କରାଯାଇଥିବା ନେଇ କେତେକ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ ମମତା ସୋମବାର ଏକ ନ୍ୟାୟିକ ତଦନ୍ତ କମିଟି ଗଠନ କରିଛନ୍ତି।

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ହ୍ୟାଟ୍ରିକ ବିଜୟ ପରେ ମୋଦିଙ୍କ ସହ ଏହା ହେଉଛି ତାଙ୍କର ପ୍ରଥମ ସାକ୍ଷାତ। ମମତା ଏହାକୁ ସୌଜନ୍ୟମୂଳକ ସାକ୍ଷାତ ବୋଲି ଅଭିହିତ କରିଛନ୍ତି। କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ସହ ପଶ୍ଚିମବଙ୍ଗର କୋଭିଡ୍ ସ୍ଥିତି ଓ ରାଜ୍ୟକୁ ଭାକ୍ସିନ ପଠାଇବା ସମ୍ପର୍କରେ ଆଲୋଚନା ହୋଇଛି।

### ମୋଦିଙ୍କୁ ଭେଟିଲେ ମମତା



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନୂଆଦିଲ୍ଲୀ ବାସଭବନରେ ଭେଟୁଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ।

## ସୁପ୍ରିମକୋର୍ଟ ଗଲେ ବରିଷ୍ଠ ସାମ୍ବାଦିକ

ନୂଆଦିଲ୍ଲୀ,୨୭।୭

ପେଗାସସ୍ ପ୍ରସଙ୍ଗରେ ନିରପେକ୍ଷ ତଦନ୍ତ କରାଇବା ଦାବିରେ ବରିଷ୍ଠ ସାମ୍ବାଦିକ ଏନ୍. ରାମ ଏବଂ ଶଶୀ କୁମାର ମଙ୍ଗଳବାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଇସ୍ରାଏଲର ଏନ୍‌ଏସ୍‌ଓ କମ୍ପାନୀ ଦ୍ୱାରା ବିକଶିତ ଏହି ସ୍ପାଏୱେର ଜରିଆରେ ଭାରତରେ ଅଭିବ୍ୟକ୍ତି ସ୍ୱାଧୀନତା ଓ ଭିନ୍ନ ସ୍ୱର ପରିପ୍ରକାଶକୁ ବନ୍ଦ କରିବା ପାଇଁ ଉଦ୍ୟମ ହୋଇଥିବା ଦୁହେଁ ଦର୍ଶାଇଛନ୍ତି। ସରକାରୀ ସଂସ୍ଥାଗୁଡ଼ିକ ଏହି ସ୍ପାଏୱେର ବଳରେ ବିଶିଷ୍ଟ ନାଗରିକ, ରାଜନେତା ଓ ଖବରଦାତାମାନଙ୍କ ଗୁପ୍ତଚରଗିରି କରିଛନ୍ତି। ତେଣୁ ସୁପ୍ରିମକୋର୍ଟରେ ଅବସ୍ଥାପିତ ଜଣେ ବିଚାରପତି କିମ୍ବା ଅବସରପ୍ରାପ୍ତ ଜଷ୍ଟିସ୍‌ଙ୍କ ଦ୍ୱାରା ଏହାର ତଦନ୍ତ କରାଯାଉ ବୋଲି ଆବେଦନକାରୀ ସାମ୍ବାଦିକ ଦ୍ୱୟ ନିଜ ପିଟିଶନରେ ଉଲ୍ଲେଖ କରିଛନ୍ତି। ସରକାର କିମ୍ବା ଅନ୍ୟ କୌଣସି ସଂସ୍ଥା ପେଗାସସ୍ ସ୍ପାଏୱେର ଲାଇସେନ୍ସ ପାଇଛନ୍ତି କି ଏବଂ ସର୍ଭିଲାନ୍ସ ପାଇଁ ଏହାକୁ ପ୍ରତ୍ୟକ୍ଷ ଅଥବା ପରୋକ୍ଷରେ ବ୍ୟବହାର କରିଛନ୍ତି କି? ଏହି ପ୍ରଶ୍ନର ଉତ୍ତର ଦେବା ପାଇଁ କେନ୍ଦ୍ରକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଉଭୟେ ଦାବି କରିଛନ୍ତି। ଆବେଦନକାରୀଙ୍କ ମତରେ ୧୪୨ ଭାରତୀୟଙ୍କୁ ସ୍ପାଏୱେର ଜରିଆରେ ଟାର୍ଗେଟ କରାଯାଇଛି। ଏହା ସମ୍ବିଧାନର ଅନୁଚ୍ଛେଦ ୧୪ (ଆଇନ ଆଗରେ ସମସ୍ତେ ସମାନ), ୧୯ (ଅଭିବ୍ୟକ୍ତି ସ୍ୱାଧୀନତା) ଏବଂ ୨୧ (ଜୀବନ ଓ ବ୍ୟକ୍ତିଗତ ସ୍ୱାଧୀନତାର ସୁରକ୍ଷା) ଭଳି ମୌଳିକ ଅଧିକାରର ଉଲ୍ଲଂଘନ ବୋଲି ଉଭୟେ କହିଛନ୍ତି। ଆସନ୍ତା କିଛିଦିନ ମଧ୍ୟରେ ଏହି ପିଟିଶନର ଶୁଣାଣି ହୋଇପାରେ।

# ଇଞ୍ଜିନିୟରରୁ ମୁଖ୍ୟମନ୍ତ୍ରୀ

ବେଙ୍ଗାଲୁରୁ, ୨୭।୭

କର୍ଣ୍ଣାଟକର ୨୩ ତମ ମୁଖ୍ୟମନ୍ତ୍ରୀ ହୋଇଥିବା ବାସବରାଜ ବୋମାଇ ୧୯୬୦ ଜାନୁୟାରୀ ୨୮ରେ ଜନ୍ମଗ୍ରହଣ କରିଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ଏସ୍. ଆର୍. ବୋମାଇଙ୍କ ପୁଅ ବାସବରାଜ ମେକାନିକାଲ ଇଞ୍ଜିନିୟରିଂରେ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି। ଟାଟା ଗ୍ରୁପ୍‌ରୁ ଜଣେ ଇଞ୍ଜିନିୟର ଭାବେ ସେ ତାଙ୍କ କ୍ୟାରିୟର ଆରମ୍ଭ କରିଥିଲେ। ଜନତା ଦଳରୁ ତାଙ୍କ ରାଜନୈତିକ କ୍ୟାରିୟରର ମୂଳଦୁଆ ପଡ଼ିଥିଲା। ୧୯୯୮ ଓ ୨୦୦୪ରେ ସେ କର୍ଣ୍ଣାଟକ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୨୦୦୮ରେ ସେ ଭାରତୀୟ ଜନତା ପାର୍ଟିରେ ଯୋଗ ଦେଇଥିଲେ। ସେହି ବର୍ଷ ବିଧାନସଭା ନିର୍ବାଚନରେ ସେ ଶିଗାଓଁ ଆସନରୁ ବିଜୟୀ ହୋଇଥିଲେ। ମୁଖ୍ୟମନ୍ତ୍ରୀ ହେବା ପୂର୍ବରୁ ବାସବରାଜ କର୍ଣ୍ଣାଟକର ଗୃହ ରାଷ୍ଟ୍ରମନ୍ତ୍ରୀ, ଆଇନ, ସଂସଦ ବ୍ୟାପାର ବିଭାଗରେ ମନ୍ତ୍ରୀ ଥିଲେ। ହାଭେରି ଓ ଉଦୁବି ଡିଷ୍ଟ୍ରିକ୍ଟ ଇନ୍‌ଚାର୍ଜ ମନ୍ତ୍ରୀ ମଧ ରହିଥିଲେ। ୨୦୦୮ରୁ ୨୦୧୩ ମଧ୍ୟରେ ସେ ଜଳ ସମ୍ପଦ ଓ ସହଯୋଗ ମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ। କର୍ଣ୍ଣାଟକରେ ଜଳସେଚନ ଯୋଜନାକୁ ବ୍ୟାପକ ଭାବେ କାର୍ଯ୍ୟକାରୀ କରାଇବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ହାଭେରି ଜିଲା ଶିଗାଓଁରେ ପାଇପ୍ ଯୋଗେ ଜଳସେଚନ ପ୍ରକଳ୍ପକୁ ଶତପ୍ରତିଶତ କାର୍ଯ୍ୟକାରୀ କରାଇ ଏହାକୁ ଭାରତର ଏକମାତ୍ର ଅଞ୍ଚଳ କରାଇବାର ଶ୍ରେୟ ବାସବରାଜଙ୍କୁ ଦିଆଯାଏ।



## ବିଶ୍ୱ ଐତିହ୍ୟ ହରପ୍ପା ସହର ଢୋଲାଭିରା

ନୂଆଦିଲ୍ଲୀ, ୨୭।୭

ଗୁଜରାଟର ହରପ୍ପା ସଭ୍ୟତାର ଏକ ସହର ଢୋଲାଭିରା ବିଶ୍ୱର ଐତିହ୍ୟ ତାଲିକାରେ ସ୍ଥାନିତ ହୋଇଛି। ୟୁନେସ୍କୋ ଏହାର ୪୪ତମ ଅଧିବେଶନରେ ଢୋଲାଭିରାକୁ ଏହି ମାନ୍ୟତା ଦେଇଥିବା ନେଇ ମଙ୍ଗଳବାର ଟୁଇଟ୍ ଯୋଗେ ସୂଚନା ଦେଇଛି। ଏ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଖୁସି ବ୍ୟକ୍ତ କରିଛନ୍ତି। ଢୋଲାଭିରା ଏକ ଗୁରୁତ୍ୱପୂର୍ଣ୍ଣ ସହରାଞ୍ଚଳ କେନ୍ଦ୍ର ଥିଲା। ଏହାସହିତ ଆମ ଅତୀତର ଅନେକ ଗୁରୁତ୍ୱପୂର୍ଣ୍ଣ ସଂଯୋଗ ରହିଛି। ଇତିହାସ କିମ୍ବା ପ୍ରତ୍ନତାତ୍ତ୍ୱିକ ସଂସ୍କୃତିରେ ବିଶ୍ୱାସ କରୁଥିବା ବ୍ୟକ୍ତି ଥରେ ଢୋଲାଭିରା ପରିଦର୍ଶନ କରିବା କଥା ବୋଲି ମୋଦି କହିଛନ୍ତି। ତେଲଙ୍ଗାନାସ୍ଥିତ ରାମାପ୍ପା ମନ୍ଦିରକୁ ମଧ ୟୁନେସ୍କୋ ଏହାର ଚଳିତ ଅଧିବେଶନରେ ଏହି ମାନ୍ୟତା ଦେଇଛି। ପୂର୍ବରୁ ଗୁଜରାଟରେ ପାୱାଗଡ ନିକଟରେ ଥିବା ଚମ୍ପାନିର, ପାଟନରେ ରାନୀ କି ଭାୱ ଏବଂ ଐତିହାସିକ ଅହମ୍ମଦାବାଦ ସହର ବିଶ୍ୱ ଐତିହ୍ୟସ୍ଥଳୀ ମାନ୍ୟତା ପାଇଥିଲା।



# ଅନାଥଙ୍କ ରିପୋର୍ଟ ବିଳମ୍ବ କରନି

ନୂଆଦିଲ୍ଲୀ, ୨୭।୭

କରୋନା ମହାମାରୀ ଯୋଗୁ ଦେଶରେ ମାର୍ଚ୍ଚ ୨୦୨୦ ପରେ ଅନାଥ ହୋଇଥିବା ପିଲାମାନଙ୍କ ସଂଖ୍ୟା ବିଷୟରେ ସବିଶେଷ ରିପୋର୍ଟ ତୁରନ୍ତ ଦାଖଲ କରିବାକୁ ମଙ୍ଗଳବାର ସୁପ୍ରିମକୋର୍ଟ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ଅନାଥ ପିଲାମାନଙ୍କୁ ଚିହ୍ନଟ କରିବା ପାଇଁ ପୋଲିସ, ଗ୍ରାମ ପଞ୍ଚାୟତ, ଅଙ୍ଗନୱାଡି ଏବଂ ଆଶା କର୍ମଚାରୀଙ୍କ ସହାୟତା ନେବା ଦିଗରେ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦେବାକୁ ଜଷ୍ଟିସ୍ ଏଲ୍. ନାଗେଶ୍ୱରା ରାଓ ଏବଂ ଅନିରୁଦ୍ଧ ବୋଷଙ୍କ ଖଣ୍ଡପୀଠ ଜିଲା ମାଜିଷ୍ଟ୍ରେଟ୍‌ମାନଙ୍କୁ କହିଛନ୍ତି। ଏହା ଜୁଭେନାଇଲ ଜଷ୍ଟିସ୍ ଆକ୍ଟ,୨୦୧୫ ଅନ୍ତର୍ଭୁକ୍ତ। ମାର୍ଚ୍ଚ ପରେ ଉଭୟ ମାତାପିତା କିମ୍ବା ଜଣେ ଅଭିଭାବକଙ୍କୁ ହରାଇଥିବା ପିଲାଙ୍କ ସଂଖ୍ୟା ଆକଳନ କରିବାରେ ବିଳମ୍ବ ନ କରିବାକୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।

ଜିଲା ମାଜିଷ୍ଟ୍ରେଟ୍‌ମାନେ ଜାତୀୟ ଶିଶୁ ସୁରକ୍ଷା ଅଧିକାର କମିଶନ (ଏନ୍‌ସିପିସିଆର୍)ର ବାଲ୍ ସ୍ୱରାଜ ପୋର୍ଟାଲରେ ଏ ବାବଦରେ ତଥ୍ୟ ଅପ୍‌ଲୋଡ୍ କରିବାକୁ ନିର୍ଦ୍ଦେଶ ରହିଛି। ଏଥିସହ ଶିଶୁ କଲ୍ୟାଣ କମିଟିଗୁଡିକ ଅଧିନିୟମ ଅନୁଯାୟୀ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ତଦନ୍ତ ଶେଷ କରିବା ସହ ଅନାଥ ପିଲାମାନଙ୍କୁ ସହାୟତା ଓ ଥଇଥାନ କରିବାକୁ ଖଣ୍ଡପୀଠ କହିଛନ୍ତି। ଇଣ୍ଟିଗ୍ରେଟେଡ୍ ଶିଶୁ ବିକାଶ ସେବା ଯୋଜନାରେ ଅଭାବୀ ଅନାଥମାନଙ୍କୁ ଦିଆଯାଇଥିବା ୨ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ ବିଷୟରେ ରାଜ୍ୟଗୁଡ଼ିବ ସବିଶେଷ ବିବରଣୀ ଦେବାକୁ କୁହାଯାଇଛି। ଶିକ୍ଷା ଅଧିକାରୀ ଆଇନ ଅନୁସାରେ ଅନାଥ ପିଲାମାନେ ଚଳିତ ଶିକ୍ଷାବର୍ଷ ପାଇଁ ସମାନ ବିଦ୍ୟାଳୟରେ ଅଧ୍ୟୟନ ଜାରି ରଖିବେ ଏବଂ କୌଣସି ଅସୁବିଧା ହେଲେ ସେମାନେ ନିକଟସ୍ଥ ସ୍କୁଲରେ ଯେପରି ପାଠ ପଢ଼ିବେ ସେ ବିଷୟରେ ରାଜ୍ୟଗୁଡ଼ିକ ସୁନିଶ୍ଚିତ କରିବେ। ଏଥିସହ ସରକାରୀ ଓ ବେସରକାରୀ ବିଦ୍ୟାଳୟରେ କେତେ ପିଲାଙ୍କୁ ରଖାଯାଇଛି ସେ ବିଷୟରେ ତଥ୍ୟ ଦେବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହାର ଆଗାମୀ ଶୁଣାଣି ଅଗଷ୍ଟ ୨୬ରେ କରାଯିବ।



### ରାଜ୍ୟଗୁଡ଼ିକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

## ସମସ୍ତଙ୍କୁ ମିଳୁ ସମାନ ସ୍ୱାସ୍ଥ୍ୟସେବା

### କେନ୍ଦ୍ରକୁ ନୋଟିସ

ନୂଆଦିଲ୍ଲୀ, ୨୭।୭

ସମ୍ବିଧାନ ଅନୁଯାୟୀ କ୍ଲିନିକାଲ ଏଷ୍ଟାବ୍ଲିଶମେଣ୍ଟ ଆକ୍ଟ, ୨୦୨୦ ବ୍ୟବସ୍ଥାକୁ ଗ୍ରହଣ କରି ଦେଶରେ ସମସ୍ତଙ୍କୁ ସମାନ ସ୍ୱାସ୍ଥ୍ୟସେବା ଯୋଗାଣ ଉପରେ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ମଙ୍ଗଳବାର ନୋଟିସ କରିଛନ୍ତି। ସୁଲଭ ତଥା ଗୁଣାତ୍ମକ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବା ପାଇଁ ଆକ୍ଟର ସମସ୍ତ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ଦିଗରେ ବିଚାର କରିବା ପାଇଁ ପ୍ରଧାନ ବିଚାରପତି ଏନ୍. ଭି. ରମାନା ଏବଂ ସୂର୍ଯ୍ୟ କାନ୍ତ କେନ୍ଦ୍ରକୁ କହିଛନ୍ତି। ଏ ସଂକ୍ରାନ୍ତରେ ଜନ ସ୍ୱାସ୍ଥ୍ୟ ଅଭିଯାନ, ପେସେଣ୍ଟସ୍ ରାଇଟ୍‌ସ କ୍ୟାମ୍ପେନ୍ ଏବଂ କେ. ଏମ୍. ଗୋପକୁମାରଙ୍କ ପକ୍ଷରୁ ଆବେଦନ କରାଯାଇଥିଲା। ଭିତ୍ତିଭୂମି ତଥା ମାନବ ସମ୍ବଳ ଅଭାବ, ଔଷଧ ଉପଲବ୍ଧ ନ ରହିବା ଆଦି କାରଣରୁ ସ୍ୱାସ୍ଥ୍ୟ ବ୍ୟବସ୍ଥା ପ୍ରଭାବିତ ହେଉଛି। ଫଳରେ ଲୋକେ ଘରୋଇ କ୍ଷେତ୍ର ଉପରେ ନିର୍ଭର କରିବାକୁ ବାଧ୍ୟ ହେଉଛନ୍ତି ବୋଲି ଏହି ଆବେଦନରେ ଦର୍ଶାଯାଇଥିଲା।

## ଦକ୍ଷିଣରେ ସୁପ୍ରିମକୋର୍ଟ ବେଞ୍ଚ୍ ସ୍ଥାପନ ହେଉ

ନୂଆଦିଲ୍ଲୀ, ୨୭।୭: ଦକ୍ଷିଣ ଭାରତ ରାଜ୍ୟଗୁଡ଼ିକର ବାର୍ କାଉନସିଲ୍ ଅଧକ୍ଷମାନେ ଉପରାଷ୍ଟ୍ରପତି ଏମ୍. ଭେଙ୍କୟା ନାଇଡୁ ଏବଂ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି (ସିଜେଆଇ)ଙ୍କୁ ଭେଟି ଦକ୍ଷିଣାଞ୍ଚଳରେ ସୁପ୍ରିମକୋର୍ଟ ବେଞ୍ଚ୍ ସ୍ଥାପନ ପାଇଁ ନିବେଦନ କରିଛନ୍ତି। ତେଲଙ୍ଗାନା, ଆନ୍ଧ୍ର ପ୍ରଦେଶ, ତାମିଲନାଡୁ, କର୍ଣ୍ଣାଟକ ଓ କେରଳ ବାର୍ କାଉନସିଲ୍ ସଦସ୍ୟମାନେ ସୋମବାର ଏ ନେଇ ଆଲୋଚନା କରିଛନ୍ତି। ଏ ଦିଗରେ ସକାରାତ୍ମକ ପ୍ରତିକ୍ରିୟା ମିଳିଥିବା ତେଲଙ୍ଗାନା ବାର୍ କାଉନସିଲର ଅଧକ୍ଷ ଏ. ନରସିହ୍ମା ରେଡ୍ଡୀ କହିଛନ୍ତି। ଦକ୍ଷିଣାଞ୍ଚଳରେ ସୁପ୍ରିମକୋର୍ଟର ସ୍ଥାୟୀ ଆଞ୍ଚଳିକ ବେଞ୍ଚ ଗଠନ ପାଇଁ ଦୀର୍ଘଦିନରୁ ଦାବି ହୋଇଆସୁଛି। ଏହି ବେଞ୍ଚ ସ୍ଥାପନ ହେଲେ ସର୍ବୋଚ୍ଚ ଅଦାଲତରେ ବିଚାରାଧୀନ ମାମଲା ସଂଖ୍ୟା ହ୍ରାସ ପାଇବ ଏବଂ ଏହାର ସମାଧାନ ପାଇଁ କମ୍ ସମୟ ଲାଗିବ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୯,୫୭,୦୫,୮୭୦ | ୪୧,୮୮,୮୬୨ | ୧୭,୭୪,୪୫,୬୦୯ |
| ଭାରତ | ୩,୧୪,୭୦,୮୯୩ | ୪,୨୧,୭୧୨ | ୩,୦୬,୩୪,୨୦୨ |
| ଓଡ଼ିଶା | ୯,୭୦,୮୧୪ | ୫୬୩୪(+୫୩) | ୯,୪୯,୩୫୦ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ବନାଗ୍ନି: ଓଡ଼ିଶା ଆଗରେ

## ୭ ମାସରେ ୫୨ ହଜାର ସ୍ଥାନରେ ଜଙ୍ଗଲ ନିଆଁ

ଭୁବନେଶ୍ୱର, ୨୭।୭(ବ୍ୟୁରୋ)

ଓଡ଼ିଶାରେ ବନାଗ୍ନି ବିପର୍ଯ୍ୟୟ ବଢ଼ୁଛି। ୨୦୨୦ ନଭେମ୍ବରରୁ ୨୦୨୧ ଜୁନ୍ (୭ମାସ) ମଧ୍ୟରେ ରାଜ୍ୟରେ ସର୍ବାଧିକ ଜଙ୍ଗଲ ପୋଡ଼ି ଦୃଷ୍ଟିଗୋଚର ହୋଇଛି। ଏହି ସମୟ ମଧ୍ୟରେ ଦେଶରେ ସମୁଦାୟ ୩ ଲକ୍ଷ ୪୫ ହଜାର ୯୮୯ଟି ବନାଗ୍ନି ଘଟଣା ତାଲିକାଭୁକ୍ତ ହୋଇଥିବାବେଳେ କେବଳ ଓଡ଼ିଶାରେ ୫୧ ହଜାର ୯୬୮ ଜଙ୍ଗଲ ବନାଗ୍ନି କବଳକୁ ଆସିଥିଲା। ଭାରତୀୟ ଜଙ୍ଗଲ ସର୍ଭେ (ଏଫ୍‌ଏସ୍‌ଆଇ) ଦ୍ୱାରା କରାଯାଇଥିବା ସାଟେଲାଇଟ ସର୍ଭେରୁ ଏହି ତଥ୍ୟ ଜଣାପଡ଼ିଛି। କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦର ଯାଦବ ପାର୍ଲାମେଣ୍ଟରେ ଏହି ସୂଚନା ଦେଇଛନ୍ତି। ତେବେ ବନାଗ୍ନି କାରଣରୁ ମୋଟ କେତେ ଜଙ୍ଗଲ ନଷ୍ଟ ହୋଇଛି, ତାହା ଆକଳନ କରାଯାଇ ନ ଥିବା ମନ୍ତ୍ରୀ କହିଛନ୍ତି।

ବନାଗ୍ନି ଘଟଣାରେ ଓଡ଼ିଶା ପରେ ଦ୍ୱିତୀୟ ସ୍ଥାନରେ ରହିଛି ମଧ୍ୟପ୍ରଦେଶ। ଏଠାରେ ୪୭ ହଜାର ୭୯୫ ବନାଗ୍ନି ଘଟଣା ସାମ୍ନାକୁ ଆସିଛି। ସେହିପରି ଛତିଶଗଡ଼ରେ ୩୮ ହଜାର ୧୦୬, ମହାରାଷ୍ଟ୍ରରେ ୩୪ ହଜାର ୨୫, ଝାଡ଼ଖଣ୍ଡରେ



୨୧ ହଜାର ୭୧୩, ଉତ୍ତରାଖଣ୍ଡରେ ୨୧ ହଜାର ୪୮୭, ଆନ୍ଧ୍ରପ୍ରଦେଶରେ ୧୯ ହଜାର ୩୨୮, ତେଲଙ୍ଗାନାରେ ୧୮ ହଜାର ୨୩୭, ମିଜୋରାମରେ ୧୨ ହଜାର ୮୪୬, ଆସାମରେ ୧୦ ହଜାର ୭୧୮ ଏବଂ ମଣିପୁରରେ ୧୦ ହଜାର ୪୫୭ ସ୍ଥାନରେ ଜଙ୍ଗଲରେ ନିଆଁ ଲାଗିଥିଲା। କେତେକ ସ୍ଥାନରେ ପ୍ରାକୃତିକ ଉପାୟରେ ନିଆଁ ଲାଗି ଥିବାବେଳେ ଅନ୍ୟ କେତେକ ସ୍ଥାନରେ ବିଡ଼ି, ସିଗାରେଟ ନିଆଁ ବନାଗ୍ନିର କାରଣ ବୋଲି ଏଫ୍‌ଏସ୍‌ଆଇ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ସାଟେଲାଇଟ ଆଧାରିତ ସ୍ୱୟଂକ୍ରିୟ ଜଙ୍ଗଲ ନିଆଁ ତଦାରଖ ଓ ସତର୍କ ବ୍ୟବସ୍ଥା ମାଧ୍ୟମରେ ବନାଗ୍ନି ଉପରେ ନଜର ରଖିବା ଲାଗି ଏଫ୍‌ଏସଆଇ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ତଦନୁଯାୟୀ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ନିୟମିତ ଏସଏମ୍‌ଏସ ଜରିଆରେ ସୂଚନା ପ୍ରଦାନ କରାଯାଉଛି। ଜଙ୍ଗଲ ନିଆଁକୁ ନିୟନ୍ତ୍ରଣ କରିବା ଲାଗି କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ପାଇଁ କେନ୍ଦ୍ର ସରକାର ଆର୍ଥିକ ସହାୟତା ଯୋଗାଇ ଦେଇଥାଆନ୍ତି। ଜଙ୍ଗଲ ସୁରକ୍ଷା ଓ ପରିଚାଳନା ଦାୟିତ୍ୱ ଉଭୟ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର। ଏହାଛଡ଼ା ଜଙ୍ଗଲ ନିଆଁ ସମ୍ପର୍କରେ ଏଫ୍‌ଏସ୍‌ଆଇ ପକ୍ଷରୁ ପ୍ରତି ସପ୍ତାହରେ ଆଗୁଆ ସୂଚନା ଦିଆଯାଇଥାଏ ବୋଲି ମନ୍ତ୍ରୀ କହିଛନ୍ତି।

# ସିବିଆଇ ତଦନ୍ତ ଦାବିରେ ହାଇକୋର୍ଟରେ ପିଟିଶନ

## ଏସିଏଫ୍ ସୌମ୍ୟରଞ୍ଜନ ମୃତ୍ୟୁ ମାମଲା

କଟକ ଅଫିସ, ୨୭।୭

ଗଜପତି ଜିଲା ପାରଳାଖେମୁଣ୍ଡିର ସହକାରୀ ବନ ସଂରକ୍ଷକ(ଏସିଏଫ୍) ସୌମ୍ୟରଞ୍ଜନ ମହାପାତ୍ରଙ୍କ ମୃତ୍ୟୁ ମାମଲାର ସିବିଆଇ ତଦନ୍ତ ଦାବି କରି ଭାରତୀୟ ବିକାଶ ପରିଷଦ ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ ମଙ୍ଗଳବାର ହାଇକୋର୍ଟରେ ପିଟିଶନ ଦାଖଲ କରିଛନ୍ତି। ଏଥିରେ ସେ କେନ୍ଦ୍ର ଗୃହ ସଚିବ, ରାଜ୍ୟ ମୁଖ୍ୟ ଶାସନ ସଚିବ, ରାଜ୍ୟ ଗୃହ ସଚିବ, ଡିଜିପି, ଗଜପତି ଏସ୍‌ପି ଓ ପାରଳାଖେମୁଣ୍ଡି ଆଇଆଇସିଙ୍କୁ ପକ୍ଷଭୁକ୍ତ କରିଛନ୍ତି। ଆବେଦନକାରୀ ପିଟିଶନରେ ଦର୍ଶାଇଛନ୍ତି, ଗତ ୧୨ ତାରିଖରେ ପାରଳାଖେମୁଣ୍ଡିସ୍ଥିତ ସରକାରୀ ବାସଭବନରେ ସୌମ୍ୟଙ୍କ ଦେହରେ ନିଆଁ ଲାଗିଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ପାରଳାଖେମୁଣ୍ଡି ଓ ସେଠାରୁ ବ୍ରହ୍ମପୁରସ୍ଥିତ ଏମ୍‌କେସିଜି ହସ୍ପିଟାଲକୁ ନିଆଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ୧୩ ତାରିଖରେ କଟକର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏସ୍‌ସିବି ମେଡିକାଲରେ ତାଙ୍କର ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା। ପୋଲିସ ଏହି ଘଟଣାର ତଦନ୍ତ କରୁଥିବାବେଳେ କ୍ରାଇମବ୍ରାଞ୍ଚ ଟିମ୍ ସହଯୋଗ କରୁଛି। ଏହା ଏକ ଅତ୍ୟନ୍ତ ସମ୍ବେଦନଶୀଳ ଘଟଣା। ତେଣୁ ଏହାର ତଦନ୍ତ ଭାର ସିବିଆଇକୁ ଦିଆଯାଉ, ଅଥବା ହାଇକୋର୍ଟର ଜଣେ ବିଚାରପତିଙ୍କ ନେତୃତ୍ୱରେ ଏକ ସ୍ୱାଧୀନ କମିଟି ଗଠନ କରି ତଦନ୍ତ କରାଯାଉ ବୋଲି ପିଟିଶନରେ ଉଲ୍ଲେଖ କରାଯାଇଛି।

## ସଂକ୍ଷେପରେ

### ୧୩ ଭାଷାରେ ରାଉଟର୍ ଆପ୍

■ ଉଦ୍‌ଘାଟନ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ ପତ୍ର

ସମ୍ବଲପୁର,୨୭।୭ (ବ୍ୟୁରୋ): ସମ୍ବଲପୁର ଜିଲା ନାକଟିଦେଉଳ କାଡ଼ାନାଲି ଗ୍ରାମର ଆୟୁଷ ରଞ୍ଜନ ରାଉତ (୧୪) ତିଆରି କରିଥିବା ରାଉଟର୍ ଆପ୍ ଏବେ ୧୩ଟି ଭାଷାରେ ଉପଲବ୍ଧ ହୋଇପାରିବ ବୋଲି ସେ ସୂଚନା ଦେଇଛନ୍ତି। ଓଡିଆ, ବଙ୍ଗଳା, ଗୁଜୁରାଟି, ମରାଠୀ, ଇଂରାଜୀ, କନ୍ନଡ ପରି ଭାଷା ରହିଛି। ଏଥିରେ ଫେସ୍‌ବୁକ ଭଳି ଫିଚର୍ ରହିଥିବା ସେ ଦାବି କରିଛନ୍ତି। ଏହାର ଉଦ୍‌ଘାଟନ କରିବା ପାଇଁ ସେ ସମ୍ବଲପୁର ଏମ୍‌ପି ନିତେଶ ଗଙ୍ଗଦେବଙ୍କ ଜରିଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅନୁରୋଧ ପତ୍ର ପଠାଇଛନ୍ତି। ସୂଚନାଯୋଗ୍ୟ ଆୟୁଷ ଏପର୍ଯ୍ୟନ୍ତ ୧୫ଟିରୁ ଅଧିକ ୱେବ୍‌ସାଇଟ୍ ନିର୍ମାଣ କରିସାରିଛନ୍ତି। ଆଗକୁ ଏକ ସେପ୍ଟୱେର ହେବାକୁ ଲକ୍ଷ୍ୟ ରଖିଛନ୍ତି। ପୂର୍ବରୁ ସେ ରାଜ୍ୟପାଳ ପ୍ରଫେସର ଗଣେଶି ଲାଲଙ୍କୁ ଭେଟି ପ୍ରଶଂସା ସାଉଁଟିଥିଲେ।

### ଡାକ୍ତରଖାନା ନିକଟରୁ ରୋଗୀଙ୍କ ଝୁଲନ୍ତା ମୃତଦେହ ଜବତ

■ ରବିବାରଠାରୁ ଚିକିତ୍ସାଧୀନ ଥିଲେ

ଉମରକୋଟ,୨୭।୭(ସ୍ୱ.ପ୍ର.) ଚିକିତ୍ସାଧୀନ ଜଣେ ରୋଗୀଙ୍କ ଝୁଲନ୍ତା ମୃତଦେହ ଡାକ୍ତରଖାନା ନିକଟ କାଜୁ ଜଙ୍ଗଲରୁ ମିଳିଛି। ମୃତକ ହେଲେ ଉମରକୋଟ ସହର ୫୨ ନଂ . ବଙ୍ଗୀୟ ଗ୍ରାମର ଜଗଦୀଶ ସର୍ଦ୍ଦାର (୪୯)। ସୂଚନାନୁଯାୟୀ, ଜଗଦୀଶ ଚାଷ ସହ ଏକ ଚିକେନ୍ କାଉଣ୍ଟର କରିଥିଲେ। ଚାଷ ଓ ଦୋକାନ ପାଇଁ ଜଗଦୀଶ ଏସ୍‌ଏଚ୍‌ଜି ଓ ସ୍ଥାନୀୟ ଅଞ୍ଚଳର କେତେଜଣଙ୍କଠାରୁ ଟଙ୍କା ଧାର ଆଣିଥିଲେ। ନିର୍ଦ୍ଧାରିତ ସମୟରେ ପରିଶୋଧ ନ କରିବାରୁ ଋଣଦାତାମାନେ ବାରମ୍ବାର ଚାପ ପକାଉଥିଲେ। ସେ ମାନସିକ ଅବସାଦରେ ରହୁଥିଲେ। ରବିବାର ତାଙ୍କ ପେଟ ଯନ୍ତ୍ରଣା ହେବାରୁ ପରିବାର ଲୋକେ ତାଙ୍କୁ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସୋମବାର ପରିବାର ଲୋକେ ଘରକୁ ଯାଇଥିବାବେଳେ ଜଗଦୀଶ ସ୍ୱାସ୍ଥ୍ୟକେନ୍ଦ୍ରରୁ ପଳାଇଥିଲେ। ପରିବାର ଓ ସମ୍ପର୍କୀୟ ଅନେକ ଖୋଜାଖୋଜି କରିଥିଲେ ମଧ ତାଙ୍କ ପତ୍ତା ମିଳି ନ ଥିଲା। ପରିବାର ଲୋକେ ଏ ନେଇ ପୋଲିସରେ ଖବର ଦେଇଥିଲେ। ମଙ୍ଗଳବାର ସକାଳେ କୃଷି ବିଭାଗ ଫାର୍ମ କାଜୁ ବାଡ଼ରେ ଜଗଦୀଶଙ୍କ ଝୁଲନ୍ତା ମୃତଦେହ ଦେଖିବାକୁ ମିଳିଥିଲା। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏନେଇ ୫୧/୨୧ରେ ଅପମୃତ୍ୟୁ ମାମଲା ରୁଜୁ ସହ ତଦନ୍ତ ଚାଲିଛି। ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ସୁମନ୍ତ ରାଉଳ ଏହି ଘଟଣାକୁ ସ୍ୱୀକାର କରିଛନ୍ତି। ରାତିରେ ଜଗଦୀଶ ତାଙ୍କ ବେଡ୍‌ରେ ନ ଥିବା ଜାଣି ଡାକ୍ତରଖାନା କର୍ତ୍ତୃପକ୍ଷ ତାଙ୍କ ପରିବାର ଓ ପୋଲିସକୁ ଖବର ଦେଇଥିଲେ।

# ଗଛରେ ପିଟିହେଲା କାର୍: ୩ ମୃତ

କେସିଙ୍ଗା, ୨୭।୭ (ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ଥାନା ୨୬ ନଂ. ଜାତୀୟ ରାଜପଥର ଚାଞ୍ଚେର ବୁଲାଣିରେ ମଙ୍ଗଳବାର ସନ୍ଧ୍ୟାରେ ଏକ କାର୍ ଭାରସାମ୍ୟ ହରାଇ ତାଳଗଛରେ ପିଟି ହେବାରୁ ୩ଜଣଙ୍କ ଜୀବନ



ଦୁର୍ଘଟଣାଗ୍ରସ୍ତ କାର୍ ।

ଯାଇଛି। ସେମାନେ ହେଲେ ଆନନ୍ଦିନୀ ଦାଶ (୩୫), ତାଙ୍କ ବଡ଼ଝିଅ ଅଲି (୧୧) ଓ ସାନଝିଅ ରୋଲି (୭)। ଏହି ଦୁର୍ଘଟଣାରେ ଆନନ୍ଦିନୀଙ୍କ ଭାଇ ବାଦଲ ବିକାଶ ଦାଶ (୩୦) ଏବଂ ଡ୍ରାଇଭର ଗୁରୁତର ହୋଇଛନ୍ତି। ଉଭୟଙ୍କୁ ଭବାନୀପାଟଣା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ଭବାନୀପାଟଣା ବ୍ଲକ ଜଗନ୍ନାଥପୁରରୁ ୫ଜଣ କାର୍ (ନଂ.ଓଡି଼୦୩ଏସ୍-୪୧୦୦) ଯୋଗେ ବଲାଙ୍ଗୀର ଜିଲା ଟିଟିଲାଗଡ଼ ହାଟପଦାପଡ଼ା ମାମୁଘରକୁ ଯାଉଥିଲେ। ଏହି ସମୟରେ ଚାଞ୍ଚେର ବୁଲାଣିରେ କାର୍‌ଟି ଭାରସାମ୍ୟ ହରାଇ ତାଳଗଛରେ ପିଟିହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି କେସିଙ୍ଗା ଡାକ୍ତରଖାନାକୁ ପଠାଇଥିଲା। ସେଠାରେ ଡାକ୍ତର ଆନନ୍ଦିନୀ, ଅଲି ଓ ରୋଲିଙ୍କୁ ମୃତ ଘୋଷଣା କରିଥିଲେ। ଉକ୍ରେଲା ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

# ମାସକ ମଧ୍ୟରେ ପ୍ରଦାନ କର: ହାଇକୋର୍ଟ

## ପୂର୍ବତନ ଶିକ୍ଷକଙ୍କ ବକେୟା ପ୍ରାପ୍ୟ ମାମଲା

କଟକ ଅଫିସ, ୨୭।୭

କଟକ ଜିଲା ସାଲେପୁର ଅଞ୍ଚଳର ଜଣେ ପୂର୍ବତନ ଶିକ୍ଷକଙ୍କ ସମସ୍ତ ବକେୟା ପ୍ରାପ୍ୟ ମାସକ ମଧ୍ୟରେ ପ୍ରଦାନ କରିବା ପାଇଁ ହାଇକୋର୍ଟ ରାଜ୍ୟ ସରକାରଙ୍କ ଗଣଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ବିଳମ୍ବ ପାଇଁ ଯେଉଁ ଅଧିକାରୀମାନେ ଦାୟୀ, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ମୂଳ ଆବେଦନକାରୀଙ୍କ ପରଲୋକ ଘଟିଥିବାବେଳେ ତାଙ୍କ ସ୍ତ୍ରୀଙ୍କର ବୟସାଧିକ୍ୟ ହୋଇଯାଇଥିବାରୁ ହାଇକୋର୍ଟ ଏହି ଘଟଣାକୁ ଗୁରୁତ୍ୱର ସହ ବିଚାର କରିଛନ୍ତି। ଜଷ୍ଟିସ ବିଶ୍ୱନାଥ ରଥ ଏହି ମାମଲାର ଶୁଣାଣି କରିଥିଲେ। ଶିକ୍ଷକ ପ୍ରଫୁଲ୍ଲ ମହାନ୍ତି ଟାଇମ୍ ବାଉଣ୍ଡ ଆଡଭାନ୍ସମେଣ୍ଟ ସ୍କେଲପାଇଁ ଆବେଦନ କରିଥିଲେ। କିନ୍ତୁ ନ ମିଳିବାରୁ ସେ ୧୯୯୯ରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ୨୦୦୪ରେ ହାଇକୋର୍ଟ ଏହି ମାମଲାର ଶୁଣାଣି କରି ସମସ୍ତ ବକେୟା ପ୍ରାପ୍ୟ ପ୍ରଦାନ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ରାଜ୍ୟ ସରକାର ଉକ୍ତ ପ୍ରାପ୍ୟ ପ୍ରଦାନ କରି ନ ଥିବାବେଳେ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ୨୦୧୧ରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ୨୦୧୮ରେ ସୁପ୍ରିମକୋର୍ଟ ରାୟ ଶୁଣାଇବା ସହ ମାମଲାକୁ ଖାରଜ କରିଦେଇଥିଲେ। ୨୦୧୦ରେ ପ୍ରଫୁଲ୍ଲଙ୍କ ମୃତ୍ୟୁ ଘଟିବାରୁ ତାଙ୍କ ସ୍ତ୍ରୀ ମୀନଲତା ମହାନ୍ତି(୮୩) ଏହି ମାମଲା ଲଢୁଛନ୍ତି।

# ୪ ଜିଲାପାଳଙ୍କୁ ବ୍ୟକ୍ତିଗତ ହାଜର ନିର୍ଦ୍ଦେଶ

## ଆର୍ଦ୍ରଭୂମି ସୁରକ୍ଷା ସମ୍ପର୍କିତ ମାମଲା

■ ଅଗଷ୍ଟ ୧୪ରେ ପରବର୍ତ୍ତୀ ଶୁଣାଣି

କଟକ ଅଫିସ, ୨୭।୭

ଆର୍ଦ୍ରଭୂମି ସୁରକ୍ଷା ସମ୍ପର୍କିତ ମାମଲାର ଶୁଣାଣି ମଙ୍ଗଳବାର ହାଇକୋର୍ଟରେ ହୋଇଥିଲା। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ଜଷ୍ଟିସ ବି.ପି. ରାଉତରାୟଙ୍କୁ ନେଇ ଗଠିତ ମିଳିତ ଖଣ୍ଡପୀଠ ଏହାର ଶୁଣାଣି କରିବା ସହ ୪ ଜିଲାର ଜିଲାପାଳ ବ୍ୟକ୍ତିଗତ ହାଜର ହୋଇ ଜବାବ ରଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅଗଷ୍ଟ ୧୪ରେ ଏହାର ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ ହୋଇଛି।

ଆର୍ଦ୍ରଭୂମି ସୁରକ୍ଷା ସମ୍ପର୍କିତ ମାମଲାରେ ବେଆଇନ ଚିଙ୍ଗୁଡ଼ି ଘେରି ଉଚ୍ଛେଦ ସମ୍ପର୍କରେ କି ପଦକ୍ଷେପ ନେଇଛ, କେତେଜଣଙ୍କ ନାଁରେ ମାମଲା ରୁଜୁ କରିଛ ଓ କେତେ ଘେରି ଉଚ୍ଛେଦ କରିଛ ବୋଲି ହାଇକୋର୍ଟ କେନ୍ଦ୍ରାପଡ଼ା, ଖୋର୍ଦ୍ଧା, ଗଞ୍ଜାମ ଓ ପୁରୀ ଜିଲାପାଳଙ୍କୁ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ମଙ୍ଗଳବାର କେବଳ ଗଞ୍ଜାମ ଜିଲାପାଳ ସତ୍ୟପାଠ ଦାଖଲ କରିଥିଲେ। ତେଣୁ ହାଇକୋର୍ଟ ଏଥିରେ ବିରକ୍ତି ପ୍ରକାଶ କରିବା ସହ ସମସ୍ତ ଜିଲାପାଳଙ୍କୁ ଆସନ୍ତା ଅଗଷ୍ଟ ୧୪ରେ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ବ୍ୟକ୍ତିଗତ ଭାବେ ହାଜର ହୋଇ ଜବାବ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିଦିନ ଚିଙ୍ଗୁଡ଼ି ଘେରି ଉଚ୍ଛେଦ ସମୟରେ କେତେ ଡିଜି ସେଟ୍, ପାଣିପମ୍ପ ଓ ଜେନେରେଟର ଜବତ କରାଯାଇଛି, ତାହା ଉପରେ ଜିଲାପାଳମାନେ ତଥ୍ୟ ରଖିବେ।

କେନ୍ଦ୍ରାପଡ଼ା ଜିଲା ପାଇଁ ସ୍ୱତନ୍ତ୍ର ଭାବେ କୁହାଯାଇଛି, ପୂର୍ବରୁ ଭିତରକନିକାର ସାଟେଲାଇଟ୍ ଭେରିଫିକେଶନ ଲାଗି ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ଏ ପର୍ଯ୍ୟନ୍ତ ଏହା କରାଯାଇନାହିଁ। ତେଣୁ ଏହା କାହିଁକି କରାଯାଇନାହିଁ, ସେ ସମ୍ପର୍କରେ କେନ୍ଦ୍ରାପଡ଼ା ଜିଲାପାଳ ପରବର୍ତ୍ତୀ ଶୁଣାଣିବେଳେ ଜବାବ ରଖିବେ। ସୂଚନାଯୋଗ୍ୟ, ଆର୍ଦ୍ରଭୂମି ସୁରକ୍ଷା ନେଇ ହାଇକୋର୍ଟ ନିଜ ଆଡୁ ମାମଲା ରୁଜୁ କରିଥିଲେ।


**ବିଶ୍ୱ ହେପାଟାଇଟିସ୍ ଦିବସ**

NATIONAL HEALTH MISSION

DSPL--98

୨୮ ଜୁଲାଇ, ୨୦୨୧

ହେପାଟାଇଟିସ୍ ହେଉଛି ଯକୃତ୍‌କୁ ଆକ୍ରାନ୍ତ କରୁଥିବା ଏକ ଭୂତାଣୁ ଜନିତ ରୋଗ । ଏହା 'ଏ' 'ବି' 'ସି' 'ଡି' 'ଇ' ଆଦି ବିଭିନ୍ନ ପ୍ରକାରର ହୋଇପାରେ । ହେପାଟାଇଟିସ୍ 'ଏ' ଓ 'ଇ' ଜଳ ଦ୍ୱାରା ଏବଂ ହେପାଟାଇଟିସ୍ 'ବି', 'ସି' ଓ 'ଡି' ରକ୍ତ ଦ୍ୱାରା ସଂକ୍ରମିତ ହୋଇଥାଏ ।



ହେପାଟାଇଟିସ୍ ସନ୍ଦେହ ହେଲେ ଅପେକ୍ଷା କରନ୍ତୁ ନାହିଁ, ତୁରନ୍ତ ଚିକିତ୍ସା ଆପଣଙ୍କ ଜୀବନ ବଞ୍ଚାଇ ଦେଇପାରେ ।

**ହେପାଟାଇଟିସ୍ 'ଏ' ଓ 'ଇ' ର ପ୍ରତିରୋଧ:**
- ଖାଇବା ଆଗରୁ ଓ ଶୌଚ ପରେ ହାତକୁ ସାବୁନ୍‌ରେ ୪୦-୬୦ ସେକେଣ୍ଡ ପର୍ଯ୍ୟନ୍ତ ଭଲ ଭାବରେ ଧୁଅନ୍ତୁ।
- କେବଳ ବିଶୋଧିତ ବା ସିଝା ପାଣି ପିଅନ୍ତୁ।
- ହେପାଟାଇଟିସ୍ ସଂକ୍ରମିତ ରୋଗୀର ଲୁଗାପଟା, ବାସନକୁସନ ଆଦିକୁ ୧% ବ୍ଲିଚିଂ ପାଉଡର ଦ୍ରବଣରେ ୧୦-୨୦ ମିନିଟ୍ ବୁଡାଇ ବିଶୋଧନ କରିଦିଅନ୍ତୁ।

**ହେପାଟାଇଟିସ୍ 'ବି', 'ସି' ଓ 'ଡି' ର ପ୍ରତିରୋଧ:**
- ବିଶୋଧିତ ବ୍ଲେଡ୍, ଛୁଞ୍ଚି ଓ ସିରିଞ୍ଜ୍ ବ୍ୟବହାର କରନ୍ତୁ।
- ରକ୍ତଦାନ ଏବଂ ରକ୍ତ ଗ୍ରହଣ ସମୟରେ ହେପାଟାଇଟିସ୍ ପରୀକ୍ଷା ନିଶ୍ଚୟ କରାନ୍ତୁ।
- ଅସୁରକ୍ଷିତ ଯୌନ ସମ୍ପର୍କରୁ ଦୂରେଇ ରୁହନ୍ତୁ।
- ସମସ୍ତ ଶିଶୁ (ଜନ୍ମ ମାତ୍ରା),ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ଓ ସଂକ୍ରମଣର ଅଧିକ ସମ୍ଭାବନା ଥିବା ବ୍ୟକ୍ତି ହେପାଟାଇଟିସ୍ ଟୀକା ନିଶ୍ଚୟ ନିଅନ୍ତୁ।

ସନ୍ଦେହ ହେଲେ ତୁରନ୍ତ ହେପାଟାଇଟିସ୍ ରୋଗ ପାଇଁ ପରୀକ୍ଷା କରାଇ ନିଅନ୍ତୁ ।
ଏହାର ପରୀକ୍ଷା ଓ ଚିକିତ୍ସା ସମସ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବିନାମୂଲ୍ୟରେ ଉପଲବ୍ଧ ।

ସାରା ବିଶ୍ୱରେ ପ୍ରତି ୩୦ ସେକେଣ୍ଡରେ ଜଣେ ବ୍ୟକ୍ତି ହେପାଟାଇଟିସ୍ ସଂକ୍ରମଣ ଯୋଗୁ ମୃତ୍ୟୁବରଣ କରୁଛନ୍ତି । ଏଣୁ ଆମକୁ ଏହା ପ୍ରତି ଅଧିକ ସତର୍କ, ସଚେତନ ଓ ଯତ୍ନବାନ୍ ହେବାକୁ ପଡିବ ।

ଏ ସମ୍ବନ୍ଧରେ ଅଧିକ ଜାଣିବା ପାଇଁ ସାସ୍ଥ୍ୟକର୍ମୀ କିମ୍ବା ଡ଼ାକ୍ତରଙ୍କ ସହ ପରାମର୍ଶ କରନ୍ତୁ ।

- ସର୍ବଦା ମାସ୍କ ବ୍ୟବହାର କରନ୍ତୁ
- ନିୟମିତ ବାରମ୍ବାର ସାବୁନ୍‌ରେ ହାତ ଧୁଅନ୍ତୁ
- ୨ମିଟର ଶାରିରୀକ ଦୂରତା ବଜାୟ ରଖନ୍ତୁ



ଯୋଗ୍ୟ ବ୍ୟକ୍ତି କରୋନା ଟୀକା ନିଶ୍ଚୟ ନିଅନ୍ତୁ ।

OIPR-10003/13/0056/2122

facebook.com/HFWOdisha http://www.health.odisha.gov.in/ @HFWOdisha

ସାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ,ଓଡ଼ିଶା


# ରାସ୍ତା ପାର୍ଶ୍ୱରୁ ହେଟାବାଘ ଉଦ୍ଧାର



ମାଲକାନଗିରି, ୨୭।୭ (ଡି.ଏନ.ଏ.)

ମାଲକାନଗିରି-ଜୟପୁର ୩୨୬ ନମ୍ବର ଜାତୀୟ ରାଜପଥର ନାୟକଗୁଡ ମୁଖ୍ୟ ରାସ୍ତା ପାର୍ଶ୍ୱରୁ ଏକ ହେଟାବାଘର ମୃତଦେହ ମଙ୍ଗଳବାର ଜବତ ହୋଇଛି। ସକାଳେ ହେଟା ବାଘଟି ଦୁର୍ଘଟଣାର ଶିକାର ହୋଇ ରାସ୍ତା କଡ଼ରେ ପଡ଼ି ରହିଥିଲା। ରାସ୍ତାରେ ଯାତାୟାତ କରୁଥିବା ଲୋକେ ଏହା ଦେଖି ବନବିଭାଗକୁ ଜଣାଇଥିଲେ। ବିଭାଗୀୟ କର୍ମଚାରୀ ପହଞ୍ଚି ହେଟାବାଘକୁ ଉଦ୍ଧାର କରି ଚିକିତ୍ସା ଲାଗି ନେଇଥିଲେ। ଏ ସମ୍ପର୍କରେ ସହକାରୀ ବନ ସରଂକ୍ଷକ ଶ୍ରୀକାନ୍ତ ନାଏକଙ୍କୁ ପଚାରିବାରୁ ସେ କହିଲେ, ଆମେ ଖବର ପାଇବା ପରେ ସଙ୍ଗେସଙ୍ଗେ ସେଠାରେ ପହଞ୍ଚି ହେଟାବାଘକୁ ଚିକିତ୍ସା ଲାଗି ଆଣିଥିଲୁ। ବ୍ୟବଚ୍ଛେଦ ପରେ ତାକୁ ପୋତି ଦିଆଯାଇଛି।


**ପ୍ରଧାନ ମନ୍ତ୍ରୀ ଫସଲ ବୀମା ଯୋଜନା**

ଓଡିଶା ସରକାର ଏବଂ ଭାରତ ସରକାରଙ୍କ କୃଷି ବିଭାଗ ଦ୍ୱାରା ପରିଚାଳିତ | ନିରାପଦ କୃଷକ, ଦେଶର ଗର୍ବ

| ଜିଲ୍ଲା | ଅଧିସୂଚିତ ଫସଲ | ଫସଲ ଆଧାରିତ ବୀମା (ଟ.ରେ ପ୍ରତି ହେକ୍ଟର) ଅଣ-ଋଣୀ କୃଷକ ଋଣୀ କୃଷକଙ୍କ | କୃଷକ ପ୍ରିମିୟମ ହାର (%/ହେକ୍ଟର) | କୃଷକ ପ୍ରିମିୟମ |
|---|---|---|---|---|
| ବରଗଡ଼ | ଧାନ | ୬୩୨୫୦ | ୨.୦୦% | ୧୨୬୫ |
| | ଚିନା ବାଦାମ | ୬୧୭୫୦ | ୨.୦୦% | ୧୨୩୫ |
| | କପା | ୫୮୭୫୦ | ୫.୦୦% | ୨୯୩୭.୫ |
| ଭଦ୍ରକ | ଧାନ | ୬୮୨୫୦ | ୨.୦୦% | ୧୩୬୫ |
| ଦେବଗଡ଼ | ଧାନ | ୬୦୭୫୦ | ୨.୦୦% | ୧୨୧୫ |
| | ଚିନା ବାଦାମ | ୫୭୭୫୦ | ୧.୬୦% | ୯୨୪ |
| | ହରଡ଼ | ୪୦୨୫୦ | ୧.୬୦% | ୬୪୪ |
| | ମକା | ୫୦୫୦୦ | ୧.୬୦% | ୮୦୮ |
| ଗଜପତି | ଧାନ | ୫୮୨୫୦ | ୨.୦୦% | ୧୧୬୫ |
| | ଚିନା ବାଦାମ | ୫୭୨୫୦ | ୨.୦୦% | ୧୧୪୫ |
| | କପା | ୬୧୦୦୦ | ୫.୦୦% | ୩୦୫୦ |
| | ମକା | ୫୨୫୦୦ | ୨.୦୦% | ୧୦୫୦ |
| | ମାଣ୍ଡିଆ | ୨୮୦୦୦ | ୧.୬୦% | ୪୪୮ |
| ଜଗତସିଂହପୁର | ଧାନ | ୬୪୫୦୦ | ୨.୦୦% | ୧୨୯୦ |
| ଯାଜପୁର | ଧାନ | ୬୯୫୦୦ | ୨.୦୦% | ୧୩୯୦ |
| କେନ୍ଦ୍ରାପଡ଼ା | ଧାନ | ୬୪୫୦୦ | ୨.୦୦% | ୧୨୯୦ |
| ମୟୂରଭଞ୍ଜ | ଧାନ | ୬୩୨୫୦ | ୨.୦୦% | ୧୨୬୫ |
| | ହରଡ଼ | ୪୧୨୫୦ | ୧.୬୦% | ୬୬୦ |
| | ମକା | ୭୪୨୫୦ | ୧.୬୦% | ୧୧୮୮ |
| ନବରଙ୍ଗପୁର | ଧାନ | ୫୫୭୫୦ | ୨.୦୦% | ୧୧୧୫ |
| | ଚିନା ବାଦାମ | ୫୫୦୦୦ | ୧.୬୦% | ୮୮୦ |
| | ମକା | ୭୫୦୦୦ | ୧.୬୦% | ୧୨୦୦ |

ଅଧିକ ସୂଚନା ପାଇଁ ଦୟାକରି ନିକଟସ୍ଥ ବ୍ୟାଙ୍କ ଶାଖା / କୃଷି ଅଧିକାରୀ / ଜନ ସେବା କେନ୍ଦ୍ର (CSC) / ବୀମା କମ୍ପାନୀର ଟୋଲ୍ ଫ୍ରୀ ନମ୍ବର ୧୮୦୦୨୬୬୦୭୦୦ ରେ ସମ୍ପର୍କ କରନ୍ତୁ ।

**କୃଷକଙ୍କ କଭରେଜ:**
ଏହି ଯୋଜନା ଋଣୀ ଚାଷୀ ବା କୃଷକଙ୍କ ସମେତ ସମସ୍ତ କୃଷକମାନଙ୍କ ପାଇଁ ସ୍ୱେଚ୍ଛାକୃତ ଭାବେ ପ୍ରସ୍ତୁତ କରାଯାଇଛି । ଋଣୀ କୃଷକମାନେ ଯେଉଁମାନେ ଶେଷ ତାରିଖର ୭ ଦିନ ପୂର୍ବରୁ ଯୋଜନାରୁ ନିଜକୁ ବାଦ୍ ଦେଇନାହାନ୍ତି, ସେମାନେ ଏହି ବିତ୍ତୀୟ ସଂସ୍ଥା ଦ୍ୱାରା ଏହି ଯୋଜନା ଅଧୀନରେ ନାମ ତାଲିକାଭୁକ୍ତ କରିବା ପାଇଁ ଯୋଗ୍ୟ ବିବେଚିତ ହେବେ ।

**ଅଣଋଣୀ କୃଷକଙ୍କ ପାଇଁ ନାମତାଲିକାଭୁକ୍ତ:**
ଅଣ-ଋଣୀ କୃଷକମାନେ ନିକଟତମ ବିତ୍ତୀୟ ସଂସ୍ଥା ମାଧ୍ୟମରେ ସେମାନଙ୍କ ଫସଲକୁ ବୀମାଭୁକ୍ତ କରିପାରିବେ ଯଥା ଜାତୀୟକରଣ ବ୍ୟାଙ୍କ, ସମବାୟ ବ୍ୟାଙ୍କ, ପ୍ରାଥମିକ କୃଷି ସମବାୟ ସମିତି (PACS), ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ / ବୀମା ମଧ୍ୟସ୍ଥି / ଜନ ସେବା କେନ୍ଦ୍ର (CSC)

**ଏହି ଯୋଜନା ପାଇବା ପାଇଁ ଚାଷୀଙ୍କ ଠାରୁ ଆବଶ୍ୟକ ଦସ୍ତାବିଜ୍**
- ଆଧାର କାର୍ଡ / ପରିଚୟ ପତ୍ରର ନକଲ
- ଉପଯୁକ୍ତ ଭାବରେ ପୂରଣ ହୋଇଥିବା ପ୍ରସ୍ତାବ ଫର୍ମର ନକଲ
- ସର୍ବଶେଷ ଜମି ରେକର୍ଡ / ରେକର୍ଡ ଅଫ୍ ରାଇଟ୍ସ (RoR)/ ଜମି ଅଧିକାର ପ୍ରମାଣପତ୍ର (LPC) / ଖସଡ଼ା ଇତ୍ୟାଦିର ନକଲ
- ବ୍ୟାଙ୍କ ଆକାଉଣ୍ଟ ନମ୍ବର କିମ୍ବା କ୍ୟାନସେଲ୍ ହୋଇଥିବା ଚେକ୍ ଥିବା ବ୍ୟାଙ୍କ ପାସବୁକ୍‌ର ନକଲ
- ରାଜ୍ୟ ସରକାରଙ୍କ ପ୍ରସ୍ତାବିତ ଆତ୍ମ ଘୋଷଣା




UIN: Pradhan Mantri Fasal Bima Yojan - IRDAN125P0003V01201617 | CSC - Pradhan Mantri Fasal Bima Yojan - HDE-AG-P18-25-V01-17-18. UID: 8448. U66030MH2007PLC177117

## ଜନ୍ମଦିନର ଶୁଭେଚ୍ଛା

ନାମ: ...............................
ବୟସ:...............................
ଜନ୍ମ ତାରିଖ: ...........................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖଜୁରି ପତର ପଟି,
ହାତ ଧରି କରି ଉଠେଇବୁ ବୋଲି,
ମିଛରେ ପଡ଼ିଲି ଝୁଣ୍ଟି।**

ସାଧାରଣତଃ ପ୍ରେମୀଯୁଗଳ କାହା ମନରେ କେତେ ଭଲ ପାଇବା ଅଛି, ତାକୁ ନେଇ ଅନେକ ସମୟରେ ପରୀକ୍ଷା ନିରୀକ୍ଷା କରିଥାନ୍ତି। ଏପରି ସ୍ଥିତିରେ ନିଜ ପ୍ରେମିକଠାରୁ ଅଧିକ ସ୍ନେହ ତଥା ସାନ୍ନିଧ୍ୟ ପାଇବା ଆଶାରେ ପ୍ରେମିକା ଝୁଣ୍ଟି ପଡ଼ିବା ନେଇ ମିଛ ଅଭିନୟ କରୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଖାଇବାକୁ ଦାନା ନାହିଁ,
ପିନ୍ଧିବାକୁ କନା ନାହିଁ।**

ଗରିବ ହେଲେ ସବୁ ସହିବାକୁ ପଡ଼େ। ଅନେକ ଘାତ ପ୍ରତିଘାତ ସହି ଆଗକୁ ବଢ଼ିବାକୁ ହୁଏ। ଯେତେ ପ୍ରତିକୂଳ ପରିସ୍ଥିତି ଆସିଲେ ମଧ୍ୟ ବଞ୍ଚିବା ପାଇଁ ସଂଘର୍ଷ କରିବାକୁ ପଡ଼େ। ଅର୍ଥାଭାବରୁ ଖାଇବାକୁ ମୁଠେ ଦାନା ଓ ପିନ୍ଧିବାକୁ ଖଣ୍ଡେ କନା ଯୋଗାଡ଼ କରିପାରୁ ନ ଥିବା ନିଃସ୍ୱ ବ୍ୟକ୍ତି ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ପକ୍କାଘର ପାଇଁ ଚିଲିକାରେ ପଦଯାତ୍ରା

**ଫାଇଲିନ୍ କ୍ଷତିଗ୍ରସ୍ତଙ୍କ ଅଭିନବ ପ୍ରତିବାଦ**

**୩ଜଣିଆ ଟିମ୍ ହିତାଧିକାରୀଙ୍କୁ ପୁଣି ଥରେ ଚିହ୍ନଟ କରିବ: ତହସିଲଦାର**

କୃଷ୍ଣପ୍ରସାଦ,୨୭।୭(ଡି.ଏନ୍.ଏ.)

୨୦୧୩ ଅକ୍ଟୋବର ଫାଇଲିନ ବାତ୍ୟାରେ କ୍ଷତିଗ୍ରସ୍ତଙ୍କୁ ପକ୍କାଘର ନିର୍ମାଣ ପାଇଁ ଏଯାବତ୍ କାର୍ଯ୍ୟାଦେଶ ନ ମିଳିବା ଘଟଣାରେ ପୁରୀ ଜିଲା କୃଷ୍ଣପ୍ରସାଦ ଅଞ୍ଚଳର ଲୋକମାନେ ମଙ୍ଗଳବାର ଅଭିନବ ପ୍ରତିବାଦ ଜଣାଇଛନ୍ତି। ଅପରାହ୍ନ ୧ଟାରେ ୨ଶହରୁ ଊର୍ଦ୍ଧ୍ୱ ମହିଳାପୁରୁଷ ଜହ୍ନିକୁଦା ଚିଲିକା କୂଳରୁ ପାଣିରେ ପଶି ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପଦଯାତ୍ରାରେ ବାହାରିଥିଲେ। ଏହା ଜଣାପଡ଼ିବା ପରେ କୃଷ୍ଣପ୍ରସାଦ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲା। ହେଲେ ପୋଲିସ କଥାକୁ ଭ୍ରୁକ୍ଷେପ ନ କରି ମହିଳା ଓ ପୁରୁଷମାନେ ବେକ ଯାଏ ପାଣିରେ ପଶି ଚାଲିଥିଲେ। ଶେଷରେ ଲୋକଙ୍କ ଦାବି ପୂରଣ ହୋଇଗଲା ବୋଲି କହି ପୋଲିସ ସେମାନଙ୍କୁ ପାଣିରୁ ଟାଣି ବାହାର କରିଥିଲା। ଏପରି କି କିଛି ଲୋକଙ୍କୁ ଡଙ୍ଗାରେ ବସାଇ କୂଳକୁ ଅଣାଯାଇଥିଲା। ହେଲେ କୂଳରେ କୌଣସି ପ୍ରଶାସନିକ ଅଧିକାରୀ ଉପସ୍ଥିତ ନ ଥିବା ଦେଖି ଆନ୍ଦୋଳନକାରୀ ସଙ୍ଗେ ସଙ୍ଗେ ରାସ୍ତା ଅବରୋଧ କରି ବସିଥିଲେ। କିଛି ସମୟ ପରେ ତହସିଲଦାର ଉଲ୍ଲାସ କୁମାର ସେଠୀ, କୃଷ୍ଣପ୍ରସାଦ ଥାନା ଅଧିକାରୀ ଦିଲୀପ କୁମାର ସ୍ୱାଇଁ ସେଠାରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ସେମାନଙ୍କ ମଧ୍ୟରୁ ୪ଜଣଙ୍କୁ କାର୍ଯ୍ୟାଳୟକୁ ଡକାଇ ଆଲୋଚନା କରାଯାଇଥିଲା। ବୁଧବାରଠାରୁ ଜିଆର୍ଏସ୍, କନିଷ୍ଠ ଯନ୍ତ୍ରୀ ଏବଂ ଭିଏଲ୍ଡବ୍ଲୁଙ୍କୁ ନେଇ ଗଠିତ ଏକ ୩ଜଣିଆ ଯାଞ୍ଚ କମିଟି ପୁନର୍ବାର ପ୍ରକୃତ ହିତାଧିକାରୀଙ୍କୁ ଚିହ୍ନଟ କରିବା ପରେ କାର୍ଯ୍ୟାଦେଶ ଦିଆଯିବ ବୋଲି ତହସିଲଦାର ସେଠୀ କହିବା ପରେ ଆନ୍ଦୋଳନକୁ ସାମୟିକ ପ୍ରତ୍ୟାହର କରାଯାଇଛି। ଚୟନ ପ୍ରକ୍ରିୟା ଯୁଦ୍ଧକାଳୀନ ଭିତ୍ତିରେ ଚାଲୁ ରଖି କାର୍ଯ୍ୟାଦେଶ ନ ଦେଲେ ପରିସ୍ଥିତି ଭୟାବହ ହେବ ବୋଲି ଏହି ଆନ୍ଦୋଳନ ତଥା ବାତ୍ୟା ନିରୋଧ ବାସଗୃହ ମଞ୍ଚ ଆବାହକ ସୁବାସ ଚନ୍ଦ୍ର ଜେନା କହିଛନ୍ତି।

ପଦଯାତ୍ରାକୁ ମଞ୍ଚର ସମ୍ପାଦକ ପ୍ରକାଶ ଚନ୍ଦ୍ର ବିଶ୍ୱାଳ, ସଂଯୋଜକ କାର୍ତ୍ତିକ ଦଲେଇ, ତ୍ରିନାଥ ଜେନା, ଉପେନ୍ଦ୍ର ଜେନା, ମମତା ଜେନା, କୁନିରାଣୀ ଜେନା, ତ୍ରିନାଥ ଜେନା, ଶୈଳବାଳା ଜେନା, ଶମ୍ଭୁ ପଲେଇ, ପ୍ରଫୁଲ୍ଲ ଜଗଦ୍ଦେବ, ନାରାୟଣ ମହାପାତ୍ର ପ୍ରମୁଖ ନେତୃତ୍ୱ ନେଇଥିଲେ।

**ପ୍ରଥମ ପୃଷ୍ଠାରୁ...**

## ଭାରି ପଡ଼ିଲାଣି...

ସେପଟେ ଭୁବନେଶ୍ୱରରେ ଜଣେ ଡେଙ୍ଗୁ ରୋଗୀଙ୍କ ମୃତ୍ୟୁ ହୋଇଥିବା ଚର୍ଚ୍ଚା ହେଉଥିବାବେଳେ ଏନେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି, ଯଦି ମୃତ୍ୟୁ ହୋଇଥାଏ, ଘରୋଇ ହସ୍ପିଟାଲରେ ହୋଇଥିବ। କିନ୍ତୁ ଏନେଇ ବିଭାଗ ନିକଟକୁ କୌଣସି ରିପୋର୍ଟ ଆସିନାହିଁ। ଏସମ୍ପର୍କରେ ବିଏମ୍ସି କମିଶନର ସଞ୍ଜୟ ସିଂ କହିଛନ୍ତି, ଆମ ପାଖରେ ମୃତ୍ୟୁର କୌଣସି ସୂଚନା ନାହିଁ। ଖବର ପାଇବା ପରେ ଏହାର ତର୍ଜମା କରଯାଉଛି। ଏଥିସହ ସହରରେ ପରିମଳ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇ କାର୍ଯ୍ୟ କରାଯାଉଛି ବୋଲି ସେ କହିଛନ୍ତି।

## ବୋମାଇ କର୍ଣ୍ଣାଟକ

ଉପସ୍ଥିତିରେ ନୂଆ ନେତା ଚୟନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ମୁଖ୍ୟମନ୍ତ୍ରୀ ଦୌଡ଼ରେ ଭାଜପାର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ବି.ଏଲ୍. ସନ୍ତୋଷ ଓ ଅନ୍ୟ କେତେଜଣ ବରିଷ୍ଠ ନେତା ସାମିଲ ଥିଲେ। କିନ୍ତୁ ଶେଷରେ ଲିଙ୍ଗାୟତ ସମୁଦାୟର ବରିଷ୍ଠ ନେତା ବାସବରାଜ ବୋମାଇଙ୍କ ନାମରେ ମୋହର ବାଜିଛି। ୟେଦୁରପ୍ପା ମଧ୍ୟ ତାଙ୍କୁ ନିଜ ଉତ୍ତରାଧିକାରୀ କରିବା ପାଇଁ ସହମତି ପ୍ରକାଶ କରିଥିବା ଦଳୀୟ ସୂତ୍ରରୁ ପ୍ରକାଶ।

ବୋମାଇଙ୍କୁ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ କରିବା ପାଇଁ ବିଧାୟକ ଦଳ ବୈଠକରେ ୟେଦୁରପ୍ପା ନିଜ ଘନିଷ୍ଠ ସହଯୋଗୀ ବୋମାଇଙ୍କ ନାମ ପ୍ରସ୍ତାବ ଦେଇଥିଲେ। ଏହାକୁ ଗୋବିନ୍ଦ କାର୍ଜୋଲ, ଆର. ଅଶୋକ, କେ.ଏସ୍. ଈଶ୍ୱରପ୍ପା, ବି. ଶ୍ରୀରାମୁଲୁ, ଏସ୍.ଟି. ସୋମଶେଖର, ପୂର୍ଣ୍ଣିମା ଶ୍ରୀନିବାସ ପ୍ରମୁଖ ବିଧାୟକ ସମର୍ଥନ କରିଥିଲେ। ବିଧାୟକ ଦଳ ନେତା ନିର୍ବାଚିତ ହେବା ପରେ ବୋମାଇ ୟେଦୁରପ୍ପାଙ୍କ ଆଶୀର୍ବାଦ ନେଇଥିଲେ। ଏହି ଅବସରରେ ଦଳୀୟ ନେତାମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଜନତା ଦଳ ନେତା ଏସ୍.ଆର. ବୋମାଇଙ୍କ ପୁଅ ବାସବରାଜ ବୋମାଇ ୨୦୦୮ରେ ଜନତା ପରିବାର ଛାଡ଼ି ଭାଜପାରେ ଯୋଗଦେଇଥିଲେ। ଟାଟା ମୋଟର୍ସରେ ଜଣେ ଇଞ୍ଜିନିୟର ଭାବେ କ୍ୟାରିୟର ଆରମ୍ଭ କରିଥିବା ବୋମାଇ ହାଭେରି ଜିଲା ଶିଗାଓଁ ନିର୍ବାଚନମଣ୍ଡଳୀରୁ ପ୍ରତିନିଧିତ୍ୱ କରୁଛନ୍ତି। ପୂର୍ବରୁ ୟେଦୁରପ୍ପାଙ୍କ କ୍ୟାବିନେଟରେ ସେ ଗୃହ, ଆଇନ ଓ ସଂସଦୀୟ ବ୍ୟାପାର ଭଳି ବିଭାଗ ସମ୍ଭାଳି ସାରିଛନ୍ତି।

## ରାଜ୍ୟକୁ ମିଳୁନି...

କୌଣସି ସହାୟତା ପ୍ରଦାନ କରାଯାଇ ନାହିଁ ବୋଲି ମନ୍ତ୍ରୀ କହିଛନ୍ତି। ଆର୍ଥିକ ସ୍ଥିତି ଉପରେ ମହାମାରୀର ପ୍ରଭାବ ପଡିଛି। କମ୍ ଜିଏସ୍ଟି ଆଦାୟ ହେଉଥିବାରୁ ଅଧିକ କ୍ଷତିପୂରଣ ଚାପ କେନ୍ଦ୍ର ଉପରେ ପଡୁଛି। ୨୦୨୦ରୁ ୨୦୨୧ ମଧ୍ୟରେ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ୯୧ ହଜାର କୋଟି ଟଙ୍କା ଆଂଶିକ କ୍ଷତିପୂରଣ ରାଶି ବାବଦରେ ପ୍ରଦାନ କରାଯାଇଛି। ଏହା ଜିଏସ୍ଟି କ୍ଷତି ଭରଣାରେ ପର୍ଯ୍ୟାପ୍ତ ନୁହେଁ ବୋଲି ମନ୍ତ୍ରୀ କହିଛନ୍ତି। ଜିଏସ୍ଟି ପରିଷଦ ଦ୍ୱାରା ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ ୨୦୨୦-୨୧ ଆର୍ଥିକ ବର୍ଷରେ କେନ୍ଦ୍ର ସରକାର ୧.୧ ଲକ୍ଷ କୋଟି ଟଙ୍କା ଋଣ କରିଛନ୍ତି। ଜିଏସ୍ଟି କ୍ଷତି ଭରଣା ପାଇଁ ଏହାକୁ ରାଜ୍ୟଗୁଡ଼ିକୁ ଋଣ ଆକାରରେ ପ୍ରଦାନ କରାଯିବ। ଏଥିସହିତ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ଋଣ ଦେବା ସକାଶେ ଚଳିତ ଆର୍ଥିକ ବର୍ଷରେ ଖୋଲା ବଜାରରୁ ୧.୫୯ ଲକ୍ଷ କୋଟି ଟଙ୍କା ଋଣ କରିଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି।

## ୫% ଉପରେ ୩ ଜିଲାର...

ସଂକ୍ରମିତଙ୍କ ସଂଖ୍ୟା ୯,୭୦,୮୧୪ରେ ପହଞ୍ଚିଛି। ଅନ୍ୟପକ୍ଷରେ ରାଜ୍ୟରେ କରୋନା ଆଉ ୬୦ ଜୀବନ ନେଇଛି। ତେବେ ଏମାନଙ୍କ ମୃତ୍ୟୁ କୌଣସି ନିର୍ଦ୍ଦିଷ୍ଟ ଦିନରେ ନୁହେଁ ବୋଲି ସ୍ୱାସ୍ଥ୍ୟ ବିଭାଗ ସ୍ପଷ୍ଟ କରିଛି। ଏହି ୬୦ଜଣଙ୍କ ମଧ୍ୟରେ ସୁନ୍ଦରଗଡ଼ରୁ ସର୍ବାଧିକ ୧୪ଜଣ ରହିଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୫,୬୩୪କୁ ବୃଦ୍ଧି ପାଇଛି। ଡିଏମ୍ଇଟି ସି.ବି.କେ. ମହାନ୍ତି କହିଛନ୍ତି, ରାଜ୍ୟରେ ଯେଉଁଠି ଅଧିକ ସଂକ୍ରମଣ ରହୁଛି ସେଠାରେ ଆମେ ଅଧିକ ଫୋକସ୍ ଦେଇ କମେଇବାକୁ ଚେଷ୍ଟା କରୁଛୁ। ଭୁବନେଶ୍ୱରରେ ଲୋକଙ୍କ ଗହଳି ତଥା ଯାତାୟାତ ଅଧିକ ରହୁଥିବାରୁ ସଂକ୍ରମଣ ବଢୁଛି। ତେଣୁ ଭୁବନେଶ୍ୱରରେ ଆମେ ସର୍ଭିଲାନ୍ସ ବଢ଼ାଇଛୁ। ଆଗକୁ ଏଠାରେ ବି ସଂକ୍ରମଣ କମିବ ବୋଲି ଡିଏମ୍ଇଟି ଆଶାବ୍ୟକ୍ତ କରିଛନ୍ତି। ଅପରପକ୍ଷେ ରାଜ୍ୟରେ ଅନ୍ଲକ୍ ନେଇ ଡିଏମ୍ଇଟି କହିଛନ୍ତି, ଆବଶ୍ୟକ ପଡ଼ିଲେ ସମ୍ପୂର୍ଣ୍ଣ ଅନଲକ୍ ହେବ। ଯଦି ସେମିତି ଆବଶ୍ୟକ ନ ହୁଏ ତେବେ ଅନ୍ଲକ ହେବ ନାହିଁ। ପରିସ୍ଥିତିକୁ ଆକଳନ କରି ନିଷ୍ପତ୍ତି ନିଆଯିବ। ତରବରିଆ ନିଷ୍ପତ୍ତି ନେଲେ ଆମ ପାଇଁ ବିପଦ ସୃଷ୍ଟି ହେବ। ଦେଶରେ ଯଦି କେଉଁଠି ସଂକ୍ରମଣ ବଢୁଛି ତେବେ ଏହା ତୃତୀୟ ଲହର ଲକ୍ଷଣ ବୋଲି ଧରାଯିବ। କାରଣ ପ୍ରତି ପାଣ୍ଡେମିକରେ ଏମିତି ଦେଖାଯାଇଛି।

## ପ୍ରବାସୀଙ୍କୁ ଦେଇପାରିଲେନି...

ହୋଇଥିଲେ ତାହା ଗଣମାଧ୍ୟମରେ ପ୍ରସାରିତ ହେବା ପରେ ଭାରତର ବ୍ୟବସ୍ଥାଗତ ଦୁର୍ବଳତାକୁ ବିଶ୍ୱ ସମୁଦାୟ ଆଗକୁ ଆଣିଥିଲା। କେନ୍ଦ୍ର ସରକାର ଦେଇଥିବା ତଥ୍ୟ ମୁତାବକ, ୨୦୨୦ ମାର୍ଚ୍ଚରେ ଘୋଷଣା ହୋଇଥିବା ପ୍ରଥମ ଲକ୍ଡାଉନରେ ୧.୦୮କୋଟି ପ୍ରବାସୀ ଘରକୁ ଫେରିଥିଲେ। ବିଶେଷକରି ଦେଶର ୬ ରାଜ୍ୟରେ ଏହି ପ୍ରବାସୀ ରହିଥିଲେ। ଉତ୍ତର ପ୍ରଦେଶରେ ସର୍ବାଧିକ ୩୨ ଲକ୍ଷ ଏବଂ ବିହାରରେ ୧୫ ଲକ୍ଷ ପ୍ରବାସୀ ଘରମୁହାଁ ହୋଇଥିଲା। ମାତ୍ର ଫେରିଥିବା ୧ କୋଟି ଲୋକଙ୍କ ମଧ୍ୟରୁ ୩ ଲକ୍ଷ ଲୋକଙ୍କୁ ତାଲିମ ଦେବାକୁ ହୋଇଥିବା ଯୋଜନାକୁ ସରକାର କାହିଁକି ସଫଳ କରାଇପାରିଲେ ନାହିଁ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମନ୍ତ୍ରଣାଳୟ ପକ୍ଷରୁ ନିକଟରେ ମିଳିଥିବା ତଥ୍ୟ ମୁତାବକ, ୭୦,୮୨୩ ପ୍ରବାସୀ ତାଲିମ ନେଇଥିବାବେଳେ ୫୯,୮୮ ପ୍ରବାସୀଙ୍କୁ ତାଲିମ ଦେବା ଲାଗି ଧାର୍ଯ୍ୟ କରାଯାଇଛି। ଓଡ଼ିଶାରେ ଏହି କାର୍ଯ୍ୟକ୍ରମରେ ୧୬୨୦ ଲୋକ ତାଲିମ ପାଇଛନ୍ତି। ତାଲିକାରେ ବିହାର ସବୁଠାରୁ ଆଗରେ ରହିଛି। ଏଠାରେ ୩୧,୬୧୯ ପ୍ରବାସୀ ତାଲିମ ପାଇଛନ୍ତି। ଦ୍ୱିତୀୟ ସ୍ଥାନରେ ରହିଥିବା ଉତ୍ତର ପ୍ରଦେଶରେ ୧୩,୭୨୪ ଜଣ ଦକ୍ଷତା ତାଲିମ ପାଇବାକୁ ସକ୍ଷମ ହୋଇଛନ୍ତି। ରାଜସ୍ଥାନ, ମଧ୍ୟପ୍ରଦେଶ ଏବଂ ଆସାମରେ ୧୨,୪୪୮, ୧୦,୫୯୮ ଏବଂ ୭୪୧ ଜଣଙ୍କୁ ତାଲିମ ଦିଆଯାଇଛି।

ଗରିବ କଲ୍ୟାଣ ରୋଜଗାର ଅଭିଯାନ ଅନ୍ତର୍ଗତ ପ୍ରବାସୀ ଶ୍ରମିକଙ୍କ ସ୍କିଲ ମ୍ୟାପିଂ ଦ୍ୱାରା ସେମାନଙ୍କ ଦକ୍ଷତା ବୃଦ୍ଧି ଦ୍ୱାରା ଘର ପାଖରେ କର୍ମନିଯୁକ୍ତିକୁ ଗୁରୁତ୍ୱ ଦିଆଯାଇଥିଲା। ଯୋଜନା କାର୍ଯ୍ୟକାରୀ କରିବା ଲାଗି ଜିଲା କର୍ତ୍ତୃପକ୍ଷଙ୍କ ସହ କେନ୍ଦ୍ର ସରକାର ମିଳିତ ହୋଇ କାମ କରୁଥିଲେ। ଜିଲା ସ୍ତରରେ ସ୍କିମ କମିଟି ଦ୍ୱାରା ବ୍ୟକ୍ତିଙ୍କୁ ଚୟନ ସହ ତାଲିମ ଭଳି ଦିଗ ଉପରେ ଯୋଜନା କରାଯାଇଥିଲା। ରାଜମିସ୍ତ୍ରି, ଟେଲରିଂ, ମେଶିନ ଅପରେଟର, ସହକାରୀ ଇଲେକ୍ଟ୍ରିସିଆନ ଏବଂ ଜୈବିକ କୃଷି ଭଳି ଅନ୍ୟ କ୍ଷେତ୍ରରେ ତାଲିମ ବ୍ୟବସ୍ଥା ରଖାଯାଇଛି। ଏ କ୍ଷେତ୍ରରେ ମନ୍ତ୍ରଣାଳୟ ବିଭିନ୍ନ ଆହ୍ୱାନ ସାମ୍ନା କରୁଥିବା ଦେଖାଯାଇଛି। ଅଧିକରୁ ଅଧିକ ଲୋକ ଯେଭଳି ତାଲିମ ପାଇବେ ତାକୁ ଧ୍ୟାନରେ ରଖିବାକୁ ସଂସଦୀୟ କମିଟି ଦକ୍ଷତା ବିକାଶ ମନ୍ତ୍ରଣାଳୟକୁ କହିଛି। ପ୍ରଥମ ଲହର ଯାଇ ଦ୍ୱିତୀୟ ଲହର ଜନିତ ଲକ୍ଡାଉନ କଟକଣା ଏବେ କୋହଳ ହେଉଛି। ମାତ୍ର ସରକାର ତାଙ୍କ ଯୋଜନାକୁ ଠିକ୍ ରୂପାୟନ କରିବାରେ ସକ୍ଷମ ହୋଇ ନ ଥିବା ଦେଖାଯାଇଛି। ଅପରପକ୍ଷରେ ରାଜ୍ୟଗୁଡିକ ସ୍ତରରେ ଯଦି ଏଭଳି କାର୍ଯ୍ୟକ୍ରମ ଗ୍ରହଣ କରାଯାନ୍ତା ତେବେ ଆଗାମୀ ଦିନରେ ପ୍ରବାସୀଙ୍କ ସମସ୍ୟା କିଛି ମାତ୍ରାରେ ସମାଧାନ ହୋଇ ପାରନ୍ତା ବୋଲି ବଜାର ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି।

# ଲଘୁଚାପ: ୩୦ରୁ ୪ ଯାଏ ବର୍ଷିବ

ଭୁବନେଶ୍ୱର,୨୭।୭(ବ୍ୟୁରୋ)

ଉତ୍ତର ବଙ୍ଗୋପସାଗର ତଥା ଏହାର ଆଖପାଖ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଆସନ୍ତା ୨୪ଘଣ୍ଟା ମଧ୍ୟରେ ଏହା ଆହୁରି ଘନୀଭୂତ ହୋଇ ଆଗାମୀ ୩ ରୁ ୪ ଦିନ ମଧ୍ୟର ପଶ୍ଚିମ ଦିଗକୁ ଗତିକରି ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଏବଂ ବିହାର ମଧ୍ୟଦେଇ ଅତିକ୍ରମ କରିବା ସମ୍ଭାବନା ରହିଛି। ଏହାର ପ୍ରଭାବରେ ଆସନ୍ତା ୩୦ରୁ ଅଗଷ୍ଟ ୪ ତାରିଖ ଯାଏ ରାଜ୍ୟର କେତେକ ଜିଲାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷାର ସମ୍ଭାବନା ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍ସିଂହପୁର ଏବଂ କଟକ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି।

ସେହିପରି ୨୯ ତାରିଖରେ ଉତ୍ତର ଓଡ଼ିଶାର ଅଧିକାଂଶ ସ୍ଥାନ ଏବଂ ଦକ୍ଷିଣ ଓଡ଼ିଶାର କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଅଶ୍ୱିନୀ ନକ୍ଷତ୍ର ଆଜି କର୍ମକ୍ଷେତ୍ରରେ ନିଜକୁ ଆଡ୍ଜଷ୍ଟ କରିପାରିବେ ନାହିଁ। ଯଦିଓ ବିଶେଷ କିଛି ଗୁରୁତର ସମସ୍ୟା ନାହିଁ, ତଥାପି ସାମୟିକ ଭାବେ ଅସୁସ୍ଥତା ଅନୁଭବ କରିବେ। ଅଟକି ରହିଯାଇଥିବା କାର୍ଯ୍ୟଗୁଡ଼ିକ ତ୍ୱରାନ୍ୱିତ ହେବାରେ ବନ୍ଧୁ ସାହାଯ୍ୟ କରିବେ । କୃଷି, ବାଣିଜ୍ୟ, ବ୍ୟବସାୟ, ପ୍ରଶାସନ ଓ ରାଜନୀତିରେ ଚେଷ୍ଟା ସଫଳ ହେବ।

**ବୃଷ**
ରୋହିଣୀ ନକ୍ଷତ୍ର କର୍ମକ୍ଷେତ୍ରରେ ସମସ୍ୟାକୁ ସୁଧାରି ନେବା ପାଇଁ ପ୍ରଯତ୍ନ କରିବେ। ସାମାଜିକ କ୍ଷେତ୍ରରେ ଓ ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ। ଅଫିସ୍ରେ କାମର ଚାପ ପ୍ରଭାବରୁ ଟେନସନ୍ କିଛି ମାତ୍ରାରେ ଲାଗିରହିବ। ଖଳପ୍ରକୃତି ଲୋକମାନେ ବିରୁଦ୍ଧାଚରଣ କରିପାରନ୍ତି, କିନ୍ତୁ କିଛି ଅସୁବିଧା ହେବ ନାହିଁ ।

**ମିଥୁନ**
ଆରଦ୍ରା ବନ୍ଧୁମାନଙ୍କ ସହାନୁଭୂତିର ସୁଯୋଗ ଲାଭ କରି ନିଜକୁ ଧନ୍ୟ ମନେକରିବେ। ଘରର ବାରଣ ମାନି କାମ କଲେ ଅବଶ୍ୟ ଉପକୃତ ହେବେ। ଅଫିସରେ ଗୁରୁତ୍ୱପୂର୍ଣ୍ଣ କାମଗୁଡ଼ିକ ସମ୍ପର୍କରେ ଆଲୋଚନା ଅସମାପ୍ତ ରହିପାରେ। ଦେବ ଦର୍ଶନ ସାଙ୍ଗକୁ ନୂତନ ଦର୍ଶନୀୟ ସ୍ଥାନ ପରିଭ୍ରମଣର ସୁଯୋଗ ଜୁଟିବ।

**କର୍କଟ**
ପୁଷ୍ୟା ନକ୍ଷତ୍ରର ଗତକାଲିଠାରୁ ଯାହା କରିବା ପାଇଁ ଚିନ୍ତା କରିଥିଲେ ସେହି କାମ ସହଜ ଓ ସୁବିଧାରେ ହୋଇଯିବ। ବ୍ୟବସାୟ ଓ ପରିବହନରେ ଦେଖିଚାହିଁ ପଦକ୍ଷେପ ନିଅନ୍ତୁ। କେତେକ କ୍ଷେତ୍ରରେ କଥାଁଳ କଥା କହି ପରିସ୍ଥିତିକୁ ସୁଧାରି ନେବେ। କାର୍ଯ୍ୟବ୍ୟସ୍ତତା ଯୋଗୁ ଖାଦ୍ୟପେୟ ଠିକ୍ ରହିବ ନାହିଁ କିମ୍ବା ଘରର କଥା ବୁଝିବାକୁ ସମୟ ପାଇବେ ନାହିଁ।

**ସିଂହ**
ଆଜି ଉତ୍ତରାଫାଲ୍ଗୁନୀ ନକ୍ଷତ୍ର ପରିବାରର କିଛି ଅଭାବ ଓ ଅସୁବିଧାକୁ ନେଇ ସରଗରମ ଆଲୋଚନା ହୋଇପାରେ। ଉଚ୍ଚପଦାଧିକାରୀଙ୍କ କ୍ରୋଧରୁ କିଛିଟା ହଇରାଣ ହୋଇପାରନ୍ତି। ଟଙ୍କା ପଇସାକୁ କେନ୍ଦ୍ର କରି ଟଣାଓଟରା ଲାଗିପାରେ। ବନ୍ଧୁଙ୍କ ଆଚରଣରେ ପରିବର୍ତ୍ତନ ଆସିପାରେ।

**କନ୍ୟା**
ଚିତ୍ରା ନକ୍ଷତ୍ରର ବିଭିନ୍ନ ସମସ୍ୟରେ ଭାରାକ୍ରାନ୍ତ ମନ ହେତୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ବିଷମ ପରିସ୍ଥିତିରେ ବନ୍ଧୁଙ୍କଠାରୁ ପ୍ରତ୍ୟୁପକାର ଆଶା ନିରର୍ଥକ ହେବ। ବର୍ତ୍ତମାନ ସମୟରେ ହିଁ ଲୋକ ଚିହ୍ନିବାରେ ମଉକା ପାଇବେ। ଯେଉଁ କାମଟିକୁ ଆରମ୍ଭ କରିବାକୁ ମନ ବଳାଇଥିଲେ ଆଜି ତାହା କରିବା କାରଣରୁ ମନ ଉଚ୍ଚାଟ ରହିବ।

**ତୁଳା**
ସ୍ୱାତୀ ନକ୍ଷତ୍ର ଆଜି ସକାଳୁ ସକାଳୁ ମନ କଥା ମନରେ ରଖି କାମକୁ ବାହାରି ପଡ଼ିବେ। ହାତ ଖାଲି ରହିବ ନାହିଁ, ବିଭିନ୍ନ ଦିଗରୁ ରୋଜଗାର କରିବାରେ ସମର୍ଥ ହେବେ। କିନ୍ତୁ ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବାର ସୂଚନା ରହିଛି। କଳା, ସାହିତ୍ୟ, ସଙ୍ଗୀତ, ନୃତ୍ୟ ଓ ସାମ୍ବାଦିକତାରେ ପ୍ରଂଶସିତ ହେବେ।

**ବିଛା**
ଅନୁରାଧା ନକ୍ଷତ୍ରର ସ୍ୱାସ୍ଥ୍ୟଗତ କେତେକ ସମସ୍ୟା ମନକୁ ନିରୁତ୍ସାହିତ କରିବ। ଯାହାଙ୍କଠାରୁ ଯାହା ପାଇବା ପାଇଁ ପ୍ରତିଶ୍ରୁତି ପାଇଥିଲେ ତାହା ନ ପାଇ ମନ ଭଲ ରହିବ ନାହିଁ। ଘରେ କିମ୍ବା ବାହାରେ ସାଧାରଣ କଥାରେ ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ ଏବଂ ଆଜିର ବ୍ୟବସାୟ ପ୍ରାୟତଃ ଭଲ ହେବ।

**ଧନୁ**
ମୂଳା ନକ୍ଷତ୍ର ପାଇଁ ଆଜି ଦିନଟିରେ ସହକର୍ମୀ କିମ୍ବା ଆତ୍ମୀୟଙ୍କ ସହଯୋଗର ଅଭାବ ରହିବନାହିଁ। ଅଫିସରଙ୍କ ସମ୍ମୁଖରେ ମନ କଥା କହିବାରେ ପଛେଇ ଯିବେ। ରୋଗପୀଡ଼ା ଭୋଗୁଥିବା ବ୍ୟକ୍ତିଙ୍କ ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବ। ମାଲି ମକଦ୍ଦମାରେ ମନ ଅଶାନ୍ତ ରହିବ ଏବଂ ସମ୍ପର୍କରେ ଅବନତି ଦେଖା ଦେଇପାରେ।

**ମକର**
ଶ୍ରବଣା ନକ୍ଷତ୍ର ସକାଶେ ଆଦୌ ପଡୁ ନ ଥିବା ଲୋକେ ନିନ୍ଦା ରଟନା କରିବେ। ସାଧାରଣ କଥାରୁ ଗୃହରେ କିମ୍ବା ଅଫିସରେ କଳହ ସୃଷ୍ଟି ହୋଇପାରେ। ଅନ୍ୟ କଥାରେ ମୁଣ୍ଡ ପୂରାନ୍ତୁ ନାହିଁ। ନିଜଠାରୁ ସାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ସଭାସମିତି, ଆନୁଷ୍ଠାନିକ କାମ, କ୍ରୀଡ଼ା ଓ ମନୋରଞ୍ଜନ କାର୍ଯ୍ୟକ୍ରମରେ ପ୍ରଶଂସିତ ହେବେ।

**କୁମ୍ଭ**
ପୂର୍ବଭାଦ୍ରବ ନକ୍ଷତ୍ର ସବୁ ଭଲ ଥିଲେ ମଧ୍ୟ ମାନ୍ଦା ବେପାର, ବନ୍ଧୁଙ୍କ ଶତ୍ରୁତା, ପୁଅ ଝିଅଙ୍କ ବାହାଘର ସମସ୍ୟା ନେଇ ବ୍ୟସ୍ତ ରହିପାରନ୍ତି। ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିର ହେବାରେ ଜଣେ ପୁରୁଣା ବନ୍ଧୁ କିଛି ଖବର ନେଇ ଆସିବେ। କର୍ମକ୍ଷେତ୍ରରେ ଅଭାବନୀୟ ସ୍ଥିତିରୁ ସହସା ମୁକ୍ତି ମିଳିବ। ପ୍ରତିରୋଧ କାରଣରୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ।

**ମୀନ**
ରେବତୀ ସକାଶେ ଗୋଟିଏ ସମସ୍ୟା ଶେଷ ହେଉ ହେଉ ଅନ୍ୟ ଏକ ସମସ୍ୟାରେ ମନ ପୂରାପୂରି ଭାରାକ୍ରାନ୍ତ ରହିବ। କର୍ମକ୍ଷେତ୍ରରେ ମନ୍ଥର ଗତି ଦେଖାଦେଇପାରେ କିନ୍ତୁ କୌଣସି କାମ ଅଟକିବ ନାହିଁ। ବ୍ୟବସାୟ, ପରିବହନ, ନିର୍ମାଣ କ୍ଷେତ୍ରରେ ସମସ୍ୟା ଲାଗି ରହିବ। କୌଣସି ନୀଚ ଜାତିର ବ୍ୟକ୍ତିଙ୍କ ସହାୟତାରୁ ଉପକୃତ ହେବେ।

ଆଜି ଶ୍ରାବଣ କୃଷ୍ଣ ୫ମୀ ବୁଧବାର, ଜୁଲାଇ ୨୮ ତାରିଖ, ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ, ବିଶ୍ୱ ହେପାଟାଇଟିସ୍ ଦିବସ, ରାଶିନକ୍ଷତ୍ର-ଦିବା ଘ.୧୦.୪୬ମି. ଗତେ, ଉତ୍ତରଭାଦ୍ରବ/ମୀନ, ଧନୁ ରାଶିର ଘାତଚନ୍ଦ୍ର, କର୍କଟ ରାଶିର ଘାତବାର, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫.୨୪ମି. ଗତେ ଘ.୦୭.୦୮ମି. ମଧ୍ୟେ, ଘ.୦୯.୪୩ମି. ଗତେ ଘ.୧୧.୨୭ମି. ମଧ୍ୟେ, ଘ.୦୩.୪୬ମି. ଗତେ ଘ.୦୫.୨୯ମି. ମଧ୍ୟେ ଅମୃତ ବେଳା। ଅପରାହ୍ନ ଘ.୦୨.୦୨ମି. ଗତେ ଘ.୦୩.୪୬ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ.୧୧.୫୩ମି. ଗତେ ଘ. ୦୧.୩୦ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




**BRIDE WANTED**

Suitable Bride required for Brahmin Groom. Contact Mobile Number: 8895491804. D-70720

**GROOM WANTED**

ଖଣ୍ଡାୟତ ଜାତିର 52 ବୟସ୍କା Widow ଏକାକୀ ରହି Private ଚାକିରି କରୁଥିବା ଝିଅଙ୍କୁ ବର ଦରକାର। Contact: 7606067313. D-21170

49 ବୟସ୍କା 10th Qualified ଅବିବାହିତା ଅନାଥ Govt. ଚାକିରିଆ ବାରିକ ଝିଅଙ୍କୁ Any Caste ପୁଅ ଦରକାର। 7381460017. D-21169

Searching both Kaibarta Groom in Bhubaneswar for very Fair Bride & also very Fair Bride (Caste No Bar) for Kaibarta Groom (IAS Faculty). Mob.: 9990161440. D-21162

Govt.ର Irrigation Departmentରେ କାର୍ଯ୍ୟରତ ଥିବା ଛାଡ଼ପତ୍ର ମହିଳା ପାଇଁ ବରପାତ୍ର ଆବଶ୍ୟକ। ବୟସ: 46 ବର୍ଷ, ଘର: ଖୋର୍ଦ୍ଧା, 9776500136. D-70872

48 ବୟସ୍କା 5'2" Graduate ଗୁଡ଼ିଆ ଝିଅଙ୍କ ପାଇଁ ଯେ କୌଣସି ଜାତିର ବିବାହିତ/ଅବିବାହିତ ପୁଅ ଆବଶ୍ୟକ। ଯୋଗାଯୋଗ: 7326057574. D-21171

Beautiful Odia girl Bank Manager, 28+/5'4. SUHAG. 7978399083, 9090486408. D-21193




**SALE**

ଭୁବନେଶ୍ୱରରେ ପ୍ଲଟ୍ ବିକ୍ରିହେବ। Near Rabi Talkies ଘରବାରି ପାଚେରି ଲାଇନ୍ ସହିତ। 9178660666. D-71120

**AIIMS Hospital frontgateରୁ 300mtr 2395sqft. ଘରବାରି plot yellowzone sqft.-2500/-, Contact: 9938447042.** D-70863

ଭୁବନେଶ୍ୱର ଜଟଣୀଗେଟ୍ରୁ କିଛି ଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥ ବଜାର sqft.-150/- (outright). 9348232008, 9348817649. D-70869

Conversion plot sale 5k.m. from ନଖରା East College ପରେ 1500 sqft. 12,00,000/-, 9437306208. D-70871

ଟମାଣ୍ଡୋ National Highway ଠାରୁ 1.3 mtrs. ଦୂରରେ immediate ଘରକରି ରହିବା ପାଇଁ yellowzone plot ମିଳୁଛି। 9692213354. D-70465

**ଭୁବନେଶ୍ୱର ଓ ପୁରୀ Prime locationରେ gharabari plot, Apartment, individual building ବିକ୍ରୟହେବ। Genuine buyer ଯୋଗାଯୋଗ କରିବାକୁ ଅନୁରୋଧ । 6372897984, 9692609148.** D-21192

2800sqft. residential plot for sale at Patia, Bhubaneswar. Price-90lakhs, Contact: 7656005431. D-71121

ଭୁବନେଶ୍ୱର ଭରତପୁର GA plot ପାଖରେ revenue ରୋଡ୍ ଇଲେକ୍ଟ୍ରିସିଟି ସୁବିଧା ଥାଇ boundary plot @14,40,000/-ରେ ନେଇ ତୁରନ୍ତ ଘର କରନ୍ତୁ। 7978998868. D-70873

ଭୁବନେଶ୍ୱର ଲିଙ୍ଗିପୁରଛକ, ପୁରୀ bypassରୁ 200mtr. ଦୂରତାରେ ସଙ୍ଗେ ସଙ୍ଗେ ଘର କଲାଭଳି ଘରବାରି boundary ପ୍ଲଟ୍, ରୋଡ୍, ଇଲେକ୍ଟ୍ରିସିଟି ସୁବିଧା ଥାଇ @20,40,000/-ରେ ମିଳୁଛି। 7978998868. D-70874




Infocity Bhubaneswar, 3 floors, 10,000 sqft each. Best for Software Companies. Call/Whatsapp 9437513333/ /9437313333 or 9438874333. D-21189

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in




New opening Saikrupa Panchakarma and Spa jointpain, fullbody massage, 8984068077. D-65919

Newly open SPA Offer @799/-, positively health benefits, Jaydev Vihar. 7846814019. D-59997

Take wellness relax massage ladies/ gents therapist 800/-, 7008773793, 8018656899. D-59999




ଘରେବସି Matter Forwarding କାମ କରି 12000-35000 ରୋଜଗାର କରନ୍ତୁ। 9667693638, 9667693639. D-59998


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ସବୁ କାମରେ ଚ୍ୟାଲେଞ୍ଜ ରହିଛି

ରାଜନୀତିରେ ପ୍ରଥମ ପଦାର୍ପଣରେ ବ୍ୟବସାୟରୁ ଆସିଥିବା ସୁଶାନ୍ତ ରାଉତ ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀରୁ ବିଧାୟକଭାବେ ନିର୍ବାଚିତ ହୋଇଛନ୍ତି। ସେ ବର୍ତ୍ତମାନ ବିଜେଡିର ଭୁବନେଶ୍ୱର ଜିଲା ସଭାପତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ, ମୟୂରଭଞ୍ଜ ଜିଲା ସହ-ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଅଛନ୍ତି। ତାଙ୍କୁ ଦଳ ତରଫରୁ ଏକାଧିକ ଦାୟିତ୍ୱ ମିଳିବା ପଛରେ ଅନେକ କାରଣ ରହିଥିବା ଆଲୋଚନା ହେଉଛି। ଅପରପକ୍ଷରେ ବ୍ୟବସାୟ ଓ ରାଜନୀତି ମଧ୍ୟରେ ଅନେକ ଭିନ୍ନତା ଥିବା ସହ ସବୁ କାମରେ ଚ୍ୟାଲେଞ୍ଜ ରହିଛି ବୋଲି ସେ କୁହନ୍ତି। ଯୁବ ବିଧାୟକ ସୁଶାନ୍ତଙ୍କ ସହ ଧରିତ୍ରୀର ଆଳାପ...


ସୁଶାନ୍ତ ରାଉତ

**ବ୍ୟବସାୟୀରୁ ବିଧାୟକ ହେବାକୁ କାହିଁକି ପସନ୍ଦ କଲେ। ବିଧାୟକ ହେବାପରେ ଅଧିକ କ'ଣ କରିପାରୁଛନ୍ତି?**

ଲୋକମାନଙ୍କ ସେବା କରିବାର ମନୋବୃତ୍ତି ବହୁ ପୂର୍ବରୁ ରହି ଆସିଛି। ବ୍ୟବସାୟ କରିବାବେଳେ ଯାହା କରିପାରୁ ନ ଥିଲି ବିଧାୟକ ହେବାପରେ ସେସବୁ ସମ୍ଭବ ହୋଇଛି। ବ୍ୟବସାୟ ଓ ରାଜନୀତି ମଧ୍ୟରେ ଅନେକ ଭିନ୍ନତା ରହିଛି। ବ୍ୟବସାୟ କରିବା ସମୟରେ ସବୁବେଳେ ନିଜ କଥାକୁ ପ୍ରାଧାନ୍ୟ ଦେବାକୁ ପଡ଼ିଥାଏ। ହେଲେ ରାଜନୀତିରେ ଲୋକଙ୍କ ସମସ୍ୟା ସମାଧାନ ପ୍ରମୁଖ ଲକ୍ଷ୍ୟ ହୋଇଥାଏ। ବର୍ତ୍ତମାନ ସରକାରୀ ଅଧିକାରୀଙ୍କୁ ଲୋକଙ୍କ ସମସ୍ୟା ସମ୍ପର୍କରେ ଅବଗତ କରାଇ ସେଗୁଡ଼ିକୁ ତୁରନ୍ତ ସମାଧାନ କରିବାରେ ସହଜ ହେଉଛି। ଲୋକଙ୍କ ଏକାଧିକ ସମସ୍ୟା ବୁଝିବା ଲାଗି ବିଧାୟକ ପଦବୀ ଏକ ବଡ ପ୍ଲାଟଫର୍ମ।

**ଦଳର ଯୁବ, ଛାତ୍ର କାର୍ଯ୍ୟକ୍ରମ ଭିତରେ ଆପଣ କେବେ ନ ଥିଲେ, ତଥାପି ୨୦୧୯ ସାଧାରଣ ନିର୍ବାଚନରେ ଆପଣଙ୍କ ଟିକେଟ ପାଇବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ଆପଣଙ୍କ ଉପରେ ଦଳ ଭରସା କରିବା ପଛରେ କ'ଣ କାରଣ ଥାଇପାରେ ବୋଲି ଭାବୁଛନ୍ତି?**

ଦୀର୍ଘଦିନରୁ ବିଜେଡିର ବିଭିନ୍ନ କାର୍ଯ୍ୟକ୍ରମ ସହ ଯୋଡ଼ି ହୋଇ ରହିଥିଲି। କେବଳ ଜଣେ ଫଟୋରେ ରହିଲେ ତାକୁ ଆନ୍ଦୋଳନ ସହ ଜଡ଼ିତ ବୋଲି ଭାବିବା ଠିକ୍ ନୁହେଁ। ଟିକେଟ ଲାଗି ବହୁ ଲୋକ ଆଶାୟୀ ଥିଲେ, ମୁଁ ମଧ୍ୟ ଆଶା ରଖିଥିଲି। ଟିକେଟ ପାଇବା ପୂର୍ବରୁ ମୋର ଏକ ରିପୋର୍ଟ ମଧ୍ୟ ପ୍ରସ୍ତୁତ କରି ଦେଇଥିଲି। ସବୁପ୍ରକାର ଚେଷ୍ଟା ମଧ୍ୟ କରିଥିଲି। ଦଳ ସର୍ଭେ ମାଧ୍ୟମରେ ଯାହା ରିପୋର୍ଟ ପାଇଲେ ସେହି ଅନୁଯାୟୀ ମୋତେ ପ୍ରାର୍ଥୀ କଲେ।

ଧରିତ୍ରୀ ଆଳାପ

**ନିର୍ବାଚନ ଜିତିବାପରେ ନିର୍ବାଚନମଣ୍ଡଳୀର କେଉଁସବୁ ପ୍ରକଳ୍ପକୁ ଅଧିକ ଫୋକସ୍ କରୁଛନ୍ତି?**

ନିର୍ବାଚନ ଲଢ଼ିବା ସମୟରେ ଜୟଦେବ ବିହାରଠାରୁ ନନ୍ଦନକାନନ ପର୍ଯ୍ୟନ୍ତ ରାସ୍ତାକୁ ଟ୍ରାଫିକ ମୁକ୍ତ କରିବା ପାଇଁ ଚିନ୍ତା କରିଥିଲି। ସେହି କାମ ବର୍ତ୍ତମାନ ଦ୍ରୁତ ଗତିରେ ଚାଲିଛି। ସେହିପରି ଶିଖରଚଣ୍ଡୀ ପାହାଡ଼କୁ ପର୍ଯ୍ୟଟନ(ଟୁରିଜମ୍) ମାନ୍ୟତା ମିଳିବା ସହିତ ଏହାର ଉନ୍ନତୀକରଣ ନେଇ ପ୍ରାଥମିକତା ଦିଆଯାଉଛି। ସବୁ ପଞ୍ଚାୟତରେ ରାସ୍ତା, ବିଜୁଳି ଏବଂ ଅନ୍ୟାନ୍ୟ ଉନ୍ନତୀକରଣ କାର୍ଯ୍ୟ ଶତପ୍ରତିଶତ କରିବାର ଲକ୍ଷ୍ୟ ରଖି କାମ ଚାଲିଛି। ସେହିପରି ମୋ ନିର୍ବାଚନମଣ୍ଡଳୀରେ ଇନ୍‌ଡୋର ଷ୍ଟାଡିୟମ କାର୍ଯ୍ୟକୁ ମଧ୍ୟ ପ୍ରାଥମିକତା ଦେଉଛି।

**କୌଣସି ସ୍ଥାନର ବିକାଶ କରିବାକୁ ହେଲେ ରାଜନୈତିକ ସ୍ଥିରତା ଆବଶ୍ୟକ। ୨୦୦୯ରେ ଉତ୍ତର ଭୁବନେଶ୍ୱର ବିଧାନସଭା ଆସନରୁ ଭାଗୀରଥି ବଡ଼ଜେନା, ୨୦୧୪ରେ ପ୍ରିୟଦର୍ଶୀ ମିଶ୍ର ଏବଂ ୨୦୧୯ରେ ଆପଣ ଟିକେଟ ପାଇ ନିର୍ବାଚିତ ହୋଇଛନ୍ତି। ତେଣୁ ଆପଣଙ୍କୁ ନିଜ ରାଜନୈତିକ ଭବିଷ୍ୟତ ନେଇ କେବେ ଭୟ ଲାଗେନି?**

କାମ କରିବା ପାଇଁ ପଦବୀ ଜରୁରୀ ନୁହେଁ। ବିଧାୟକ ହେବା ପୂର୍ବରୁ ମଧ୍ୟ ଲୋକଙ୍କ କାମ କରୁଥିଲି ଏବେ ମଧ୍ୟ କରୁଛି। ଭବିଷ୍ୟତ କେହି ଦେଖି ନାହାନ୍ତି, କାହାକୁ କେତେବେଳେ କେଉଁ ଦାୟିତ୍ୱ ମିଳିବ ସେନେଇ ଦଳର ସଭାପତି ନିଷ୍ପତ୍ତି ନେବେ। ବର୍ତ୍ତମାନ ଯାହା ଦାୟିତ୍ୱ ମିଳିଛି ତାକୁ ନେଇ କାମ କରୁଛି, ଆଗକୁ କ'ଣ ହେବ ତାହା ସମୟ କହିବ।

**ବିଧାୟକ, ବିଜେଡି କାର୍ଯ୍ୟକାରିଣୀ ସଦସ୍ୟ, ଭୁବନେଶ୍ୱର ଜିଲା ସଭାପତି ସାଙ୍ଗକୁ ମୟୂରଭଞ୍ଜ ସହପର୍ଯ୍ୟବେକ୍ଷକ ଭଳି ଏକାଧିକ ଦାୟିତ୍ୱ ଆପଣଙ୍କୁ ଦିଆଯାଇଛି। ଏସବୁ ମଧ୍ୟରୁ କେଉଁ କାର୍ଯ୍ୟ ତୁଲାଇବା ଆପଣଙ୍କୁ ଚ୍ୟାଲେଞ୍ଜ ଭଳି ମନେ ହେଉଛି**

ସବୁ କାମରେ ଚ୍ୟାଲେଞ୍ଜ ରହିଥାଏ। ଯେଉଁ ସବୁ ଦାୟିତ୍ୱ ଦଳର ସଭାପତି ମତେ ଦେଇଛନ୍ତି ସେହି କାମକୁ ନିଜ ନିର୍ବାଚନଣ୍ଡଳୀର ବୋଲି ଭାବି କାର୍ଯ୍ୟ ଜାରି ରଖିଛି। ତେଣୁ କୌଣସି କାର୍ଯ୍ୟ କରିବାରେ ସେତେଟା ସମସ୍ୟା ରହୁନାହିଁ।

**ଆପଣଙ୍କ ନାମରେ ନୂତନଭାବେ ଆରମ୍ଭ ହୋଇଥିବା ଗୋଟିଏ ଖବରକାଗଜ ଓ ଟେଲିଭିଜନ ସଂସ୍ଥାର ମାଲିକାନା ରହିଛି। ଏଥିରେ ଆପଣଙ୍କ ଭୂମିକା କ'ଣ?**

ହଁ, ଏହି ଦୁଇ ସଂସ୍ଥାର ମାଲିକାନା ମୋ ସହ ଅନ୍ୟ ଜଣଙ୍କ ନାମରେ ମଧ୍ୟ ରହିଛି। ମାଲିକାନା ଆମ ନାମରେ ରହିଥିଲେ ସୁଦ୍ଧା ସଂସ୍ଥାର ପରିଚାଳନା ଦାୟିତ୍ୱ ଏହି କ୍ଷେତ୍ରରେ ଦକ୍ଷତା ରଖିଥିବା କିଛି ଜଣଙ୍କୁ ଦିଆଯାଇଛି।

**ଖାଲି ସମୟରେ କ'ଣ କରିବାକୁ ଭଲ ଲାଗେ ଏବଂ ଫିଟ୍‌ନେସ୍ ପାଇଁ ଆପଣ କ'ଣ ସବୁ କରନ୍ତି।**

ଖାଲି ସମୟ ମିଳିଲେ ଘରେ ରହିବା ଏବଂ ପରିବାର ଲୋକଙ୍କ ସହ ସମୟ ବିତାଇବାକୁ ଭଲ ଲାଗେ। ଏହାଛଡ଼ା ଅନେକ ସମୟରେ କୌଣସି ସ୍ଥାନରେ ଏକା ବସିବା ସହିତ ସାଙ୍ଗମାନଙ୍କ ସହ ବୁଲିବାକୁ ମଧ୍ୟ ପସନ୍ଦ କରେ। ଫିଟ୍‌ନେସ ପାଇଁ ବ୍ୟାୟାମ ସହ ଚଲାବୁଲା କରେ। ହେଲେ ବର୍ତ୍ତମାନ ସମୟ ଅଭାବ କାରଣରୁ ଫିଟ୍‌ନେସ ପାଇଁ ଯଥେଷ୍ଟ ସମୟ ମିଳୁନାହିଁ। ଅନେକ ସମୟରେ ବାହାରୁ କାମ ସାରି ଫେରିବା ବେଳେ ଘରଠାରୁ କିଛି ବାଟରୁ ଗାଡି ଛାଡିଦେଇ ଚାଲିଚାଲି ଘର ପର୍ଯ୍ୟନ୍ତ ଯିବାକୁ ଚେଷ୍ଟା କରୁଛି।

**ଆପଣଙ୍କର ଫେଭରାଇଟ୍ ଫିଲ୍ମ ହିରୋ ଏବଂ ହିରୋଇନ?**

ସୋଲେ ଏବଂ ଦିଲ୍‌ୱାଲେ ଦୁଲ୍‌ହନିଆ ଲେ ଯାଏଙ୍ଗେ ଫିଲ୍ମ ଯେତେଥର ଦେଖିଲେ ବି ଭଲ ଲାଗେ। ଅଜୟ ଦେବଗନ ଏବଂ କାଜଲ ହେଉଛନ୍ତି ମୋ ପସନ୍ଦର ଅଭିନେତା ଓ ଅଭିନେତ୍ରୀ।

– ସାକ୍ଷାତ୍‌କାର: ସୁନିତ୍ ମିଶ୍ର

# ପେଟ୍ରୋଲ ଢାଳି ଯୁବତୀଙ୍କୁ ନିଆଁ ଲଗାଇଲେ

■ ଅଭିଯୁକ୍ତଙ୍କୁ ଧରିଲା ପୋଲିସ
■ ଯୁବତୀ ଗୁରୁତର, କାରଣ ଅସ୍ପଷ୍ଟ

ପୁରୁଷୋତ୍ତମପୁର,୨୭।୭(ଡି.ଏନ.ଏ.)

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଥାନା ପ୍ରତାପୁର ଗ୍ରାମରେ ମଙ୍ଗଳବାର ଅପରାହ୍ଣରେ ଏକ ଅଭାବନୀୟ ଘଟଣା ଘଟିଛି। ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ଅଞ୍ଚଳର ଜଣେ ଯୁବତୀଙ୍କୁ ଗ୍ରାମକୁ ଡାକି ଜଣେ ଯୁବକ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଛନ୍ତି। ସଙ୍କଟାପନ୍ନ ଅବସ୍ଥାରେ ଯୁବତୀଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ଅଭିଯୁକ୍ତ ଯୁବକ ପ୍ରତାପୁରର କୃଷ୍ଣଚନ୍ଦ୍ର ସାହୁଙ୍କୁ ପୋଲିସ ଅଟକ ରଖି ଘଟଣାର ତଦନ୍ତ ଚଳାଇଛି। କେଉଁ କାରଣରୁ କୃଷ୍ଣଚନ୍ଦ୍ର ଯୁବତୀଙ୍କ ଉପରେ ପେଟ୍ରେଲ୍ ପକାଇ ନିଆଁ ଲଗାଇଲେ ରିପୋର୍ଟ ଲେଖାଯିବା ସୁଦ୍ଧା ତାହା ସ୍ପଷ୍ଟ ହୋଇନାହିଁ।

ପ୍ରକାଶ ଯେ, ପ୍ରତାପୁର ଗ୍ରାମର ଏକ ପରିତ୍ୟକ୍ତ ଘରୁ ଯୁବତୀଙ୍କ ଚିତ୍କାର ଶୁଣି ନିକଟସ୍ଥ ଜମିରେ କାମ କରୁଥିବା ଲୋକେ ଦୌଡ଼ି ଆସିଥିଲେ। ସେତେବେଳକୁ ଯୁବତୀ ଜଣକ ଜଳୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପୁରୁଷୋତ୍ତମପୁର ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ, ଥାନା ଆଇଆଇସି ଜଗନ୍ନାଥ ମଲ୍ଲିକ ପହଞ୍ଚି ଯୁବତୀଙ୍କୁ ପୋଲିସ ଗାଡ଼ିରେ ପୁରୁଷୋତ୍ତମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ପୁରୁଷୋତ୍ତମପୁର ତହସିଲଦାର ନୀତୀଶ କୁମାର ତ୍ରିପାଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ। ପୋଲିସ ଓ ତହସିଲଦାରଙ୍କ ସମ୍ମୁଖରେ ଯୁବତୀ ଜଣକ ତାଙ୍କ ପରିଚୟ ଦେଇଥିଲେ। କୃଷ୍ଣଚନ୍ଦ୍ରଙ୍କ ସହ ତାଙ୍କର ସମ୍ପର୍କ ଥିଲା ଓ ସେ ଡାକିବାରୁ ଯୁବତୀ ପ୍ରତାପୁରକୁ ଆସିଥିଲେ। କୃଷ୍ଣଚନ୍ଦ୍ର ତାଙ୍କୁ ଏକ ଘରକୁ ଡାକିନେଇ ହଠାତ ପେଟ୍ରୋଲ୍ ଢାଳି ନିଆଁ ଲଗାଇ ଦେଇଥିଲେ ବୋଲି ଯୁବତୀ ଜଣକ କହିଛନ୍ତି। କୃଷ୍ଣଚନ୍ଦ୍ର ବାଇକ୍ (ନଂ ଓଡି୦୭ ଏ୪୨୪୧)ରେ ଖସିଯିବା ଲାଗି ଉଦ୍ୟମ କରୁଥିବା ବେଳେ ପୋଲିସ ତାଙ୍କ ପିଛା କରି ବ୍ରହ୍ମପୁର ରାସ୍ତାର କେଶପୁର ଛକ ନିକଟରୁ କାବୁ କରିଛି।

# ମଦ ପାଇଁ ୧୦୦ ଟଙ୍କା ମିଳିଲାନି: ଯୁବକଙ୍କ ଆତ୍ମହତ୍ୟା

ବୁଗୁଡ଼ା,୨୭।୭(ଡି.ଏନ୍.ଏ.)

ମଦ ପୋଛିଦେଲା ନବ ବିବାହିତାଙ୍କ ସିନ୍ଦୂର। ମଦ ପିଇବା ପାଇଁ ଶହେ ଟଙ୍କା ନ ମିଳିବାରୁ ମଙ୍ଗଳବାର ଆତ୍ମହତ୍ୟା କରିଛନ୍ତି ଜଣେ ଯୁବକ। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଗଞ୍ଜାମ ଜିଲା ବୁଗୁଡ଼ା ଥାନା ଅନ୍ତର୍ଗତ ଗୋଲିଆ ଗ୍ରାମରେ। ମୃତକ ହେଲେ ଗୋଲିଆ ନୂଆବନ୍ଧ ସାହିର ନିରାକାର ପଲେଇ (୨୪)। ୩ ମାସ ପୂର୍ବେ ପୋଲସରା ଥାନା ଗୋଠଲି ଗ୍ରାମର ରବି ପ୍ରଧାନଙ୍କ ଝିଅ ରଶ୍ମିତାଙ୍କୁ ନିରାକାର ବିବାହ କରିଥିଲେ। ସବୁବେଳେ ସେ ମଦ୍ୟପାନ କରନ୍ତି। ତାଙ୍କ ବାପା ଭାସ୍କର ହାଇଦ୍ରାବାଦରେ କାମ କରୁଥିବା ବେଳେ ମଙ୍ଗଳବାର ନିରାକାରଙ୍କ ମା' ବିଲକୁ ଯାଇଥିଲେ। ଘରେ ରଶ୍ମିତା ଓ ତାଙ୍କ ଯା' ଥିଲେ। ସକାଳ ପ୍ରାୟ ୮ଟାରେ ମଦ ପିଇବା ପାଇଁ ନିରାକାର ସ୍ତ୍ରୀଙ୍କୁ ୧୦୦ ଟଙ୍କା ମାଗିଥିଲେ। କିନ୍ତୁ ରଶ୍ମିତା ଟଙ୍କା ଦେବାକୁ ମନା କରିବାରୁ ନିରାକାର ଘର ଭିତରୁ କବାଟ ବନ୍ଦ କରିବା ସହ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ପରିବାର ଲୋକେ ତାଙ୍କୁ ବୁଗୁଡ଼ା ମେଡିକାଲକୁ ନେଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ନଂ.୧୧/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ସୂଚନାଯୋଗ୍ୟ, ନିରାକାର ମୁମ୍ବାଇ ଯିବା ପାଇଁ ଟିକେଟ କରିଥିବାରୁ ଦୁଇ ଦିନ ତଳେ ସ୍ତ୍ରୀଙ୍କ ସହ ଶ୍ୱଶୁର ଘରକୁ ଯାଇ ସୋମବାର ଗ୍ରାମକୁ ଫେରିଥିଲେ।

REQUIRED 29NOS (M/F) CANDIDATES
Post of Asst.Engg Asst. Manager / Jr. Engg / Supervisor Electrician / Technician / Store keeper/ Store In-charge/ Welder / Cleark / Peon.
Qualification: 9th/10th to B.Tech
Salary : Rs 9,380/- to Rs 74,800/-
Food & Accommodation facility
Email your CV to : glovalpower@gmail.com
Contact : 7205138157

Required Councillor (02nos)
APTECH
Saheed Nagar, Bhubaneswar
Candidates can send their resume to: aptechsaheednagar@gmail.com
Contact for Details :-
9040004498 / 9040033321

WANTED
A SUPERVISOR FOR RE-ROLLING MILL AT JAGATPUR, CUTTACK
CONTACT:
9937399588

WANTED
MATHS, SCIENCE and ENGLISH TEACHER for 8th to 10th Odia Medium Students of our Educational Institute. Location Bhubaneswar.
Contact:-
sukantakmohanty@gmail.com
Mob.-8178616361

M/s. KALLAM TEXTILES LIMITED
GUNTUR - AP
WANTED
Graduates of Engineering / B.S.C / M.S.C / M.C.A / M.B.A with working knowledge in Odiya language are required for the following departments.
1. Personal Department
2. Welfare Department
3. Production Department
Knowledge in Telugu speaking is must for all posts.
What's up No : 95505 22557
Mail Id : infosp@ksml.in

REQUIRED
TATA KALINGA AUTO SYNDICATE TATA
Invites aspiring candidates for Residential Sales Executives with Minimum +2 Pass and having motor cycle for the following Districts:-
HR Manager - 01 No.
Koraput: Semiliguda, Nandapur, Kotpad, Lamtaput, Jeypore, Borigumma, Narayanpatna
Malkangiri: Malkangiri, Khairaput, Kalimela, Mathili, MV 79
Nabarangpur: Nabarangpur, Umerkote, Raighar, Jharigaon, Dabugaon
Kalahandi: Bhawanipatna, Dharamgarh, Junagarh, Lanjigarh
Rayagada: Rayagada, Muniguda, Gunupur, Tikiri, Gudari
Send your Resumes to kalingahr1@gmail.com, Contact: 7328841400
KALINGA AUTO SYNDICATE
Authorized dealer for TATA MOTORS COMMERCIAL VEHICLES
NH 26, Teliguda, Jeypore, Dist: Koraput

# ଆଜି ବନକଲାଗି

**ପୁରୀ ଅଫିସ, ୨୭।୭:** ଶ୍ରୀମନ୍ଦିରରେ ବୁଧବାର ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର ବା ବନକ ଲାଗି ନୀତି ହେବ। ଦଇତାପତି ସେବକମାନେ ଗର୍ଭଗୃହରେ ଏହି ଗୁପ୍ତ ନୀତି ସମ୍ପାଦନ କରିବେ। ଏହି ସମୟରେ ଜୟବିଜୟ ଦ୍ୱାର ବନ୍ଦ ରଖାଯିବା ସହ ଅନ୍ୟ ସେବାୟତଙ୍କ ପ୍ରବେଶ ବନ୍ଦ ରହିବ। ନୀତି ପରେ ଶ୍ରୀଜିଉମାନଙ୍କ ମହାସ୍ନାନ ନୀତି ସମ୍ପନ୍ନ ସହ ଅନ୍ୟାନ୍ୟ ନୀତି ବଢ଼ିବ। ବନକଲାଗିରେ କସ୍ତୁରୀ, ହରିତାଳ, ଶଙ୍ଖତାଳ, ହେଙ୍ଗୁଳ, କେଶର, ବାହାଡ଼ା ପରି ପ୍ରାକୃତିକ ରଙ୍ଗ ବ୍ୟବହାର କରାଯାଏ।

HINDUSTAN URVARAK & RASAYAN LIMITED
(A JV of NTPC, CIL, IOCL, FCIL & HFCL)
HURL is setting up state-of-art fertilizer plants at Gorakhpur (UP), Barauni (Bihar) and Sindri (Jharkhand) with capital investment of Rs. 21,000 Cr. and is poised to be the largest Urea producer in the country by 2021/22.
CAREER OPPORTUNITY IN HURL
HURL invites applications for appointment of 513 Non-Executives as
OPERATORS, TECHNICIANS, LAB ASSISTANTS, ACCOUNTANTS, STORE ASSISTANTS
(Diploma holders/ Graduates with 0-15 years' Experience)
IN VARIOUS DISCIPLINES VIZ. AMMONIA, UREA, OFF SITES & UTILITIES, INSTUMENTATION, ELECTRICAL, MECHANICAL, STORE, FINANCE, QUALITY, ENVIRONMENT & QUALITY CONTROL
Interested candidates may visit HURL website www.hurl.net.in for details regarding application process, eligibility criteria, experience etc.
हिन्दुस्तान का अपना यूरिया
SCOPE Minar, Core 4, 9th Floor, Laxmi Nagar, District Center, Delhi-110092 | Website: www.hurl.net.in



ବିଶ୍ୱ ହେପାଟାଇଟିସ୍ ଦିବସ ଅବସରରେ ମଙ୍ଗଳବାର ପୁରୀ ବେଳାଭୂମିରେ ଶିଳ୍ପୀ ମାନସ ସାହୁଙ୍କ ବାଲୁକାକଳା।

# ମାଷ୍ଟରକ୍ୟାଣ୍ଟିନ ଛକରୁ ହଟିବନି ଐତିହ୍ୟ ସ୍ଥାପତ୍ୟ

**ଭୁବନେଶ୍ୱର, ୨୭।୭(ବ୍ୟୁରୋ):** ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ଥିବା ସ୍ଥାପତ୍ୟ ଘୋଡ଼ା ସ୍ଥାନାନ୍ତର ହେବ ନାହିଁ। କଂଗ୍ରେସ ସହ ଭାଜପା ଏବଂ ବହୁ ବରିଷ୍ଠ ନେତା ଓ ଅନ୍ୟାନ୍ୟ ସଙ୍ଗଠନ ଏହାକୁ ବିରୋଧ କରିବା ପରେ ବିଏମ୍‌ସି କମିଶନର ମୁହଁ ଖୋଲିଛନ୍ତି। ମାଷ୍ଟରକ୍ୟାଣ୍ଟିନରେ ଶୋଭାପାଉଥିବା ଐତିହ୍ୟ ଘୋଡ଼ା ନିଜ ଜାଗାରୁ ଅନ୍ୟତ୍ର ସ୍ଥାନାନ୍ତର ହେବ ନାହିଁ ବୋଲି ସରକାରୀ ସ୍ତରରେ ନିଷ୍ପତ୍ତି ହୋଇଥିବା କମିଶନର କହିଛନ୍ତି। ମାଷ୍ଟରକ୍ୟାଣ୍ଟିନ ଛକ ଦେଇ ମଲ୍ଟି ମୋଡାଲ ହବ୍ ନିର୍ମାଣ ସହ ସ୍ମାର୍ଟ ଜନପଥର ବିକାଶ ପାଇଁ ବିଏମ୍‌ସି ଯୋଜନା ପ୍ରସ୍ତୁତ କରିଥିଲା। ଏଥିଲାଗି ସେଠାରେ ଥିବା ଘୋଡ଼ା ଏବଂ ଯୋଦ୍ଧା ମୂର୍ତ୍ତି ରାଜଭବନ ସାମ୍ନାକୁ ଘୁଞ୍ଚାଇବାକୁ ସ୍ଥିର ହୋଇଥିଲା। ମାଷ୍ଟରକ୍ୟାଣ୍ଟିନ ଦେଇ ଫ୍ଲାଏଓଭର ନିର୍ମାଣ ହେଲେ ଘୋଡ଼ା ଓ ଯୋଦ୍ଧା ମୂର୍ତ୍ତି ଠିକ୍‌ରେ ଦେଖାଯିବ ନାହିଁ। ସେଥିଲାଗି ଏହାକୁ ସ୍ଥାନାନ୍ତର କରିବା ଜରୁରୀ ଥିଲା ବୋଲି ସଂସ୍କୃତି ବିଭାଗ ନିର୍ଦ୍ଦେଶକ କହିଥିଲେ। ଗତ ୮ ତାରିଖରେ ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକରେ ଏହି ନିଷ୍ପତ୍ତି ହୋଇଥିଲା। ଏହାକୁ ସବୁ ବର୍ଗରୁ ବିରୋଧ ହେବାପରେ ରାଜ୍ୟ ସରକାର ନିଷ୍ପତ୍ତିରୁ ଓହରି ଯାଇଛନ୍ତି।

# କଟକଣା ସତ୍ତ୍ୱେ ଗୁଣ୍ଡିଚା ମନ୍ଦିରରେ ପଶିଲେ ଭକ୍ତ

**ସୁରକ୍ଷା ବ୍ୟବସ୍ଥା ନେଇ ଉଠିଲା ପ୍ରଶ୍ନ**

ପୁରୀ ଅଫିସ,୨୭।୭

ପ୍ରଶାସନର କଡ଼ା କଟକଣା ସତ୍ତ୍ୱେ ମଙ୍ଗଳବାର ଶ୍ରୀଗୁଣ୍ଡିଚା ମନ୍ଦିରରେ ୪ଜଣ ବ୍ୟକ୍ତି ଅନଧିକାର ପ୍ରବେଶ କରିଛନ୍ତି। ଏହାକୁ ନେଇ ସୁରକ୍ଷା ବ୍ୟବସ୍ଥା ପ୍ରତି ପ୍ରଶ୍ନ ଉଠିଛି। ଜଣେ ମହିଳା ଓ ଜଣେ ପୁରୁଷ ଭକ୍ତଙ୍କ ସହ ୨ଜଣ ପୋଲିସ କର୍ମଚାରୀ ଶ୍ରୀଗୁଣ୍ଡିଚା ମନ୍ଦିରରେ ପ୍ରବେଶ କରିଥିବା ଭିଡିଓ ଫୁଟେଜ୍‌ରେ ଦେଖିବାକୁ ମିଳିଛି। ସେମାନେ ରାଜ୍ୟ ବାହାରର ବୋଲି ଆଲୋଚନା ହେଉଛି।


ଅନଧିକାର ପ୍ରବେଶ କରିଥିବା ୪ ଭକ୍ତ ଶ୍ରୀଗୁଣ୍ଡିଚା ମନ୍ଦିରରୁ ଫେରୁଛନ୍ତି।

ସମ୍ପୃକ୍ତ ପୋଲିସ ଅଫିସର ଦ୍ୱୟଙ୍କୁ ପଚାରିବାରେ କହିଛନ୍ତି, ମନ୍ଦିର ଭିତରକୁ ଯାଇନାହୁଁ। ଅଳ୍ପ ବାଟ ଯାଇ ଫେରିଆସିଛୁ। ଅନ୍ୟପକ୍ଷରେ, ସମ୍ପୃକ୍ତ ବ୍ୟକ୍ତିମାନେ ଶ୍ରୀଗୁଣ୍ଡିଚା ମନ୍ଦିର ପରିସରରେ ଦୀର୍ଘ ସମୟ କଟାଇ ଫେରିଥିବା ଭିଡିଓରୁ ସ୍ପଷ୍ଟ ହେଉଛି। ଭକ୍ତଦ୍ୱୟଙ୍କ ବେଶପୋଷାକରୁ ଇସ୍କନ ବୈଷ୍ଣବ ଧର୍ମାବଲମ୍ବୀଙ୍କ ଭଳି ଦେଖା ଯାଉଛନ୍ତି। ସମ୍ପୃକ୍ତ ମହିଳା ଓ ପୁରୁଷ ଭକ୍ତ ଶ୍ରୀଗୁଣ୍ଡିଚା ମନ୍ଦିରରୁ ବାହାରି ସଙ୍ଗେସଙ୍ଗେ ଏକ ଚାରିଚକିଆ ଯାନ (ଓଡି–ଓ୨ଏଏସ୍–୩୫୩୬)ରେ ବସି ଚାଲିଯାଇଥିଲେ। ସମ୍ପୃକ୍ତ ୨ପୋଲିସ ଅଫିସରଙ୍କ ପୋଷାକରେ କେ.ରି.ପୁ ଲେଖାଥିବାରୁ ସେମାନେ କେନ୍ଦ୍ରୀୟ ସୁରକ୍ଷା ବଳ କର୍ମଚାରୀ ବୋଲି ଅନୁମାନ କରାଯାଉଛି। ତେବେ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ସୁରକ୍ଷା ବ୍ୟବସ୍ଥା ସତ୍ତ୍ୱେ ସେମାନେ କିପରି ପ୍ରବେଶ କଲେ ତାହା ସାଧାରଣରେ ପ୍ରଶ୍ନବାଚୀ ହୋଇଛି। ଏଥିପାଇଁ ସହରବାସୀ ହୁଗୁଳା ସୁରକ୍ଷା ବ୍ୟବସ୍ଥାକୁ ଦାୟୀ କରିଛନ୍ତି। ଶ୍ରୀଗୁଣ୍ଡିଚା ମନ୍ଦିର ସୁରକ୍ଷା ଦାୟିତ୍ୱକୁ ପ୍ରଶାସନ ଏତେ ହାଲୁକାରେ ନେବା ଉଚିତ୍ ନୁହେଁ ବୋଲି ସୁରକ୍ଷା ଅଧିକାର କର୍ମୀ ବିଶ୍ୱଜିତ ମହାନ୍ତି କହିଛନ୍ତି। ଅନ୍ୟପକ୍ଷରେ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା କହିଛନ୍ତି, ସୁରକ୍ଷାକର୍ମୀ ନ ଥିବା ବେଳେ ସମ୍ପୃକ୍ତ ବ୍ୟକ୍ତିମାନେ ମନ୍ଦିରରେ ପ୍ରବେଶ କରିଛନ୍ତି। ସେମାନଙ୍କ ପରିଚୟ ଏପର୍ଯ୍ୟନ୍ତ ମିଳିପାରି ନାହିଁ। ତେବେ ଅନଧିକାର ପ୍ରବେଶ କଥା ସତ। ଭିଡିଓ ଫୁଟେଜରୁ ଏହା ବାରି ହେଉଛି। ଭିଡିଓରେ ଦେଖାଯାଉଥିବା ପୋଲିସ କର୍ମଚାରୀ ଓଡ଼ିଶା ପୋଲିସର ନୁହନ୍ତି। ଗାଡ଼ି ନମ୍ବର ସ୍ପଷ୍ଟ ଭାବେ ଜଣାପଡୁନାହିଁ। ତଥାପି ପ୍ରଶାସନ ଏହି ପ୍ରସଙ୍ଗକୁ ଗୁରୁତ୍ୱର ସହ ନେଉଛି।

ODISHA PUBLIC SERVICE COMMISSION
ADVERTISEMENT No.09 OF 2021-22
Recruitment to the posts of Assistant Professor (Teacher Education) - Stage-I in different disciplines of Government Teachers Training Institutes under Department of Higher Education
WEBSITE - http://opsc.gov.in
No. D-66:- Online applications are invited from the prospective candidates through the Proforma application to be made available on the Website (http//:www.opsc.gov.in) for recuruitment to 385 (Three hundred eighty five) posts of Assistant Professor (Teacher Education)- Stage-I in different disciplines of Government Teachers Training Institutes of the State under Department of Highter Education in the scale of pay - Cell-I of Level-10 of the Pay matrix under ORSP (CT) Rules, 2019 with usual Dearness and other Allowances as admissible by the Government from time to time.
2. VACANCY POSITION: As per requisition filed by the Department of Higher Education, Government of Odisha, out of total 385 (129-w) vacancies, 87 (30-w) vacancies are reserved for ST category, 61 (20-w) vacancies are reserved for SC category, 42 (15-w) vacancies are reserved for SEBC category & 195 (64-w) vacancies are reserved for UR category. Also, 15 posts are reserved for Persons with Disabilities, 04 posts are reserved for Sports persons.
3. AGE: A candidate must not be above 45 (Forty five) years of age and under 21 (Twenty one) years of age on the last date of receiving/submission of application 01.10.2021, i.e. he/she must have been born not earlier than 02.10.1976 and not later than 01.10.2000
4. EDUCATIONAL QUALIFICATION: A candidate must:-
(A) possess a Master's Degree or dual Master's Degrees for the post of Assistant Professor (Teacher Education), if the guidelines of National Council for Teacher Education so demands, with at least 55% of marks or its equivalent grade in the concerned/relevant/allied subject from an Indian University or an equivalent Degree from a Foreign University.
Provided that for the candidates belonging to Scheduled Caste, Scheduled Tribe, SEBC & Persons with Disabilities categories, the requirement of securing at least 55% marks shall be reduced to 50% marks or its equivalent grade
(B) have cleared National Eligiblity Test (NET) meant for Assistant Professor (Stage-I) or must have acquired a Ph.D. Degree in the concerned / relevant / allied subject from an Indian University or a Foreign University OR NET in Education OR Ph.D. in Education.
(C) The details of the essential qualifications for recruitment to the posts of Assistant Professor (Teacher Education) - Stage-I are mentioned at Annexure-A of long advertisement.
5. EXAMINATION FEE: A candidate is required to pay a non-refundable and non-adjustable fee of Rs.400/- (Rupees five hundred) only. Candidates belonging to Scheduled Caste and Scheduled Tribe of Odisha and Persons with Disability (whose permanent disability is 40% and more) are exempted from payment of this fee.
The link for registration/ re-registration and payment of examination fee shall be available from 25.08.2021 to 24.09.2021 (Note: 01.10.2021 is the last date for submission of Registered Online Application).
The candidates are advised to visit the Website of the Commission at http://opsc.gov.in for detailed information for applying to the above post.
CUTTACK
DATE- 27.07.2021
Sd./- SECRETARY
ODISHA PUBLIC SERVICE COMMISSION
CUTTACK
OIPR-12002/11/0043/2122

"ଅନ୍ୟମାନଙ୍କଠାରୁ ଯାହା ଆସେ –ତାହାଦ୍ୱାରା ବିକ୍ଷୁବ୍ଧ ନ ହୋଇ– ଯେତେବେଳେ ଆମ୍ଭେମାନେ କେବଳ ଭଗବାନଙ୍କ କୋଳରେ ସ୍ଥିର ହୋଇ ରହୁ– ସେତେବେଳେ ଆଗେ ତାଙ୍କର ଅଦ୍ଭୂତ କ୍ଷମତାକୁ ଦେଖିପାରୁ। ଅନୁଭବ ମଧ୍ୟ କରିପାରୁ। ତାଙ୍କ ପ୍ରତି ଆମର ପ୍ରେମରେ ହିଁ ରହିଛି ଆମର ନିରାପତ୍ତା। –ଶ୍ରୀମା

# ଆନ୍ତଃରାଜ୍ୟ ଯୁଦ୍ଧ

ଭାରତର ଉତ୍ତରପୂର୍ବାଞ୍ଚଳକୁ ଦେଖିଲେ ଏକ ଅସ୍ୱାଭାବିକ ସ୍ଥିତି ସୃଷ୍ଟି ହୋଇଥିବା ଭଳି ମନେହେଉଛି। ବହୁ ଆଗରୁ ଶୁଣି ଆସିଥିଲୁ ଭାରତ ସହ ଚାଇନା କିମ୍ବା ପାକିସ୍ତାନ ଯୁଦ୍ଧ କରିଛନ୍ତି। ଏବେ ଯେତେବେଳେ ଖବରକାଗଜରୁ ପଢ଼ିବାକୁ ମିଳୁଛି ଯେ, ମିଜୋରାମ ଓ ଆସାମ ମଧ୍ୟରେ ଯୁଦ୍ଧ ଲାଗିଛି ସେତେବେଳେ ଆଶ୍ଚର୍ଯ୍ୟ ହେବା ସହିତ ଘନୀଭୂତ ହେଉଥିବା ବିପଜ୍ଜନକ ପରିସ୍ଥିତି ପାଇଁ ବ୍ୟସ୍ତ ମଧ୍ୟ ଲାଗୁଛି। ଏହି ସ୍ତମ୍ଭରେ ୨୨ ମାର୍ଚ୍ଚ ୨୦୨୧ରେ 'ମ୍ୟାନ୍‌ମାର ଶରଣାର୍ଥୀ' ଶୀର୍ଷକରେ ମିଜୋରାମ ସମ୍ପର୍କରେ ସମ୍ପାଦକୀୟ ଲେଖିଥିଲୁ। ସେତେବେଳେ ବର୍ମାର ମିଲିଟାରୀ ଜୋରଜବରଦସ୍ତ କ୍ଷମତା ଅକ୍ତିଆର କରିନେଇଥିଲା। ମିଲିଟାରୀକୁ ବିରୋଧ କରୁଥିବା ବର୍ମାର ଅନେକ ଆଦିବାସୀ ଅନ୍ତର୍ଜାତୀୟ ସୀମା ଟପି ମିଜୋରାମରେ ପ୍ରବେଶ କରିଯାଇଥିଲେ। ସେତେବେଳେ ମିଜୋରାମ ସରକାର ଶରଣାର୍ଥୀମାନଙ୍କୁ ସୁବିଧା ସୁଯୋଗ ଯୋଗାଇଦେବା ଫଳରେ କେନ୍ଦ୍ରର ଭାଜପା ସରକାର ବିରକ୍ତିଭାବ ପ୍ରକାଶ କରିଥିଲେ। ଏହା ପଛରେ କାରଣ ଥିଲା ବର୍ମାର ଏକଛତ୍ରବାଦୀ ମିଲିଟାରୀ ଶାସକଙ୍କୁ ଭାରତ ସରକାର ସମର୍ଥନ କରୁଛି। ଏବେ ସେହି ମିଜୋରାମ ସହ ଭାଜପା ଶାସିତ ଆସାମ ମଧ୍ୟରେ ଏକ ଅବାଞ୍ଛିତ ଯୁଦ୍ଧ ସ୍ଥିତି ସୃଷ୍ଟି ହୋଇଛି। ଆନ୍ତଃରାଜ୍ୟ କଳି ଅତ୍ୟନ୍ତ ମାରାତ୍ମକ ହୋଇପାରେ ବୋଲି ଏହି ଘଟଣା ପ୍ରମାଣ କରିଦେଉଛି।

୨୬ ଜୁଲାଇରେ ଆସାମ–ମିଜୋରାମ ସୀମା ସଂଘର୍ଷରେ ଆସାମର ୬ ଜଣ ପୋଲିସ ନିହତ ହୋଇଥିବାବେଳେ ୫୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଆସାମର ଚାଚର ଓ ମିଜୋରାମର କୋଲାସିବ ଜିଲା ସୀମାରେ ଏହି ହିଂସା ଘଟିଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ମେଘାଳୟର ରାଜଧାନୀ ଶିଲଂଠାରେ ଉତ୍ତରପୂର୍ବାଞ୍ଚଳ ମୁଖ୍ୟମନ୍ତ୍ରୀମାନଙ୍କ ସହ ଆଲୋଚନା କରିବାର ଦୁଇ ଦିନ ପରେ ଏହି ରକ୍ତାକ୍ତ ସଂଘର୍ଷର ସୂତ୍ରପାତ ଘଟିଛି। ଏହାକୁ ନେଇ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଓ ମିଜୋରାମ ପ୍ରତିପକ୍ଷ ଜୋରାମଥାଙ୍ଗା ବିବାଦର ସମାଧାନ ପାଇଁ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ୧୯୭୨ରେ ଆସାମରୁ ଅଲଗା ହୋଇ ମିଜୋରାମ କେନ୍ଦ୍ରଶାସିତ ଅଞ୍ଚଳ ହେବା ପରେ ୧୯୮୭ରେ ରାଜ୍ୟମାନ୍ୟତା ଲାଭ କରିଥିଲା। ଏହି ଦୁଇ ରାଜ୍ୟ ମଧ୍ୟରେ ୧୬୪.୬ କି.ମି. ଆନ୍ତଃରାଜ୍ୟ ସୀମା ରହିଛି। ଆସାମର ଏକ ଅଞ୍ଚଳକୁ ମିଜୋରାମ ଦଖଲ କରିଥିବା ଅଭିଯୋଗ ହେବା ପରେ ଚଳିତ ବର୍ଷ ଜୁନ୍‌ରେ ଆସାମ ଅନୁରୂପ ଭାବେ ମିଜୋରାମର ଏକ ଅଞ୍ଚଳକୁ ଦଖଲ କରିଥିଲା। ଏହା ପରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା ଓ ଏହାର ପରିଣାମ ଏବେ ସାମ୍ନାକୁ ଆସିଲା। ଏହି ଦୁଇ ରାଜ୍ୟ ମଧ୍ୟରେ ଏଭଳି ସୀମା ସଂଘର୍ଷ ନୂଆ ନୁହେଁ।

ଏହି ପ୍ରଚ୍ଛଦପଟରେ ଏବେ ଯଦି ଓଡ଼ିଶାକୁ ଦେଖିବା ଏଠାରେ ମଧ୍ୟ ଅନେକ ବିବାଦ ଉପୁଜିଲାଣି। ଓଡ଼ିଶାକୁ ଆନ୍ତଃରାଜ୍ୟ ବିବାଦ ଚାରିପଟୁ ଘେରିଗଲାଣି। ଦକ୍ଷିଣରେ ଆନ୍ଧ୍ରପ୍ରଦେଶ କିଛି ବର୍ଷଧରି ପୋଲାଭରମ ଏବଂ ନେରେଡି ଜଳ ପ୍ରକଳ୍ପ କରିବା ସହିତ ଏବେ ଓଡ଼ିଶାର କୋଟିଆ ଅଞ୍ଚଳକୁ ଦଖଲ କରିସାରିଲାଣି। ପଶ୍ଚିମରେ ଛତିଶଗଡ଼ ତରଫରୁ ମହାନଦୀ ଉପରେ ଅନେକ ବନ୍ଧ ବାନ୍ଧି ଜଳ ସମସ୍ୟା ସୃଷ୍ଟି କରି ଦିଆଗଲାଣି। ସେହିଭଳି ପଶ୍ଚିମବଙ୍ଗ ସହିତ ଅନେକ ବିବାଦୀୟ ଅଞ୍ଚଳକୁ ନେଇ ସମସ୍ୟା ସୃଷ୍ଟି ହେଉଛି। ଆଶ୍ଚର୍ଯ୍ୟର ବିଷୟ ଯେ, ଏକ ଦଶନ୍ଧି ପୂର୍ବରୁ ଏଭଳି ସମସ୍ୟା ନ ଥିଲା। ଏବେ ଏଗୁଡ଼ିକ ଉତ୍କଟ ରୂପ ଧାରଣ କରିବା ପଛରେ କାରଣର ଅନୁଧ୍ୟାନ କରାଯିବା ଜରୁରୀ ହୋଇପଡ଼ିଲାଣି। ଏଥିପାଇଁ କେନ୍ଦ୍ର ସରକାର ନୀରବ ବସିବା ପରିବର୍ତ୍ତେ ବିବାଦର ସମାଧାନ ଦିଗରେ ତୁରନ୍ତ ହସ୍ତକ୍ଷେପ କରିବା ଦରକାର।

# ବିପ୍ଳବଙ୍କ ଭୟ

ନିର୍ବାଚନ ରଣନୀତିକାର ପ୍ରଶାନ୍ତ କିଶୋରଙ୍କ ଇଣ୍ଡିଆନ୍–ପଲିଟିକାଲ ଆକ୍ସନ କମିଟି (ଆଇ–ପିଏସି)ର ଏକ ଟିମ୍ ନିକଟରେ ତ୍ରିପୁରା ଗସ୍ତରେ ଯାଇଥିଲା। ରାଜ୍ୟର କେତେକ ସ୍ଥାନ ବୁଲି ସେଠାକାର ଶାସନ ସଂକ୍ରାନ୍ତରେ ସାଧାରଣରେ ମତ ସଂଗ୍ରହ କରୁଥିବା ୨୨ ଜଣିଆ ଏହି ଟିମ୍ ଅଗରତାଲାର ଏକ ହୋଟେଲରେ ଥିବା ବେଳେ ସ୍ଥାନୀୟ ପୋଲିସ ୨୫ ତାରିଖରେ ସେମାନଙ୍କୁ ଘେରିଯାଇଥିଲା। ସେମାନେ କେଉଁ ଉଦ୍ଦେଶ୍ୟରେ ସେଠାକୁ ଆସିଛନ୍ତି ବୋଲି ପୋଲିସ ପ୍ରଶ୍ନ କରିଥିଲା। ଏଥିସହିତ କୋଭିଡ୍–୧୯ ପାଇଁ ସେମାନଙ୍କଠାରୁ ଆର୍‌ଟି–ପିସିଆର୍ ରିପୋର୍ଟ ମଧ୍ୟ ମାଗିଥିଲା। ଅବଶ୍ୟ ମହାମାରୀ ସମୟରେ ବାହାର ରାଜ୍ୟରୁ ଯାଇଥିବା ଲୋକଙ୍କୁ ଆର୍‌ଟି–ପିସିଆର୍ ଟେଷ୍ଟ ରିପୋର୍ଟ ମାଗିବା ଅତ୍ୟନ୍ତ ସ୍ୱାଭାବିକ। ସେଥିରେ ତ୍ରିପୁରା ପୋଲିସ କୌଣସି ତ୍ରୁଟି କରିନାହିଁ। ଉକ୍ତ ଟିମ୍‌ର ଜଣେ ସଦସ୍ୟ କହିଥିଲେ ଯେ, ସେମାନେ ଅଗରତାଲା ଆସିବା ପୂର୍ବରୁ ଆର୍‌ଟି–ପିସିଆର୍ ଟେଷ୍ଟ କରିଥିଲେ ଓ ନେଗେଟିଭ୍ ରିପୋର୍ଟ ଆଣିଛନ୍ତି। ହେଲେ ପୋଲିସ ସେସବୁ ଶୁଣି ନ ଥିଲା। ଯେଉଁଭଳି ଭାବେ ଟିମ୍‌ର ସଦସ୍ୟଙ୍କ ଗସ୍ତର ଉଦ୍ଦେଶ୍ୟ ପଚରାଯାଇଥିଲା, ସେଥିରୁ ମହାମାରୀ ଚିନ୍ତା କମ୍ ବରଂ ରାଜନୈତିକ ଉଦ୍ଦେଶ୍ୟ ରହିଥିବା ଜଣାପଡ଼ିଯାଉଛି। ଆଇ–ପିଏସିର ସଦସ୍ୟଙ୍କୁ ଅଟକ ରଖାଯାଇଥିବା ବିଷୟ ପ୍ରଘଟ ହେବା ପରେ ପଶ୍ଚିମ ତ୍ରିପୁରାର ଆରକ୍ଷୀ ଅଧୀକ୍ଷକ କହିଛନ୍ତି ଯେ, ତାହା ଥିଲା ପୋଲିସର ଏକ ରୁଟିନ୍ ଚେକ୍ ଅପ୍। ଉଲ୍ଲେଖଯୋଗ୍ୟ, ପେଗାସସ୍ ସ୍ପାଏୱେର ବିଷୟ ଚାରିଆଡ଼େ ଚହଳ ପକାଇବାର ଦିନକ ପରେ ଦିଲ୍ଲୀ ପୋଲିସ ଜାତୀୟ ନ୍ୟୁଜ୍ ପୋର୍ଟାଲ 'ଦି ୱେର' କାର୍ଯ୍ୟାଳୟକୁ ଯାଇ 'ବିନୋଦ ଦୁଆ' ଓ 'ସ୍ୱାରା ଭାସ୍କର'ଙ୍କ ସମ୍ପର୍କରେ ପଚରାଉଚୁରା କରିଥିଲା। ପରେ ଯେତେବେଳେ ପୋଲିସର ପରିଦର୍ଶନକୁ ନେଇ ପ୍ରଶ୍ନ କରାଗଲା ସେତେବେଳେ ଦିଲ୍ଲୀ ପୋଲିସ ସଫେଇ ଦେଇଥିଲା ଯେ, ତାହା ଏକ ରୁଟିନ୍ ଚେକ୍‌ଅପ୍ ଥିଲା।

ତ୍ରିପୁରା ପୋଲିସ ୨୬ ଜୁଲାଇ ସକାଳେ ଆଇ–ପିଏସି ଟିମ୍ ସଦସ୍ୟଙ୍କ ଆର୍‌ଟି–ପିସିଆର୍ ପରୀକ୍ଷା କରିଥିବାରୁ ଅତିବେଶିରେ ୭୨ ଘଣ୍ଟା ଯାଏ ସେମାନଙ୍କୁ ସେଠାରେ ରଖିପାରିବ। ମାତ୍ର ଯେଉଁଭଳି ଭାବେ ପୋଲିସ ସେମାନଙ୍କ ଉପରେ ନଜର ରଖିଥିବା ବିଷୟ ଗଣମାଧ୍ୟମରେ ଆଲୋଚନା ହେଉଛି, ସମାଲୋଚକଙ୍କ କହିବା ଅନୁଯାୟୀ ସ୍ଥାନୀୟ ଭାଜପା ସରକାର ଇଙ୍ଗିତରେ ଏଭଳି କାର୍ଯ୍ୟସବୁ ହେଉଛି। ୨୦୨୩ ପ୍ରାରମ୍ଭରେ ସେଠାରେ ବିଧାନସଭା ନିର୍ବାଚନ ହେବାର ଅଛି। ପଶ୍ଚିମବଙ୍ଗ ନିର୍ବାଚନରେ ତୃଣମୂଳ କଂଗ୍ରେସକୁ ବିଜୟୀ କରାଇବାରେ ପ୍ରଶାନ୍ତଙ୍କ ରଣକୌଶଳ କାମ ଦେଖାଇଥିଲା ବୋଲି ସମସ୍ତେ ଜାଣନ୍ତି। ଏଭଳି ସ୍ଥଳେ ତୃଣମୂଳ କଂଗ୍ରେସ ତ୍ରିପୁରାରେ ପ୍ରାର୍ଥୀ ଠିଆ କରାଇଲେ କେତେ ଆସନ ଅକ୍ତିଆର କରିପାରିବ ହୁଏତ ଉକ୍ତ ଟିମ୍‌ର ଲକ୍ଷ୍ୟ ଥାଇପାରେ। ମୁଖ୍ୟମନ୍ତ୍ରୀ ବିପ୍ଳବ କୁମାର ଦେବଙ୍କ ଶାସନ ଓ ତାଙ୍କ ବକ୍ତବ୍ୟ ଅନେକ ସମୟରେ ବିବାଦୀୟ ହୋଇପଡ଼ିଛି। ପ୍ରଶାନ୍ତଙ୍କ ସହଯୋଗୀମାନେ ତ୍ରିପୁରା ବୁଲି ମତାମତ ସଂଗ୍ରହ କରିବା ଭାଜପା ସରକାରଙ୍କ ପ୍ରତି ବିପଦ ସୃଷ୍ଟି କରିପାରେ ବୋଲି ମୁଖ୍ୟମନ୍ତ୍ରୀ ବିପ୍ଳବ ସନ୍ଦେହ କରିଥାଇପାରନ୍ତି।

ଏକ ଗଣତାନ୍ତ୍ରିକ ଦେଶରେ ଲୋକଙ୍କ ଆନ୍ତଃରାଜ୍ୟ ଯାତାୟାତ ଉପରେ ପ୍ରତିବନ୍ଧକ ଲଗାଗଲେ ବ୍ୟକ୍ତିଙ୍କ ସ୍ୱାଧୀନତା ଓ ଅଧିକାର କ୍ଷୁଣ୍ଣ କରାଯାଉଛି ବୋଲି ବିଚାର କରାଯାଇଥାଏ। ଦେଶରେ ଏହି କିଛି ବର୍ଷ ହେବ ଯେଉଁଭଳି ଭାବେ ପୋଲିସ ଓ ତଦନ୍ତକାରୀ ସଂସ୍ଥାଗୁଡ଼ିକୁ ସରକାରୀ ବ୍ୟବସ୍ଥାରେ ତ୍ରୁଟି ଦର୍ଶାଉଥିବା ବ୍ୟକ୍ତି ଓ ସଙ୍ଗଠନ ପଛରେ ଲଗାଇ ଦିଆଯାଇଛି, ସେଥିରୁ ସେହିଭଳି ସରକାରଗୁଡ଼ିକର ଉଦ୍ଦେଶ୍ୟ ବୁଝିବା କଷ୍ଟକର ନୁହେଁ।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 1 | 3 | 7 | | | | | |
| | | 2 | | | | 3 | | |
| 8 | | | 6 | | | | | |
| 1 | 5 | | | | | | | |
| | | 4 | | | 2 | | | |
| | | | 8 | | 3 | | | 9 |
| 5 | | | | | 9 | | 1 | |
| | | | 2 | | | | 9 | 7 |
| 7 | | 8 | | | | | | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 3 | 2 | 5 | 1 | 9 | 8 | 4 | 7 |
| 4 | 9 | 5 | 3 | 7 | 8 | 1 | 2 | 6 |
| 8 | 1 | 7 | 4 | 2 | 6 | 5 | 3 | 9 |
| 2 | 6 | 1 | 7 | 5 | 3 | 9 | 8 | 4 |
| 5 | 8 | 4 | 9 | 6 | 1 | 3 | 7 | 2 |
| 3 | 7 | 9 | 2 | 8 | 4 | 6 | 5 | 1 |
| 9 | 5 | 8 | 6 | 4 | 2 | 7 | 1 | 3 |
| 1 | 4 | 6 | 8 | 3 | 7 | 2 | 9 | 5 |
| 7 | 2 | 3 | 1 | 9 | 5 | 4 | 6 | 8 |

ଗତକାଲିର ଉତ୍ତର

# ଅଘୋଷିତ ଜରୁରୀ ପରିସ୍ଥିତି



ଡ. ସନ୍ତୋଷ କୁମାର ମହାପାତ୍ର

ଏଥିରେ କୌଣସି ସନ୍ଦେହ ନାହିଁଯେ ଇନ୍ଦିରା ଗାନ୍ଧୀଙ୍କ କାଳରେ ଜରୁରିକାଳୀନ ସ୍ଥିତି (୨୫ ଜୁନ୍ ୧୯୭୫ରୁ ୨୧ ମାର୍ଚ୍ଚ ୧୯୭୭) ଭାରତୀୟ ଗଣତନ୍ତ୍ରର ଘୋର ଅନ୍ଧକାର ସମୟ ଥିଲା। ଇନ୍ଦିରା ଗାନ୍ଧୀ ଏଥିପାଇଁ ନିର୍ବାଚନରେ ପରାଜିତ ହୋଇଥିଲେ ଏବଂ ନିଜେ ଭୁଲ୍ ସ୍ୱୀକାର କରି ପୁନର୍ବାର ନିର୍ବାଚିତ ହୋଇଥିଲେ। କିନ୍ତୁ ବର୍ତ୍ତମାନ କିଛି ବର୍ଷ ହେବ ଜରୁରିକାଳୀନ ସମୟର ଭୟାବହତା ସମ୍ପର୍କରେ କେନ୍ଦ୍ରର ଶାସକ ଶ୍ରେଣୀ ତରଫରୁ ଘନ ଘନ ଆଲୋଚନା ହେଉଛି। ସତ୍ୟ ହେଉଛି, ବର୍ତ୍ତମାନ ଗଣତନ୍ତ୍ର ବିପଦରେ ଥିବା ପରି ମନେହେଉଛି। କିଛି ବର୍ଷ ହେବ ଭାରତୀୟମାନେ ଏକ ଅଘୋଷିତ ଜରୁରିକାଳୀନ ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି। ଇନ୍ଦିରାଙ୍କ ଜରୁରୀ ପରିସ୍ଥିତିକୁ ନେଇ ବେଶି ଆଲୋଚନା କଲେ ଲୋକେ ବର୍ତ୍ତମାନ ଅଘୋଷିତ ଜରୁରିକାଳୀନ ପରିସ୍ଥିତିକୁ ଧ୍ୟାନ ଦେବେ ନାହିଁ। ଇନ୍ଦିରାଙ୍କ ଜରୁରୀ ପରିସ୍ଥିତି ୨୧ ମାସ ପାଇଁ ଥିଲା। କିନ୍ତୁ ବର୍ତ୍ତମାନର ଅଘୋଷିତ ଜରୁରିକାଳୀନ ପରିସ୍ଥିତି ଅବଧି ଅନିର୍ଦ୍ଦିଷ୍ଟ ସମୟ ପାଇଁ ରହିଛି। ଅନେକ ଗଣମାଧ୍ୟମ ସଙ୍ଗଠନ– ପ୍ରେସ୍ କ୍ଲବ୍ ଅଫ୍ ଇଣ୍ଡିଆ, ଏଡିଟର୍ସ ଗିଲ୍ଡ ଅଫ୍ ଇଣ୍ଡିଆ, ଇଣ୍ଡିଆନ୍ ସାମ୍ବାଦିକ ସଂଘ ମଧ୍ୟ ଅଘୋଷିତ ଜରୁରୀ ପରିସ୍ଥିତି ଅଛି ବୋଲି ଭାବୁଛନ୍ତି। ଭାଜପାରେ ଯୋଗଦେବା ପୂର୍ବରୁ ଜ୍ୟୋତିରାଦିତ୍ୟ ସିନ୍ଧିଆ ମଧ୍ୟ ଏହା କହିଥିଲେ।

ଇନ୍ଦିରା ଗାନ୍ଧୀଙ୍କ ଜରୁରିକାଳୀନ ପରିସ୍ଥିତିବେଳେ ଗଣମାଧ୍ୟମ, ବୁଦ୍ଧିଜୀବୀ, ବିରୋଧୀ ଦଳ ଏହି ବିପଦ ବିଷୟରେ ଜାଣିପାରିଥିଲେ ଏବଂ ମିଳିତ ଭାବେ ପ୍ରତିବାଦ କରିଥିଲେ। କିନ୍ତୁ ବର୍ତ୍ତମାନର ବିପଦ ଲୋକମାନେ ଜାଣିପାରୁ ନାହାନ୍ତି। ଲୋକଙ୍କ ପାଖରେ ଠିକ୍ ତଥ୍ୟ ପହଞ୍ଚୁନି। ଭୁଲ୍ ତଥ୍ୟର ପ୍ରଚାର ବେଶି ହେଉଛି। ମିଥ୍ୟା, ଅର୍ଦ୍ଧ ସତ୍ୟ, ବିଶେଷକରି ସାମାଜିକ ଗଣମାଧ୍ୟମରେ ପ୍ରସାର କରାଯାଇ ଲୋକଙ୍କୁ ବିଭ୍ରାନ୍ତ କରିବା ଏକ ଲାଭଦାୟକ ବୃତ୍ତି ପାଲଟିଛି। ମନ୍ତ୍ରୀ, ନେତାମାନେ ମଧ୍ୟ ଭୁଲ୍ ତଥ୍ୟ ବାରମ୍ବାର ଦେଉଛନ୍ତି। ସାଧାରଣତଃ ଏକ ସରକାର ନିର୍ବାଚିତ ହୋଇଥାଏ ଲୋକଙ୍କ ଭଲ ଓ ଦେଶର ଉନ୍ନତି ପାଇଁ କାର୍ଯ୍ୟ କରିବାକୁ। ଯେଉଁଠି ତ୍ରୁଟି ରହିଲା, ତାହା ଦର୍ଶାଇବା ଗଣମାଧ୍ୟମ ଓ ବୁଦ୍ଧିଜୀବୀଙ୍କ କର୍ତ୍ତବ୍ୟ। କାରଣ ଗଣମାଧ୍ୟମ ଜାଗ୍ରତ ପ୍ରହରୀ। ଗଣତନ୍ତ୍ର ଶକ୍ତିଶାଳୀ ହୁଏ, ଯେତେବେଳେ ନାଗରିକ ସ୍ୱାଧୀନ ଭାବେ ମତ ଦେଇପାରିବେ, ଶାସକ ଶ୍ରେଣୀର ତ୍ରୁଟିପୂର୍ଣ୍ଣ ନୀତିର ସମାଲୋଚନା କରିପାରିବେ, ବିଫଳତା ଦର୍ଶାଇପାରିବେ ଏବଂ ଗଣମାଧ୍ୟମ ନିରପେକ୍ଷ ଭାବେ କାର୍ଯ୍ୟ କରୁଥିବ। କିନ୍ତୁ ଚାପରେ ଗଣମାଧ୍ୟମ ସରକାରଙ୍କ ପ୍ରଚାରର ଅଂଶ ହୋଇଛି।

ବର୍ତ୍ତମାନ ସରକାରଙ୍କ ସପକ୍ଷରେ କହିବା ଓ ଲେଖିବା ପାଇଁ ଗଣମାଧ୍ୟମ ମଧ୍ୟରେ ପ୍ରତିଯୋଗିତା ଚାଲିଛି। ଶାସକ ଶ୍ରେଣୀର ବିଫଳତା ଘୋଡ଼ାଇବା ପାଇଁ କାର୍ଯ୍ୟ କରୁଛି। ସ୍ୱାଧୀନ ଭାବେ ମତ ଦେବା , ସମାଲୋଚନା କରିବା, କ୍ଷମତାଶାଳୀଙ୍କ ତ୍ରୁଟି ଦର୍ଶାଇବାକୁ ନିରୁତ୍ସାହିତ କରାଯାଉଛି। ଏପରି ଏକ ପରିବେଶ ସୃଷ୍ଟି କରାଯାଇଛି, ଯେପରି ଶାସକ ଶ୍ରେଣୀର ଗୁଣଗାନ କରିବା ଗଣମାଧ୍ୟମ, ବୁଦ୍ଧିଜୀବୀଙ୍କ ମୁଖ୍ୟ ଦାୟିତ୍ୱ। ଅନେକ ବୁଦ୍ଧିଜୀବୀ ନିଜ ବ୍ୟକ୍ତିଗତ ସ୍ୱାର୍ଥପାଇଁ ଶାସକଶ୍ରେଣୀଙ୍କ ସପକ୍ଷରେ ଲେଖି ତାହା ବଦଳରେ ବିଭିନ୍ନ ଉପାୟରେ ପୁରସ୍କୃତ ହେଉଛନ୍ତି। ଯିଏ ଶାସକ ଶ୍ରେଣୀର ତ୍ରୁଟି ଦେଖାଇଲା, ତା' ବିରୋଧରେ ଘୃଣା ସୃଷ୍ଟି କରାଯାଉଛି, ଏପରିକି ଦେଶଦ୍ରୋହ ଅଭିଯୋଗ ଅଣାଯାଉଛି। ଯୁଦ୍ଧ, ମନ୍ଦିର ଆଦି ଭାବାବେଗ ପ୍ରସଙ୍ଗ ବେଶି ଆଲୋଚନା କରାଯାଉଛି। ଫଳରେ ଗରିବଙ୍କ ସମସ୍ୟା, ଦେଶ ଓ ଅର୍ଥନୀତି ସମସ୍ୟା ସମ୍ପର୍କରେ ବିଶେଷ ଆଲୋଚନା ହେଉନାହିଁ।

ନେତା ନିଜ ଶାସନ ସପକ୍ଷରେ ଲେଖୁଛନ୍ତି। ଆଗରୁ ଏପରି ନ ଥିଲା। ଯିଏ ଶାସନ କରୁଛି ସେ କ'ଣ ନିଜର ମୂଲ୍ୟାୟନ କରିବ । ଅନ୍ୟମାନେ କରିବେ। କେବେ କ'ଣ ଏକ ପରୀକ୍ଷାର୍ଥୀ ନିଜ ଖାତା ମୂଲ୍ୟାୟନ କରେ। ଶାସକ ଶ୍ରେଣୀର ନେତା, ମନ୍ତ୍ରୀ କେବେ କ'ଣ ନିଜ ବିଫଳତା କଥା କହିବେ? ପୁନଶ୍ଚ କଳାଧନ ଥିବା ଅନେକ ସେଲିବ୍ରିଟି, ଧନଶାଳୀ ତଦନ୍ତରୁ ରକ୍ଷା ପାଇବା ପାଇଁ ସରକାରଙ୍କ ସପକ୍ଷରେ କୀର୍ତ୍ତନ କରୁଛନ୍ତି। ଯେଉଁମାନେ ବଡ଼ ପଦବୀରେ ଅଛନ୍ତି ବା ବଡ଼ ପଦବୀ ପାଇଁ ଆଶାୟୀ, ସେମାନେ ମଧ୍ୟ ଅବହେଳିତଙ୍କ ସମସ୍ୟା ବିଷୟରେ ନ କହି, ଶାସକ ଶ୍ରେଣୀ ସପକ୍ଷରେ ବାରମ୍ବାର କହୁଛନ୍ତି। ରାଷ୍ଟ୍ରର ସମ୍ପଦ ଲୁଣ୍ଠନ ପାଇଁ ନେତା, ଶିଳ୍ପପତି, ପ୍ରଶାସକଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଗଢ଼ିଉଠିଛି। ଭାରତର ଗଣତନ୍ତ୍ର ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର। ଏହି ପରିସ୍ଥିତିରେ ଆମ ଗଣତନ୍ତ୍ର ରୂପ ୪ଟି ସ୍ତମ୍ଭ କେଉଁ ମୋଡ଼କୁ ଯାଉଛି, ଅନ୍ତର୍ଜାତୀୟ ସମ୍ପ୍ରଦାୟ କିପରି ଅନୁଭବ କରୁଛନ୍ତି ତାହା ଆଲୋଚନାର ଆବଶ୍ୟକତା ରହିଛି। ଚାରୋଟି ପ୍ରସିଦ୍ଧ ରିପୋର୍ଟ, ଫ୍ରିଡମ୍ ହାଉସ ରିପୋର୍ଟ, ଗ୍ଲୋବାଲ ଡେମୋକ୍ରାସି ଇଣ୍ଡେକ୍ସ ଏବଂ ୱାର୍ଲ୍ଡ ପ୍ରେସ ଇଣ୍ଡେକ୍ସ, ଭି–ଡେମ ରିପୋର୍ଟର ବିଶ୍ଳେଷଣର ଅବଶ୍ୟକତା ରହିଛି। ବାସ୍ତବରେ ଭାରତୀୟ ଗଣତନ୍ତ୍ରକୁ ତ୍ରୁଟିପୂର୍ଣ୍ଣ ଗଣତନ୍ତ୍ର ବୋଲି କୁହାଯାଉଛି। ବିଶ୍ୱ ଗଣତନ୍ତ୍ର ସୂଚକାଙ୍କରେ ଏହାର ସ୍ଥିତି ହ୍ରାସ ପାଉଛି। ୨୦୨୧ ଫେବୃୟାରୀରେ ଦି ଇକୋନୋମିଷ୍ଟ ଇଣ୍ଟେଲିଜେନ୍ସ ୟୁନିଟ୍ ଦ୍ୱାରା ପ୍ରକାଶିତ ବିଶ୍ୱ ଗଣତନ୍ତ୍ର ସୂଚକାଙ୍କରେ ଭାରତ ଦୁଇଟି ସ୍ଥାନ ଖସି ୧୬୭ ଦେଶ ମଧ୍ୟରେ ୫୩ରେ ରହିଛି। ୨୦୧୯ରେ ୧୦ଟି ସ୍ଥାନ ହ୍ରାସ ପାଇ ୫୧ତମ ସ୍ଥାନକୁ ଖସି ଆସିଥିଲା। ୨୦୧୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କ୍ଷମତାକୁ ଆସିବା ପରେ ଏହି ହ୍ରାସ ଘଟିଛି। ଏହି ସୂଚକାଙ୍କ ନିର୍ବାଚନ ପ୍ରକ୍ରିୟା ଏବଂ ବହୁବିଧତା, ସରକାରଙ୍କ କାର୍ଯ୍ୟକାରିତା, ରାଜନୈତିକ ଅଂଶ ଗ୍ରହଣ, ରାଜନୈତିକ ସଂସ୍କୃତି ଏବଂ ନାଗରିକ ସ୍ୱାଧୀନତା ମାପ ଉପରେ ଆଧାରିତ। ଏହି ଗଣତାନ୍ତ୍ରିକ ରିଗ୍ରେସନର ମୂଳ କାରଣ ଦେଶରେ ନାଗରିକ ସ୍ୱାଧୀନତାର କ୍ଷୟ ବୋଲି ଦର୍ଶାଯାଇଛି।

୨୦୨୦ ଏପ୍ରିଲ ୨୧ରେ ପ୍ରକାଶିତ ଦି ରିପୋର୍ଟର୍ସ ଉଦାଉଟ ବର୍ଡର୍ସର ବାର୍ଷିକ ବିଶ୍ୱ ପ୍ରେସ ସ୍ୱାଧୀନତା ସୂଚକାଙ୍କରେ ୨୦୨୧ ଅନୁସାରେ ୧୮୦ଟି ଦେଶ ମଧ୍ୟରୁ ୧୪୨ ସ୍ଥାନରେ ରହିଛି। ଗତବର୍ଷ ମଧ୍ୟ ଏହି ସ୍ଥାନରେ ଥିଲା। ୨୦୧୬ରେ ଭାରତ ଏହି ସୂଚକାଙ୍କରେ ୧୮୦ଟି ଦେଶ ମଧ୍ୟରୁ ୧୩୩ ସ୍ଥାନରେ ଥିଲା। ଅର୍ଥାତ୍ ୨୦୧୬ରୁ ୨୦୨୧ ମଧ୍ୟରେ ୯ ସ୍ଥାନ ନିମ୍ନଗାମୀ ହୋଇଛି। ଏହି ରିପୋର୍ଟରେ କୁହାଯାଇଛି ଯେ, ସାମ୍ବାଦିକମାନଙ୍କ ଉପରେ ବାରମ୍ବାର ଆକ୍ରମଣ କରିବାକୁ ଚେଷ୍ଟା କରାଯାଇଛି। ସାମ୍ବାଦିକମାନେ ସେମାନଙ୍କ କାର୍ଯ୍ୟକୁ ଉପଯୁକ୍ତ ଭାବରେ କରିବା ପାଇଁ ପରିବେଶକୁ ବିଚାରକୁ ନେଲେ ବିଶ୍ୱରେ ଭାରତ ଅନ୍ୟତମ ବିପଦପୂର୍ଣ୍ଣ ଦେଶ। ସାମ୍ବାଦିକଙ୍କ ବିରୋଧରେ ପୋଲିସର ହିଂସା, ରାଜନୈତିକ କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ଆକ୍ରମଣ, ଆପରାଧିକ ଗୋଷ୍ଠୀ କିମ୍ବା ଦୁର୍ନୀତିଗ୍ରସ୍ତ ସ୍ଥାନୀୟ ଅଧିକାରୀଙ୍କ ଦ୍ୱାରା ପ୍ରତିଶୋଧ ନିଆଯିବା ଭଳି ସମସ୍ତ ପ୍ରକାରର ଆକ୍ରମଣ ଦେଖିବାକୁ ମିଳିଛି।

୨୦୨୧ ମାର୍ଚ୍ଚ ୩ରେ ବିଶ୍ୱ ରାଜନୈତିକ ଅଧିକାର ଓ ସ୍ୱାଧୀନତା ଉପରେ ତା'ର ବାର୍ଷିକ ରିପୋର୍ଟରେ, ଆମେରିକାର ଅଣ–ଲାଭ ଫ୍ରିଡମ୍ ହାଉସ୍ ଭାରତକୁ ଏକ ମୁକ୍ତ ଗଣତନ୍ତ୍ରରୁ ଆଂଶିକ ମୁକ୍ତ ଗଣତନ୍ତ୍ରକୁ ହ୍ରାସ କରିଛି। ରିପୋର୍ଟ ଅନୁଯାୟୀ ହିନ୍ଦୁ ଜାତୀୟତାବାଦୀ ସରକାର ଏବଂ ଏହାର ସହଯୋଗୀମାନେ ସଂଖ୍ୟାଲଘୁଙ୍କୁ ପ୍ରଭାବିତ କରୁଥିବା ହିଂସା ତଥା ଭେଦଭାବ ନୀତି ଚଳାଇଥିଲେ। ଗଣମାଧ୍ୟମ, ଶିକ୍ଷକସମାଜ, ନାଗରିକମାନେ ସରକାରଙ୍କ ବିରୋଧରେ ଅସନ୍ତୋଷ ପ୍ରକାଶ ବା ଭିନ୍ନ ମତ ଦେଲେ ସେମାନଙ୍କ ଉପରେ ଅଙ୍କୁଶ ଲଗାଯାଇଛି। ୨୦୨୧ ମାର୍ଚ୍ଚ ୧୧ରେ ଏହାର ରିପୋର୍ଟରେ ଅଟୋକ୍ରାଟାଇଜେସନ ଟର୍ନ ଭାଇରାଲ, ଭି–ଡେମ ଭାରତକୁ ଗଣତନ୍ତ୍ରରୁ ଏକ ନିର୍ବାଚନୀ ଏକଛତ୍ରବାଦୀକୁ ହ୍ରାସ କରିଛି।

କ୍ଷମତାକୁ ନିରଙ୍କୁଶ କରିବା ପାଇଁ ବିରୋଧୀଙ୍କୁ ଧ୍ୱଂସ କରିବାକୁ ଚେଷ୍ଟା କରାଯାଉଛି। ଶାସନର ବିଫଳତାକୁ ଲୁଚାଇବା ପାଇଁ ଶାସକ ଶ୍ରେଣୀ ଓ କିଛି ବୁଦ୍ଧିଜୀବୀ ପୂର୍ବ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ୭ ବର୍ଷର ଶାସନ ପରେ ମଧ୍ୟ ଭାଜପା କଂଗ୍ରେସକୁ ନିଜର ସମସ୍ତ ଅସୁବିଧା, ବିଫଳତା ପାଇଁ ଦାୟୀ କରିଛି। ଶାସକ ଶ୍ରେଣୀ, ଧନିକ ଶ୍ରେଣୀ, କର୍ପୋରେଟ୍‌ଙ୍କୁ ସୁହାଇଲା ପରି ( କର୍ପୋରେଟ ଟିକସ ହ୍ରାସ) ବା ଜନବିରୋଧୀ ନୀତିକୁ (ତୈଳ ଟିକସ ବୃଦ୍ଧି) ସାହସିକ ପଦକ୍ଷେପ ଭାବେ ପ୍ରଚାର କରି ଲୋକଙ୍କୁ ଭୁଆଇ ଦେଉଛନ୍ତି। ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଶାସକଙ୍କ ଭାବମୂର୍ତ୍ତି ନିର୍ମାଣ ତଥା ସୁରକ୍ଷା ପାଇଁ ବିପୁଳ ଭାବେ ଖର୍ଚ୍ଚ ହେଉଛି।

ଭବିଷ୍ୟତର ସୁନେଲି ରୋଚକ ଚିତ୍ର ସୃଷ୍ଟି କରାଯାଉଛି। ଲୋକମାନଙ୍କ ମଧ୍ୟରେ ପ୍ରଚାର ଦ୍ୱାରା ବିଶ୍ୱାସ ସୃଷ୍ଟି କରାଯାଉଛି ଯେ, ବର୍ତ୍ତମାନ ସେ ଯେଉଁ ପ୍ରକାର ଜୀବନ ବିତାଉଛନ୍ତି ତାହା ଟିକସଦାତାଙ୍କ ଅର୍ଥ ସରକାର ଖର୍ଚ୍ଚ କରି ତାହା ତାଙ୍କର ଦେଶବାସୀଙ୍କ ପାଇଁ ଅବଦାନ ବୋଲି ପ୍ରଚାର କରାଯାଉଛି ଏବଂ ସରକାର ବାହାବା ନେବାପାଇଁ ଚେଷ୍ଟା କରୁଛନ୍ତି। ଇସ୍ରାଏଲର ଏନ୍‌ଏସ୍‌ଓ ଦ୍ୱାରା ପ୍ରସ୍ତୁତ ପେଗାସସ୍ ସ୍ପାଏୱେର ମାଧ୍ୟମରେ ଫୋନ ଟ୍ୟାପିଂ ଓ ଟ୍ରାକିଂ ପ୍ରସଙ୍ଗରୁ ହୃଦ୍‌ବୋଧ ହେଉଛି ବ୍ୟକ୍ତିର ଗୋପନୀୟତା ଆଉ ସୁରକ୍ଷିତ ନୁହେଁ ଏବଂ ଦେଶରେ ଏକ ଅଘୋଷିତ ଜରୁରୀ ପରିସ୍ଥିତି ରହିଛି।

ମୋ: ୯୪୩୭୨୦୮୭୬୨
Email: skmohapatra67@gmail.com

# ବିଶ୍ୱାସର ସଙ୍କଟ



ଡ. ଚିନ୍ତାମଣି ପଣ୍ଡା

ଲୋକ ଚରିତ୍ରରେ ପରସ୍ପର ପ୍ରତି ଆସ୍ଥା ଓ ବିଶ୍ୱାସ ନ ରହିଲେ ସମାଜର ସ୍ଥିତି କଳ୍ପନା କରିହୁଏନା। ମାନବ ଏକ ସାମାଜିକ ପ୍ରାଣୀ ହେଲେ ମଧ୍ୟ ନିଜକୁ କିମ୍ବା ନିଜର ପରିବାରକୁ ଶୃଙ୍ଖଳାବଦ୍ଧ କରି ଅନୁଶାସନରେ ଆୟତ୍ତ କରି ରଖିପାରୁ ନାହିଁ। ଫଳତଃ, ସବୁଆଡ଼େ ଅରାଜକତା ବ୍ୟାପିଚାଲିଛି। କେହି କେହି ଏହାକୁ 'ଘୋର କଳିକାଳର' ଆଖ୍ୟା ଦେଇ ଶାସ୍ତ୍ର ପୁରାଣର ଦୃଷ୍ଟାନ୍ତ ଦେଉଛନ୍ତି। ଏହି ପରିପ୍ରେକ୍ଷୀରେ ବୈଶାଳୀ ନଗରର ରାଜା ନନ୍ଦଙ୍କ ସୁପୁତ୍ର ଜୟପାଳଙ୍କ ବୃତ୍ତାନ୍ତଟିକୁ ଉଦାହରଣ ସ୍ୱରୂପ ନିଆଯାଇପାରେ। ସେଦିନ ରାଜକୁମାର ଏକ କୃଷ୍ଣସାରକୁ ଶିକାର କରିବା ପାଇଁ ଜଙ୍ଗଲରେ ପଥ ହୁଡ଼ି ନିଜ ଦଳରୁ ଅଲଗା ହୋଇଗଲେ। ଇତସ୍ତତଃ ଭ୍ରମଣ କରୁ କରୁ ସନ୍ଧ୍ୟା ହୋଇଗଲା। ଏକ ଶାର୍ଦ୍ଦୂଳର ଗର୍ଜନରେ ଡରିଯାଇ କୁମାର ଆତ୍ମରକ୍ଷା ପାଇଁ ବୃକ୍ଷାରୋହଣ କରନ୍ତେ, ବୃକ୍ଷ ଉପରେ ଏକ ଭଲ୍ଲୁକ ହାବୁଡ଼େ ପଡ଼ିଗଲେ। ତଳେ ମହାବଳ, ଉପରେ ଭଲ୍ଲୁକ। ରାଜକୁମାର ଭୟରେ ଶିହରି ଉଠିବା ବେଳକୁ ଭଲ୍ଲୁକଟି ତାଙ୍କୁ ଅଭୟବାଣୀ ଶୁଣାଇ ଏକ ଚୁକ୍ତିରେ ଉପନୀତ ହେବାକୁ ସର୍ତ୍ତ ବାଢ଼ିଲା। ତାହା ଥିଲା ''ରାତ୍ରିର ପ୍ରଥମ ଦୁଇପ୍ରହର କ୍ଲାନ୍ତ ରାଜା ଭଲ୍ଲୁକର ଅଙ୍କରେ ଆଶ୍ରିତ ହୋଇ ନିଦ୍ରା ଯିବେ, ଆଉ ଶେଷ ଦୁଇପ୍ରହର ଜାଗ୍ରତ ରହି ଭଲ୍ଲୁକକୁ ସୁରକ୍ଷା ଦେବେ। ରାତ୍ରି ଉପରାନ୍ତେ ଉଭୟେ ନିଜ ନିଜ ରାସ୍ତାରେ ଚାଲିଯିବେ ପରସ୍ପର କ୍ଷତି ନ କରି।'' ଚୁକ୍ତି ଅନୁଯାୟୀ ପ୍ରଥମ ପ୍ରହରରେ ରାଜକୁମାର କ୍ଲାନ୍ତିଜନିତ ନିଦ୍ରାରେ ଅଚେତନ ହୁଅନ୍ତେ ଅପେକ୍ଷାରତ କ୍ଷୁଧାର୍ତ୍ତ ଶାର୍ଦ୍ଦୂଳଟି ମଣିଷ ଜାତିକୁ ବିଶ୍ୱାସ ନ କରିବାକୁ ନାନା ଉଦାହରଣ ସହ ଜାଗ୍ରତ ଭଲ୍ଲୁକକୁ ଉପଦେଶ ଦେଲା ଏବଂ ରାଜକୁମାରଙ୍କୁ ତାକୁ ସମର୍ପି ଦେବାକୁ ପ୍ରସ୍ତାବ ଦେଲା। ଭଲ୍ଲୁକଟି କିନ୍ତୁ ନିଜର ସତ୍ୟଭଗ୍ନ କରି ରାଜକୁମାରଙ୍କୁ ବଳିଦାନ ଦେବାକୁ ଅସ୍ୱୀକାର କଲା। ରାତ୍ରିର ଶେଷ ପ୍ରହରରେ ଠିକ୍ ସେହିଭଳି ନାନା ଆଖ୍ୟାନ ଶୁଣାଇ ବ୍ୟାଘ୍ରଟି ଜାଗ୍ରତ ରାଜକୁମାରଙ୍କୁ ହିଂସ୍ରପଶୁକୁ ବିଶ୍ୱାସ ନ କରିବାକୁ ପ୍ରବର୍ତ୍ତାଇଲା।

ଖାଦ୍ୟକୁ ଖାଦକ ମୁହଁରୁ ଛଡ଼ାଇ ନେବାର ପାପରେ ଭାଗୀ ହେବା ପାଇଁ ରାଜକୁମାରଙ୍କୁ କୁହନ୍ତେ ତା କଥାରେ ପ୍ରଲୋଭିତ ହୋଇ ରାଜକୁମାର ଅଙ୍କାଶ୍ରିତ ସୁପ୍ତ ଭଲ୍ଲୁକଟିକୁ ଶକ୍ତ ଧକ୍କାଟିଏ ଦେଇ ତଳକୁ ନିପତିତ କରିବାର ପ୍ରୟାସ କଲେ। କିନ୍ତୁ ସତର୍କ ଭଲ୍ଲୁକଟି ନିଜର ତୀକ୍ଷ୍ଣ ନଖ ଦ୍ୱାରା ଗଛଡାଳକୁ ପ୍ରଗାଢ଼ ଭାବେ ଧରି ରଖିବାରୁ ପ୍ରାଣ ବଞ୍ଚେଇବାରେ ସକ୍ଷମ ହେଲା। ରାତ୍ରି ଶେଷରେ ରାଜକୁମାରଙ୍କ ଜିହ୍ୱାରେ ଏହି ମିତ୍ରଦ୍ରୋହ ତଥା ବିଶ୍ୱାସଘାତକତା ପାଇଁ ସେ 'ସସେମିରା' ବୋଲି ଲେଖି ଦେଇ ଚାଲିଗଲା, ଯାହାର ପ୍ରଭାବରେ ରାଜକୁମାର ପାଗଳ ପ୍ରାୟ ବୁଲିଲେ। 'ସସେମିରା'କୁ ପରବର୍ତ୍ତୀ ଅବସ୍ଥାରେ ନନ୍ଦ ରାଜାଙ୍କର ବିଚକ୍ଷଣ ମନ୍ତ୍ରୀ ଅର୍ଥ କରନ୍ତେ ରାଜକୁମାର ମାନସିକ ସୁସ୍ଥତା ଫେରି ପାଇଲେ। ଘଟଣାଟିରେ ସତ୍ୟତା ଯାହା ଥାଉନା କାହିଁକି, ତଦାନିନ୍ତନ ସମାଜ ପାଇଁ ଏହି ଆଖ୍ୟାନଟି ପଥପ୍ରଦର୍ଶକ ଭାବେ ''ବିଶ୍ୱାସଘାତକତା ଏକ ଘୃଣ୍ୟ ପାପ''ର ବାର୍ତ୍ତା ବହନ କରେ।

ଅଧୁନାତନ ସମାଜରେ ସଭ୍ୟଶିକ୍ଷିତ ମାନବ ଆଗରେ ଏସବୁ ଉଦାହରଣ କିଛି ଅର୍ଥ ରଖେନା। ଦ୍ୱିତୀଶ୍ୱର ଚିକିତ୍ସକଙ୍କ ପ୍ରତି ଅଗାଧ ବିଶ୍ୱାସ ହେତୁରୁ ରୋଗୀଟିର ଆତ୍ମୀୟସ୍ୱଜନ ତା'ର ଚିକିତ୍ସା ଭାର ସହ ତା'ର ଜୀବନଟିକୁ ସମର୍ପଣ କରିଦେଇଥା'ନ୍ତି। କିନ୍ତୁ ଅଜସ୍ର ଅର୍ଥ ଶ୍ରାଦ୍ଧ କରିବା ସତ୍ତ୍ୱେ ଯେତେବେଳେ ଅନୁଭବ କରନ୍ତି ଯେ, ତାଙ୍କ ଲୋକଟି ଅବହେଳିତ ହୋଇ ଚିକିତ୍ସା ସୁବିଧାରୁ ବଞ୍ଚିତ ହେବା ଦୃଷ୍ଟିରୁ ପ୍ରାଣତ୍ୟାଗ କଲା; ସେତେବେଳେ ସେମାନଙ୍କ ଧୈର୍ଯ୍ୟର ବନ୍ଧ ଭାଙ୍ଗିଯିବା ସ୍ୱାଭାବିକ। ଜଣେ ଚିକିତ୍ସକଙ୍କ ପାଇଁ ରୋଗୀମୃତ୍ୟୁର ପ୍ରାଧାନ୍ୟ ଯାହା, ଜଣେ ଆତ୍ମୀୟଙ୍କ ପାଇଁ ତା'ର ପରିଭାଷା ଅଲଗା। ଏହିଠାରୁ ଆରମ୍ଭ ହେଉଛି ବିଶ୍ୱାସର ସଙ୍କଟ। ନା ଚିକିତ୍ସାଳୟ ଚିକିତ୍ସାସେବା ପ୍ରଣାଳୀକୁ ସ୍ୱଚ୍ଛ କରୁଛି, ନା ଆତ୍ମୀୟ ସ୍ୱଜନଙ୍କୁ ସଠିକ୍ ସୂଚନା ପ୍ରଦାନ କରୁଛି। ଯହିଁରୁ ମହାଭାରତ ସୃଷ୍ଟି ହେଉଛି ଏବଂ ଏହି ବ୍ୟୟବହୁଳ ସେବା ପାଇଁ ଜନସମାଜ ଶୋଷିତ ହେଉଥିବାର ଧାରଣା ସୃଷ୍ଟି ହେଉଛି। ରୋଗୀଟିକୁ ତା' ମୃତ୍ୟୁର ସମୟ ବିଷୟରେ ନିଷ୍ଠୁର ସୂଚନା ଦେଇ ବଞ୍ଚି ଥାଉ ଥାଉ ମୃତ୍ୟୁର ସ୍ୱାଦ ଚଖେଇବାଠାରୁ ଆରମ୍ଭ କରି, ଅବଲୀଳାକ୍ରମେ ତା'ର ଅମ୍ଳଜାନ ସରବରାହକୁ ବନ୍ଦ କରିଦେବାର ମାନସିକତା କୌଣସି ଅନ୍ତର୍ଘାତୀ କାର୍ଯ୍ୟଠାରୁ କମ୍ କି?

ଦ୍ୱିତୀୟ ଉଦାହରଣଟି ହେଲା ତଥ୍ୟ ପ୍ରଦାନରେ ଚଞ୍ଚକତା। ମହାମାରୀରେ ସଂକ୍ରମଣ ସଂଖ୍ୟା ତୁଳନାରେ ମୃତ୍ୟୁହାରକୁ ଜନସାଧାରଣ 'ସରକାରୀ ତଥ୍ୟ–ଧର୍ମକୁ ଆଖିଠାର' କହି ବିଶ୍ୱାସକୁ ନେଉନାହାନ୍ତି। ଟିକା ପ୍ରଦାନର ବିଭ୍ରାନ୍ତିକର ତଥ୍ୟ, ପ୍ରକାଶିତ ମୃତ୍ୟୁହାର ସହିତ ଶ୍ମଶାନଘାଟର ନିରନ୍ତର ପ୍ରଜ୍ୱଳିତ ବାଡ଼ବାଗ୍ନି କୌଣସି ତାଳମେଳ ରଖେନାହିଁ; ବରଂ ଏକ ଧୂମାୟିତ ପରିବେଶ ସୃଷ୍ଟି କରେ ଅନାସ୍ଥାର, ଅବିଶ୍ୱାସର। ସରକାରଙ୍କ ପ୍ରତି ମହାମାରୀ ମୃତକ ସଂଖ୍ୟା ତଥ୍ୟରେ ଜନସାଧାରଣଙ୍କ ସନ୍ଦେହ କାହିଁକି? ଏହାଠାରୁ ଆଉ ପାଦଟିଏ ଆଗେଇ ଯାଇ ବ୍ୟବସାୟୀ ଭାଇଟି ଜୀବନ ରକ୍ଷାକାରୀ ଔଷଧର ନକଲି ଉତ୍ପାଦ ପ୍ରସ୍ତୁତ କରି ସାରା ସଂସାରର ରୋଗୀଙ୍କୁ ମୃତ୍ୟୁମୁଖକୁ ଠେଲିଦେବା ବିଶ୍ୱାସରେ ବିଷଦାନ ପରି। ଖାଲି ସେତିକି ନୁହେଁ, ସ୍ୱାସ୍ଥ୍ୟ ଛଡ଼ା ଶିକ୍ଷାକ୍ଷେତ୍ରରେ ମଧ୍ୟ ଧୁରୀଣ ମାଫିଆମାନେ ଅର୍ଥ ବଳରେ ମେଧାହୀନ ଛାତ୍ରଟିକୁ ନକଲି ମେଧାବୀ ବନାଇ ହାତ ଚିକ୍କଣ କରିବାରେ ପାରଙ୍ଗମ। ଅଶରୀରି ଶିକ୍ଷାଦାନ ପ୍ରଣାଳୀରେ ନକଲି ଉପସ୍ଥାନ ଦେଇ ଶିକ୍ଷକମାନଙ୍କୁ ଠକୁଥିବା ବିଦ୍ୟାର୍ଥୀଟିର ପିଠି ଥାପୁଡ଼ାଇ ତା'ର ଅଭିଭାବକଗଣ ଏମନ୍ତ କଳାକାରୀ ପାଇଁ ପ୍ରୋତ୍ସାହିତ କରୁଥିବା ବେଳେ ଅବିଶ୍ୱସନୀୟତାର ଯେଉଁ ବୀଜଟି ବପନ କରୁଛନ୍ତି, ତା'ର ମାନସପଟରେ ତାହା ଦିନେ ଅଙ୍କୁରୋଦ୍‌ଗମ ହୋଇ ମହାବୃକ୍ଷରେ ପରିଣତ ହେଲା ବେଳକୁ ସାଧାରଣ ଜନତାଙ୍କ ବିଶ୍ୱାସଭାଜନ ହେବ ତ? ''ଶ୍ରେଣୀରେ ନ ଥାଇ ଉପସ୍ଥାନ, ପରୀକ୍ଷା ନ ଦେଇ ବି ଉତ୍ତୀର୍ଣ୍ଣ''–ଏହି ନ୍ୟାୟରେ କୃତକାର୍ଯ୍ୟ ଛାତ୍ରଟିର ବ୍ୟକ୍ତିତ୍ୱ କିପରି ପ୍ରଭାବିତ ତାହା ମନସ୍ତତ୍ତ୍ୱବିତ୍ ହିଁ କହିପାରିବେ।

ଆଜି ଚାରିଆଡ଼େ ବିଶ୍ୱାସର ସଙ୍କଟ। ଏଇ ପରିସ୍ଥିତିରେ ଆଜି ପାରସ୍ପରିକ ସ୍ନେହସୌହାର୍ଦ୍ଦ୍ୟର ଶୃଙ୍ଖଳ ଘୁଣ ଖାଇ ବସିଲାଣି। ଏକ ଅବକ୍ଷୟୋନ୍ମୁଖୀ ସମାଜକୁ ଏହା ଯଦୁବଂଶ ଧ୍ୱଂସ ହେବା ପରି ଅରାଜକତା, ଅବିଶ୍ୱସନୀୟତା ତଥା ଅନାସ୍ଥା ଆଡ଼କୁ ଟାଣି ନେଇ ଆମର ବିଶ୍ୱବିଦିତ 'ବସୁଧୈବ କୁଟୁମ୍ବକଂ' ମାନସିକତାକୁ ବଙ୍ଗୋପସାଗରରେ ଦିନେ ନା ଦିନେ ବିଲୀନ କରାଇ ଯେ ନ ଦେବ, ଏଥିରେ ସନ୍ଦେହର ଅବକାଶ ନାହିଁ।

ପ୍ରାଧ୍ୟାପକ, କୃଷି ମହାବିଦ୍ୟାଳୟ,
ଭୁବନେଶ୍ୱର
ମୋ: ୯୪୩୭୧୮୫୧୭୫

## ଏଇ ଭାରତରେ

କୃଷିର ଉନ୍ନତିରେ ଦେଶର ଉନ୍ନତି, ଏହା ଉପଲବ୍ଧି କରିଛନ୍ତି ନାସାର ପୂର୍ବତନ ବୈଜ୍ଞାନିକ ଡ. ପରାଗ ନର୍‌ଭେକର। ଆମେରିକାର ମହାକାଶ ଗବେଷଣା ସଂସ୍ଥା ନାସାରେ ୧୨ ବର୍ଷ କାର୍ଯ୍ୟ କରିବା ପରେ ଚାକିରି ଛାଡ଼ି ମହାରାଷ୍ଟ୍ରରେ କୃଷି ଓ କୃଷକଙ୍କ ବିକାଶରେ ଲାଗିଛନ୍ତି। ସେ ୨୦୧୭ରେ ପ୍ରଯୁକ୍ତିଭିତ୍ତିକ ଷ୍ଟାର୍ଟଅପ୍ 'ସେନ୍‌ସାର୍ଟିକ୍ସ' ଗଠନ କରି ଏହି ଅଭିଯାନ ଚଳାଇଛନ୍ତି। କୃଷିରେ କ୍ଷତି ଦୂର କରିବା ପାଇଁ ସେ ରୋଗ ଓ ବର୍ଷା ସମ୍ପର୍କରେ ଆଗୁଆ ସୂଚନା ପ୍ରଦାନ କରୁଛନ୍ତି। ୨୦୦୩ରେ ଆଇଆଇଟି ମୁମ୍ବାଇରୁ ଇମେଜ ପ୍ରୋସେସିଂ ଟେକ୍‌ନୋଲୋଜିରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିବା ପରେ ନାସାରେ ଯୋଗ ଦେଇଥିଲେ। ୨୦୧୬ରେ ସେ ସେଠାରୁ ଫେରିଆସି କମ୍ ଖର୍ଚ୍ଚରେ ୱେଦର ଷ୍ଟେଶନ ନିର୍ମାଣ କରି ତା ମାଧ୍ୟମରେ କୃଷକମାନଙ୍କୁ ତଥ୍ୟ ଯୋଗାଉଛନ୍ତି। ଏହି ଷ୍ଟେଶନ ୫ କି.ମି. ବ୍ୟାସାର୍ଦ୍ଧ ମଧ୍ୟରେ ସୂଚନା ଠିକ୍ ଭାବେ ଦେଇପାରୁଛି। ସ୍ମାର୍ଟ ଫୋନ୍‌ରେ ଜଳ ପରିଚାଳନା, ଶୀତ ଲହର, ପୋଷକତତ୍ତ୍ୱ ପରିଚାଳନା, ପବନର ଦିଗ, ଆଲୋକ ବିଶ୍ଳେଷଣ ସମ୍ପର୍କିତ ଆଗୁଆ ସୂଚନା କୃଷକଙ୍କୁ ଆପ୍ ମାଧ୍ୟମରେ ସୂଚନା ଦିଆଯାଉଛି। ଭାରତର ପ୍ରମୁଖ ଗବେଷଣା ସଂସ୍ଥାଗୁଡ଼ିକ ସହଯୋଗରେ ସେ ଏହାକୁ ପରିଚାଳନା କରୁଛନ୍ତି। ଏହା ବ୍ୟତୀତ ତୃଣମୂଳସ୍ତରରେ କୃଷକଙ୍କ ପାଇଁ କାର୍ଯ୍ୟ କରୁଥିବା ଶହ୍ୟାଦ୍ରି ଫାର୍ମର୍ସ କମ୍ପାନୀ ସହଭାଗିତାରେ ଏହାକୁ ବ୍ୟାପକ କରିପାରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୮ ଜୁଲାଇ ୧୯୯୬

- ବଙ୍ଗୋପସାଗରରେ ଏକ ମାଛଧରା ଟ୍ରଲର ବୁଡ଼ିଯିବା ଫଳରେ ବାଂଲାଦେଶର ୧୦ ଜଣ ଲୋକ ପ୍ରାଣ ହରାଇବା ସହ ୧୦୦ ନିଖୋଜ।
- ଉତ୍ତରାଞ୍ଚଳ ପାରାଛନ ସହରକୁ ଶ୍ରୀଲଙ୍କା ସୈନ୍ୟମାନେ ଦଖଲ କରିନେବା ସହ ସାନି ସଂଘର୍ଷରେ ୬୦ ଗେରିଲା ନିହତ।

## ପାଠକ ଶ୍ରେଷ୍ଠ ବିଚାରକ

### ମାଫିଆଙ୍କ ପତିଆରା

ମହାଶୟ,

ମାଫିଆବାଦ ବିଷୟରେ ମୋର ଦୃଷ୍ଟିକୋଣ ହେଲା: ସଙ୍ଘଟିତ ଭାବରେ ଲୁଣ୍ଠନ, ଚୋରି, ଠକାମି, ଧପାବାଜ, ଲାଞ୍ଚ–ମିଛ, ଅପହରଣ ଓ ଶେଷରେ ହତ୍ୟା ଅପରାଧ କରି ସ୍ୱାର୍ଥ ହାସଲ କରିବା। ମନ୍ତ୍ରୀ, ପ୍ରଶାସକ, ବ୍ଲକ ଅଫିସ, ତହସିଲ, ଥାନା, ସବ୍‌ରେଜିଷ୍ଟ୍ରି ଅଫିସ ସହିତ ସବୁ ନିର୍ମାଣକାରୀ ସଂସ୍ଥାର ଯନ୍ତ୍ରୀଠାରୁ ପିଅନ ପର୍ଯ୍ୟନ୍ତ ସାଧାରଣ ଜୀବନରେ ବେକାରି ସମସ୍ୟାରେ ଜର୍ଜରିତ ଯୁବସମାଜ, ସ୍ଥାନୀୟ ନେତା ଏବଂ ସରକାରୀ କର୍ମଚାରୀଙ୍କ ସାହାଯ୍ୟ ସହଯୋଗରେ ଏହା ଚାଲୁଛି। ଭାଗୀଦାରିରେ ସାଧାରଣ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଦାରିଦ୍ର୍ୟ ଦୂରୀକରଣ ଯୋଜନା ଚାଉଳ– ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଭିନ୍ନ କ୍ଷେତ୍ରରେ ସରକାରୀ ରିହାତି ସହିତ ବିଭିନ୍ନ ପ୍ରକାର ଖଣିଜ ଏବଂ ଲଘୁଖଣିଜ ପଦାର୍ଥକୁ ଲୁଣ୍ଠନ କରି ସେମାନଙ୍କ ପତିଆରା ଏବଂ ସାମ୍ରାଜ୍ୟ ବୃଦ୍ଧି କରି ଚାଲିଛନ୍ତି। ଏ ଅପରାଧ ବିଷୟରେ ଥାନା, ପ୍ରଶାସନ ସବୁକିଛି ଜାଣିଶୁଣି ନୀରବଦ୍ରଷ୍ଟା ସାଜୁଛନ୍ତି। ଏ ସାମାଜିକ ବ୍ୟାଧିର ନିରାକରଣ ଏବଂ ପ୍ରତିରୋଧ ନ କଲେ ଦିନେ କରୋନା ପରି ସର୍ବଗ୍ରାସୀ ହୋଇ ସମାଜକୁ ପଙ୍ଗୁ କରିଦେବ। ସରକାର ତାହାର ପ୍ରଭାବ କିଛି ଅନୁଭବ କଲାପରି ମନେ ହେଉନାହିଁ।

–ରାମଚନ୍ଦ୍ର ପାଲଟାସିଂହ, କୁମାରବସ୍ତ, ଖୋର୍ଦ୍ଧା

## ଚିରନ୍ତନୀ

ଶୁଦ୍ରତାର ଶୂନ୍ୟତାର
ବାଧା କାଟି ପୁଣି ସମୟର
ଲେଖିଦେବି କାଳବକ୍ଷେ
ମୋର ଏକ ଜୀବନ୍ତ ସ୍ୱାକ୍ଷର।
–(ଶୂନ୍ୟ ଚିନ୍ତା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

### ଜରି ଛନ୍ଦାମୁଣ୍ଡ ଛକରୁ ଚୋରି

ସିଂହପୁର,(ଡି.ଏନ.ଏ.): ବିଞ୍ଝାରପୁର ଥାନା ଅନ୍ତର୍ଗତ ଜରି ପଞ୍ଚାୟତର ଜରି ଛନ୍ଦାମୁଣ୍ଡ ବିସିଜେ ହାଇସ୍କୁଲ ଛକରୁ ସୋମବାର ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ସଞ୍ଜୟ କୁମାର ସାହୁଙ୍କ ତେଜରାତି ଦୋକାନ କବାଟ ଭାଙ୍ଗି ଚୋରି କରିଛନ୍ତି। ଏନେଇ ସଞ୍ଜୟ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଦୋକାନରୁ କିଛି ନଗଦ ଟଙ୍କା ଓ ୫୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ଚୋରି ହୋଇଥିବା ସେ ଦର୍ଶାଇଛନ୍ତି। ଅଭିଯୋଗ ପରେ ମଙ୍ଗଳବାର ପୋଲିସ ପହଞ୍ଚି ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରିଛି। ଅନ୍ୟପକ୍ଷରେ ଉକ୍ତ ଚୋରି ପରେ ବିସିଜେ ହାଇସ୍କୁଲ ଛକର ବ୍ୟବସାୟୀମାନେ ଭୟଭୀତ ହୋଇ ପଡ଼ିଛନ୍ତି।

## ସଂକ୍ଷେପରେ

### ମହିଳାଙ୍କୁ ଅସଦାଚରଣ, ଅଭିଯୁକ୍ତ ଗିରଫ

ରସୁଲପୁର,୨୭।୭(ଡି.ଏନ.ଏ.): ମହିଳାଙ୍କୁ ଅସଦାଚରଣ ଘଟଣାରେ କୁଆଖିଆ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଜାବରା ଗ୍ରାମର ସୁରେଶ ମଲ୍ଲିକ (୨୫)। ସୁରେଶଙ୍କୁ ପୋଲିସ ଜେନାପୁର ଥାନା ଅନ୍ତର୍ଗତ ଜେନାପୁର ଗାଁରୁ ତାଙ୍କ ସମ୍ପର୍କୀୟଙ୍କ ଘରୁ ଗିରଫ କରିଛି। ପ୍ରକାଶଯେ, କୁଆଖିଆ ଥାନା ଅଞ୍ଚଳର ସମ୍ପୃକ୍ତ ମହିଳା ୧୫ ଜୁନ ୨୦୨୧ରେ ଶୌଚ ହେବାକୁ ଘର ବାହାରକୁ ଯାଇଥିଲେ। ଏହି ସୁଯୋଗରେ ଅଭିଯୁକ୍ତ ଯୁବକ ତାଙ୍କୁ ଟଣା ଓଟରା କରିଥିଲେ। ଏ ନେଇ ମହିଳା ଜଣକ ଥାନାରେ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗ ଆଧାରରେ ପୋଲିସ ମାମଲା ନଂ-୨୧୭/୨୧ ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ତେବେ ଘଟଣା ଦିନରୁ ଅଭିଯୁକ୍ତ ଗାଁ ଛାଡ଼ି ଜେନାପୁର ଅଞ୍ଚଳର ଜଣେ ସମ୍ପର୍କୀୟଙ୍କ ଘରେ ଲୁଚିଥିଲେ। ଏ ପୋଲିସ ଖବର ପାଇବା ପରେ ସେଠାରେ ଚଢ଼ାଉ କରିଥିଲା।

### ୩ ବର୍ଷର ଶିଶୁକନ୍ୟାକୁ ବଳାତ୍କାର

କାଳିଆପାଣି,୨୭।୭(ଡି.ଏନ.ଏ.):ସୁକିନ୍ଦା ଥାନା ଅନ୍ତର୍ଗତ ସଂସାଇଲୋ ପଞ୍ଚାୟତରେ ୩ ବର୍ଷର ଜଣେ ଶିଶୁକନ୍ୟାକୁ ବଳାତ୍କାର କରିବା ଅଭିଯୋଗରେ ପୋଲିସ ଜଣେ ୧୫ ବର୍ଷର ନାବାଳକକୁ ଗିରଫ କରି ଜୁଭେନାଇଲ କୋର୍ଟ ଚାଲାଣ କରିଛି। ଏହି ଘଟଣା ପରେ ଶିଶୁ କନ୍ୟାଟି ଗୁରୁତର ଅଛି। ସୂଚନା ଅନୁଯାୟୀ, ଘରେ କେହି ନ ଥିବା ବେଳେ ସମ୍ପୃକ୍ତ ନାବାଳକ ଏଭଳି କାଣ୍ଡ ଘଟାଇଥିଲା। ଝିଅର କାନ୍ଦ ଶୁଣି ବାଡିପଟେ କାମ କରୁଥିବା ତାଙ୍କ ମା'ଦୌଡି ଆସି ଶିଶୁକନ୍ୟାକୁ ଉଦ୍ଧାର କରିଥିଲେ। ପରେ ସୁକିନ୍ଦା ଥାନାରେ ପୀଡ଼ିତାଙ୍କ ବାପା ଏତଲା ଦେଇଥିଲେ। ଥାନା ଭାରପ୍ରାପ୍ତ ଅଧିକାରୀ ଶିବ ଚରଣ ବେହେରା ଏବଂ ଏସ୍‌ଆଇ ଅନ୍ତର୍ଯ୍ୟାମୀ ଶ୍ରୀଚନ୍ଦନ ଅଭିଯୁକ୍ତକୁ ଗିରଫ କରିବା ପରେ ଉଭୟଙ୍କୁ ଡାକ୍ତରୀ ମାଇନା କରାଯାଇଛି।

### ପ୍ରଧାନଶିକ୍ଷକଙ୍କୁ ପିଟିଲେ ସ୍କୁଲ ପିଅନଙ୍କ ପୁଅ

ରାଜନଗର,୨୭।୭(ଡି.ଏନ.ଏ.): ପ୍ରଧାନ ଶିକ୍ଷକଙ୍କୁ ଜଣେ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ପୁଅ ମାରପିଟ୍ କରିବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ଏ ସଂକ୍ରାନ୍ତରେ ରାଜନଗର ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ରାଜନଗର ବ୍ଲକ୍ ବାର୍ହାପୁର ସପନେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ଶ୍ରେଣୀଗୃହ ଓ ସ୍କୁଲ ପରିସରରେ ଉଠିଥିବା ଅନାବନା ଘାସ ସଫା କରିବାକୁ ଝାଡୁଦାର ଭାବେ କାମ କରୁଥିବା କାଶୀନାଥ ଦାସଙ୍କୁ ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ସାହୁ ସ୍କୁଲ ଖୋଲିବାର ୫ଦିନ ପୂର୍ବରୁ କହିଥିଲେ। ହେଲେ ତାହା କରାଯାଇ ନ ଥିଲା। ତୁରନ୍ତ ସ୍କୁଲ ପରିସର ସଫା କର ବୋଲି କାଶୀନାଥଙ୍କୁ ପ୍ରଧାନ ଶିକ୍ଷକ ତାଗିଦା କରିଥିଲେ। ଏହି ସମୟରେ କାଶିନାଥଙ୍କ ପୁଅ ଶୈଳେନ୍ଦ୍ର ସେଠାରେ ପହଞ୍ଚି ପ୍ରଧାନଶିକ୍ଷକ ସାହୁଙ୍କ ସହିତ ଯୁକ୍ତିତର୍କ କରିବା ସହ ମାରପିଟ୍ କରିଥିଲେ। ଏପରି କି ପ୍ରଧାନ ଶିକ୍ଷକଙ୍କୁ ସେ ହତ୍ୟା ଧମକ ଦେଇଥିବା ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣାରେ ଅଭିଯୁକ୍ତ ଶୈଳେନ୍ଦ୍ରଙ୍କୁ ପୋଲିସ ଗିରଫ କରିଛି।

# ଅଡିଟ୍ ରିପୋର୍ଟକୁ ଅଣଦେଖା

ଯାଜପୁର ଅଫିସ,୨୭।୭

**ରାଇସ୍ ମିଲ୍ ଚଞ୍ଚକତା ମାମଲା**
- ୩୪ ଲକ୍ଷ ଟଙ୍କାର ଦୁର୍ନୀତି
- ଅଧିକାରୀଙ୍କ ଅବହେଳା, ଅବଜ୍ଞା ଦାୟୀ
- ଉଦ୍‌ବେଗ୍ ପ୍ରକାଶ କଲେ ସିଜିଏମ୍
- ଅଗଷ୍ଟ ୫ ସୁଦ୍ଧା ଦସ୍ତାବିଜ୍ ଦାଖଲ ନିର୍ଦ୍ଦେଶ

ଓଡ଼ିଶା ରାଜ୍ୟ ଖାଦ୍ୟ ଯୋଗାଣ ନିଗମରେ ସରକାରୀ କାର୍ଯ୍ୟରେ ଅବହେଳା ଏବଂ ଉଚ୍ଚପଦସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶକୁ ଅବଜ୍ଞା କରାଯାଉଛି। ଯାଜପୁର ଜିଲା ସାମିଆସ୍ଥିତ ଭଗବତୀ ରାଇସ ମିଲର ଅଡିଟ୍‌ରିପୋର୍ଟରେ ୧ ଲକ୍ଷ ୪୧ ହଜାର ୫୩୦ ଟଙ୍କାର ଅସୁଲି ଏବଂ ୩୨ ଲକ୍ଷ ୬୮ ହଜାର ୫୪୮ ଟଙ୍କା ନିୟମିତ କରିବାକୁ ୪ ବର୍ଷରୁ ଊର୍ଦ୍ଧ୍ୱ ସମୟ ଅତିକ୍ରାନ୍ତ ହୋଇ ସାରିଛି। ଏହାକୁ ଲକ୍ଷ୍ୟ କରି ଖାଦ୍ୟ ଯୋଗାଣ ନିଗମର ଚିଫ୍ ଜେନେରାଲ ମ୍ୟାନେଜର(ସିଜିଏମ୍) ଗତ ୨୬ ତାରିଖରେ ଯାଜପୁର ସିଏସ୍‌ଓଙ୍କୁ ଦେଇଥିବା ପତ୍ରରେ ଉପରୋକ୍ତ କଥା ଉଲ୍ଲେଖ କରିଛନ୍ତି। ତେଣୁ ଆସନ୍ତା ୫।୮।୨୦୨୧ ସୁଦ୍ଧା ନିଜେ ବ୍ୟକ୍ତିଗତ ଭାବେ ଏହି ବିଷୟକୁ ଗ୍ରହଣ କରି ଆବଶ୍ୟକ ଦସ୍ତାବିଜ ସାକ୍ଷ୍ୟ(ଡକୁମେଣ୍ଟାରୀ ଏଭିଡେନ୍ସ) ସହ ଅଡିଟ୍ ରିପୋର୍ଟର ଅନୁପାଳନ କରିବାକୁ ସିଜିଏମ୍ ନିର୍ଦ୍ଦେଶ ଦେଇଛନ୍ତି। ସଂପୃକ୍ତ ମିଲ୍ ମାଲିକ ସହ ସଲାସୁତ୍ରା ହୋଇଥିବାରୁ ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକୁ ଅବହେଳା କରାଯାଉଥିବା ମତପ୍ରକାଶ ପାଇଛି।

ସରକାରୀ ଚାଉଳ ବାଟ ବାରଣା ଅଭିଯୋଗ ଉପରେ ୨୦୧୬-୧୭ ବର୍ଷରେ ଏକ ସ୍ୱତନ୍ତ୍ର ଅଡିଟ୍ ହୋଇଥିଲା। ଉକ୍ତ ଅଡିଟ୍‌ରେ ଭଗବତୀ ରାଇସ୍ ମିଲ ଉପରେ ଲକ୍ଷାଧିକ ଟଙ୍କାର ଅନିୟମିତତା ହୋଇଥିବା ଧରାପଡିଥିଲା। ଯାଜପୁର ଜିଲାରେ ମିଲର୍ସ ଓ ପ୍ରାଥମିକ ସେବା ସମବାୟ ସମିତି(ପ୍ୟାକ୍ସ) କର୍ତ୍ତୃପକ୍ଷ ଚଞ୍ଚକତା କରି ଚାଷୀଙ୍କ ଆଖିରେ ଧୂଳି ଦେଇ ଧାନ କିଣାବିକା କରୁଥିବା ନଜୀର ରହିଛି। ୨୦୧୮ ଖରିଫ ଧାନକିଣା ବର୍ଷରେ ଜିଲାର ଇଷ୍ଟର୍ଣ୍ଣ ଓ ସାନ୍ତୁକା ରାଇସ୍ ମିଲରୁ ବେଆଇନ ଧାନ ଗାଡ଼ି ଜବତ ହୋଇଥିଲା। ଏହାକୁ ମଧ୍ୟ ମିଳିମିଶି ରଫାଦଫା କରିବାରେ ସଫଳ ହୋଇଥିବା ସେତେବେଳେ ଚର୍ଚ୍ଚା ହୋଇଥିଲା। ୨୦୧୫-୧୬ ବର୍ଷରେ ସାବିତ୍ରୀ ଇଣ୍ଡଷ୍ଟ୍ରିଜ ୧୮୭୧.୮୧୬ ମେଟ୍ରିକ ଟନ ଚାଉଳ ଦାଖଲ କରି ପାରି ନ ଥିଲା। ଫଳରେ ରାଇସ ମିଲ ମାଲିକଙ୍କୁ ଜେଲ ଯିବାକୁ ପଡିଥିଲା । ଯାହାକି ବର୍ତ୍ତମାନ ନ୍ୟାୟିକ ବ୍ୟବସ୍ଥାରେ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇ ପାରିନାହିଁ। ଏହି ରାଇସ୍ ମିଲ ମାଲିକ କ୍ରମଶଃ ସରକାରୀ ଟଙ୍କା ଫେରାଉ ଥିବା କୁହାଯାଉଛି। ତେବେ ଭଗବତୀ ରାଇସ ମିଲ ଉପରେ ହୋଇଥିବା ଅଭିଯୋଗର ସମାଧାନ ହୋଇ ପାରୁ ନ ଥିବାରୁ ଧାନ ସଂଗ୍ରହ ପ୍ରକ୍ରିୟାରେ ତାକୁ ବାଦ୍ ଦିଆଯାଇ ଆସୁଛି।

ପ୍ରତିବର୍ଷ ଧାନ ସଂଗ୍ରହରେ ବିଳମ୍ବ ଯୋଗୁ ଜିଲାର ଚାଷୀମାନେ ଅଭାବୀ ବିକ୍ରୀର ଶିକାର ହୋଇଥାନ୍ତି। ଚାଷୀ ବାଧ୍ୟ ହୋଇ ମଧ୍ୟସ୍ଥିଙ୍କୁ ଧାନ ବିକ୍ରି କରୁଛି । ଚଳିତ ବର୍ଷ ଖରିଫ ଧାନ ସଂଗ୍ରହରେ ୧୦ ଜଣ ମିଲର୍ସଙ୍କୁ ନିୟୋଜିତ କରାଯାଇଛି। ଗତ ୨୧ ତାରିଖ ସୁଦ୍ଧା ୧୫୧୪୭୩.୨୭୧ ଏମ୍‌ଟି ଧାନ କିଣାଯାଇ ମିଲର୍ସଙ୍କୁ ଚାଉଳ କରିବାକୁ ଦିଆଯାଇଛି। ଏଥିରେ ମିଲର୍ସମାନେ ୧୦୨୮୪୭.୧୯୭୪ ଏମ୍‌ଟି ଚାଉଳ ଦାଖଲ କରିବେ। ତେବେ ମାତ୍ର ୬୦୪୯୮.୪୭୫ ଏମ୍‌ଟି ଚାଉଳ(୫୮.୮୨ ପ୍ରତିଶତ) ଦାଖଲ ହୋଇ ପାରିଛି। ଗତ ୨୧ ତାରିଖ ସୁଦ୍ଧା ଆଉ ୪୨୩୪୭.୭୩୨ ଏମ୍‌ଟି ଚାଉଳ ମିଲର୍ସମାନଙ୍କଠାରେ ବାକି ପଡ଼ିଛି। ପଥରପଦା କୃପାଳୁ ରାଇସ୍ ଇଣ୍ଡଷ୍ଟ୍ରିଜ ସର୍ବନିମ୍ନ ୪୫.୩୨ ପ୍ରତିଶତ ଚାଉଳ ଦାଖଲ କରି ପାରିଛି। ତେବେ ଗତ ୨୦୧୬-୧୭ ଆର୍ଥିକ ବର୍ଷରେ ୪୯୪୬୭.୯୯୪ ମେଟ୍ରିକ ଟନ୍ ଚାଉଳ ସଂଗ୍ରହ ଲକ୍ଷ୍ୟ ଧାର୍ଯ୍ୟ ଥିଲା । ଏହି ଲକ୍ଷ୍ୟ ଧାର୍ଯ୍ୟ ପୂରଣ କରିବାକୁ ସେହି ବର୍ଷ ନଭେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ଶେଷ ତାରିଖ ଥିଲା । ଜିଲାର ୧୦ଟି ମିଲର୍ସଙ୍କ ମଧ୍ୟରୁ ୮ ମିଲର୍ସ ସମ୍ପୂର୍ଣ୍ଣ ଚାଉଳ ଦାଖଲ କରିଥିଲାବେଳେ ୨ ମିଲର୍ସଙ୍କ ନିକଟରେ ପ୍ରାୟ ୧୦୫୨୦ କୁଇଣ୍ଟାଲ ଚାଉଳ ବାକି ରହିଥିଲା । ଏଥିରେ ସାମିଆସ୍ଥିତ ଭଗବତୀ ରାଇସ୍ ମିଲ ପ୍ରାୟ ୪୯୦୦ କୁଇଣ୍ଟାଲ ଚାଉଳ ଦାଖଲ କରି ପାରି ନ ଥିଲା । ଏହାକୁ ନେଇ ୨୦୧୬-୧୭ ବର୍ଷରେ ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ଅଡିଟ୍ କରାଯାଇଥିଲା। ତେଣୁ ସରକାରଙ୍କ ଉପରୋକ୍ତ ଲକ୍ଷାଧିକ ଟଙ୍କା କ୍ଷତି ସଂକ୍ରାନ୍ତରେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଆବଶ୍ୟକ ଦସ୍ତାବିଜ ଦାଖଲ ନ କଲେ ସିଏସ୍‌ଓ ଓ ଆକାଉଣ୍ଟ ମୁଖ୍ୟ ଦାୟୀ ରହିବେ ବୋଲି ସିଜିଏମ୍ ନିର୍ଦ୍ଦେଶ ଜାରି କରିଛନ୍ତି।

## ୪ ଅସହାୟ ପିଲାଙ୍କ ଥଇଥାନ ଚିନ୍ତା


ବାପାଙ୍କ ସହ ୪ ପିଲା ଏବଂ ଅନ୍ୟମାନେ।

ଯାଜପୁର ଅଫିସ,୨୭।୭

### ସାପ କାମୁଡ଼ାରେ ମା' ମୃତ

ଗୁଡୁ ରଣା ଓ ତାଙ୍କ ସ୍ତ୍ରୀ କବିତା ଉଭୟ ବ୍ୟାସନଗରରେ ଥିବା କୁଷ୍ଠବସ୍ତି ଗାନ୍ଧୀ ନଗରର ବାସିନ୍ଦା । ଗୁଡୁ ଦିନମଜୁରିଆ ଭାବେ କାମ କରନ୍ତି। କାମ ନ ମିଳିଲେ ସହର,ବଜାର ବୁଲି ଜରି, ଖଣ୍ଡିଆ ଲୁହା ଆଦି ଗୋଟାଇ କବାଡ଼ିଆଙ୍କୁ ଦେଇ ସେଥିରୁ ଯାହା ଟଙ୍କା ମିଳେ ନିଜର ପରିବାର ପ୍ରତିପୋଷଣ କରନ୍ତି । କିନ୍ତୁ ଭାଗ୍ୟର ବିଡମ୍ବନା ଗତ ୧୮ତାରିଖରେ ସ୍ତ୍ରୀଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ଏହି ଦମ୍ପତି ନିଜ ୪ ସନ୍ତାନ ରଞ୍ଜନ (୯), ଚନ୍ଦନ(୬), କେଟି (୪) ଓ ଅଂଶୁମାନ(୧)ଙ୍କ ସହିତ ଜରିପାଲ ଗୁଡା ଭଙ୍ଗା ଘରେ ଶୋଇଥିଲେ। କୌଣସି ଏକ ବିଷାକ୍ତ ସାପ କବିତାଙ୍କୁ କାମୁଡି ଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା।

ଏପରି ପରିସ୍ଥିତିରେ ଗୁଡୁ ୪ ପିଲାଙ୍କୁ ଛାଡ଼ି କାମକୁ ଯାଇ ପାରୁନାହାନ୍ତି। ଯଦି ସେ କାମକୁ ଯିବା ବନ୍ଦ କରୁଛନ୍ତି ପିଲାମାନେ କ'ଣ ଖାଇବେ ସେହି ଚିନ୍ତା ତାଙ୍କୁ ଅଡୁଆରେ ପକାଇଛି । ସାମାଜିକ କର୍ମୀ ରାଜେଶ କୁମାର ରାଉତ ଏକଥା ଜାଣିବା ପରେ ସେ କୁଷ୍ଠ ବସ୍ତିରେ ପହଞ୍ଚି ଗୁଡୁଙ୍କୁ ବୁଝାଇଥିଲେ । ତାଙ୍କ ସନ୍ତାନଙ୍କ ପାଇଁ କିଛି ଶୁଖିଲା ଖାଦ୍ୟ ଦେଇଥିଲେ। ଉକ୍ତ ପରିବାରକୁ ଥଇଥାନ କରିବା ପାଇଁ ରାଜେଶ ପ୍ରଶାସନ ପାଖରେ ଦାବିକରିଛନ୍ତି।

## ସେବାରେ ଲାଗୁନି ରତଳାଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର

ବରୀ,୨୭।୭(ଡି.ଏନ.ଏ.)


ରତଳାଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର

- ଲୋକଙ୍କ ମଧ୍ୟରେ ବଢୁଛି ଅସନ୍ତୋଷ
- ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ଦାବି

ବରୀ ବ୍ଲକ ଅଧୀନ ରତଳାଙ୍ଗଠାରେ ନିର୍ମାଣ ହୋଇଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ସେବା ମିଳୁ ନ ଥିବା ଅଭିଯୋଗ ହୋଇଛି। ଫଳରେ ଯେଉଁ ଉଦ୍ଦେଶ୍ୟରେ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ହୋଇଥିଲା ସେହି ଉଦ୍ଦେଶ୍ୟ ପୂରଣ ହୋଇ ପାରୁନାହିଁ ବୋଲି ଲୋକେ କହିଛନ୍ତି।

ସେମାନଙ୍କ କହିବା ଅନୁସାରେ, ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବାରେ ଅସୁବିଧା ହେବାରୁ ଏଠାରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ନିମନ୍ତେ ଦାବି ହୋଇ ଆସୁଥିଲା। ପ୍ରଥମେ ସ୍ଥାନୀୟ ଲୋକଙ୍କ ଉଦ୍ୟମରେ ଗୃହ ନିର୍ମାଣ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ଅବସ୍ଥାରେ ତତ୍କାଳୀନ ଏମ୍‌ପି ମୋହନ ଜେନା, ପ୍ରାକ୍ତନ ବରୀ ବିଧାୟକ ଦେବାଶିଷ ନାୟକଙ୍କ ହାତ ପାଣ୍ଠିରେ ସ୍ୱାସ୍ଥ୍ୟକେନ୍ଦ୍ର ଗୃହ ନିର୍ମାଣ ସମ୍ପୂର୍ଣ୍ଣ ହୋଇଥିଲା। ବିଶେଷକରି ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଯିବାକୁ ଅସୁବିଧାର ସମ୍ମୁଖୀନ ହେଉଥିବା ରତଳାଙ୍ଗ, କହରାଗଣ୍ଡ, ମଡ଼ିଆଳି, ଉଦୟନାଥପୁର, ରଜାପୁର, ଫୁଲୁପୁର ଆଦି ଅଞ୍ଚଳ ଲୋକଙ୍କ ପାଇଁ ଏହି କେନ୍ଦ୍ର ପ୍ରତିଷ୍ଠା କରାଯାଇଥିଲା। ତେବେ କେନ୍ଦ୍ର ପ୍ରତିଷ୍ଠାର ୨୦ ବର୍ଷ ଅତିକ୍ରମ କରିଥିଲେ ହେଁ ଏହା କେବଳ ନାମରେ ହିଁ ସୀମିତ ରହିଛି। ସ୍ଥାନୀୟ କେତେଜଣ ଲୋକ ଏହାକୁ ଜବରଦଖଲରେ ରଖିଥିବା ଦେଖାଯାଇଛି।

ଏଠାରେ ନାମକୁ ମାତ୍ର ଜଣେ ସ୍ୱାସ୍ଥ୍ୟକର୍ମୀଙ୍କୁ ନିଯୁକ୍ତି ଦିଆଯାଇଛି। ହେଲେ ସେହିଗୃହଟିଜବରଦଖଲରେ ରହିବା ଘଟଣା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଲୋକେ ରାଜନେତାଙ୍କଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରି ଆସୁଛନ୍ତି। ହେଲେ ସୁଫଳ ମିଳି ପାରିନାହିଁ। ବନ୍ୟା ସମୟରେ ଉପରୋକ୍ତ ଗ୍ରାମଗୁଡିକରୁ ରୋଗୀ ୧୦ କି.ମି.ରୁ ଊର୍ଦ୍ଧ୍ୱ ରାସ୍ତା ଅତିକ୍ରମ କରି ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଛନ୍ତି। ଏତଦ୍‌ବ୍ୟତୀତ ଏଠାରେ ସ୍ୱାବ୍ ଟେଷ୍ଟ ଓ ଟିକା ନିମନ୍ତେ କୌଣସି ସୁବିଧା ନ ଥିବାରୁ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ବିଭାଗୀୟ କର୍ତ୍ତୃପକ୍ଷ ଓ ରାଜନୈତିକ ଇଚ୍ଛା ଶକ୍ତି ଅଭାବ ଯୋଗୁ ଅଞ୍ଚଳ ଲୋକେ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଛନ୍ତି ବୋଲି ପୂର୍ବତନ ବରୀ ବ୍ଲକ ଅଧ୍ୟକ୍ଷ ନୀଳମଣି ସାମଲ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବିରଞ୍ଚି ନାରାୟଣ ବାରିକ କହିଛନ୍ତି, ସେ ନୂତନ ଭାବେ ଏଠାରେ ଯୋଗ ଦେଇଛି। ତେଣୁ ଉକ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ପର୍କରେ ଅବଗତ ହୋଇନାହାନ୍ତି। ଅବଗତ ହେବାପରେ ଯାହାକିଛି ପଦକ୍ଷେପ ଗ୍ରହଣ କରାଯିବ।

### ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ଜଗତ୍‌ସିଂହପୁର ଅଫିସ,୨୭।୭

ଜଗତ୍‌ସିଂହପୁର ଥାନା ଗାଲୁପଡ଼ାର ମଙ୍ଗରାଜ ମଲିକଙ୍କୁ ଦୁର୍ବୃତ୍ତମାନେ ମଙ୍ଗଳବାର ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ମଙ୍ଗରାଜଙ୍କ ସ୍ତ୍ରୀ ତନୁଙ୍କ ଅଭିଯୋଗ ଉପରେ ପୋଲିସ ଅନୁଧ୍ୟାନ ଜାରି ରଖିଥିବା ଏକ ପ୍ରେସ୍ ଇସ୍ତାହାରରେ ସୂଚନା ଦିଆଯାଇଛି। ଅଭିଯୋଗ ଅନୁଯାୟୀ, ମଙ୍ଗରାଜ ସ୍ଥାନୀୟ ହାଟ ବଜାରକୁ ଯାଇଥିବା ବେଳେ ଗ୍ରାମର ପପି ମଲିକ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏକ ଭୁଜାଲିରେ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ହାତ, ପିଠି ଏବଂ ଗୋଡରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଆକ୍ରମଣ ସମୟରେ ସେ ତଳେ ପଡିଯିବାରୁ ଅଭିଯୁକ୍ତମାନେ ତାଙ୍କ ପାଖରେ ଥିବା ୪,୨୦୦ ଟଙ୍କା ନେଇ ଯାଇଥିଲେ। ଏହି ସମୟରେ ସେମାନେ ଧମକ ଦେଇଯାଇଛନ୍ତି ଯେ, ପ୍ରତି ମାସରେ ବଟି ବାବଦରେ ଟଙ୍କା ନ ଦେଲେ ସେମାନେ ପରିବାରର ଜଣ ଜଣ କରି ପ୍ରତ୍ୟେକଙ୍କୁ ହାଣି ହତ୍ୟା କରିବେ।

### ପ୍ରବାସୀ ଶ୍ରମିକଙ୍କ ମୃତ୍ୟୁ ସନ୍ଦେହ ଘେରରେ

ସିଂହପୁର,୨୭।୭(ଡି.ଏନ.ଏ.)

ବିଞ୍ଝାରପୁର ଥାନା ଅନ୍ତର୍ଗତ ଜରି ଗ୍ରାମ ପାକୁଆ ସାହିର ଧନେଶ୍ୱର ମଲ୍ଲିକଙ୍କ ପୁଅ ପଙ୍କଜ ବାଙ୍ଗାଲୋରରେ ଏକ ଘରୋଇ କମ୍ପାନୀରେ କାମ କରୁଥିବାବେଳେ ଏପ୍ରିଲ୍ ୫ରେ ତାଙ୍କର ମୃତ୍ୟୁ ହୋଇଥିଲା। ସେ ରଶି ଲଗାଇ ଆତ୍ମହତ୍ୟା କରିଥିବା ତାଙ୍କ ପରିବାର ଲୋକଙ୍କୁ ସୂଚନା ଦିଆଯାଇଥିଲା। ହେଲେ ଏକଥାକୁ ତାଙ୍କ ପରିବାର ଗ୍ରହଣ କରି ପାରୁନାହାନ୍ତି। ପଙ୍କଜଙ୍କ ବାପା ଧନେଶ୍ୱରଙ୍କ ଅଭିଯୋଗ ଅନୁଯାୟୀ ତାଙ୍କ ପୁଅ ଗ୍ରାମର ଜଣେ ଯୁବତୀଙ୍କୁ ପ୍ରେମ କରୁଥିଲେ। ସମ୍ପୃକ୍ତା ଯୁବତୀଙ୍କ ଭାଇମାନେ ପଙ୍କଜ କାମ କରୁଥିବା ସ୍ଥାନରେ ରହୁଥିଲେ। ତେଣୁ ସେମାନେ ହିଁ ତାଙ୍କ ପୁଅକୁ ହତ୍ୟା କରିଛନ୍ତି। କାରଣ ପ୍ରେମ ଘଟଣାକୁ ନେଇ ସମ୍ପୃକ୍ତ ପରିବାର ସହିତ ପଙ୍କଜଙ୍କ ଆଗରୁ ତିକ୍ତତା ରହିଥିଲା। ପୁଅକୁ ଯୁବତୀଙ୍କ ପରିବାର ଲୋକେ ହତ୍ୟା କରି ଟାଙ୍ଗିଦେଇ ଆତ୍ମହତ୍ୟାର ରୂପ ଦେଇଥିବା ଧନେଶ୍ୱର କହିଛନ୍ତି। ଏ ସମ୍ପର୍କରେ ସେ ଥାନାରେ ଅଭିଯୋଗ କରିଛନ୍ତି। ବାଙ୍ଗାଲୋରରେ ମୃତଦେହ ବ୍ୟବଚ୍ଛେଦ ହୋଇଥିଲେ ମଧ୍ୟ ରିପୋର୍ଟ ମୃତକଙ୍କ ପରିବାରକୁ ଦିଆଯାଉ ନାହିଁ। ଦୀର୍ଘଦିନ ହେଲା ନ୍ୟାୟ ନ ପାଇବାରୁ ବାଧ୍ୟ ହୋଇ ଯାଜପୁର ଜିଲାପାଳ, ଜିଲା ଆରକ୍ଷୀ ଅଧୀକ୍ଷକ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କଠାରେ ଲିଖିତ ଅଭିଯୋଗ କରିଛନ୍ତି। ରୋଜଗାରିଆ ପୁଅକୁ ହରାଇ ବୃଦ୍ଧ ବାପା ଅସହାୟ ହୋଇ ପଡ଼ିଛନ୍ତି। ତେଣୁ ନ୍ୟାୟ ପାଇଁ ସେ ଉଚ୍ଚ ନ୍ୟାୟାଳୟଙ୍କ ଆଶ୍ରୟ ନେବେ ବୋଲି ମଧ୍ୟ କହିଛନ୍ତି। ଏଥିସହିତ ସେ ସରକାରୀ ସହାୟତା ପାଇଁ ନିବେଦନ କରିଛନ୍ତି।

## ସ୍କୁଲ କାମକୁ ନେଇ ଗଣ୍ଡଗୋଳ, ୪ କୋର୍ଟ ଚାଲାଣ

କୋରେଇ,୨୭।୭(ଡି.ଏନ.ଏ.)

କୋରେଇ ଥାନା ତଳଗଡ଼ ପଞ୍ଚାୟତ ଉପୁଳାଇ ଗ୍ରାମରେ ସ୍କୁଲ କାମକୁ କେନ୍ଦ୍ର କରି ରବିବାର ସନ୍ଧ୍ୟାରେ ୨ ଗୋଷ୍ଠୀ ମଧ୍ୟରେ ହୋଇଥିବା ଗଣ୍ଡଗୋଳ ଘଟଣାରେ ୪ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏନେଇ ଥାନାରେ ୨ଟି ମାମଲା (ନଂ.୨୧୬/୨୧ ଓ ୨୧୭/୨୧) ରୁଜୁ ହୋଇଛି। ଫନୀ ସହାୟତାରେ ଗ୍ରାମରେ ଥିବା ସ୍କୁଲ କାମ ପାଇଁ ୨ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ସେହି କାମକୁ ବିଭାଗୀୟ କର୍ତ୍ତୃପକ୍ଷ କରୁଥିଲେ। ତଥାପି କାମ ତଦାରଖ ପାଇଁ ଗ୍ରାମର ଜଣେ ଯୁବକଙ୍କୁ ଯନ୍ତ୍ରୀ ଦାୟିତ୍ୱ ଦେଇଥିଲେ। ଆଉ କେତେଜଣ ଯୁବକ ଏଥିରେ ସହାୟତା କରୁଥିଲେ। ତେବେ ରବିବାର କାମ ଚାଲିଥିବା ସମୟରେ ଏକାଧିକ ବ୍ୟକ୍ତି ସ୍କୁଲରେ ପ୍ରବେଶ କରି ମିସ୍ତ୍ରି ଓ ଶ୍ରମିକଙ୍କ ସହିତ ପାଟିତୁଣ୍ଡ କରି କାମ ବନ୍ଦ କରି ଦେଇଥିଲେ। ଏହାକୁ କେନ୍ଦ୍ର ଗଣ୍ଡଗୋଳ ହୋଇଥିଲା।

## ଯୋଗାଣ, ପଞ୍ଚାୟତ ଅଧିକାରୀଙ୍କ ତଦନ୍ତ

ରାଜନଗର,୨୭।୭(ଡି.ଏନ.ଏ.)

- ଚୂଡ଼ା ପୋତାଯିବା ଘଟଣା
- ବଦ୍‌ନାମ ପାଇଁ କରାଯାଇଛି ଷଡ଼ଯନ୍ତ୍ର

ରାଜନଗର ବ୍ଲକ ବାଘମାରୀ ପଞ୍ଚାୟତ ମଞ୍ଜୁଳା ପଲ୍ଲୀ ବିଦ୍ୟାଳୟ ପରିସରରେ ୟାସ୍ ବାତ୍ୟା ରିଲିଫ୍ ପାଇଁ ଆସିଥିବା ଚୂଡ଼ା ପୋତା ଯାଇଛି । ଏହାକୁ ନେଇ ରାଜନଗର ବ୍ଲକ କଂଗ୍ରେସ କମିଟି କର୍ମକର୍ତ୍ତା ବିଡିଓଙ୍କୁ ଭେଟି ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ମଙ୍ଗଳବାର ପଞ୍ଚାୟତ ସଂପ୍ରସାରଣ ଅଧିକାରୀ ଧର୍ମାନନ୍ଦ ଦାସ, ଯୋଗାଣ ଅଧିକାରୀ ଦେବୀ ପ୍ରସାଦ ଦାସ ମଞ୍ଜୁଳା ପଲ୍ଲୀ ସ୍କୁଲରେ ପହଞ୍ଚି ଘଟଣାସ୍ଥଳ ପରିଦର୍ଶନ କରିବା ସହ ପ୍ରଶାସନ ପକ୍ଷରୁ ଦିଆଯାଇ ଥିବା ରିଲିଫ୍ ସାମଗ୍ରୀ କେଉଁମାନଙ୍କୁ ଦିଆଯାଇଛି, ତାର ରେକର୍ଡ ଯାଞ୍ଚ କରିଥିଲେ। ଗ୍ରାମବାସୀଙ୍କଠାରୁ ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ଗ୍ରାମବାସୀ ଆମ ପଞ୍ଚାୟତ ଓ ଗାଁକୁ ବଦନାମ କରିବାକୁ କେତେଜଣ ନିର୍ଦ୍ଦିଷ୍ଟ ବ୍ୟକ୍ତି ରାଜନୈତିକ ଉଦ୍ଦେଶ୍ୟ ରଖି ଏପରି କରିଥିବା କହିଥିଲେ। ମଞ୍ଜୁଳା ପଲ୍ଲୀ ବାତ୍ୟା ଆଶ୍ରୟସ୍ଥଳରେ ବାତ୍ୟା ୟାସ୍‌ର ବିପନ୍ନମାନେ ୨୫ ତାରିଖରୁ ରହିଥିଲେ। ପ୍ରଶାସନ ପକ୍ଷରୁ ୨ କୁଇଣ୍ଟାଲ ଚୂଡ଼ା ଯୋଗାଇ ଦିଆଯାଇଥିଲା। ୨୫ ଓ ୨୬ ଦୁଇଦିନ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇଥିବାବେଳେ ୨୭ ତାରିଖ ଦିନ ପ୍ରଶାସନ ପକ୍ଷରୁ ଦିଆଯାଇଥିବା ଚୂଡ଼ାକୁ ବଣ୍ଟନ କରାଯାଇଥିଲା। ଚୂଡ଼ା ନେଇଥିବା ବିପନ୍ନମାନେ ରେଜିଷ୍ଟରରେ ଦସ୍ତଖତ କରିଥିଲେ। ସେହି ରେଜିଷ୍ଟରରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ, ଅଙ୍ଗନୱାଡି କର୍ମୀ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଦସ୍ତଖତ ରହିଛି। ତଦନ୍ତକାରୀ ଟିମ୍ ପ୍ରଧାନଶିକ୍ଷକ, ଅଙ୍ଗନୱାଡି କର୍ମୀ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଏ ସମ୍ପର୍କରେ ପଚରାଉଚରା କରିଥିଲେ। ଗାଁର ଜୟନ୍ତ ପ୍ରଧାନ, ଜୟନାରାୟଣ ଜେନା ଓ ୱାର୍ଡ ସଭ୍ୟ ବିଶ୍ୱଜିତ୍ ମଣ୍ଡଳ ଏହି ତଦନ୍ତକାରୀ ଟିମ୍‌କୁ ଆମ ଶାନ୍ତିପ୍ରିୟଗାଁରେ ନିର୍ଦ୍ଦିଷ୍ଟ କେତେଜଣ ବ୍ୟକ୍ତି ରାଜନୈତିକ ଉଦ୍ଦେଶ୍ୟ ରଖିଏପରି ଅପପ୍ରଚାର ଚଳାଇଛନ୍ତି । ସେମାନେ ଅଳ୍ପ ଚୂଡ଼ା କିଣିଆଣି ତାକୁ ପୋତି ଭିଡିଓ ଭାଇରାଲ କରିଛନ୍ତି ବୋଲି ସେମାନେ କହିଛନ୍ତି।

## ବିନା ଶିକ୍ଷକରେ ଚାଲିଛି ଆଦର୍ଶ ବିଦ୍ୟାଳୟ

ବିଞ୍ଝାରପୁର,୨୭।୭(ଡି.ଏନ.ଏ.)

- ବିଦ୍ୟୁତ୍, ପାନୀୟଜଳ ବ୍ୟବସ୍ଥା ହୋଇନି
- ବିଦ୍ୟାଳୟ ଯିବାକୁ ରାସ୍ତା ନାହିଁ

ବିଞ୍ଝାରପୁର ବ୍ଲକ ଅଧୀନ ଉତ୍ତରକୂଳ ପଞ୍ଚାୟତରେ ଥିବା ଆଦର୍ଶ ବିଦ୍ୟାଳୟ ବିନା ଶିକ୍ଷକରେ ଚାଲିଛି। ଫଳରେ ଏହାକୁ ନେଇ ଅଭିଭାବକଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ଉକ୍ତ ବିଦ୍ୟାଳୟରେ ବିଦ୍ୟୁତ୍ ଓ ପାନୀୟଜଳ ବ୍ୟବସ୍ଥା ନାହିଁ। ବିଦ୍ୟାଳୟକୁ ଯିବାପାଇଁ ମୁଖ୍ୟ ରାସ୍ତାଠାରୁ ଆପ୍ରୋଚ ରାସ୍ତା ନାହିଁ। ବିଦ୍ୟାଳୟ ଯିବାକୁ ହେଲେ ମୁଖ୍ୟ ରାସ୍ତାଠାରୁ କାଦୁଅରେ ପଶି ଯିବାକୁ ହୁଏ। ୨୦୨୦/୨୧ ଶିକ୍ଷାବର୍ଷରୁ ବିଦ୍ୟାଳୟରେ ନାମ ଲେଖା ଆରମ୍ଭ ହୋଇଥିଲା। ୨୧/୨୨ ଶିକ୍ଷାବର୍ଷରେ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି। ଷଷ୍ଠ ଓ ସପ୍ତମ ଶ୍ରେଣୀରେ ମୋଟ୍ ୧୩୮ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି। ହେଲେ ବିଭାଗ କେବଳ ୨/୩ ଜଣ କର୍ମଚାରୀ ନିଯୁକ୍ତି କରିଦେଇ ଦାୟିତ୍ୱ ସାରିଦେଇଛି। କରୋନା ସମୟରେ ବିଦ୍ୟାଳୟ ବନ୍ଦ ଯୋଗୁ ଅନ୍ୟ ବିଦ୍ୟାଳୟ ଛାତ୍ରୀଛାତ୍ର ଅନଲାଇନ୍ ମାଧ୍ୟମରେ ପାଠ ପଢୁଛନ୍ତି। ହେଲେ ଏଠାରେ ଶିକ୍ଷକ ନ ଥିବାରୁ ଛାତ୍ରୀଛାତ୍ର ଅନଲାଇନ୍ ଶିକ୍ଷାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ତେଣୁ ବିଦ୍ୟାଳୟ ଖୋଲିବା ପୂର୍ବରୁ ଶିକ୍ଷକ ନିଯୁକ୍ତି ସହିତ ଭିତ୍ତିଭୂମି ସଜାଡିବାକୁ ଅଭିଭାବକମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ବିଇଓ ଏମ୍‌ଡି ହୁମାୟୁନଙ୍କୁ ପଚାରିବାରୁ ସେ କହିଛନ୍ତି, ଚଳିତବର୍ଷ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି କରାଯିବା ସହ ଭିତ୍ତିଭୂମି ସଜଡ଼ା ଯିବ। ଏବେ ଦେଖିବାକୁ ଅପେକ୍ଷା ଏସବୁ କେବେ ପୂରଣ ହେଉଛି।


ଉତ୍ତରକୂଳ ପଞ୍ଚାୟତରେ ଥିବା ଆଦର୍ଶ ବିଦ୍ୟାଳୟ।

## ଦ୍ୱିତୀୟ ଦିନରେ ଏସ୍‌କ୍ୟୁଏମ୍ ଟିମ୍‌ର ତଦନ୍ତ

ଚଣ୍ଡିଖୋଲ,୨୭।୭(ଡି.ଏନ.ଏ.)

**ରାସ୍ତା ନିର୍ମାଣରେ ଅନିୟମିତତା ପ୍ରସଙ୍ଗ**
- ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ପାଇଁ ବଢ଼ିଲା ଅଡୁଆ

ଜାରକା ଗ୍ରାମ୍ୟ ଉନ୍ନୟନ ଡିଭିଜନ ଅଧୀନ ଚଣ୍ଡିଖୋଲ ସବ୍‌ଡିଭିଜନର ସହକାରୀ ନିର୍ବାହୀ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀଙ୍କ ଅଡୁଆ ବଢ଼ିବାରେ ଲାଗିଛି। ଏହି ଉପଖଣ୍ଡ ଅଧୀନରେ ନିର୍ମାଣ ହୋଇଥିବା ଗ୍ରାମ୍ୟ ଉନ୍ନୟନ ବିଭାଗର ବିଭିନ୍ନ ରାସ୍ତାରେ ଅନିୟମିତତା ହୋଇଥିବା ନେଇ ଅଭିଯୋଗ ପରେ ତଦନ୍ତ ଆରମ୍ଭ ହୋଇଛି। ରାଜ୍ୟ ଗୁଣବତ୍ତା ନିରୀକ୍ଷକ (ଏସ୍‌କ୍ୟୁଏମ୍)ର ଟିମ୍ ଦ୍ୱିତୀୟ ଦିନରେ ଆଉ ଏକ ରାସ୍ତାର ତଦନ୍ତ କରିଛନ୍ତି। ବଡ଼ଚଣା ବ୍ଲକ ଅଧୀନରେ ଥିବା ଏକାଧିକ ରାସ୍ତା ଅନିୟମିତତାରେ ଉପଖଣ୍ଡର ସହକାରୀ ନିର୍ବାହୀ ଯନ୍ତ୍ରୀ ଓ ସହକାରୀଙ୍କ ଅବହେଳାକୁ ଦାୟୀ କରିଛନ୍ତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ। ବିଗତ ଏକ ବର୍ଷ ମଧ୍ୟରେ ଉପଖଣ୍ଡର ଯନ୍ତ୍ରୀ ଦ୍ୱୟଙ୍କ ବିରୋଧରେ ଦୁଇଥର ଡ୍ରାଫ୍ଟ ଚାର୍ଜ ଓ ତିନିଥର କାରଣ ଦର୍ଶାଅ ନୋଟିସ ହୋଇଛି। ମଙ୍ଗଳବାର ଏହି ଉପଖଣ୍ଡ ଅନ୍ତର୍ଗତ ୫୩ ନଂ. ଜାତୀୟ ରାଜପଥଠାରୁ ଭରତପୁର ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଯୋଜନାରେ ନିର୍ମାଣ ହୋଇଥିବା ରାସ୍ତାର ତଦନ୍ତ ହୋଇଛି। ଟିମ୍‌ର ଦୁଇ ଯନ୍ତ୍ରୀ ସୁକାନ୍ତ ବେହେରା ଓ ହିମାଂଶୁ କୁମାର ଆଚାର୍ଯ୍ୟ ତଦନ୍ତ କରିଛନ୍ତି। ରାସ୍ତାରେ ଅନିୟମିତତା ହୋଇଥିବା ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଅଭିଯୋଗ ହୋଇଥିଲା।

ସୂଚନା ଥାଉକି, ୧୮।୩।୨୦ରେ ଯାଜପୁର-କେନ୍ଦ୍ରାପଡ଼ା ଅଧୀକ୍ଷଣ ଯନ୍ତ୍ରୀ ଏହି ରାସ୍ତାର ତଦନ୍ତ କରି ଅନିୟମିତତା ହୋଇଥିବା ଦର୍ଶାଇଥିଲେ। ଏପରି କି ୧୦ ଦିନ ମଧ୍ୟରେ ସହକାରୀ ନିର୍ବାହୀଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀଙ୍କ ବିରୋଧରେ ଡ୍ରାଫ୍ଟ ଚାର୍ଜ ପାଇଁ ଜାରକା ଡିଭିଜନର ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଏହି ନିର୍ଦ୍ଦେଶକୁ ୫୦ ଦିନ ବିତିଥିଲେ ମଧ୍ୟ ନିର୍ବାହୀ ଯନ୍ତ୍ରୀ କୌଣସି ଉତ୍ତର ରଖି ନ ଥିଲେ। ପରେ ଅଧୀକ୍ଷଣ ଯନ୍ତ୍ରୀ କି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ତା'ର ତଥ୍ୟ ସହ ଡ୍ରାଫ୍ଟ ଚାର୍ଜ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜାରକା ଡିଭିଜନର ନିର୍ବାହୀ ଯନ୍ତ୍ରୀ ତାଙ୍କ ପତ୍ର ସଂଖ୍ୟା ୧୯୧୯ ତା: ୧୦।୬।୨୧ରେ ତିନି ପୃଷ୍ଠା ସମ୍ବଳିତ


ଏସ୍‌କ୍ୟୁଏମ୍ ଟିମ୍ ପକ୍ଷରୁ ତଦନ୍ତ କରାଯାଉଛି।

ରିପୋର୍ଟରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀ ସରକାରୀ କାର୍ଯ୍ୟରେ ଅବହେଳା ଏବଂ ଓପିଡବ୍ଲ୍ୟୁ କୋଡ୍ ପାରା ୨-୨-୬୧ ଓ ପାରା ୨-୨-୬୨ର ଉଲ୍ଲଂଘନ ହୋଇଥିବା ଦର୍ଶାଇଥିଲେ। ସେହିପରି ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀଙ୍କ ପତ୍ର ସଂଖ୍ୟା ୧୯୬୮୪ରେ ଏହି ରାସ୍ତା ୨୫।୧୧।୨୦ରେ ଏସ୍‌କ୍ୟୁଏମ୍ ଟିମ ତଦନ୍ତ କରି ଅସନ୍ତୋଷ ପ୍ରକାଶ କରିଥିବା ଉଲ୍ଲେଖ ରହିଛି।

ପୂର୍ବରୁ ମଧ୍ୟ ଉଦୟଗିରିଠାରୁ ମଝିପଡ଼ା ରାସ୍ତା ତଦନ୍ତ ସମୟରେ ଉଭୟ ଯନ୍ତ୍ରୀ ଉପସ୍ଥିତ ନ ଥିବା ଦର୍ଶାଇ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିବା ବେଳେ ସଞ୍ଜୟନଗର-ଶାସନପୁରୁଷୋତ୍ତମପୁର ରାସ୍ତାରେ ଅନିୟମିତତା ପାଇଁ ଡ୍ରାଫ୍ଟ ଚାର୍ଜ ନିର୍ଦ୍ଦେଶ ଦେଇଥିଲେ। ଭୁଲୁକା ପଦ୍ମାଳୟା ଉଚ୍ଚବିଦ୍ୟାଳୟରୁ କୃଷ୍ଣପୁର ଶାସନ ଯାଏ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମାଣରେ ଅନିୟମିତତା ହୋଇଥିବା ଦର୍ଶାଇ ଅଧୀକ୍ଷଣ ଯନ୍ତ୍ରୀ ଠିକା ସଂସ୍ଥାକୁ ଦୁଇଶହ ମିଟର ରାସ୍ତା ଭାଙ୍ଗି ପୁନଃ ନିର୍ମାଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ କାର୍ଯ୍ୟରେ ଅବହେଳା ପାଇଁ ସହକାରୀ ନିର୍ବାହୀଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କ ବିରୋଧରେ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ତେବେ ବାରମ୍ବାର ଜଣେ ଅଧିକାରୀଙ୍କୁ ବିଭାଗୀୟ ଉପରିସ୍ଥ ଅଧିକାରୀ ଅନିୟମିତତା ପାଇଁ ଦାୟୀ କରୁଥିବା ବେଳେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆ ନ ଯିବାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ଏନେଇ ତଦନ୍ତ ଅଧିକାରୀ ଇଂ. ବେହେରା କହିଛନ୍ତି, ନିରପେକ୍ଷ ତଦନ୍ତ ହୋଇଛି। ଖୁବ୍‌ଶୀଘ୍ର ବିଭାଗ ନିକଟକୁ ତଦନ୍ତ ରିପୋର୍ଟ ପ୍ରଦାନ କରାଯିବ। ଏହାପରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଯାହା ନିଷ୍ପତ୍ତି ନେବେ।

# ପଦାର୍ପଣକାରୀ ଲଭଲିନା କ୍ୱାର୍ଟରରେ

**ଟୋକିଓ, ୨୭।୭(ପି.ଟି.)**

ଭାରତର ଅଲିମ୍ପିକ୍ସ ପଦାର୍ପଣକାରୀ ମହିଳା ବକ୍ସର ଲଭଲିନା ବୋର୍ଗୋହେଁ (୬୯ କେଜି) ଚମତ୍କାର ପ୍ରଦର୍ଶନ ଅବ୍ୟାହତ ରଖି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ମହିଳା ବକ୍ସିଂର ରାଉଣ୍ଡ ଅଫ୍-୧୬ ଲଢ଼େଇରେ ସେ ଜର୍ମାନୀର ଭେଟେରାନ ନାଦିନେ ଆପେଜଙ୍କୁ ପରାସ୍ତ

## ମହିଳା ବକ୍ସିଂ

କରିଛନ୍ତି। ଲଢ଼େଇ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ମଙ୍ଗଳବାର ଭାରତ ପକ୍ଷରୁ କେବଳ ଲଭଲିନା ବକ୍ସିଂ ରିଙ୍ଗ୍‌କୁ ଓହ୍ଲାଇଥିଲେ। ତେବେ ସେ ତାଙ୍କଠାରୁ ୧୨ ବର୍ଷ ବଡ଼ ପ୍ରତିଦ୍ୱନ୍ଦ୍ୱୀଙ୍କୁ ୩-୨ରେ ହରାଇ ଆଗକୁ ବଢ଼ିଛନ୍ତି। ଭାରତ ପକ୍ଷରୁ ମୋଟ ୯ ଜଣ ବକ୍ସର ଅଲିମ୍ପିକ୍ସରେ ଭାଗ ନେଇଛନ୍ତି। ତେବେ ପ୍ରଥମ ଭାରତୀୟ ଭାବେ ଲଭଲିନା ଚଳିତ ଅଲିମ୍ପିକ୍ସରେ କ୍ୱାର୍ଟର ଫାଇନାଲରେ ପହଞ୍ଚି ପାରିଛନ୍ତି। ଲଢ଼େଇର ୩ଟି ଯାକ ରାଉଣ୍ଡ ବେଶ୍ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ହୋଇଥିଲା। ତେବେ ୨୩ ବର୍ଷୀୟା ଲଭଲିନା ଶେଷରେ ବିଜୟୀ ହୋଇଥିଲେ। ୩୫ ବର୍ଷୀୟା ଆପେଜଙ୍କ ପାଇଁ ମଧ୍ୟ ଏହାଥିଲା ଅଲିମ୍ପିକ୍ସ ପଦାର୍ପଣ। ପ୍ରଥମ ଜର୍ମାନୀ ମହିଳା ଭାବେ ସେ ଅଲିମ୍ପିକ୍ସର ବକ୍ସିଂ ଇଭେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ସେ ୨ ଥର ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ ମେଡାଲିଷ୍ଟ ଏବଂ ପୂର୍ବତନ ୟୁରୋପିଆନ ଚାମ୍ପିୟନ। ଉଭୟ ପ୍ରତିଦ୍ୱନ୍ଦ୍ୱୀ ଭଲ ଲଢ଼େଇ କରିଥିଲେ। ତେବେ ଲଭଲିନା କାଉଣ୍ଟର ଆଟାକ ପଞ୍ଚ୍ ପାଇଁ ଅଧିକ ପଏଣ୍ଟ ପାଇଲେ ବୋଲି ଭାରତୀୟ ମହିଳା ବକ୍ସିଂ ଦଳର କୋଚ୍ ମହମ୍ମଦ ଅଲୀ କମର ପ୍ରକାଶ କରିଛନ୍ତି।

ଆସାମର ଲଭଲିନା ହେଉଛନ୍ତି ୨ ଥର ବିଶ୍ୱ ଏବଂ ଏସିଆନ ଚାମ୍ପିୟନଶିପ୍ ବ୍ରୋଞ୍ଜ ମେଡାଲିଷ୍ଟ। ଚଳିତ ମାସ ୩୦ ତାରିଖରେ ସେ ଚାଇନିଜ୍ ତାଇପେଇର ନିଏନ-ଚିନ୍ ଚେନ୍‌ଙ୍କୁ ଭେଟିବେ। ସେ ଜଣେ ପୂର୍ବତନ ବିଶ୍ୱ ଚାମ୍ପିୟନ ଏବଂ ଏଠାରେ ୪ର୍ଥ ସିଡ୍‌ର ମାନ୍ୟତା ପାଇଛନ୍ତି। ଲଭଲିନା ୨୦୧୮ ବିଶ୍ୱ ଚାମ୍ପିୟନଶିପ୍‌ର ସେମିଫାଇନାଲରେ ୧-୪ ପଏଣ୍ଟରେ ହାରି ଯାଇଥିଲେ। ଆସନ୍ତା କ୍ୱାର୍ଟର ଫାଇନାଲରେ ଯଦି ସେ ବିଜୟୀ ହେବେ ତେବେ ଅତି କମ୍‌ରେ ଏକ ବ୍ରୋଞ୍ଜ ପଦକ ପାଇବାକୁ ହକ୍‌ଦାର ହୋଇଯିବେ। ଚେନ୍ ହେଉଛନ୍ତି ୨୦୧୯ ଏସିଆନ ଚାମ୍ପିୟନଶିପ୍ ରୌପ୍ୟ ପଦକ ବିଜୟିନୀ। ପ୍ରି-କ୍ୱାର୍ଟର ଫାଇନାଲରେ ସେ ଇଟାଲୀର ଆଞ୍ଜେଲା କାରିନିଙ୍କୁ ୩-୨ ବ୍ୟବଧାନରେ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ବୁଧବାର ଏସିଆନ ଚାମ୍ପିୟନ ଭାରତର ପୂଜା ରାଣୀ (୭୫ କେଜି) ବକ୍ସିଂ ରିଙ୍ଗ୍‌କୁ ଓହ୍ଲାଇବେ। ତାଙ୍କର ପ୍ରତିଦ୍ୱନ୍ଦ୍ୱୀ ହେଉଛନ୍ତି ଆଲଜେରିଆର ଇକହାର୍କ ଚାଇବ। ଆହତ ସମସ୍ୟା ଏବଂ ଅନ୍ୟାନ୍ୟ କାରଣ ଯୋଗୁ ୩୦ ବର୍ଷୀୟା ପୂଜା ମଧ୍ୟ ଏଥର ପ୍ରଥମଥର ପାଇଁ ଅଲିମ୍ପିକ୍ସରେ ଖେଳିବାକୁ ଯାଉଛନ୍ତି।



ଭାରତର ଲଭଲିନା ବୋର୍ଗୋହେନ (ଡାହାଣ) ଜର୍ମାନୀର ନାଦିନେ ଆପେଜଙ୍କ ମଧ୍ୟରେ ଲଢ଼େଇ।

# ଚାନୁଙ୍କୁ ୨ କୋଟି ଟଙ୍କା ପୁରସ୍କାର



ମୀରାବାଇ ଚାନୁଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ।

**ନୂଆଦିଲ୍ଲୀ, ୨୭।୭(ପି.ଟି.)**

ଟୋକିଓ ଅଲିମ୍ପିକ୍ସରେ ରୌପ୍ୟ ପଦକ ହାସଲ କରିଥିବା ଭାରତୀୟ ମହିଳା ଓ୍ୱେଟ୍‌ଲିଫ୍ଟର ମୀରାବାଇ ଚାନୁଙ୍କ ଉପରେ ପୁରସ୍କାର ଓଜାଡ଼ି ହୋଇପଡୁଛି। କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଚାନୁଙ୍କ ପାଇଁ ୨ କୋଟି ଟଙ୍କା ଆର୍ଥିକ ପୁରସ୍କାର ଘୋଷଣା କରିଛନ୍ତି। ଏଥିସହ ନର୍ଥଇଷ୍ଟ ଫ୍ରଣ୍ଟିୟର ରେଲଓ୍ୱେରେ ଚାନୁ ଚାକିରି କରୁଥିବାରୁ ତାଙ୍କୁ ପଦୋନ୍ନତି ଦିଆଯାଇଛି। ତାଙ୍କୁ ରେଳବାଇର କ୍ରୀଡ଼ା ବିଭାଗରେ ଅଫିସର ଅନ୍ ସ୍ପେଶାଲ ଡ୍ୟୁଟି (ଓଏସ୍‌ଡି)କୁ ପ୍ରମୋଶନ ଦିଆଯାଇଛି।

ନିଜର କଠିନ ପରିଶ୍ରମ, ପ୍ରତିଭା,

## ଚାକିରିରେ ପଦୋନ୍ନତି

ଦକ୍ଷତା ବଳରେ ଚାନୁ ଅଲିମ୍ପିକ୍ସରେ ରୌପ୍ୟ ପଦକ ଜିତି ଇତିହାସ ସୃଷ୍ଟି କରିବା ସହ ସମସ୍ତଙ୍କ ପାଇଁ ପ୍ରେରଣା ଆଣି ଦେଇଛନ୍ତି ବୋଲି ବୈଷ୍ଣବ ଟୁଇଟ୍ କରି ଉଲ୍ଲେଖ କରିଛନ୍ତି। ଚାନୁ ସୋମବାର ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛନ୍ତି। ସେ ୪୯ କେ.ଜି. ବର୍ଗରେ ମୋଟ ୨୦୨ କେ.ଜି. (୮୭ କେ.ଜି. + ୧୧୫ କେ.ଜି.) ଉଠାଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। ପୂର୍ବରୁ ୨୦୦୦ ସିଡ୍‌ନୀ ଅଲିମ୍ପିକ୍ସରେ କର୍ଣ୍ଣମ ମାଲେଶ୍ୱରୀ ଓ୍ୱେଟ୍‌ଲିଫ୍ଟିଂରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ।

# ଜାତୀୟ ସଙ୍ଗୀତ ବିନା ପୋଡିୟମ ଫିନିଶ୍

**ଟୋକିଓ, ୨୭।୭(ପି.ଟି.)**

ପୋଡିୟମରେ ଜାତୀୟ ସଙ୍ଗୀତ ଗାନ ହେଉ ନ ଥିବାରୁ ଅଲିମ୍ପିକ ପଦକ ବିଜେତା ଆଥ୍‌ଲେଟ ତଥା ସନ୍ତରଣକାରୀମାନେ ନିରାଶ ହେବା ସହ ଅସନ୍ତୋଷ ପ୍ରକାଶ କରିଛନ୍ତି। ପୁରୁଷ ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତିଥିବା ରୁଷୀୟ ସନ୍ତରଣକାରୀମାନେ ପୋଡିୟମରେ ନିଜ ଦେଶର ଜାତୀୟ ସଙ୍ଗୀତ ଶୁଣିବାର ସୌଭାଗ୍ୟ ହାସଲ କରି ନ ଥିବାରୁ ଦୁଃଖିତ ହୋଇଛନ୍ତି। ତେବେ ଏଭଳି ସ୍ଥିତି କାହିଁକି ଉପୁଜିଛି ତାହାକୁ ଏମାନେ ହୃଦୟଙ୍ଗମ କରିଛନ୍ତି ବୋଲି କହିଛନ୍ତି।

ସ୍ୱର୍ଣ୍ଣ ପଦକ ଜିତିଥିବା ଏଭେଗେନି ରିଲୋଭ ଓ କ୍ଲମେଣ୍ଟ କୋଲେସନିକୋଭଙ୍କ ପାଇଁ

## ରୁଷୀୟ ସନ୍ତରଣକାରୀଙ୍କ ଅସନ୍ତୋଷ

ରୁଷୀୟ ଜାତୀୟ ସଙ୍ଗୀତ ବଦଳରେ ଚାଇକୋଭସ୍କିଙ୍କ ସଙ୍ଗୀତ ବାଜିଥିଲା। ତେବେ ଏ ନେଇ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ସହିତ ଏକ ବୁଝାମଣା ହୋଇଥିଲା। ଉଲ୍ଲେଖଥାଉ କି ରୁଷିଆରେ ଗତ କେତେବର୍ଷ ହେଲା ବ୍ୟାପକ ଡୋପିଂ ହେବାର ପ୍ରମାଣ ମିଳିଥିଲା। ଫଳରେ ରୁଷୀୟ ଆଥ୍‌ଲେଟଙ୍କୁ ରୁଷିଆନ ଅଲିମ୍ପିକ୍ କମିଟି ନାମରେ ଟୋକିଓ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବାର ସୁଯୋଗ ମିଳିଥିଲା। ଆଥ୍‌ଲେଟମାନେ ରୁଷିଆର ନାମ, ପତାକା ଓ ଜାତୀୟ ସଙ୍ଗୀତର ବ୍ୟବହାର କରିପାରିବେ ନାହିଁ ବୋଲି ବୁଝାମଣାରେ ଉଲ୍ଲେଖ କରାଯାଇଥିଲା।



# ଟେବୁଲ ଟେନିସରୁ ଅଭିଯାନ ଶେଷ



ତୃତୀୟ ରାଉଣ୍ଡ ମ୍ୟାଚ୍ ଅବସରରେ ଅଚନ୍ତ ଶରଥ କମଲ।

**ଟୋକିଓ, ୨୭।୭(ପି.ଟି.)**

ଟୋକିଓ ଅଲିମ୍ପିକ୍ସର ଟେବୁଲ ଟେନିସ ଇଭେଣ୍ଟରୁ ଭାରତର ଅଭିଯାନ ମଙ୍ଗଳବାର ଶେଷ ହୋଇଛି। ଶେଷ ଆଶା ଅଚନ୍ତ ଶରଥ କମଲ ତୃତୀୟ ରାଉଣ୍ଡରେ ମା ଲଙ୍ଗ୍‌ଙ୍କଠାରୁ ହାରି ଯାଇଛନ୍ତି। ୨୦୧୮ ଏସିଆନ ଗେମ୍ସରେ ଭାରତ ପ୍ରଥମଥର ପାଇଁ ଟେବୁଲ ଟେନିସରୁ ପଦକ ପାଇଥିଲା। ଏହାପରେ ଦେଶରେ ଏହି ଖେଳର ଲୋକପ୍ରିୟତା ବଢ଼ିଥିଲା। ଅଲିମ୍ପିକ୍ସରେ ଶରଥ ଏବଂ ମନିକା ବାତ୍ରା ରାଉଣ୍ଡ ଅଫ୍ ୩୨ରେ ପ୍ରବେଶ କରି ଆଶା ଉଜ୍ଜୀବିତ ରଖିଥିଲେ। ମାତ୍ର ଉଭୟଙ୍କ ବିଦାୟ ସହ ଭାରତ ଏହି ଗେମ୍‌ରୁ ଖାଲିହାତରେ ଫେରିବା ସ୍ପଷ୍ଟ ହୋଇ ଯାଇଛି। ୩୯ ବର୍ଷୀୟ ଶରଥ ପ୍ରଥମ ୩ ଗେମ୍‌ରେ କିଛିଟା ଚ୍ୟାଲେଞ୍ଜ ଦେଇଥିଲେ ହେଁ ବର୍ତ୍ତମାନର ଅଲିମ୍ପିକ୍ ଏବଂ ବିଶ୍ୱ ଚାମ୍ପିୟନ ଲଙ୍ଗ୍‌ଙ୍କଠାରୁ ୭-୧୧, ୧୧-୮, ୧୧-୧୩, ୪-୧୧, ୪-୧୧ ପଏଣ୍ଟରେ ହାରି ଯାଇଥିଲେ। ମୁଁ ଖେଳିଥିବା ଟୁର୍ନାମେଣ୍ଟ ମଧ୍ୟରୁ ଏହା ଶ୍ରେଷ୍ଠ ଥିଲା। ପ୍ରଥମ ୩ ଗେମ୍‌ରେ ଲଙ୍ଗ୍‌ଙ୍କୁ ଚାପରେ ରଖିବାର ଅନୁଭୂତି ମଧ୍ୟ ବହୁତ ଭଲ ରହିଥିଲା ବୋଲି କମଲ ପ୍ରକାଶ କରିଛନ୍ତି।



ମ୍ୟାଚ୍ ହାରିବା ସହ ଟୋକିଓ ଅଲିମ୍ପିକ୍ସରୁ ବିଦାୟ ନେବା ଦୁଃଖରେ ଜାପାନର ନାଓମି ଓସାକାଙ୍କ ପ୍ରତିକ୍ରିୟା।

# କ୍ରୀଡ଼ା ପ୍ରଶାସକଙ୍କ ପରଲୋକ



ସୁରେନ୍ଦ୍ରନାଥ ତ୍ରିପାଠୀ

**ଭୁବନେଶ୍ୱର, ୨୭।୭(ସ୍ପୋର୍ଟ୍ସ ବ୍ୟୁରୋ)**

କ୍ରୀଡ଼ା ପ୍ରଶାସକ ତଥା ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶାର ସଦସ୍ୟ ସୁରେନ୍ଦ୍ରନାଥ ତ୍ରିପାଠୀଙ୍କର ମଙ୍ଗଳବାର ସକାଳେ କଳାହାଣ୍ଡି ଭବାନୀପାଟଣାରେ ପରଲୋକ ଘଟିଛି। ସେ କିଛିଦିନଧରି ଅସୁସ୍ଥ ଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୭୩ ବର୍ଷ ହୋଇଥିଲା। ଭବାନୀପାଟଣା ବ୍ରଜମୋହନ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁରେନ୍ଦ୍ରନାଥ କଳାହାଣ୍ଡି ଜିଲା ଆଥ୍‌ଲେଟିକ୍ ଆସୋସିଏଶନର ଉପସଭାପତି ଥିଲେ। ସେ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ)ର ମଧ୍ୟ ପୂର୍ବତନ ସଦସ୍ୟ ଥିଲେ। ତାଙ୍କ ପରଲୋକରେ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା ଏବଂ ଓସିଏ ପକ୍ଷରୁ ଶୋକବ୍ୟକ୍ତ କରାଯାଇଛି।

# ଦୁଇଥର ପଜିଟିଭ୍ ସ୍ୱର୍ଣ୍ଣ ଜିତିଲେ

**ଟୋକିଓ, ୨୭।୭ (ଏପି)**

ବ୍ରିଟେନର ଟମ୍ ଡିନ୍ ଥରେ ନୁହେଁ ଦୁଇଥର କରୋନା ସଂକ୍ରମିତ ହୋଇ ମଧ୍ୟ ଟୋକିଓ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ଜିତିବାରେ ସମର୍ଥ ହୋଇଛନ୍ତି। ମଙ୍ଗଳବାର ସେ ପୁରୁଷ ୨୦୦ ମିଟର ଫ୍ରିଷ୍ଟାଇଲ ସନ୍ତରଣରେ ସ୍ୱର୍ଣ୍ଣ ଜିତିଛନ୍ତି।

ଡିନ୍ କହିଛନ୍ତି ତାଙ୍କ ଜୀବନର ଏହା ହେଉଛି ସବୁଠାରୁ ବଡ଼ ସଫଳତା। ତାଙ୍କ ଦେଶର ଅନ୍ୟ ଜଣେ ପ୍ରତିଯୋଗୀ ଡନ୍‌କାନ୍ ସ୍କଟ୍ ରୌପ୍ୟ ପଦକ ଲାଭ କରିଛନ୍ତି। ବ୍ରିଟେନ ଦୀର୍ଘ ୧୦୦ରୁ ଅଧିକ ବର୍ଷ ପରେ ସନ୍ତରଣ ପ୍ରତିଯୋଗିତାର କୌଣସି ଇଭେଣ୍ଟରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିପାରିଛି। ଦେଶ ପୂର୍ବରୁ ଏହି ସଫଳତା ୧୯୦୮ ଲଣ୍ଡନ ଗେମ୍ସରେ ହାସଲ କରିଥିଲା। ଡିନ୍ ୪ ମାସ ମଧ୍ୟରେ ଦ୍ୱିତୀୟ ଥର କରୋନା ସଂକ୍ରମିତ ହୋଇଥିଲେ।

# ଅଲିମ୍ପିକ୍ସ ଆରମ୍ଭ ହେବା ପରେ ଶୀର୍ଷରେ ସଂକ୍ରମଣ

**ଟୋକିଓ, ୨୭।୭(ପି.ଟି.)**

ଅଲିମ୍ପିକ୍ସ ଆରମ୍ଭ ହେବାର ୫ ଦିନରେ ଟୋକିଓରେ କରୋନା ଭାଇରସଜନିତ ସଂକ୍ରମଣ ଶୀର୍ଷରେ ପହଞ୍ଚିଛି। ଫଳରେ ଆୟୋଜକମାନଙ୍କ ଚିନ୍ତା ବଢ଼ିଛି। ୨୭ ତାରିଖ ମଙ୍ଗଳବାର ଟୋକିଓରେ କୋଭିଡ୍-୧୯ କେସ ୨,୮୪୮ରେ ପହଞ୍ଚିଛି। ପୂର୍ବ ରେକର୍ଡ (୨,୫୨୦)କୁ ଏହା ପଛରେ ପକାଇଛି। ଗତବର୍ଷ ମହାମାରୀ ଆରମ୍ଭ ପରଠାରୁ ଟୋକିଓରେ ଏହି ସଂକ୍ରମଣ ଏବେ ୨ ଲକ୍ଷରେ ପହଞ୍ଚିଛି।

ଟୋକିଓରେ ଇମର୍ଜେନ୍ସି ଜାରି ରହିଛି। ଅଲିମ୍ପିକ୍ସ ଶେଷ ହେବା ପର୍ଯ୍ୟନ୍ତ ଏହା ଜାରି ରହିବ। ଅଗଷ୍ଟ ଶେଷଆଡକୁ ପାରା ଅଲିମ୍ପିକ୍ସ ଆରମ୍ଭ ହେବା ପୂର୍ବ ପର୍ଯ୍ୟନ୍ତ ଏହା ଜାରି ରହିବ ବୋଲି କୁହାଯାଇଛି। ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଏହି ମେଗା ଇଭେଣ୍ଟରେ ଡେଲଟା ଭାରିଆଣ୍ଟର ପ୍ରଭାବ ଦେଖିବାକୁ ମିଳିବ ବୋଲି ବିଶେଷଜ୍ଞମାନେ ସତର୍କ କରାଇଥିଲେ। ଜାପାନରେ ଟିକାକରଣ ବିଳମ୍ବରେ ଆରମ୍ଭ ହୋଇଥିଲା ଓ ଏହା ମନ୍ଥରଗତିରେ ଚାଲିଥିଲା। ଏ ପର୍ଯ୍ୟନ୍ତ ୨୫.୫ ପ୍ରତିଶତ ଲୋକଙ୍କର ସମ୍ପୂର୍ଣ୍ଣ ଟିକାକରଣ ହୋଇଛି ବୋଲି ଜାପାନ ସରକାରଙ୍କ ତରଫରୁ କୁହାଯାଇଛି। ଅନ୍ୟ ଦେଶଗୁଡିକ ତୁଳନାରେ ଜାପାନରେ ମୃତ୍ୟୁ ହାର କିନ୍ତୁ ଯଥେଷ୍ଟ କମ୍ ରହିଛି। ଜାପାନରେ ଏ ପର୍ଯ୍ୟନ୍ତ ମୋଟ ୮,୭୦, ୪୪୫ କେସ୍ ଚିହ୍ନଟ ହୋଇଥିବା ବେଳେ ମାତ୍ର ୧୫,୧୨୯ ଲୋକ ମୃତ୍ୟୁବରଣ କରିଛନ୍ତି।





ଡରହାମ୍‌ରେ ମଙ୍ଗଳବାର ଭାରତର ଚେତେଶ୍ୱର ପୂଜାରା ଓ ଅଧିନାୟକ ବିରାଟ କୋହଲିଙ୍କ ଅଭ୍ୟାସ।



ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ସିଏଜିଙ୍କ ଦ୍ୱାରା ପ୍ରସ୍ତୁତ ଫାଇନାନ୍ସ ଓ ଆପ୍ରୋପ୍ରିଏଶନ ରିପୋର୍ଟ ମଙ୍ଗଳବାର ପ୍ରଦାନ କରାଯାଇଛି।

# ରାଜ୍ୟପାଳଙ୍କୁ ୨୦୧୯-୨୦ ଆର୍ଥିକ ବର୍ଷର ରିପୋର୍ଟ

ଭୁବନେଶ୍ୱର,୨୭।୭(ବ୍ୟୁରୋ)

ଆସନ୍ତା ବିଧାନସଭରେ ଉପସ୍ଥାପିତ ହେବାକୁ ଥିବା ଓଡିଶା ସରକାରଙ୍କ ୨୦୧୯-୨୦ ବର୍ଷର ଭାରତର ନିୟନ୍ତ୍ରକ ତଥା ମହାଲେଖା ପରୀକ୍ଷକ(ସିଏଜି)ଙ୍କ ଦ୍ୱାରା ପ୍ରସ୍ତୁତ ଫାଇନାନ୍ସ ଓ ଆପ୍ରୋପ୍ରିଏଶନ ରିପୋର୍ଟ ମଙ୍ଗଳବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ପ୍ରଦାନ କରାଯାଇଛି। ଓଡିଶାର ମହାଲେଖାକାର(ଲେଖା ଓ ହକଦାରୀ) ଭି.ଏମଭି ନୱଲ କିଶୋର ଏହି ରିପୋର୍ଟକୁ ରାଜଭବନଠାରେ ରାଜ୍ୟପାଳଙ୍କୁ ପ୍ରଦାନ କରିଛନ୍ତି। ଏହି ସମୟରେ ରାଜ୍ୟପାଳଙ୍କ ସଚିବ ପ୍ରମୋଦ କୁମାର ମେହେର୍ଦ୍ଧା ଉପସ୍ଥିତ ଥିଲେ।

# ସୋରଡ଼ା ବିଧାୟକଙ୍କ ବିରୋଧରେ ଭାଜପାର ଏତଲା

## ବାପାଙ୍କ ଶ୍ରାଦ୍ଧ ଭୋଜିରେ କୋଭିଡ୍ ନିୟମ ଉଲ୍ଲଂଘନ ଅଭିଯୋଗ



ଭାଜପା ନେତାମାନେ ସୋରଡ଼ା ଥାନା ଆଇଆଇସିଙ୍କୁ ଏତଲା ଦେଉଛନ୍ତି।

ସୋରଡ଼ା,୨୭।୭(ଡି.ଏନ୍.ଏ.)

ଗଞ୍ଜାମ ଜିଲା ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସାଇଁ ଗତ ସୋମବାର ବାପାଙ୍କ ଶ୍ରାଦ୍ଧ ଦିବସରେ ପୈତୃକ ଗ୍ରାମ ଅମୃତୁଲୁଠାରେ ଭୋଜିଭାତ ଆୟୋଜନ କରିଥିଲେ। ଏଥିରେ ବହୁ ସଂଖ୍ୟକ ଲୋକ ସାମିଲ ହୋଇଥିଲେ। ବିଧାୟକ କୋଭିଡ୍ ନିୟମକୁ ଉଲ୍ଲଂଘନ କରିଥିବା ନେଇ ଘୁମୁସର ଜିଲା ଭାଜପା ପକ୍ଷରୁ ତାଙ୍କ ବିରୋଧରେ ସୋରଡ଼ା ଥାନାରେ ଏତଲା ଦିଆଯାଇଛି। ମଙ୍ଗଳବାର ଭଜପାର ୯ ଜଣିଆ ପ୍ରତିନିଧି ଦଳ ଥାନାରେ ଆଇଆଇସି ରମେଶ କୁମାର ପ୍ରଧାନଙ୍କୁ ଏତଲା ଦେଇଛନ୍ତି। କରୋନା କଟକଣା ନିୟମ ସମସ୍ତଙ୍କ ପାଇଁ ଲାଗୁ ହୋଇଥିବା ବେଳେ ବିଧାୟକ ଏହାକୁ ଅବମାନନା କରିବା ଠିକ ନୁହେଁ ବୋଲି ଘୁମୁସର ଜିଲା ଭାଜପା ସଭାପତି ଗୋକୁଳାନନ୍ଦ ମଲିକ କହିଛନ୍ତି। ଜିଲା ସଭାପତିଙ୍କ ସମେତ କବିସୂର୍ଯ୍ୟନଗର ବିଧାୟକ ପ୍ରାର୍ଥୀ ରଞ୍ଜନ ପୋଲେଇ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭଗବାନ ପଣ୍ଡା, ବିନାୟକ ତ୍ରିପାଠୀ, ଜିଲା ସମ୍ପାଦକ ରଞ୍ଜନ ରାଉତ, ଏକଲପୁର ମଣ୍ଡଳ ସଭାପତି ବୁଲୁ ସାଇଁ, ଗାଜଲବାଡି ସଭାପତି ଶିବ ଦିଗାଳ, ଗାଙ୍ଗପୁର ସଭାପତି ସୁରେନ୍ଦ୍ର ଡାକୁଆ ଓ ନଗର ସଭାପତି ଭି. ଜଗଦୀଶ ରାଜୁ ଏତଲା ଦେବାକୁ ଯାଇଥିଲେ।

ସୂଚନାଯୋଗ୍ୟ, ବିଧାୟକ ସ୍ୱାଇଁଙ୍କ ବାପାଙ୍କ ପ୍ରଥମ ଶ୍ରାଦ୍ଧ ଦିବସ ସୋମବାରରେ କୋଭିଡ୍ ନିୟମ ଉଲ୍ଲଂଘନ କରାଯାଇଥିବା ନେଇ ଗଣମାଧ୍ୟମରେ ଚର୍ଚ୍ଚା ଚାଲିଥିବା ବେଳେ ବିଧାୟକ ଏହାକୁ ଖଣ୍ଡନ କରିଛନ୍ତି।

# ୩ କୃଷି ଆଇନ ପ୍ରତ୍ୟାହାର ଦାବିକଲା କଂଗ୍ରେସ

ଭୁବନେଶ୍ୱର, ୨୭।୭(ବ୍ୟୁରୋ)



ଖବରଦାତା ସମ୍ମିଳନୀରେ ଉପସ୍ଥିତ କଂଗ୍ରେସ ନେତୃବୃନ୍ଦ।

କେନ୍ଦ୍ର ସରକାର ପାରିତ କରିଥିବା ୩ଟି ନୂତନ କୃଷି ଆଇନ ବିରୋଧରେ ଗତବର୍ଷ ନଭେମ୍ବର ୨୬ରୁ ଦୀର୍ଘ ୮ ମାସ ଧରି ଦିଲ୍ଲୀ ରାଜରାସ୍ତାରେ କୃଷକମାନେ ଆନ୍ଦୋଳନ ଜାରି ରଖିଛନ୍ତି। ଏହି କୃଷକ ବିରୋଧୀ ଆଇନଗୁଡ଼ିକୁ ତୁରନ୍ତ ପ୍ରତ୍ୟାହାର କରିବା ଦାବିରେ ଚାଷୀ ଆନ୍ଦୋଳନରେ ଦେଶର ଶତାଧିକ କୃଷକଙ୍କ ପ୍ରାଣହାନି ଘଟିସାରିଲାଣି। ବାରମ୍ବାର କୃଷକଙ୍କ ସହ ଆଲୋଚନା ଆଳରେ କେନ୍ଦ୍ର ସରକାର କେବଳ ପ୍ରତାରଣାର ପନ୍ଥା ଅବଲମ୍ବନ କରିଚାଲିଛନ୍ତି। ବିଜେଡି ଏମ୍‌ପିମାନେ ପାର୍ଲାମେଣ୍ଟରେ କୃଷକଙ୍କ ସପକ୍ଷରେ ପାଟି ଖୋଲୁନାହାନ୍ତି। ନିଜର ଦାବି ସପକ୍ଷରେ କୃଷକଙ୍କ ଆନ୍ଦୋଳନ ଓ ଏକତାକୁ ଐତିହାସିକ ବୋଲି ଅବତାରଣା କରି ତୁରନ୍ତ କୃଷକ ବିରୋଧୀ ୩ଟି ଯାକ କୃଷି ଆଇନକୁ ପ୍ରତ୍ୟାହାର କରିବା ପାଇଁ କଂଗ୍ରେସ ଦାବି କରିଛି। କଂଗ୍ରେସ ଭବନଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳ ମୁଖପାତ୍ର ମନୋଜ ମହାପାତ୍ର କହିଛନ୍ତି, ରାଜ୍ୟ ବିଧାନସଭାରେ ସର୍ବସମ୍ମତିକ୍ରମେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୯୩୦ ଟଙ୍କା କରାଯାଉ ବୋଲି ପ୍ରସ୍ତାବ ଗୃହୀତ ହୋଇଥିଲା। ବିଜେଡିର ନୀରବତା ଅତ୍ୟନ୍ତ ରହସ୍ୟଜନକ ମନେହୁଏ। କୃଷକଙ୍କ ବୃହତର ସ୍ୱାର୍ଥ ଦୃଷ୍ଟିରୁ ସର୍ବସମ୍ମତ ଗୃହୀତ ହୋଇଥିବା ୨୯୩୦ ଟଙ୍କାକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ କଂଗ୍ରେସ ଦାବି କରିଛି। ଚଳିତ ଖରିଫରେ ବୀମା ପଞ୍ଜୀକରଣ ସମୟ ଜୁଲାଇ ୩୧ ପରିବର୍ତ୍ତେ ଅଗଷ୍ଟ ୧୫ ଓ ଖରିଫ ଧାନ ପଞ୍ଜୀକରଣ ସମୟ ଅଗଷ୍ଟ ୧୫ ପରିବର୍ତ୍ତେ ସେପ୍ଟେମ୍ବର ପର୍ଯ୍ୟନ୍ତ ବୃଦ୍ଧି କରିବାକୁ କଂଗ୍ରେସ ଦାବି କରିଛି।

# ପୌର ନିର୍ବାଚନ ପ୍ରସଙ୍ଗରେ ନିର୍ବାଚନ ଆୟୋଗଙ୍କୁ ଭେଟିଲା ଭାଜପା

**ଭୁବନେଶ୍ୱର, ୨୭।୭(ବ୍ୟୁରୋ):** ରାଜ୍ୟରେ ୨୦୧୮ ସେପ୍ଟେମ୍ବରରୁ ପ୍ରାୟ ୩ ବର୍ଷ ପରେ ମଧ ପୌର ନିର୍ବାଚନ ହୋଇନାହିଁ। ପରାଜୟ ଭୟରେ ସରକାର ରାଜ୍ୟ ନିର୍ବାଚନ ଆୟୋଗଙ୍କୁ ହାତବାରିସି କରି ଅମଲାତାନ୍ତ୍ରିକ ଶାସନ ବ୍ୟବସ୍ଥା ଜାରି ରଖିଛନ୍ତି। ନିର୍ବାଚନ ଆୟୋଗ କୋର୍ଟଙ୍କ ଦ୍ୱାରସ୍ଥ ନ ହୋଇ ସାମ୍ବିଧାନିକ ବିଧି ବ୍ୟବସ୍ଥାକୁ ଉଲ୍ଲଂଘନ କରୁଛନ୍ତି। ଏଣୁ ରାଜ୍ୟ ନିର୍ବାଚନ ଆୟୋଗ ଏକ ସମୟରେ ପୌର ଓ ପଞ୍ଚାୟତ ନିର୍ବାଚନ କରିବା ନିମନ୍ତେ ଭାଜପାର ଏକ ପ୍ରତିନିଧି ଦଳ ମଙ୍ଗଳବାର ଆୟୋଗଙ୍କୁ ଭେଟି ଦାବି ଜଣାଇଛନ୍ତି। ଭାଜପାର ଉକ୍ତ ଟିମ୍ ଦାବି କରିଛନ୍ତି, ପୌର ନିର୍ବାଚନ ନ ହେବା ଦ୍ୱାରା ସହରବାସୀ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି। ପୌର ନିର୍ବାଚନ ପାଇଁ ରାଜ୍ୟ ସରକାରଙ୍କ ଅଭ୍ୟାସଗତ ଅବହେଳା ଓ ଅନିଚ୍ଛା ବିରୋଧରେ ରାଜ୍ୟ ନିର୍ବାଚନ ଆୟୋଗ ଆସନ୍ତା ସପ୍ତାହରେ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ନ ହେଲେ ଭାଜପା ଆଇନର ସାହାଯ୍ୟ ନେବା ସହ ସାମ୍ବିଧାନିକ ବିଧି ଆଧାରରେ ମହା ଅଭିଯୋଗ ପାଇଁ ପାର୍ଲାମେଣ୍ଟରେ ପ୍ରସ୍ତାବ ଆଣିବ ବୋଲି ପୀତାମ୍ବର ଆଚାର୍ଯ୍ୟ ସୂଚନା ଦେଇଛନ୍ତି। ରାଜ୍ୟରେ ପୌର ନିର୍ବାଚନ କରିବା ପାଇଁ ତୁରନ୍ତ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବାକୁ ଆଚାର୍ଯ୍ୟ ଦାବି କରିଛନ୍ତି।

# ଘରକୁ ଡାକି ଭଣଜାଙ୍କୁ ହତ୍ୟା

## ଅନୈତିକ ସମ୍ପର୍କ, ଘରୋଇ କଳହ କାରଣ ସନ୍ଦେହ

ସମ୍ବଲପୁର,୨୭।୭(ବ୍ୟୁରୋ)

ସମ୍ବଲପୁର ଜିଲା ଧନୁପାଲି ଥାନା ପୋଲିସ କଲୋନୀ ହରିଓମ୍ ନଗରରେ ସୋମବାର ବିଳମ୍ବିତ ରାତିରେ ଜଣେ ଯୁବକଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଛି। ସମ୍ପର୍କୀୟ ମାମୁ ବିନିତ ପଡିଆ ଓ ମାଇଁ ମିନତି ତାଙ୍କୁ ହାଣି ହତ୍ୟା କରିଥିବା ଅଭିଯୋଗ ହୋଇଛି। ହତ୍ୟାର ଶିକାର ହୋଇଥିବା ଯୁବକ ହେଲେ ଦୀପକ ଯାଦବ (୨୫)। ମଙ୍ଗଳବାର ସକାଳେ ପୋଲିସ ଓ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରିବା ସହ ରକ୍ତ ନମୁନା ସଂଗ୍ରହ କରିଛନ୍ତି। ଏ ନେଇ ଥାନାରେ ୨୯୪/୨୧ରେ ଏକ ହତ୍ୟା ମାମଲା ରୁଜୁ ହୋଇଛି। ଅନୈତିକ ସମ୍ପର୍କ ଓ ପାରିବାରିକ କଳହ ଯୋଗୁ ହତ୍ୟାକାଣ୍ଡ ଘଟିଥାଇପାରେ ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଥିବା କହିଛି।

ପୋଲିସ ସୂଚନା ଅନୁଯାୟୀ, ବିନିତଙ୍କ ଘରକୁ ଦୀପକ ଯାଇଥିଲେ। କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ମାରପିଟ ହୋଇ ଭୁଜାଲିରେ ବିନିତ ଦୀପକଙ୍କୁ ଆକ୍ରମଣ କରିଥିଲେ। ଏଥିରେ ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଥିବାବେଳେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେ ପଡିରହିଥିଲେ। ପୋଲିସ ପହଞ୍ଚି ଉଭୟଙ୍କୁ ଜିଲା ସଦର ଡାକ୍ତରଖାନା ନେଇଥିଲା। ସେଠାରେ ଡାକ୍ତର ଦୀପକଙ୍କୁ ମୃତ ଘୋଷଣା କରିଥିଲେ। ବିନିତ ଏବେ ବୁର୍ଲା ଭିମ୍‌ସାରରେ ଚିକିତ୍ସିତ ହେଉଛନ୍ତି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଅଭିଯୁକ୍ତ ଚିକିତ୍ସିତ ହେଉଥିବାରୁ ବୟାନ ରେକର୍ଡ କରାଯାଇପାରି ନାହିଁ ଓ ହତ୍ୟାକାଣ୍ଡର ପ୍ରକୃତ କାରଣ ଜଣାପଡ଼ି ନାହିଁ ବୋଲି ପୋଲିସ କହିଛି।



ହରିଓମ୍‌ନଗରରେ ପୋଲିସ ତଦନ୍ତ କରୁଛି।

# ଉତ୍କଳ ଗ୍ରାମ୍ୟ ବ୍ୟାଙ୍କରୁ ୨ଲକ୍ଷରୁ ଉର୍ଦ୍ଧ୍ୱ ଲୁଟ୍

ସୁନ୍ଦରଗଡ଼, ୨୭।୭(ଡି.ଏନ୍.ଏ.)

ସୁନ୍ଦରଗଡ଼ ସହର ଉପକଣ୍ଠ କିରେଇସ୍ଥିତ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କରୁ ମଙ୍ଗଳବାର ଅପରାହ୍ନରେ ୪ଜଣ ଦୁର୍ବୃତ୍ତ କର୍ମଚାରୀଙ୍କୁ ରିଭଲଭର୍ ଦେଖାଇ ଭୟଭୀତ କରି ୨ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଲୁଟି ଫେରାର ହୋଇଯାଇଛନ୍ତି। ଏହି ଖବର ମିଳିବା ପରେ ସୁନ୍ଦରଗଡ଼ ଏସ୍‌ପି ସାଗରିକା ନାଥ, ସଦର ଏସ୍‌ଡିପିଓ ମଧୁସ୍ମିତା ମିଶ୍ର ଓ ସଦର ଥାନା ଆଇଆଇସି ଦାୟିତ୍ୱରେ ଥିବା ତାଲିମପ୍ରାପ୍ତ ଡିଏସ୍‌ପି ସନ୍ତୋଷ କୁମାର ବାରିକ ପ୍ରମୁଖ ସଦଳବଳ ସାଇଣ୍ଟିଫିକ୍ ଟିମ୍ ସହିତ ବ୍ୟାଙ୍କରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ବ୍ୟାଙ୍କର ଶାଖା ପରିଚାଳକ ନୀଳକଣ୍ଠ କୁମାର ସନ୍ଧ୍ୟାରେ ଏନେଇ ସଦର ଥାନାରେ ଲିଖିତ ଭାବେ ରିପୋର୍ଟ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିଛି। ଦୁର୍ବୃତ୍ତମାନଙ୍କୁ ଧରିବା ପାଇଁ ପୋଲିସ ତନାଘନା ଚଳାଇଛି।

୪ଜଣ ଦୁର୍ବୃତ୍ତ ବିଜୁ ଏକ୍ସପ୍ରେସ୍ ୱେ ପାର୍ଶ୍ୱରେ ଏକ ନୂତନ କୋଠାରେ ଚାଲିଥିବା ଏହି ବ୍ୟାଙ୍କ ଭିତରକୁ ମଧ୍ୟାହ୍ନ ପ୍ରାୟ ୧ଟା ୪୦ରୁ ୨ଟା ୨୦ ମଧ୍ୟରେ ହଠାତ୍ ପଶି ଆସିଥିଲେ। ସେମାନେ ରିଭଲଭର ଦେଖାଇ କର୍ମଚାରୀ ଓ ଗ୍ରାହକମାନଙ୍କୁ ଭୟଭୀତ କରି ଗୋଟିଏ କୋଠରିରେ ଭର୍ତ୍ତି କରିଦେଇଥିଲେ। ଏହା ପରେ ସେମାନେ କ୍ୟାଶ କାଉଣ୍ଟରରେ ବସିଥିବା କର୍ମଚାରୀ ରାକ୍ଷୀ କୁଜୁରଙ୍କୁ ଭୟଭୀତ କରାଇ ୨ଲକ୍ଷ ୮୭ହଜାର ଟଙ୍କା ଲୁଟି ନେଇଥିଲେ। ଏହା ସହ ଜଣେ ମହିଳା କର୍ମଚାରୀ ଓ ଗ୍ରାହକଙ୍କଠାରୁ ସୁନାଚେନ୍, ମୋବାଇଲ ଫୋନ୍, ଏଟିଏମ୍ କାର୍ଡ ଲୁଟି ଫେରାର୍ ହୋଇଯାଇଥିଲେ। କର୍ମଚାରୀ ଓ ଗ୍ରାହକମାନଙ୍କ ସୂଚନା ମୁତାବକ ଏହି ଦୁର୍ବୃତ୍ତମାନେ ୨ଟି ବାଇକ୍‌ରେ ଆସିଥିଲେ। ସେମାନେ ଝାଡଖଣ୍ଡୀ ହିନ୍ଦୀ ଭାଷାରେ କଥା ହେଉଥିଲେ। ୨ଜଣ ମାସ୍କ ପିନ୍ଧିଥିବାବେଳେ ୨ଜଣ ପିନ୍ଧି ନ ଥିଲେ। ଏସ୍‌ପି ସାଗରିକା ନାଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୋଲିସର ସ୍ୱତନ୍ତ୍ର ସ୍କ୍ୱାଡ୍ ବ୍ୟାଙ୍କର ସିସିଟିଭି ଫୁଟେଜ୍ ଆଧାରରେ ତଦନ୍ତ ଆରମ୍ଭ କରି ସେମାନଙ୍କୁ ଧରିବା ପାଇଁ ଉଦ୍ୟମ କରିଛି।


अखिल भारतीय आयुर्विज्ञान संस्थान (एम्स), भुवनेश्वर
**ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR**
(A Statutory Body under aegis of Ministry of Health and Family Welfare, Govt. of India)
Engineering Branch (Civil), Sijua (Patrapada), Bhubaneswar(Odisha)-751019
www.aiimsbhubaneswar.nic.in

File No. :AIIMS/BBSR/Engg./ 565/ NIT-017/ 2021-22 Dated : 27th July 2021

**NOTICE INVITING E-TENDER**

The All India Institute of Medical Sciences (AIIMS), Bhubaneswar invites e-Tender for the Work(s) for **Provision of Tensile Fabric Roofing with Structural Steel on Main OPD (Front Foot Path Area) of Hospital Campus, AIIMS, Bhubaneswar** *(NIT No. : AIIMS/ BBSR/Engg./ 017/2020-21).* The detailed Tender Document along with Last Date & Time of Submission of Tender can be viewed & downloaded from the website **www.aiimsbhubaneswar.nic.in, www.tenderwizard.com / AIIMSBBSR & CPP Portal www.eprocure.gov.in.**

Sd/-
Executive Engineer(Civil) I/C
AIIMS, Bhubaneswar



## ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା

୧- ପ୍ରାକୃତିକ ବିପର୍ଯ୍ୟୟ ଏବଂ ଦୁର୍ବିପାକ ଦ୍ୱାରା ହେଉଥିବା କ୍ଷତିର ଭରଣା କରିବା ପାଇଁ ଫସଲ ବୀମା କରନ୍ତୁ।
୨- ସମ୍ବଲପୁର ଜିଲାରେ ଖରିଫ ୨୦୨୧ ପାଇଁ ଧାନ, ମକା, ଅଦା ଏବଂ ହରଡ଼ର ଶସ୍ୟ ଫସଲ ବୀମାରେ ଅନ୍ତର୍ଭୁକ୍ତ କରାଯାଇଛି ଏବଂ Reliance General Insurance Company Ltd., ଏଥିପାଇଁ ଅଧିସୂଚିତ ହୋଇଛି।
୩- ଧାନ ଫସଲ ପାଇଁ ଗ୍ରାମପଞ୍ଚାୟତ ଅଧିସୂଚିତ ବୀମା ଏକକ ହୋଇଥିବା ବେଳେ ମକା, ହରଡ଼, ଅଦା ପାଇଁ ବ୍ଲକ ବୀମା ଏକକ ଅଟେ।
୪- ଧାନ ଫସଲ ପାଇଁ ହେକ୍ଟର ପ୍ରତି ଏକ ପ୍ରତିଶତ ଏବଂ ମକା, ହରଡ଼, ଅଦା ପାଇଁ ଦୁଇ (୨) ପ୍ରତିଶତ ରଣ ଧାର୍ଯ୍ୟ କରାଯାଇଛି। ଉଭୟ ଋଣୀ ଓ ଅଣଋଣୀ ଚାଷୀ ଏହାର ସୁବିଧା ଉଠାଇପାରିବେ।
୫- ପ୍ରିମିୟମ ଜମା କରିବାର ଶେଷ ତାରିଖ ୩୧।୭।୨୦୨୧ ଅଟେ। ତେଣୁ ଏହି ତାରିଖ ପୂର୍ବରୁ ଆପଣ ଆପଣଙ୍କ ନିକଟସ୍ଥ କୃଷି ସମବାୟ ସମିତି, ବାଣିଜ୍ୟ ବ୍ୟାଙ୍କ ଏବଂ ଜନସେବା କେନ୍ଦ୍ରମାନଙ୍କରେ ଜମା କରିଦିଅନ୍ତୁ।

ବି.ଦ୍ର.:- ଜମି ମାଲିକର ଲିଖିତ ସହମତି ବିନା ଭାଗଚାଷୀ ଫସଲ ବୀମା କରିପାରିବେ ନାହିଁ। ଭବିଷ୍ୟତରେ କୌଣସି ବିବାଦ କିମ୍ବା ଅସଙ୍ଗତି ହେଲେ ଦୋଷୀ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ।

ସ୍ୱା./- ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ
ସମ୍ବଲପୁର


## ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
## ଘୋଷଣା

No. RDM-LAA-BLS-0008-2019/11789 R&DM, Dated 7 APR. 2021

No.XXI-54:- ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫ (୨) ଅନୁସାରେ ଜିଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା- ଭଣ୍ଡାରକୁଲି, ଥାନା-ରାଇବଣିଆ ସଂ ୫୯, ତହସିଲ- ଜଳେଶ୍ୱର, ଜିଲା- ବାଲେଶ୍ୱରରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ନାରାୟଣପୁର ଡିଷ୍ଟ୍ରିବ୍ୟୁଟାରି, ପେଣ୍ଡରାସାହି ସବ୍-ମାଇନର ଓ ଚାପଲା ସବ୍-ମାଇନର ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୯୮୪୩ ତା୧୨।୦୭।୨୦୧୯ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, ମୌଜା- ଭଣ୍ଡାରକୁଲି, ଥାନା- ରାଇବଣିଆ ସଂ ୫୯, ଜିଲା- ବାଲେଶ୍ୱରରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ ଜିଲ୍ଲା ୱେବ୍‌ସାଇଟ www.balasore.nic.in/ www.mayurbhanj.nic.inରେ ଏବଂ ରାଜ୍ୟ ସରକାଙ୍କ ୱେବ୍‌ସାଇଟ http://revenue.odisha.gov.inରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ଲକ୍ଷ୍ମୀପୋଷି, ବାରିପଦାସ୍ଥିତ ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ-କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

**ଜିଲା: ବାଲେଶ୍ୱର** **ତହସିଲ: ଜଳେଶ୍ୱର**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଶ୍ରୀରାମପୁର | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏକର ୪୭.୧୩ | ଏକର ୧୭.୪୮ | ଏଥିସହିତ ସଂଲଗ୍ନ |

**ତଫସିଲ-ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

**ଜିଲା: ବାଲେଶ୍ୱର** **ତହସିଲ: ଜଳେଶ୍ୱର**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ- ୧୨।୦୯।୨୦୨୧

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- (ଅଭୟ କୁମାର ନାୟକ), ଅତିରିକ୍ତ ଶାସନ ସଚିବ

OIPR-24001/14/0077/2122

## ଓଡ଼ିଶା ସରକାର
## ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
## ଜଳନିକାଶ ବିଭାଜନ, ଯାଜପୁର
## ବିଜ୍ଞାପନ

ପତ୍ର ସଂଖ୍ୟା 2253 ତାରିଖ: 15.7.21

No.XXIV-13:- ଓଡ଼ିଶା ସରକାରଙ୍କ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ପତ୍ରାଙ୍କ ୧୦୨୪୧, ତା୩୧।୦୩।୨୦୧୪ ଏବଂ ପତ୍ରାଙ୍କ ୨୮୪୬, ତା୨୭।୦୧।୨୦୧୬ ଏବଂ ଜଳସମ୍ପଦ ବିଭାଗଙ୍କ ପତ୍ରାଙ୍କ ୪୬୧୮ ତା୨୭।୦୨।୨୦୧୫ ମାଧ୍ୟମରେ ବ୍ୟବସ୍ଥିତ ଦିଶାନିର୍ଦ୍ଦେଶ ଅନୁଯାୟୀ ନିର୍ବାହୀ ଯନ୍ତ୍ରୀ ଜଳନିକାଶ ବିଭାଜନ, ଯାଜପୁର, ଦଶରଥପୁର ତହସିଲ ଅନ୍ତର୍ଗତ କଣ୍ଟପଡା ଓ ନାରଣଗଛା ଗ୍ରାମରେ "କାଣୀ ନଦୀର ସଳଖୀକରଣ ନିର୍ମାଣ ନିମନ୍ତେ ଏ.୩.୭୭ଡି. ଏବଂ ଏ.୦.୭୭ଡି. ପ୍ରତ୍ୟକ୍ଷ ଖର୍ଦ୍ଦି ମାଧ୍ୟମରେ ଜମି ଅଧିଗ୍ରହଣ କରିବା ନିମନ୍ତେ ଜିଲ୍ଲା କ୍ଷତିପୂରଣ ପରାମର୍ଶଦାତା କମିଟି ଅନୁମୋଦନ କରିଅଛନ୍ତି। ଉକ୍ତ ଭୂମିର ମାଲିକମାନଙ୍କ ନାମ ନିମ୍ନରେ ପ୍ରଦତ୍ତ କରାଯାଇଛି। ପ୍ରଦତ୍ତ ଭୂମିର ମାଲିକାନା ସୂଚୀରେ ଯଦି କାହାର କିଛି ଅଭିଯୋଗ ଅଛି, ତେବେ ତାହା ଏହି ବିଭାଜନ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ତା୩୧।୦୮।୨୦୨୧ ମଧ୍ୟରେ ଲିଖିତ ଆକାରରେ ଅବଗତ କରାଗଲେ ବିଚାର ଯୋଗ୍ୟ ହେବ। ଅନ୍ୟଥା ପ୍ରଦତ୍ତ ସୂଚୀ ଅନୁଯାୟୀ ଭୂମି ମାଲିକମାନଙ୍କୁ ଯୋଗ୍ୟ ସ୍ୱତ୍ୱାଧିକାରୀ ଭାବେ ନିବେଚନା କରାଯାଇ ଧାର୍ଯ୍ୟ ପ୍ରାପ୍ୟ ପ୍ରଦାନ କରାଯିବ। ନିର୍ଦ୍ଧାରିତ ଅବଧି ପରେ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ।

ଏତଦ୍ୱାରା ପ୍ରାମାଣିକ ଭୂମି ମାଲିକମାନଙ୍କୁ ଅନୁରୋଧ, ସେମାନେ ନିମ୍ନ ପ୍ରଦତ୍ତ ଭୂମି ବିଶେଷ ବିବରଣୀ ମାଲିକାନା ଅନୁଯାୟୀ ତା୩୧।୦୮।୨୦୨୧ ଅଥବା ପୂର୍ବରୁ ଉପବିଭାଜନ ଅଧିକାରୀ, ଜଳନିକାଶ ଉପବିଭାଜନ, ଯାଜପୁରଙ୍କୁ ଉପସ୍ଥାପନ କରିବା ହେବେ, ଯାହାଦ୍ୱାରା ଉପନିବନ୍ଧକ, ମଙ୍ଗଳପୁରଙ୍କ କାର୍ଯ୍ୟାଳୟରେ ବିକ୍ରିନାମା ଚୁକ୍ତି ସମ୍ପାଦନ ହେତୁ ବିହିତ ବ୍ୟବସ୍ଥା ପାଇଁ ପଦକ୍ଷେପ ଗ୍ରହଣ କରାଯିବ।

**ଆବଶ୍ୟକ ନଥି / ତଥ୍ୟ**

୧- ମୂଳ ROR/ ସଦ୍ୟତମ ରାଜସ୍ୱ ରସିଦ । ୨- ବିଗତ ୨୨ ବର୍ଷ ମଧ୍ୟରେ E.C (ପଟ୍ଟା ପ୍ରକାଶନରୁ ଅଦ୍ୟାବଧି ପର୍ଯ୍ୟନ୍ତ)
୩- ଭୂମିର ମାଲିକ ଜୀବିତ ନ ଥିଲେ ସମ୍ପୃକ୍ତ ତହସିଲଦାରଙ୍କଠାରୁ ପ୍ରାପ୍ତ ଉତ୍ତରାଧିକାରୀ ପ୍ରମାଣପତ୍ର।
୪- ଆଧାର ପତ୍ର । ୫- ପ୍ୟାନ୍ କାର୍ଡ । ୬- ୨ ଗୋଟି ପାସ୍ ପୋର୍ଟ ସାଇଜର ରଙ୍ଗୀନ ଫଟୋ
୭- ଆପଣଙ୍କର ବ୍ୟାଙ୍କ ଜମାଖାତାର ପ୍ରଥମ ପୃଷ୍ଠାର ଫଟୋ ନକଲ/ ଏକଗୋଟି ରଦ୍ଦ କରାଯାଇଥିବା ବ୍ୟାଙ୍କ ଚେକ୍

ସ୍ୱା./- ନିର୍ବାହୀ ଯନ୍ତ୍ରୀ ଜଳନିକାଶ ବିଭାଜନ, ଯାଜପୁର

**Details of Land Schedule**
REVENUE VILLAGE- KANTAPADA

| Sl. No. | Khata No. | Plot No. | Kisam | Total area (in acre) | Acquired area in acre | Name of Tenant |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | 15 | 650 | SAJ-III | 0.22 | 0.02 | Arunabala Parija, Kiranabala Parija, D/o- Bramhanada Parija, Sabitri Paria, W/o- Bramhanada Parija, Rs.0.13 Anna, Caste- Khandayat, Village- Narangachha, Soundamini Panda, D/o Daitari Panda Rs.0.03 Anna, Caste- Brahmin, Village- Malikapur |
| 2 | 15 | 651 | SAJ-III | 0.16 | 0.12 | Arunabala Parija, Kiranabala Parija, D/o Bramhanada Parija, Sabitri Parija, W/o Bramhanada Parija, Rs.0.13 Anna, Caste- Kandayat, Village- Narangachha, Soudamini Panda, D/o- Daitari Panda Rs.0.03 Anna, Caste- Brahmin, Village- Malikapur |
| 3 | 9 | 897 | SAJ-III | 0.23 | 0.01 | Abhiram Rout, S/o Tauli Rout, Caste- Mahalayak, Village -Kantapada |
| 4 | 47 | 865 | SAJ-III | 0.16 | 0.05 | Kamala Kanta Rout, Jagannath Rout, Pratap Rout, Suresh Rout, Ramesh Rout, S/o Gouranga Rout, Saraswati Rout, W/o- Gouranga Rout, Caste- Mahalayak, Village Kantapada |
| 5 | 51 | 903/1745 | SAJ-III | 0.03 | 0.01 | Kangali Sahoo, S/o Pahali Sahoo Caste- Gudia, Village Kantapada |
| 6 | 64 | 680 | SAJ-III | 0.07 | 0.07 | Krupasindhu Nayak, S/o- Gopinath Nayak, Caste- Gopala, Village-Kantapada |
| 7 | 64 | 685 | SAJ-III | 0.08 | 0.08 | Krupasindhu Nayak, S/o- Gopinath Nayak, Caste- Gopala, Village-Kantapada |
| 8 | 85 | 679 | SAJ-III | 0.5 | 0.08 | Gagan Malik S/o Dhari Malik, Usha Malik, W/o- Gagan Malik, Caste-Gokha, Village- Kantapada |
| 9 | 144 | 692 | SAJ-III | 0.19 | 0.19 | Jagabandhu Das, Shyama Sundar Das, S/o Sankar Das, Caste-Gopala, Village- Malikapur |
| 10 | 163 | 905/1756 | SAJ-III | 0.05 | 0.05 | Janmajay Sahoo, Badyanath Sahoo, S/o Hari Sahoo, Gouranga Sahoo, S/o Lokanath Sahoo, Laxmi Sahoo, W/o- Loknath Sahoo, Caste - Gudia, Village Katapada. |
| 11 | 199 | 870 | SAJ-III | 0.08 | 0.08 | Debaraj Sahoo , S/o Mangaraj Sahoo, Tuni Sahoo, W/o Mangaraj Sahoo, Caste Gudia, Village- Kantapada |
| 12 | 199 | 869/1731 | SAJ-III | 0.08 | 0.08 | Debaraj Sahoo , S/o Mangaraj Sahoo, Tuni Sahoo, W/o Mangaraj Sahoo, Caste Gudia, Village- Kantapada |
| 13 | 199 | 896/1744 | Gharabari | 0.03 | 0.03 | Debaraj Sahoo , S/o Mangaraj Sahoo, Tuni Sahoo, W/o Mangaraj Sahoo, Caste- Gudia, Village- Kantapada |
| 14 | 223 | 684 | SAJ-III | 0.07 | 0.07 | Nabana Mahunta, S/o Purnanada Mahunta, Jaggannath Mahunta, S/o Mani Mahunta, Caste- Khandayat, Village- Kantapada |
| 15 | 223 | 681 | SAJ-III | 0.05 | 0.05 | Nabana Mahunta , S/o Purnanada Mahunta, Jaggannath Mahunta, S/o Mani Mahunta, Caste- Khandayat, Village- Kantapada |
| 16 | 223 | 700 | SAJ-III | 0.3 | 0.04 | Nabana Mahunta , S/o Purnanada Mahunta, Jagannath Mahunta, S/o Mani Mahunta, Caste- Khandayat, Village- Kantapada |
| 17 | 264 | 905/1757 | SAJ-III | 0.04 | 0.01 | Panchanana Sahoo,Pandav Sahoo, Judhistira Sahoo, S/o Rahani Sahoo, Gananatha Sahoo, S/o Naran Sahoo, Caste-Gudia, Village Kantapada |
| 18 | 266 | 896 | Gharabari | 0.12 | 0.12 | Panchanana Sahoo, Pandav Sahoo, Judhistira Sahoo, S/o Rahani Sahoo, Champa Sahoo Wo Rahani Sahoo, Gananatha Sahoo, S/o Naran Sahoo, Caste-Gudia,Village -Kantapada |
| 19 | 265 | 872 | Bagayat-II | 0.17 | 0.13 | Panchanana Sahoo, Pandav Sahoo, Judhistira Sahoo, S/o Rahani Sahoo, Gananatha Sahoo, S/o Naran Sahoo, Jamenjaya Sahoo, Badyanath Sahoo, S/o Hari Sahoo, Gourang Sahoo, S/o Loksanath Sahoo, Caste- Gudia, Village -Kantapada |
| 20 | 271 | 869 | SAJ-III | 0.6 | 0.3 | Patitapabana Rout, Dwarika Nath Rout. Rabindra Nath Rout, S/o Sukadeba Rout, Caste - Mahalayak, Village Kantapada |
| 24 | 309 | 695 | SAJ-III | 0.02 | 0.02 | Pitambar Rout, S/o- Sidhanath Rout, Caste- Mahalayak, Village Kantapada |
| 25 | 310 | 696 | SAJ-III | 0.58 | 0.35 | Pitambar Rout, Madhusudan Rout, Jadumani Rout, S/o- Sidhanath Rout, Caste- Khandayat, Village Kantapada |
| 26 | 312 | 652 | SAJ-III | 0.07 | 0.01 | Purna Chandra Malik, S/o- Banamali Malik, Caste- Gokha, Village Kantapada |
| 27 | 312 | 682 | SAJ-III | 0.03 | 0.03 | Purna Chandra Malik, S/o- Banamali Malik, Caste- Gokha, Village Kantapada |
| 28 | 312 | 683 | SAJ-III | 0.07 | 0.07 | Purna Chandra Malik, S/o- Banamali Malik, Caste- Gokha, Village Kantapada |
| 29 | 336 | 862 | SAJ-III | 0.16 | 0.02 | Babaji Charan Roul, Baishnava Charan Roul, S/o Naba Kishore Roul, Caste- Niari, Village Kantapada |
| 30 | 336 | 864 | Nala | 0.07 | 0.01 | Babaji Charan Roul, Baishnava Charan Roul, S/o Naba Kishore Roul, Caste- Niari, Village Kantapada |
| 31 | 350 | 689 | SAJ-III | 0.09 | 0.09 | Bidyadhar Jena, S/o Kelu Jena, Caste- Khandayat, Village Kantapada |
| 32 | 350 | 690 | SAJ-III | 0.17 | 0.17 | Bidyadhar Jena, S/o Kelu Jena, Caste-Khandayat, Village Kantapada |
| 33 | 351 | 871 | SAJ-III | 0.08 | 0.08 | Bidyadhar Sahoo, S/o Pahali Sahoo, Caste-Gudia, Village-Kantapada |
| 34 | 351 | 869/1730 | SAJ-III | 0.08 | 0.08 | Bidyadhar Sahoo, S/o Pahali Sahoo, Caste- Gudia, Village-Kantapada |
| 35 | 351 | 896/1742 | Gharabari | 0.03 | 0.03 | Bidyadhar Sahoo, S/o Pahali Sahoo, Caste-Gudia, Village-Kantapada |
| 36 | 383 | 870/1737 | SAJ-III | 0.15 | 0.15 | Baikuntha Rout, S/o Rasananda Rout, Caste-Mahalayak,Village-Kantapada |
| 37 | 401 | 688 | SAJ-III | 0.1 | 0.01 | Bhagirathi Jena, Sudarsan Jena, Makar Jena, S/o Jajdhar Jena, Caste-Khandayat, Village- Kantapada |
| 38 | 401 | 691 | SAJ-III | 0.14 | 0.14 | Bhagirathi Jena, Sudarsan Jena, Makar Jena, S/o Jajdhar Jena, Caste-Khandayat, Village- Kantapada |
| 39 | 439 | 904 | SAJ-III | 0.14 | 0.14 | Ratnakar Rout, Pagal Rout, Abhiram Rout, S/o- Tauli Rout, Caste-Mahalayak, Village- Kantapada |
| 40 | 439 | 907 | SAJ-III | 1.06 | 0.18 | Ratnakar Rout, Ratnakar Rout, Pagal Rout, Abhiram Rout, S/o- Tauli Rout, Caste- Mahalayak, Village- Kantapada |
| 41 | 439 | 895 | Bagayat-II | 0.42 | 0.19 | Ratnakar Rout,- Ratnakar Rout, Pagal Rout, Abhiram Rout, S/o- Tauli Rout, Caste- Mahalayak, Village- Kantapada |
| 42 | 474 | 693 | SAJ-III | 0.07 | 0.05 | Rama Malik, Satrughana Malik, Caste Gokha, Village Kantapada |
| 43 | 475 | 694 | SAJ-III | 0.07 | 0.07 | Rama Chandra Malik S/o-Satrughana Malik, Gagan Malik, Harekrushna Malik, S/o Dhari Malik, Surath Malik, Nakula Malik, S/o-Jai Malik, Caste- Gokha, Village Kantapada & others |
| 44 | 488 | 869/1732 | SAJ-III | 0.-09 | 0.04 | Sanatan Sahoo S/o Pahali Sahoo, Caste- Gudia, Village- Kantapada |
| 45 | 488 | 870/1735 | SAJ-III | 0.08 | 0.08 | Sanatan Sahoo, S/o Pahali Sahoo, Caste- Gudia, Village- Kantapada |
| 46 | 488 | 905 | SAJ-III | 0.04 | 0.04 | Sanatan Sahoo, S/o Pahali Sahoo, Caste- Gudia, Village- Kantapada |
| 47 | 513 | 896/1743 | Gharabari | 0.03 | 0.03 | Srinbas Sahoo, Kailash Sahoo, Chandrahasya Sahoo, Subash Sahoo, Kurtibasa Sahoo, S/o Udaya Sahoo, Caste- Gudia, Village- Kantapada |
| 48 | 517 | 870/1736 | SAJ-III | 0.09 | 0.09 | Sudarsan Rout, S/o- Niranjan Rout, Caste- Khandayat, Village-Kantapada |
| | | | | Total Area | 3.87 | |

REVENUE VILLAGE- NARANGACHHA

| Sl. No. | Khata No. | Plot No. | Total Area | Acquired area | Kisama | Name of Tenant |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | 235 | 902 | 0.56 | 0.56 | Sarada Ana Jalasechita-2 | Tauli Rout, S/o- Sanyasi Rout, Caste- Nihari, Village-Narangachha |
| 2 | 458 | 915 | 0.06 | 0.06 | Sarada Ana Jalasechita-3 | Fanindra Kuanra, S/o- Fakira Charan Kunra, Caste-Mahalaeka, Village- Narangachha |
| 3 | 854/71 | 898 | 0.17 | 0.10 | Sarada Ana Jalasechita-2 | Prafulla Kumar Rout, S/o- Upendra Rout, Caste- Khandayat. Village- Kantapada |
| 4 | 854/71 | 903 | 0.04 | 0.04 | Sarada Ana Jalasechita-2 | Prafulla Kumar Rout, S/o- Upendra Rout, Caste- Khandayat. Village- Kantapada |
| 5 | 368 | 918 | 0.47 | 0.01 | Sarada Ana Jalasechita-3 | Madan Roul, S/o- Ganesh Roul, Caste- Nihari. Village-Narangachha |
| | | TOTAL- | | 0.77 | | |

Sd./- Executive Engineer, Drainage Division, Jajpur
OIPR-32360/11/0001/2122

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୨୮ ଜୁଲାଇ, ୨୦୨୧



## ସଂକ୍ଷେପରେ

### ଦୁର୍ଘଟଣାରେ ପ୍ରଧାନ ଶିକ୍ଷକ ଗୁରୁତର

ଆଳି,୨୭।୭(ଡି.ଏନ. ଏ.): ମଙ୍ଗଳବାର କଟକ-ଚାନ୍ଦବାଲି ମୁଖ୍ୟରାସ୍ତାରେ ଦୁର୍ଘଟଣା ଘଟି ଆଳି ନରେନ୍ଦ୍ରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭରତ ଚନ୍ଦ୍ର ଭଦ୍ର ଗୁରୁତର ହୋଇଛନ୍ତି। ସେ ନିଜ ଘର ପଟ୍ଟାମୁଣ୍ଡାଇ ଥାନା କସଣଅଣ୍ଟାରୁ ଏକ ବାଇକ୍‌ରେ ଆଳି ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସୁଥିଲେ। ଏହି ସମୟରେ ଏକ ଅଟୋରିକ୍ସା ତାଙ୍କ ବାଇକକୁ ପଛପଟରୁ ଧକ୍କା ଦେବାରୁ ସେ ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ତାଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

### ହାଇସ୍କୁଲର ସ୍ମାର୍ଟ ଶ୍ରେଣୀଗୃହର ତଦାରଖ କଲେ ଜିଲାପାଳ

ଏରସମା/ବାଲିକୁଦା,୨୭।୭(ସ୍ୱ.ପ୍ର.): ଏରସମା ବ୍ଲକ ଅନ୍ତର୍ଗତ ୩ ହାଇସ୍କୁଲ ରାଜ୍ୟର ମଡ୍ଡିରେଶନାଲ ସ୍କୁଲ ତାଲିକାରେ ସ୍ଥାନ ପାଇଛି। ଏହି ଅବସରରେ ମଙ୍ଗଳବାର ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର, ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା, ଜିଲା ସମଗ୍ର ଶିକ୍ଷା ବୈଷୟିକ ଅଧିକାରୀ ଶୁଭେନ୍ଦୁ ବରାଳ, ଏରସମା ବିଡିଓ କୈଳାସ ଚନ୍ଦ୍ର ବେହେରା ପ୍ରମୁଖ ମଙ୍ଗଳବାର ଏରସମା ହାଇସ୍କୁଲ ପରିଦର୍ଶନ କରିଥିଲେ। ଜିଲାପାଳ ସ୍କୁଲ ପରିବେଶ, ଶ୍ରେଣୀ ଗୃହ, ପାନୀୟ ଜଳ ଯୋଗାଣ, ପରିମଳ ବ୍ୟବସ୍ଥା ପ୍ରଭୃତି ତଦାରଖ କରିଥିଲେ। ଏହି ଅବସରରେ ସ୍କୁଲ ପରିସରରେ ଆୟୋଜିତ ସଭାରେ ଯୋଗଦେଇ ଜିଲାପାଳ ମହାପାତ୍ର ସ୍କୁଲ ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ। ତୁରନ୍ତ ପୁରୁଣା ଗୃହକୁ ଭାଙ୍ଗି ସେଠାରେ ସ୍ମାର୍ଟ ଶ୍ରେଣୀ ଗୃହ, ଇ' ପାଠାଗାର ଓ ଆଧୁନିକ ଲାବରେଟୋରି ପ୍ରତିଷ୍ଠା କରିବାକୁ ବିଡିଓ ବେହେରା ଓ ବରିଷ୍ଠ ଯନ୍ତ୍ରୀ ବରାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ପ୍ରଧାନଶିକ୍ଷକ ପ୍ରତାପ ଚନ୍ଦ୍ର ଦାଶ, ଏସ୍‌ଏମ୍‌ସି ଓ ମୋ ସ୍କୁଲ ଅଭିଯାନର କର୍ମକର୍ତ୍ତା ଯୋଗ ଦେଇଥିଲେ। ପରେ ଜିଲାପାଳ ବ୍ଲକ ଅନ୍ତର୍ଗତ ଗୋଡାସ୍ଥିତ ବୃନ୍ଦାବନ ବିହାରୀ ହାଇସ୍କୁଲ, ଗଡକୁଜଙ୍ଗସ୍ଥିତ ଅପଗ୍ରେଡେଡ ହାଇସ୍କୁଲ ପରିଦର୍ଶନ କରିଥିଲେ। ସେହିପରି ବାଲିକୁଦା ବ୍ଲକ ବୋରିକିନା ଉଚ୍ଚ ବିଦ୍ୟାଳୟକୁ ଜିଲାପାଳ ମହାପାତ୍ର ପରିଦର୍ଶନରେ ଆସି ମୋ ସ୍କୁଲ ଅଭିଯାନ ସମ୍ପର୍କରେ ଆଲୋଚନା କରିବା ସହ ସ୍ମାର୍ଟ ଶ୍ରେଣୀ ଗୃହର ନିର୍ମାଣ କାମ ତଦାରଖ କରିଥିଲେ। ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପରିଡ଼ାଙ୍କ ସହ ବିଦ୍ୟାଳୟରେ ଚାଲିଥିବା କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ।

### ଦଶମରେ ଉପସ୍ଥାନ ବଢୁଛି, ଦ୍ୱାଦଶରେ ସୀମିତ

ରଘୁନାଥପୁର,୨୭।୭(ଡି.ଏନ.ଏ.): ରଘୁନାଥପୁର ବ୍ଲକର ୨୬ ହାଇସ୍କୁଲରେ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ଦ୍ୱିତୀୟ ଦିନରେ ବୃଦ୍ଧି ପାଇଛି। ୫ଟି ଯୁକ୍ତ୨ କଲେଜର ଦ୍ୱାଦଶ ଶ୍ରେଣୀରେ ଉପସ୍ଥାନ ସଂଖ୍ୟା ସୀମିତ ରହିଛି। ସୋମବାର ୨୬ଟି ହାଇସ୍କୁଲର ଦଶମ ଶ୍ରେଣୀର ୧,୧୮୧ ପିଲାଙ୍କ ମଧ୍ୟରୁ ୫୩୯ ଜଣ ସ୍କୁଲ ଆସିଥିବା ବେଳେ ମଙ୍ଗଳବାର ୬୮୨ ପିଲା ଉପସ୍ଥିତ ଥିଲେ। ସେହିପରି ଯୁକ୍ତ ୨ କଲେଜ ଦ୍ୱାଦଶ ଶ୍ରେଣୀର ୭୬୩ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ମାତ୍ର ୧୧୬ ଉପସ୍ଥିତ ଥିବା ସହକାରୀ ବ୍ଲକ ଶିକ୍ଷା ଅଧିକାରିଣୀ ମେନକା ମହାପାତ୍ର କହିଛନ୍ତି। ସରକାର ଦଶମ ଓ ଦ୍ୱାଦଶ ଶ୍ରେଣୀ ଖୋଲିଥିବାରୁ ଛାତ୍ରୀଛାତ୍ରମାନେ ଏଥିପ୍ରତି ସଚେତନ ହେବାକୁ ଅଧିକାରିଣୀ ମହାପାତ୍ର ପରାମର୍ଶ ଦେଇଛନ୍ତି।

# ଅମାନତ ଟଙ୍କା ଦେଇ ମିଳୁନି ପିଣ୍ଡି

କୁଜଙ୍ଗ,୨୭।୭ (ଡି.ଏନ.ଏ.)

କୁଜଙ୍ଗ ମେଳଣ ପଡିଆଠାରେ ୨୦୦୨ରୁ ଉଚ୍ଛେଦ ଫୁଟ୍‌ପାଥ ବ୍ୟବସାୟୀଙ୍କ ନିମନ୍ତେ ନିର୍ମିତ ୧୯ ଦୋକାନ ପିଣ୍ଡି ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ବ୍ଲକ ପ୍ରଶାସନ ବଣ୍ଟନ ନ କରି ଦୀର୍ଘ ୨୦ ବର୍ଷ ହେଲା ପକେଇ ରଖିଛନ୍ତି। ବିନା ବ୍ୟବହାରରେ ପୁର୍ନବାର ୨୦୧୮ରେ ବିଧାୟକ ଉନ୍ନୟନ ପାଣ୍ଠିରୁ ୬ ଲକ୍ଷ ଟଙ୍କା ବ୍ୟୟ କରାଯାଇ ସେହିସବୁ ପିଣ୍ଡିରେ କାନ୍ଥ ଉଠାଯାଇ ଦୋକାନ ଗୃହ ଭଳି ଶଟର ଲଗାଯାଇ ମରାମତି କରାଯାଇଥିଲା। ଏବେ ଶଟରଗୁଡିକ ନଷ୍ଟ ହୋଇଗଲାଣି। ହେଲେ ତାହା ବଣ୍ଟନ ହୋଇପାରୁନାହିଁ। ହେଲେ ୮ ମାସ ହେଲା ବ୍ଲକ ପ୍ରଶାସନ କ୍ଷୁଦ୍ର ବ୍ୟବସାୟୀଙ୍କଠାରୁ ଅମାନତ ବାବଦ ଟଙ୍କା ନେଇ ପିଣ୍ଡି ଅବାଣ୍ଟନ କରୁନାହିଁ।

ପ୍ରକାଶ ଯେ, ଫୁଟ୍‌ପାଥ ଉଚ୍ଛେଦକୁ ବ୍ୟବସାୟୀମାନେ ବିରୋଧ କରିବାରୁ ତତ୍କାଳୀନ ତହସିଲଦାର ୨୦୦୨ରେ ନିର୍ମିତ ପିଣ୍ଡି ସେମାନଙ୍କ ମଧ୍ୟରେ ବଣ୍ଟନ କରିବାକୁ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ପିଣ୍ଡି ନିର୍ମାଣ ପରେ ଉଚ୍ଛେଦ ବ୍ୟବସାୟୀଙ୍କ ମଧ୍ୟରେ ବଣ୍ଟନ ନ ହେବାରୁ



ମେଳଣ ପଡିଆରେ ଥିବା ପିଣ୍ଡି ଗୃହର ଶଟର ନଷ୍ଟ ହୋଇ ଗଲାଣି।

### କୋର୍ଟ ନିର୍ଦ୍ଦେଶକୁ ଅବଜ୍ଞା

ସେମାନେ ଉଚ୍ଚ ନ୍ୟାୟଳୟର ଆଶ୍ରୟ ନେଇଥିଲେ। ପରବର୍ତ୍ତୀ ସମୟରେ ୨୦୧୮ରେ ଉଚ୍ଛେଦ ବ୍ୟବସାୟୀମାନେ ହୃଷୀକେଶ ନାଥଙ୍କ ନେତୃତ୍ୱରେ ପୁର୍ନବାର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ୧୦ଦିନ ଅନଶନ କରିବାରୁ ସେତେବେଳର ତହସିଲଦାର ପିଣ୍ଡି ଆବଣ୍ଟନ ନିମନ୍ତେ ଆଉ ଏକ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ହେଲେ ପିଣ୍ଡି ବଣ୍ଟନ ହେଲା ନାହିଁ। ୨୦୧୯ ମେ ୧୬ରେ ଆଇନର ଆଶ୍ରୟ ନେଇଥିବା ଉଚ୍ଛେଦ ବ୍ୟବସାୟୀଙ୍କୁ ପିଣ୍ଡି ବଣ୍ଟନ ନିମନ୍ତେ ଉଚ୍ଚ ନ୍ୟାୟଳୟ ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଉଚ୍ଚ ନ୍ୟାୟଳୟଙ୍କ ନିର୍ଦ୍ଦେଶ ମତେ ୨୦୧୯ ସେପ୍ଟେମ୍ବର ୨୧ରେ ପିଣ୍ଡି ଆବଣ୍ଟନ ନିମନ୍ତେ ବ୍ଲକ ପ୍ରଶାସନ ଜମା ରାଶି ଦାଖଲ ପାଇଁ ବ୍ୟବସାୟୀଙ୍କୁ ନୋଟିସ୍ କରିଥିଲେ। କିନ୍ତୁ ବ୍ଲକ ପ୍ରଶାସନ ଆଉ ଜମାରାଶି ଗ୍ରହଣ କରି ନ ଥିଲେ। ଫଳରେ ଉଚ୍ଛେଦ ବ୍ୟବସାୟୀମାନେ ପୁଣି ଉଚ୍ଚନ୍ୟାୟଳୟର ଦ୍ୱାରସ୍ଥ ହେଲେ। ଯାହାଦ୍ୱାରା ୨୦୨୦ ଡିସେମ୍ବର ୨୨ରେ ଉଚ୍ଛେଦ ବ୍ୟବସାୟୀଙ୍କଠାରୁ ଜମା ରାଶି ଗ୍ରହଣ କରି ପିଣ୍ଡି ଆବଣ୍ଟନ ନିମନ୍ତେ ନିର୍ଦ୍ଦେଶ ଦେଲେ। ଉଚ୍ଚ ନ୍ୟାୟଳୟଙ୍କ ନିର୍ଦ୍ଦେଶ ମତେ ବ୍ଲକ ପ୍ରଶାସନ ୨୦୨୧ ଜାନୁୟାରୀ ୧୧ରେ ଜମା ରାଶି ବାବଦ ୧ଲକ୍ଷ ଟଙ୍କା (ଡ୍ରାଫ୍ଟ) ଓ ୧ବର୍ଷର ଅଗ୍ରୀମ ଘରଭଡା ବାବଦକୁ ୩୦ ହଜାର ଟଙ୍କା ନଗଦ ଗ୍ରହଣ କରିଥିଲେ। କିନ୍ତୁ ଦୁଃଖର ବିଷୟ ୧ଲକ୍ଷ ୩୦ ହଜାର ଟଙ୍କା ଲେଖାଏ କ୍ଷୁଦ୍ର ବ୍ୟବସାୟୀମାନେ ୮ ମାସ ତଳୁ ଜମା ଦେଇଥିଲେ ବି ଏପର୍ଯ୍ୟନ୍ତ ପିଣ୍ଡି ପାଇ ପାରୁନାହାନ୍ତି। ଏ ନେଇ ମଙ୍ଗଳବାର ହୃଷୀକେଶ ନାଥ, ବାବାଜୀ ରାଉତ, ବାବାଜୀ ସେଠୀ ପ୍ରମୁଖ ଉଚ୍ଛେଦ ବ୍ୟବସାୟୀ କୁଜଙ୍ଗ ବିଡିଓଙ୍କୁ ସାକ୍ଷାତ କରି ପିଣ୍ଡି ଆବଣ୍ଟନ ବାବଦରେ ପଚାରିବାରୁ ସେ ଜିଲାପାଳଙ୍କୁ ଜଣାଇଛନ୍ତି ବୋଲି କହିଥିଲେ। ଜିଲାପାଳଙ୍କୁ ସାକ୍ଷାତ କରିବାକୁ ବ୍ୟବସାୟୀଙ୍କୁ କହିବାରୁ ସେମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଏ ସମ୍ପର୍କରେ ବିଡିଓ ଅମିୟ କୁମାର ପଣ୍ଡାଙ୍କୁ ପଚାରିବାରେ ଉଚ୍ଚନ୍ୟାୟଳୟଙ୍କ ନିର୍ଦ୍ଦେଶ ମତେ ସେ ଜମାରାଶି ଗ୍ରହଣ କରିଛନ୍ତି। ଯେହେତୁ ଜିଲାପାଳ ପକ୍ଷ ଥିଲେ ଓ ତାଙ୍କୁ ଆଉ କିଛି ବ୍ୟବସାୟୀ ପିଣ୍ଡି ପାଇବାକୁ ଗୁହାରି କରିଥିବାରୁ ସେ ଯାହା ପଦକ୍ଷେପ ନେବେ ବ୍ଲକ ପ୍ରଶାସନ କେବଳ ତାହା ପାଳନ କରିବ ବୋଲି କହିଥିଲେ।

# ଧର୍ମ ଜାଗରଣ ସେନା ଆବାହକଙ୍କୁ ହତ୍ୟା ଉଦ୍ୟମ ଘଟଣା, ୫ ଗିରଫ



ଖବରଦାତା ସମ୍ମିଳନୀରେ ଗିରଫ ୫ ଯୁବକ, ଜବତ ମାରଣାସ୍ତ୍ର ଓ ମୋବାଇଲ।

କେନ୍ଦ୍ରାପଡ଼ା ଅଫିସ, ୨୭।୭

ଧର୍ମ ଜାଗରଣ ସେନା ଆବାହକ ତଥା କେନ୍ଦ୍ରାପଡ଼ା ସହର ତିନିମୁହାଣି ବଜାର କମିଟି ସଭାପତି ବାବୁଲି ଓରଫ ବିବେକାନନ୍ଦ ମହାରଣାଙ୍କୁ ହତ୍ୟା ଉଦ୍ୟମ ମାମଲାରେ କେନ୍ଦ୍ରାପଡ଼ା ପୋଲିସ ମଙ୍ଗଳବାର ୫ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ନିଶ୍ଚିତକୋଇଲି ଥାନା ଅଞ୍ଚଳର ଶେଖ୍ ଅସଗର ଅଲି, ବସର ଖାଁ, ମହେନ୍ଦ୍ରନାଥ ସାହା, ରାକେଶ କୁମାର ମହାରଣା ଓ କାହ୍ନୁଚରଣ ସ୍ୱାଇଁ। ଏସ୍‌ପି ମଡକର ସନ୍ଦିପ ସମ୍ପଦ ସଦର ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ଅଭିଯୁକ୍ତଙ୍କଠାରୁ ଗୋଟିଏ ରିଭଲଭର, ମାରୁତି ସୁଜୁକି କାର (ନଂ.ଓଡି୨୨ ବିପି ୮୦୩୧), ବୋଲେରୋ (ନଂ.ଓଆର୦୨ ଏଜେ ୧୯୩୨), ୨ ବାଇକ୍ (ନଂ.ଓଡି୨୯ସି ୮୯୨୨, ନଂ.ଓଡି୫ଏଏ ୩୬୯୧) ଓ ୭ ମୋବାଇଲ ଜବତ କରାଯାଇଛି। ଏହି ଘଟଣାରେ କଟକ ଜିଲା ନିଶ୍ଚିନ୍ତକୋଇଲି ଥାନା ଅଧୀନ ଅସୁରେଶ୍ୱର ସାହା ହସ୍ପିଟାଲକୁ ସିଲ୍ କରାଯାଇଛି। ବାବୁଲିଙ୍କ ସୁରକ୍ଷା ଦାୟିତ୍ୱରେ ଥିବା କନଷ୍ଟେବଲଙ୍କ ଗୁଳିମାଡ଼ରେ ଆହତ ହୋଇଥିବା ଦୁର୍ବୃତ୍ତ ଉକ୍ତ ହସ୍ପିଟାଲରେ ଗୁଳି ବାହାର କରିଥିଲେ। ହେଲେ ହସ୍ପିଟାଲ ପକ୍ଷରୁ ପୋଲିସକୁ ଏ ସଂକ୍ରାନ୍ତରେ କୌଣସି ସୂଚନା ଦିଆଯାଇ ନ ଥିବାରୁ ଏପରି ପଦକ୍ଷେପ ନିଆଯାଇଥିବା ଅନୁମାନ କରାଯାଉଛି।

ଏସ୍‌ପିଙ୍କ ସୂଚନା ଅନୁଯାୟୀ, ଗତ ୧୪ ତାରିଖ ମଧ୍ୟାହ୍ନରେ ବାବୁଲି ରାମନଗରପାଟଣାରେ ଥିବା ତାଙ୍କ ବ୍ୟବସାୟ ପ୍ରତିଷ୍ଠାନରେ ଥିଲେ। ୨ ଜଣ ବ୍ୟକ୍ତି ସେଠାକୁ ଆସି ବାବୁଲିଙ୍କୁ ସାକ୍ଷାତ୍ କରିବାକୁ କହି ସୁରକ୍ଷା ଦାୟିତ୍ୱରେ ଥିବା କନଷ୍ଟେବଲ ମାନସ ମହାନ୍ତିଙ୍କୁ ବନ୍ଧୁକ ଦେଖାଇ ଧମକ ଦେଇଥିଲେ। ଏହି ସମୟରେ କନ୍‌ଷ୍ଟେବଲ ମହାନ୍ତି ଗୋଟିଏ ରାଉଣ୍ଡ ଗୁଳି ଚଳାଇବାରୁ ଦୁର୍ବୃତ୍ତମାନେ ଫେରାର ହୋଇ ଯାଇଥିଲେ। ଏନେଇ କନଷ୍ଟେବଲ ମହାନ୍ତିଙ୍କ ଅଭିଯୋଗକୁ ଭିତ୍ତି କରି ସଦର ଥାନାରେ ଏକ ମାମଲା (ନଂ.୩୯୫/୨୧) ରୁଜୁ ହୋଇଛି। ଜିଲା ପୋଲିସର ସ୍ୱତନ୍ତ୍ର ସ୍କ୍ୱାଡ୍ ଏସ୍‌ଡିପିଓ ରାଜୀବଲୋଚନ ମହାନ୍ତି, ଟାଉନ ଥାନା ଅଧିକାରୀ ଜ୍ୟୋତିପ୍ରକାଶ ସାମନ୍ତରାୟ, ସଦର ଥାନାଧିକାରୀ ପବିତ୍ର ମହାରଣାଙ୍କ ନେତୃତ୍ୱରେ ତଦନ୍ତ ଚାଲିଛି। ଏହି ଘଟଣାରେ ଏକାଧିକ ଅପରାଧୀଙ୍କ ସମ୍ପୃକ୍ତି ରହିଥିବା ସୂଚନା ମିଳିଛି। ତେବେ ମୁଖ୍ୟ ଅଭିଯୁକ୍ତଙ୍କୁ ଅଦ୍ୟାବଧି ଗିରଫ କରାଯାଇ ପାରିନାହିଁ। ସୂଚନାଯୋଗ୍ୟ, ବାବୁଲିଙ୍କୁ ୨୦୧୯ ଜୁଲାଇ ୧୩ରେ ଦୁର୍ବୃତ୍ତମାନେ ଗୁଳି କରିଥିଲେ। ଗୁଳି ତାଙ୍କ ପେଟରେ ବାଜିଥିଲା।

# ରାଜ୍ୟସ୍ତରକୁ ମନୋନୀତ ହେଲା ୫ ପ୍ରକଳ୍ପ





ଭର୍ଚୁଆଲରେ ଯୋଗ ଦେଇଥିବା ଅଧିକାରୀ ଓ ଶିକ୍ଷକମାନେ।

ଜଗତ୍‌ସିଂହପୁର ଅଫିସ, ୨୭।୭

ଜଗତ୍‌ସିଂହପୁର ଜିଲା ସମଗ୍ର ଶିକ୍ଷା ଅଭିଯାନ ପ୍ରକଳ୍ପ ସଂଯୋଜକଙ୍କ ସମ୍ମିଳନୀ କକ୍ଷରେ ଭର୍ଚୁଆଲ ମାଧ୍ୟମରେ ମଙ୍ଗଳବାର ଜବାହାରଲାଲ ନେହେରୁ ଗଣିତ ବିଜ୍ଞାନ ଓ ପରିବେଶଭିତ୍ତିକ ୨ ଦିନିଆ ଜିଲାସ୍ତରୀୟ ବିଜ୍ଞାନ ମେଳା ଉଦ୍‌ଯାପିତ ହୋଇଯାଇଛି। କୋଭିଡ୍ କଟକଣା ମଧ୍ୟରେ ଅନୁଷ୍ଠିତ ଉଦ୍‌ଯାପିତ ଉତ୍ସବରେ ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା ପୌରୋହିତ୍ୟ କରିଥିଲେ। ଏଥିରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନ ଉପନିର୍ଦ୍ଦେଶିକା ପ୍ରତିଭା ମଞ୍ଜରୀ ଦାସ, ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପରୀକ୍ଷା ନିୟନ୍ତ୍ରକ ସପନ କୁମାର ଜେନା, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପରେଶ ଚନ୍ଦ୍ର ପାତ୍ର ଓ ରାଜ୍ୟଶ୍ରୀ ସାହୁ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ସେମାନେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ସୃଜନଶୀଳ ବୈଜ୍ଞାନିକ ପ୍ରତିଭାକୁ ଉନ୍ମେଷ କରିବାକୁ

### ଜିଲାସ୍ତରୀୟ ବିଜ୍ଞାନ ମେଳା ଉଦ୍‌ଯାପିତ

ଏହି ମେଳା ସହାୟକ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ପ୍ରତିଯୋଗିତାରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ୪୦ଟି ପ୍ରକଳ୍ପ ଭର୍ଚୁଆଲ ମାଧ୍ୟମରେ ପ୍ରଦର୍ଶନ କରିଥିଲେ। ଅଧ୍ୟାପକ ସାୟଦ ଅଜିଜ ଅଲ୍ଲୀ ଏବଂ ଦେବିଦତ୍ତ ତ୍ରିପାଠୀ ବିଚାରକ ଭାବେ ଯୋଗଦେଇ ପ୍ରକଳ୍ପଗୁଡିକର ମୂଲ୍ୟାୟନ କରିଥିଲେ। ଏହି ପ୍ରକଳ୍ପଗୁଡିକ ମଧ୍ୟରୁ ଶ୍ରେଷ୍ଠ ୫ଟି ପ୍ରକଳ୍ପକୁ ରାଜ୍ୟସ୍ତରକୁ ମନୋନୀତ କରାଯାଇଥିଲା। ଏହିସବୁ ପ୍ରକଳ୍ପର କୁନି ବୈଜ୍ଞାନିକମାନେ ହେଲେ ବାଲିଆ ଗୋପୀନାଥପୁର ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ଛାତ୍ରୀ ରୂପଶ୍ରୀ ମଲ୍ଲିକ, କନକପୁରସ୍ଥିତ ସାରଦା ଏକାଡେମୀ ଛାତ୍ରୀ ରାଜଶ୍ରୀ ମଲ୍ଲିକ, ତରିକୁନ୍ଦ ହାଇସ୍କୁଲ ଛାତ୍ର ଏସ୍. କେ. ମୁସ୍ତାକିମ, ଅଲଣାହାଟ ଉଚ୍ଚ ବିଦ୍ୟାଳର ଛାତ୍ରୀ ସ୍ୱୟଂପ୍ରଭା ଲେଙ୍କା ଏବଂ ଅମ୍ବିକାଇ ହାଇସ୍କୁଲର ଛାତ୍ର ବେଦାନ୍ତ ସେଠୀ। ଏହି ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରାଯିବ ବୋଲି ଘୋଷଣା କରାଯାଇଥିଲା। ଏଥିସହ ରାଜ୍ୟସ୍ତରୀୟ ବିଜ୍ଞାନ ମେଳା ସମ୍ପର୍କରେ ପୂର୍ବରୁ ଅବଗତ କରାଯିବ ବୋଲି କୁହାଯାଇଥିଲା। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ରାଜଶ୍ରୀ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ଏହି ମେଳାର ଉଦ୍‌ଯାପନ ଉତ୍ସବରେ ବିଜ୍ଞାନ ଶିକ୍ଷକ ଅମୂଲ୍ୟ କୁମାର ମିଶ୍ର ଅତିଥିମାନଙ୍କ ପରିଚୟ ଦେଇଥିଲେ। ଜିଲା ବିଜ୍ଞାନ ପରିଦର୍ଶକ ଜୀବନ କୁମାର ସାହୁ ମେଳାର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେବା ସହ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜ୍ଞାନ ଶିକ୍ଷକ ପଦରାଜ ଉମାକାନ୍ତ ନାୟକ, ସୌଭାଗ୍ୟ ପ୍ରସାଦ ମିଶ୍ର, ତ୍ରୈଲୋକ୍ୟନାଥ ବିଶ୍ୱାଳ, ବିକାଶ ଚନ୍ଦ୍ର ତ୍ରିପାଠୀ ଏବଂ ସୌଭାଗ୍ୟବ୍ରତ ପଣ୍ଡା ପ୍ରମୁଖ ଉତ୍ସବ ପରିଚାଳନାରେ ସହାୟତା କରିଥିଲେ। ଶେଷରେ ବିଜ୍ଞାନ ଶିକ୍ଷକ ତ୍ରିଲୋଚନ ସାହୁ ଧନ୍ୟବାଦ ଦେଇଥିଲେ।

### ଆହାର ସୋସାଇଟି ପରିଚାଳନା ଅଭିଯୋଗ ଖାରଜ

ପାରାଦୀପ, ୨୭।୭(ସ୍ୱ.ପ୍ର.)

ପାରାଦୀପ ଆହାର କେନ୍ଦ୍ର ପରିଚାଳନା କରୁଥିବା ସମିତି ନାମରେ ହାଇକୋର୍ଟରେ ହୋଇଥିବା ଅଭିଯୋଗ ଖାରଜ ହୋଇଛି। ଏହାର ତଦନ୍ତ କରୁଥିବା କଟକ ଆରଡିସି ଅଭିଜିତ ସହଯୋଗ ସମିତିକୁ ଦୋଷମୁକ୍ତ କରିଛନ୍ତି ବୋଲି ସମିତି ପକ୍ଷରୁ କୁହାଯାଇଛି। ଏ ନେଇ ମଙ୍ଗଳବାର ପ୍ରେସ୍ ବିବୃତି ଯୋଗେ ସମିତିର ନଗେନ୍ଦ୍ର ରାଉତ ସୂଚନା ଦେଇଛନ୍ତି। ଉକ୍ତ ସମିତି ୨୦୧୬ ଜାନୁୟାରୀ ୮ରେ ଜିଲା ଆହାର ସମିତି ପକ୍ଷରୁ ପାରାଦୀପର ୨ ଆହାର କେନ୍ଦ୍ର ପରିଚାଳନା ଦାୟିତ୍ୱ ପାଇଥିଲା। ଏହି ସମିତି ନାମରେ ସଞ୍ଜୟ ସାମନ୍ତରାୟ ୨୦୨୦ ଡିସେମ୍ବର ୩ରେ ହାଇକୋର୍ଟରେ ମାମଲା (ଡବ୍ଲ୍ୟୁ ପି (ସି)୩୨୭୬୭/୨୦)ରୁଜୁ କରିଥିଲେ। କୋର୍ଟ ଏହାର ତଦନ୍ତ ପାଇଁ କଟକ ଆରଡିସିଙ୍କୁ ଦାୟିତ୍ୱ ଦେଇଥିଲେ। ଅଭିଯୋଗ ଥିଲା ଅଭିଜିତ ସହଯୋଗ ସମିତି ଏକ ଅଣପଞ୍ଜୀକୃତ ସଂସ୍ଥା। ସେମାନେ ଆଉ ଏକ ସଙ୍ଗଠନର ନାମ ବ୍ୟବହାର କରି ଆହାର କେନ୍ଦ୍ର ପରିଚାଳନା କରୁଛନ୍ତି। ଆହାର କେନ୍ଦ୍ର ନେବାବେଳେ ସମିତି ପଞ୍ଜୀକୃତ ହୋଇ ନ ଥିଲା। ପରେ ତାହା ପଞ୍ଜୀକୃତ ହୋଇଛି। ସେଥିପାଇଁ ଅଭିଯୋଗ ଖାରଜ କରଯାଇଛି ବୋଲି ତଦନ୍ତ ରିପୋର୍ଟରେ ଦର୍ଶାଯାଇଛି। ଅଭିଯୋଗକାରୀ ସାମନ୍ତରାୟ କୁହନ୍ତି, ଆମ ପାଖରେ ତଦନ୍ତ ରିପୋର୍ଟ ପହଞ୍ଚି ନାହିଁ। ରିପୋର୍ଟ ମିଳିବା ପରେ ପରବର୍ତ୍ତୀ ଆଇନଗତ ବାଟ ବାହାର କରାଯିବ।

# ସହରରୁ ଉଠିଲା ଧାରା ୧୪୪

କେନ୍ଦ୍ରାପଡା ଅଫିସ, ୨୭।୭

ଗାଙ୍ଗଷ୍ଟର ସେକ୍ ହାଇଦର ଅଲ୍ଲୀଙ୍କ ଏନକାଉଣ୍ଟର ପରେ କେନ୍ଦ୍ରାପଡ଼ା ସହର ଓ ନିକଟସ୍ଥ ୪ ପଞ୍ଚାୟତରେ ଗତ ୨୪ ତାରିଖରୁ ସିଆରପିସିର ଧାରା ୧୪୪ ଲାଗୁ ହୋଇଥିଲା। ଏହି କଟକଣାକୁ ଜିଲାପାଳ ମଙ୍ଗଳବାର ସନ୍ଧ୍ୟାରେ ଅପସାରଣ କରି ନେଇଛନ୍ତି। ଏ ନେଇ ସେ ଦେଇଥିବା ନିର୍ଦ୍ଦେଶନାମା (ନଂ. ୫୧୦) ଅନୁଯାୟୀ, ଗ୍ୟାଙ୍ଗଷ୍ଟର ହାଇଦରଙ୍କ ମୃତ୍ୟୁ ପରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ କଟକଣା ଜାରି ହୋଇଥିଲା। ତେବେ ୩ ଦିନ ମଧ୍ୟରେ କୌଣସି ଅପ୍ରତିକର ଘଟଣା କିମ୍ବା ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇନାହିଁ। ଏହାକୁ ଦୃଷ୍ଟିରେ ରଖି କଟକଣା ପ୍ରତ୍ୟାହାର କରାଯାଇଥିବା ଏଥିରେ ଉଲ୍ଲେଖ ଅଛି। ସୂଚନାଯୋଗ୍ୟ, ଗାଙ୍ଗଷ୍ଟର ହାଇଦରଙ୍କ ମୃତ୍ୟୁ ପରେ ସହର ସମେତ ନିକଟସ୍ଥ ବାରିମୂଳ, ଜମଧର, ଗୁଲନଗର ଓ କପାଳେଶ୍ୱର ପଞ୍ଚାୟତରେ ୧୪୪ ଲାଗୁ ହୋଇଥିଲା।

# ଏନ୍‌ଆଇଟିର ତଦନ୍ତ ଆରମ୍ଭ

କେନ୍ଦ୍ରାପଡ଼ା ଅଫିସ, ୨୭।୭

ହରିଦାସପୁର-ପାରାଦୀପ ନୂଆ ବ୍ରଡ୍‌ଗେଜ ରେଳଲାଇନ ପାଇଁ ସଂଗ୍ରହ କରାଯାଇଥିବା ମାଟିକୁ ନେଇ ୨୦୧୮ରେ ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲରେ ଏକ ମାମଲା (ନଂ.୫୫/୧୮) ରୁଜୁ ହୋଇଥିଲା। ଉକ୍ତ ମାମଲାର ଶୁଣାଣି ସେପ୍ଟେମ୍ବର ୨୪ରେ ଅଛି। ଏହା ପୂର୍ବରୁ ରାଉରକେଲା ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଏନ୍‌ଆଇଟି)ର ପ୍ରଫେସର ଡ. ଏଚ୍. ବି. ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ତଦନ୍ତ ଆରମ୍ଭ କରିଛି। ଏହି ତଦନ୍ତ ପ୍ରକ୍ରିୟାରେ କେନ୍ଦ୍ରାପଡ଼ା ଜିଲାର କେନ୍ଦ୍ରାପଡ଼ା, ଡେରାବିଶ, ମାର୍ଶାଘାଇ ଓ ମହାକାଳପଡ଼ା ତହସିଲଦାରମାନେ ସାମିଲ ହୋଇଛନ୍ତି। ତଦନ୍ତ ଆହୁରି ଦୁଇଦିନ ହେବ ବୋଲି ପ୍ରାଥମିକ ସୂଚନା ମିଳିଛି। ରେଳପଥର ୪୦ କିଲୋମିଟର ପର୍ଯ୍ୟନ୍ତ ବେଆଇନ ଭାବେ ମାଟି ଓ ବାଲି ଉଠାଯାଇଥିବା ନେଇ କେନ୍ଦୁଝରର ଶଶିଭୂଷଣ ବେହେରା, କେନ୍ଦ୍ରାପଡ଼ାର ପ୍ରତାପ କୁମାର ମହାନ୍ତି, ଆଳୟ

### ରେଳଧାରଣା ପାଇଁ ମାଟିଉଠାକୁ ନେଇ ଏନ୍‌ଜିଟି ମାମଲା

ସାମନ୍ତରାୟ ଓ ଅଶେଷ କୁମାର ଖଟୁଆ ଏନ୍‌ଜିଟିରେ ଏକ ମାମଲା ରୁଜୁ କରିଥିଲେ। ଏ ସମ୍ପର୍କରେ ଅଭିଯୋଗକାରୀ ଆଳୟ କହିଛନ୍ତି, ରେଳଧାରଣା ପାଇଁ ମାଟିଉଠା ସମୟରେ ବିଭିନ୍ନ ନଦୀରୁ ବାଲି ଉଠାଯିବା ସହିତ ମାଟି ଉଠାଯାଇଛି। ଏନେଇ ମାମଲାର ପ୍ରାଥମିକ ଶୁଣାଣି ସମୟରେ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡରେ ତଦନ୍ତ ହୋଇ ୪୯.୭୯ ଲକ୍ଷ କ୍ୟୁବିକ ମିଟରର ମାଟି ବାଲି ଉଠା ଯାଇଥିବା ରିପୋର୍ଟ ପ୍ରଦାନ କରିଥିଲେ। ଏହି ଅଞ୍ଚଳର ପରିବେଶ ସଂରକ୍ଷଣ ପାଇଁ ୪୫.୧୧ ଲକ୍ଷ ଟଙ୍କା ଆବଶ୍ୟକ। ଏଥିସହିତ ୨.୧ ଲକ୍ଷ ଟଙ୍କା କ୍ଷତିପୂରଣ ପାଇଁ ସୁପାରିସ କରିଥିଲେ। ତେବେ ଏନ୍‌ଜିଟି ପକ୍ଷରୁ ଏନ୍‌ଆଇଟିକୁ ସବିଶେଷ ତଦନ୍ତ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

# ରାସ୍ତାରେ ବ୍ଲକ କଂଗ୍ରେସର ବିକ୍ଷୋଭ

ରଘୁନାଥପୁର,୨୭।୭(ଡି.ଏନ.ଏ.)

ରଘୁନାଥପୁର ବ୍ଲକ ଛକ ନିକଟରେ ଥିବା ଉତ୍କଳମଣି ଗୋପବନ୍ଧୁଙ୍କ ଷ୍ଟାଚୁ ପାର୍ଶ୍ୱରୁ ସ୍ୱର୍ଗତ ବିଷ୍ଣୁ ଦାସଙ୍କ ପ୍ରତିମୂର୍ତ୍ତି ସ୍ଥାନାନ୍ତର କରିବା ଦାବି ଜୋର ଧରିଛି। ମଙ୍ଗଳବାର ବ୍ଲକ କଂଗ୍ରେସ ପକ୍ଷରୁ ଏହାକୁ ତୀବ୍ର ବିରୋଧ କରାଯିବା ସହ ରାସ୍ତାରେ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କଂଗ୍ରେସ ନେତା ହିମାଂଶୁ ଭୂଷଣ ମଲ୍ଲିକଙ୍କ ନେତୃତ୍ୱରେ କର୍ମୀମାନେ ରାସ୍ତା ଉପରେ ଛିଡ଼ାହୋଇ ପ୍ରତିବାଦ କରିବା ସହ ଗୋପବନ୍ଧୁଙ୍କ ଷ୍ଟାଚୁ ପାର୍ଶ୍ୱରୁ ବିଷ୍ଣୁଙ୍କ ପ୍ରତିମୂର୍ତ୍ତି ସ୍ଥାନାନ୍ତର କରି ନେବାକୁ ନାରାବାଜି କରିଥିଲେ। ପ୍ରାୟ ୨ଘଣ୍ଟା ଧରି ବିକ୍ଷୋଭ ପ୍ରଦର୍ଶନ ପରେ କର୍ମୀମାନେ ଗୋପବନ୍ଧୁଙ୍କ ଷ୍ଟାଚୁରେ ପୁଷ୍ପମାଲ୍ୟ ଦେଇଥିଲେ। ଏଥିରେ ବ୍ଲକ କଂଗ୍ରେସ ସଭାପତି ପ୍ରଶାନ୍ତ

### ବିଷ୍ଣୁ ଦାସଙ୍କ ପ୍ରତିମୂର୍ତ୍ତି ସ୍ଥାନାନ୍ତର ଦାବି ଜୋର ଧରିଲା

କୁମାର ଦାସ, ତିର୍ତ୍ତୋଲ ବ୍ଲକ କଂଗ୍ରେସ ସଭାପତି ନିହାର ରଞ୍ଜନ ନାୟକ, ଜିଲା କର୍ମକର୍ତ୍ତା ସର୍ବେଶ୍ୱର ପଣ୍ଡା, ବେଦଦ୍ୟୁତି ପୃଷ୍ଟି, ଆର୍ତ୍ତତ୍ରାଣ ପଣ୍ଡା, ଦେବୀପ୍ରସାଦ ମହାରଣା, ବିଜୟ ସ୍ୱାଇଁଙ୍କ ସହ ସୀମିତ ସଂଖ୍ୟାରେ କର୍ମୀମାନେ ଉପସ୍ଥିତ ଥିଲେ। ଅଞ୍ଚଳର ବୁଦ୍ଧିଜୀବୀ ପ୍ରତିବାଦକୁ ସମର୍ଥନ କରୁଥିଲେ ସୁଧା କଂଗ୍ରେସର ଏପରି ବିଳମ୍ବିତ ପ୍ରକ୍ରିୟା ପ୍ରତି ଅସନ୍ତୋଷ ପ୍ରକାଶ କରିଛନ୍ତି। କାମ ଆରମ୍ଭରୁ କାହିଁକି ପ୍ରତିବାଦ କରାଗଲା ନାହିଁ ବୋଲି ପ୍ରଶ୍ନ କରାଯାଇଛି। ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ଆଇଆଇସି ଦେବେନ୍ଦ୍ର ମହାପାତ୍ର ନଜର ରଖିବା ସହ ଅଧିକ ପୋଲିସ ଫୋର୍ସ ନିୟୋଜିତ କରିଥିଲେ।



କଂଗ୍ରେସ ନେତା ଓ କର୍ମୀମାନେ ରାସ୍ତା କଡରେ ଠିଆ ହୋଇ ପ୍ରତିବାଦ କରୁଛନ୍ତି।

# ଫୁଲରୁ ପ୍ରସ୍ତୁତ ହୁଏ ଅତର, ଖଇର

ମହାକାଳପଡ଼ା,୨୭।୭ (ଡି.ଏନ୍.ଏ.)

ପୂର୍ବରୁ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ଅଞ୍ଚଳ କେତକୀବଣରେ ପରିପୂର୍ଣ୍ଣ ଥିଲା। ଏହି ଗଛର ଫୁଲର ଚାହିଦା ଖୁବ୍ ଥିଲା। ବିଦେଶକୁ ରପ୍ତାନି ହେଉଥିଲା। ଓଡ଼ିଶାର ଗଞ୍ଜାମ, କଟକ, ଚୌଦ୍ୱାର, ଯାଜପୁର, କୁଜଙ୍ଗ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା ଆଦି ଅଞ୍ଚଳରୁ ବହୁ ବ୍ୟବସାୟୀ ଏଠାକୁ ଆସି କେତକୀ କଞ୍ଚା ଫଳ ଓ ଫୁଲ ସଂଗ୍ରହ କରି କୋଲକାତା ଚାଲାଣ କରିଥାନ୍ତି। ପରେ ବିଦେଶକୁ ଜାହାଜ ଯୋଗେ ଚାଲାଣ ହୋଇଥାଏ। କେତକୀ ଫୁଲରେ ସୁଗନ୍ଧ ଯୁକ୍ତ ଅତର ଓ ପାନରେ ଖାଇବା ଲାଗି ଖଇର ପ୍ରସ୍ତୁତ ହେଉଥିଲା। ଏହି ସୁଗନ୍ଧ ଯୁକ୍ତ ଅତର ମୂଲ୍ୟ ଅଧିକ ରହୁଥିଲା। ସେଥିପାଇଁ ଏ ଅଞ୍ଚଳରେ କେତକୀ ଗଛ ଖୁବ୍ ଚାହିଦା ଥିଲା। ସମୟକ୍ରମେ ଏହି ଗଛ ବିଲୁପ୍ତ ହେବାକୁ ବସିଛି। ସ୍ଥାନୀୟ ଲୋକେ ଏହି ଗଛର ଚେର କାଟି ଚାଳ ଛପର ଘରେ ଶକ୍ତ ଦଉଡ଼ି ଭାବେ ବ୍ୟବହାର କରିଥାନ୍ତି।

- ବିଲୁପ୍ତ ହେଲାଣି ଏହି କେତକୀ ଗଛ
- ପାଚିଲା ଫଳ ଜୀବଜନ୍ତୁଙ୍କ ଥିଲା ଖାଦ୍ୟ
- ଗଛ ମୂଳ କୋରଡରେ ବାସ କରନ୍ତି ଜୀବଜନ୍ତୁ

ମହାକାଳପଡ଼ା ବ୍ଲକ ଅଧୀନ ରାମନଗର ପଞ୍ଚାୟତ ରାମନଗର, ବରଜ ବହାକୁଦ, ନଳଗୋଠ, ପିତାପାଟ ଆଦି ଅଞ୍ଚଳରେ ପ୍ରଚୁର ପରିମାଣରେ କେତକୀ ବଣ ଥିଲା। ଏଠାରେ ଜୀବଜନ୍ତୁଙ୍କ ମଧ୍ୟରେ ବାଘ, ହେଟା, ଶିଆଳ, ବାର୍ହା ଓ ଅନେକ ପରିମାଣରେ ସରୀସୃପ ବାସ କରୁଥିଲେ। କେତକୀ ଗଛ ମୂଳେ ବାଲିରେ ଜୀବଜନ୍ତୁ ଗାତ ଖୋଳି କୋରଡରେ ବାସ କରନ୍ତି। କେତକୀ ଫଳ ପାଚିଲେ ଜଙ୍ଗଲି ଜୀବଜନ୍ତୁ, ପକ୍ଷୀମାନେ ଖାଇଥାନ୍ତି। ବହୁ ପୂର୍ବରୁ ଖାଦ୍ୟ ଅଭାବ ଯୋଗୁ ସ୍ଥାନୀୟ ଲୋକଙ୍କ



ରାମନଗର ପଞ୍ଚାୟତ ବରଜ ବହାକୁଦ ଅଞ୍ଚଳରେ ଥିବା କେତକୀ ଗଛରେ ପାଚିଲା ଫଳ।

ପାଚିଲା କେତକୀ ଫଳ ଖାଇ ଭୋକ ମେଣ୍ଟାଉ ଥିଲେ। କାଳକ୍ରମେ କେତକୀ ଗଛ ବିଲୁପ୍ତ ହେବାରେ ଲାଗିଛି। କେବଳ କିଛି କିଛି ସ୍ଥାନରେ କେତକୀବଣ ମୂକ ସାକ୍ଷୀ ହୋଇରହିଛି। ଏହି ଗଛ ପତ୍ରକୁ ସ୍ଥାନୀୟ ଲୋକମାନେ ଘର କରଣା ସାମଗ୍ରୀ ଯଥା ତଲେଇ, ଚଟ ପ୍ରସ୍ତୁତ କରିଥାନ୍ତି। ପ୍ରସ୍ତୁତ ସାମଗ୍ରୀ ରଙ୍ଗ ଦେଇ ବିକ୍ରି କରି ପରିବାର ପ୍ରତିପୋଷଣ କରିଥାନ୍ତି। ୧୯୬୭, ୧୯୭୧, ୧୯୮୨, ୧୯୯୯ ମହାବାତ୍ୟାରେ ବ୍ୟାପକ ପରିମାଣରେ କେତକୀ ଗଛ ନଷ୍ଟ ହୋଇଥିଲା। ବାତ୍ୟା ପ୍ରଭାବରୁ ଯାହା କିଛି ଗଛ ବଞ୍ଚିଥିଲା ତାକୁ ସ୍ଥାନୀୟ ଲୋକେ ବସବାସ କରିବାକୁ ଯାଇ କାଟି ଦେଇଛନ୍ତି। ଅପରପକ୍ଷେ ଏହି କେତକୀ ଫୁଲ ଭଗବାନ ଶିବଙ୍କ ପ୍ରିୟ ହୋଇଥିବାରୁ ଶିବରାତ୍ରିରେ ପୂଜା ସମୟରେ ଅର୍ପଣ କରାଯାଇଥାଏ। ସ୍ଥାନୀୟ ଅଞ୍ଚଳର ବୟସ୍କ ମୁରବି ଧଡ଼ି ସାମଲ, ବଇ ବେହେରା, ଦୈତାରି ବେହେରା, ବଟ ବାଗୁଲି, ଜଳଧର ସାମଲଙ୍କ ମତରେ ଏହି ଅଞ୍ଚଳରେ ଆମ ପିଲା ବେଳେ ଘଞ୍ଚ କେତକୀ ବଣ ଥିଲା। ଦିନରେ ଯିବା ଆସିବା କରିବାକୁ ଭୟ ଲାଗେ, ସନ୍ଧ୍ୟା ହେଲେ ଘରେ ତାଟି କବାଟ ପଡୁଥିଲା। ଜଙ୍ଗଲି ଜନ୍ତୁ ବହୁ ସଂଖ୍ୟାରେ ଥିଲେ। ଦିନରେ କେତକୀ ବୁଦା ମୂଳେ ରହୁଥିଲେ। ରାତି ହେଲେ ଜୀବଜନ୍ତୁ ଗାଁରେ ପଶି ଉପଦ୍ରବ କରୁଥିଲେ। ନିକଟ ମା' ରାମଚଣ୍ଡୀ ମନ୍ଦିରକୁ ଦର୍ଶନ କରି ଯିବାକୁ ହେଲେ ଦିନରେ ଯାଇ ଘରକୁ ଫେରୁଥିଲୁ।

# ବାଟ ଦେଖାଇଲା ଛତୁଚାଷ


ଇଂ ତପନ କୁମାର ଦଳେଇ

ଯାଜପୁର ଜିଲା ରସୁଲପୁର ବ୍ଲକ ଅନ୍ତର୍ଗତ ଓଡ଼ିଶୋ ପଞ୍ଚାୟତ କରଞ୍ଜିଆରୀ ଗ୍ରାମର ଯୁବ ଇଞ୍ଜିନିୟର ତପନ କୁମାର ଦଳେଇ (ମୋ : ୯୩୪୮୧୮୩୮୬୮)। ଛତୁଚାଷକରି ଆତ୍ମ ନିର୍ଭରଶୀଳ ହେବା ସହ ସ୍ଥାନୀୟ ଅଞ୍ଚଳରେ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ସାଜିଛନ୍ତି। କରୋନା ତାଲାବନ୍ଦ କାଳରେ ବିକଳ୍ପ ରୋଜଗାର ପନ୍ଥା ଭାବରେ ସେ ଛତୁଚାଷକୁ ଆପଣେଇ ନେଇଥିଲେ। ଏହି ଚାଷକରି ସେ ମାସିକ ୩୦ହଜାର ଟଙ୍କା ରୋଜଗାର କରିପାରୁଛନ୍ତି। ୨୮ବର୍ଷୀୟ ତପନ ମେକାନିକାଲ ଇଞ୍ଜିନିୟରିଂରେ ଡିପ୍ଲୋମା ପାସ କରିଛନ୍ତି। ୨୦୧୫ ମସିହାରେ ଏଲ ଆଣ୍ଡ ଟି କମ୍ପାନୀର ଫାଇନାନ୍ସ ବିଭାଗର ସିନିୟର ଏକ୍ଜିକ୍ୟୁଟିଭ ଭାବରେ ଚାକିରିରେ ଯୋଗଦେଇଥିଲେ। କରୋନା ଲକଡାଉନ୍ ସମୟରେ ଚାକିରି ହରାଇବା ପରେ ସେ ଆତ୍ମନିର୍ଭରଶୀଳ ହେବାକୁ ବାଟ ଖୋଜିଥିଲେ। ଏହି ସମୟରେ ଛତୁଚାଷ କରିବାକୁ ନିଷ୍ପତ୍ତି ନେଲେ। ଘର ବାଡିରେ ଥିବା ଏକ ଖାଲୁଆ ଜମିକୁ ପୋତିବା ସହ ୧୦ ହଜାର ଟଙ୍କା ବିନିଯୋଗ କରି ପ୍ରଥମେ ଛତୁଚାଷ ଆରମ୍ଭ କଲେ। ଏ ସମ୍ପର୍କରେ ତପନ କହନ୍ତି, ''୧୦୦୦ ବର୍ଗଫୁଟ ଜମି ଉପରେ ୩୦୦ ଛତୁ ଶଯ୍ୟା ପ୍ରସ୍ତୁତ କରି ଛତୁ ସ୍ପନ (ମଞ୍ଜି) ବୁଣିଲି। ଧିଙ୍ଗିର ଛତୁ ବର୍ଷରେ ୩ମାସ ଅମଳ ହେଉଥିବା ବେଳେ ପାଳ ଛତୁ ବର୍ଷକୁ ୬ମାସ ପର୍ଯ୍ୟନ୍ତ ଅମଳ ହୋଇପାରିବ। ତେବେ ଧିଙ୍ଗିରି ଛତୁର ଚାହିଦା ଅଧିକ ରହୁଥିବାରୁ ସେ ଏହି ଚାଷକୁ ଅଧିକ ଗୁରୁତ୍ୱ ଦେଉଛି। ନିଜସ୍ୱ 'ସଞ୍ଜୁ ମସରୁମ ପ୍ରଡକ୍ସନ' ପ୍ରତିଷ୍ଠା କରିବା ପରେ ବ୍ୟବସାୟୀମାନେ ଆସି ଘର ନିକଟରୁ ଛତୁ କ୍ରୟ କରି ନେଇ ଯାଉଛନ୍ତି। ଏହିଠାରୁ ଛତୁ ରାଜ୍ୟର ବିଭିନ୍ନ ସ୍ଥାନକୁ ରପ୍ତାନି କରାଯାଉଛି। ମୋତେ ଏହି କାମରେ ବାପା ନିରଞ୍ଜନ ଦଳେଇ ଏବଂ ମା' ସଞ୍ଜୁକ୍ତା ସାହାଯ୍ୟ କରିଆସୁଛନ୍ତି।'' ଏବେ ସେ ୨୩୦୦ବର୍ଗଫୁଟ ଜମି ଉପରେ ଛତୁ ଚାଷ କରୁଛନ୍ତି। ଇତିମଧ୍ୟରେ ସେ ଏକ ନୂଆ ଚାକିରିରେ ଯୋଗ ଦେଇସାରିଛନ୍ତି। ତଥାପି ଛତୁଚାଷରୁ ଦୂରେଇ ଯାଇନାହାନ୍ତି ତପନ। ଛତୁ ଚାଷରେ ତାଙ୍କୁ ସାହାଯ୍ୟ କରିବାକୁ ସେ ଦୁଇ ଜଣ ପିଲାଙ୍କୁ ମଧ୍ୟ ନିଯୋଜିତ କରିଛନ୍ତି। କେବଳ ସେତିକି ନୁହେଁ ତାଙ୍କର ଛତୁଚାଷ ପ୍ରତି ଆଗ୍ରହ ଦେଖି ଉଦ୍ୟାନ କୃଷି ବିଭାଗ ସହାୟତାର ହାତ ବଢାଇଛି। ଛତୁ ଚାଷରେ ବ୍ୟବହାର ହେଉଥିବା ବାଉଁଶ ତିଆରୀ ଗ୍ରୀନ ହାଉସ ପାଇଁ ରିହାତି ମିଳୁଛି ବୋଲି କହନ୍ତି ସେ। ରସୁଲପୁର ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଅଧିକାରୀ ଜୟଦେବ ସିଟ୍, ପ୍ରଭାସ ରଂଜନ ମଲିକ, ଉଦ୍ୟାନ ସାଥୀ ସୁରେନ୍ଦ୍ର କୁମାର ସାହୁ ପ୍ରମୁଖ ଯୁବ ଇଞ୍ଜିନିୟରଙ୍କ ଛତୁ ଚାଷକୁ ଦେଖି ତାଙ୍କୁ ପ୍ରଶଂସା କରିଛନ୍ତି। ଏହାବ୍ୟତୀତ ଛତୁ ବେଡ୍‌ରୁ ବାହାରୁଥିବା ନଡା ଓ ଅନ୍ୟାନ୍ୟ ଅବ୍ୟବହୃତ ସାମଗ୍ରୀକୁ ବ୍ୟବହାର କରି ସେ ଜିଆଖତ ପ୍ରସ୍ତୁତ କରିବା ପାଇଁ ବିଭାଗ ପକ୍ଷରୁ ତାଙ୍କୁ ପରାମର୍ଶ ଦିଆଯାଇଛି। ''ଛତୁଚାଷକୁ ପେସା କରି ମୁଁ ଆତ୍ମନିର୍ଭରଶୀଳ ହୋଇପାରିଛି। ଯୁବପିଢ଼ି ଛତୁ ଚାଷକୁ ଆପଣେଇ ପାରିଲେ ସେମାନେ ମଧ୍ୟ ଭଲ ରୋଜଗାର କରିପାରିବେ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି ବୋଲି କହନ୍ତି ତପନ।''

–ରଞ୍ଜିତ ରାଉତ



# ଅନୁମୋଦିତ ପ୍ରଣାଳୀରେ ଧାନ ରୁଆ

ଯେଉଁ ଚାଷୀ ଭାଇମାନେ ଅନୁମୋଦିତ ପ୍ରଣାଳୀରେ ଧାନ ରୋଇ ସାରିଛନ୍ତି ଏବଂ ରୁଆର ୨୦ଦିନ ହୋଇଗଲାଣି,ଅନାବନା ଘାସ ବାଛି କିସମ ଅନୁଯାୟୀ ଏକର ପ୍ରତି ୧୬କିଗ୍ରା ଯବକ୍ଷାରଜାନ ପିଲ ସାର ଆକାରରେ ପ୍ରୟୋଗ କରନ୍ତୁ। ତଳି ୩–୪ସପ୍ତାହର ହୋଇଗଲେ ରୋଇବା ପାଇଁ ଉପଯୁକ୍ତ ହୋଇଥାଏ। ସେପରିସ୍ଥଳେ ତଳି ରୋଇବା ପାଇଁ ମୁଖ୍ୟ କିଆରୀକୁ କାଦୁଅ କରନ୍ତୁ। ପ୍ରଥମେ ୩–୪ଓଡ ଚାଷ କରି ପାଣି ବାନ୍ଧି ରଖନ୍ତୁ। ରୋଇବା ପୂର୍ବଦିନ



ଅତ୍ୟଧିକ ପାଣି ନିଗାଡି ଦେଇ ଜମିକୁ କାଦୁଅ କରନ୍ତୁ। ସବୁଜ ସାର ପାଇଁ ଆଜୋଲା ବଢ଼ାଇଥିଲେ କାଦୁଅ ବେଳେ ହଳକରି ମାଟିରେ ମିଶାଇ ଦିଅନ୍ତୁ। ଏକର ପ୍ରତି ୨କିଗ୍ରା ଆଜୋଟୋବ୍ୟାକ୍ଟର (ମଧ୍ୟମ ଜମିରେ ) ବା ଆଜୋସ୍ପିରିଲମ୍ (ଖାଲଜମିରେ) ସହିତ ୨କିଗ୍ରା ପିଏସ୍ ବି ଖତ ସହିତ ମିଶାଇ ରୋଇବା ପୂର୍ବରୁ ଜମିରେ ପ୍ରୟୋଗ କରନ୍ତୁ। ଶେଷଓଡ କାଦୁଅରେ କିସମ ଅନୁଯାୟୀ ଏକର ପ୍ରତି ୬–୮କିଗ୍ରା ଯବକ୍ଷାରଜାନ ,୧୨–୧୬କିଗ୍ରା ଫସଫରସ ଓ ୧୨–୧୬କିଗ୍ରା ପଟାସ୍ ପ୍ରୟୋଗ କରନ୍ତୁ। ତଳିଘରାରେ ଦାନାଦାର ଔଷଧ ପ୍ରୟୋଗ କରି ନ ଥିଲେ ପ୍ରତି ଲିଟର ପାଣିରେ ୧ମିଲି ହିସାବରେ କ୍ଲୋରୋପାଇରିଫସ ମିଶାଇ ତଳିର ଚେରକୁ ୮–୧୦ଘଣ୍ଟା ପର୍ଯ୍ୟନ୍ତ ବୁଡାଇ ବିଶୋଧନ କରନ୍ତୁ। ଧାଡିକୁ ୧୫–୨୦ସେ.ମି ବୁଦାକୁ ବୁଦା ୧୦ସେ.ମି ବ୍ୟବଧାନ ରଖନ୍ତୁ। ବୁଦାପ୍ରତି ୨ରୁ ୩ଟି କରି ତଳି ସିଧା ଓ ଅଗଭୀରରେ ରୁଅନ୍ତୁ। ରୁଆ ସମୟରେ କିଆରୀରେ ନଖବୁଡା ପାଣି ରଖନ୍ତୁ।

# ଫଳ ଚାଷ ପାଇଁ ଜମି ପ୍ରସ୍ତୁତି

ଆମ୍ବ, ଲେମ୍ବୁ, କମଳା, ପିଜୁଳି, ସପେଟା, କଦଳୀ, ନଡ଼ିଆ, ଲିଚୁ ଆଦି ଫଳଗଛ ଲଗାଇବା ପାଇଁ ଏବେଠାରୁ ଜମି ପ୍ରସ୍ତୁତ କରନ୍ତୁ। ଏଥିଲାଗି ନିମ୍ନ ପରିମାପର ଗାତ ଖୋଳି କିଛିଦିନ ସକାଶେ ଛାଡ଼ି ଦିଅନ୍ତୁ । ଗାତ ଖୋଳି ଉପର ମାଟିକୁ ଏକ ପଟେ ଓ ତଳମାଟିକୁ ବିପରୀତ ଦିଗରେ ରଖନ୍ତୁ । ଅନାବନା କାଠିକୁଟା ଓ ପତ୍ର ପକାଇ ଗାତ ଭିତରେ ନିଆଁ ଲଗାଇ ଦିଅନ୍ତୁ।



ଗାତ ପ୍ରତି ୨ ଝୁଡ଼ି ଗୋବର ଖତ, ୧୦୦ ଗ୍ରାମ୍ ଫସ୍‌ଫରସ୍ ଓ ୬୦ ଗ୍ରାମ୍ ପଟାସ୍ ସାର ଦିଅନ୍ତୁ । ଏସବୁକୁ ଉପର ମାଟିରେ ଫେଣ୍ଟି ଉପର ମାଟି ତଳେ ଓ ତଳମାଟି ଉପରେ ରଖି ପ୍ରାକୃତିକ ଉପାୟରେ ବିଘଟିତ ହେବା ପାଇଁ ଛାଡ଼ି ଦିଅନ୍ତୁ।

# ଆତ ଚାଷରେ କୀଟ ନିୟନ୍ତ୍ରଣ




କିଶୋର ଚନ୍ଦ୍ର ପଣ୍ଡା

ଆତ (custard apple), ସୀତାଫଳ, ଲେଉଆ ତଥା ବଢ଼ିଆଳନାମରେ ଓଡ଼ିଶାରେ ଜଣାଶୁଣା। ଏହା ସ୍ୱାଦିଷ୍ଟ ପୁଷ୍ଟିକର ସ୍ୱଳ୍ପ ଖର୍ଚ୍ଚରେ ଅଧିକ ଅମଳ ଦେଉଥିବା ଏକ ଫସଲ। ଏହାର ପତ୍ରକୁ ଗାଇଗୋରୁ ଖାଉ ନ ଥିବାରୁ ଏହାକୁ ବାଡ଼ ଫସଲ ହିସାବରେ ମଧ୍ୟ ଲଗାଯାଇପାରେ। ଏହାର ପତ୍ରରୁ ଉତ୍କୃଷ୍ଟ ମାନର ଜୈବିକ କୀଟ ନିୟନ୍ତ୍ରକ ପ୍ରସ୍ତୁତ କରାଯାଇଯାଏ। ଆମ ଓଡ଼ିଶାର ଜଳବାୟୁ ଏଥିପାଇଁ ଉପଯୁକ୍ତ ହେଲେ ହେଁ ଓଡ଼ିଶାରେ ଆତଚାଷ ଏତେଟା ସନ୍ତୋଷଜନକ ମନେହୁଏ ନାହିଁ। ସରଳ ତଥା ଜୈବିକ ଉପାୟରେ ଆତଚାଷ ଏବଂ ଆତପତ୍ରରୁ କୀଟନିୟନ୍ତ୍ରକ ପ୍ରସ୍ତୁତି ବିଷୟରେ ଉଲ୍ଲେଖ କରୁଛି।

**ଜଳବାୟୁ :** ଏହା ଏକ ଗ୍ରୀଷ୍ମ ମଣ୍ଡଳୀୟ ତଥା ମରୁଡ଼ି ସହନଶୀଳ ଫସଲ ଶୁଷ୍କ ତଥା ଶୀତ ସ୍ଥାନରେ ଏହା ଭଲ ବଢ଼ିପାରେ। ବାର୍ଷିକ ବୃଷ୍ଟିପାତ ୬୦ରୁ ୮୦ ସେ.ମି. ଏହା ପାଇଁ ଉପଯୋଗୀ ହେଉଥିବାବେଳେ ସମୁଦ୍ର ପତ୍ତନଠାରୁ ଆରମ୍ଭ କରି ୧୦୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ଅଞ୍ଚଳରେ ଏହାକୁ ଚାଷ କରାଯାଇ ପାରେ।

**ମୃତ୍ତିକା :** ନିଗିଡ଼ା ବାଲିଆ ଦୋରସା ମାଟିରେ ଏହା ସବୁଠାରୁ ଭଲ ହୁଏ। କେବଳ କ୍ଷାରୀୟ ଓ ସନ୍ତସନ୍ତିଆ ମାଟିକୁ ଛାଡ଼ି ଅନ୍ୟ ସମସ୍ତ ମାଟିରେ ଏହା ଚାଷ କରାଯାଇପାରେ।

**କିସମ :** ମାମଥ, ବାରବାଡସ୍, ବାଲ୍‌ନଗର, ସାହାରନ୍‌ପୁର ଲୋକାଲ ଆଦି ଉନ୍ନତ କିସମ, ନିଜ ଅଞ୍ଚଳରେ ମିଳୁଥିବା କିସମ ମଧ୍ୟ ବ୍ୟବହାର କରାଯାଇପାରେ।

**ବଂଶବିସ୍ତାର :** ଏହାର ଚାରା ଲଗାଇବା ଅପେକ୍ଷା ମଞ୍ଜିକୁ ସିଧା ଗାତରେ ଲଗାଇବା ଅଧିକ ଲାଭଦାୟକ ହୋଇଥାଏ। ଡାଳକଲମୀ, ଆଖି କଲମୀ, ସିଲ୍ଡ ବଡିଙ୍ଗ ଓ ଯୋଡ଼ କଲମୀ ଦ୍ୱାରା ମଧ୍ୟ ଏହାର ବଂଶ ବିସ୍ତାର କରାଯାଇଥାଏ।

**ଚାଷ ପ୍ରଣାଳୀ :** ଓଡ଼ିଶାରେ ଏହାକୁ ବ୍ୟବସାୟିକ ଭିତ୍ତିରେ ଚାଷ କରାଯିବାର ନଜିର ନାହିଁ। ମାତ୍ର ବଜାରରେ ଏହାର ଯଥେଷ୍ଟ ଆଦର ଥିବାରୁ ଏହାକୁ ବ୍ୟବସାୟିକ ଭିତ୍ତିରେ ଚାଷ କରିବା ଉଚିତ। ଏହାକୁ ଗାଇଗୋରୁ ଖାଉ ନ ଥିବାରୁ ବାଡ଼ରେ କେହି କେହି ଲଗାଇବାର ଦେଖାଯାଏ। ବାଡ଼ ଫସଲ ହିସାବରେ ମଧ୍ୟ ଏହା ବ୍ୟବହାର ଯୋଗ୍ୟ। ଗଛକୁ ଗଛ ୫ ମିଟର ବ୍ୟବଧାନ ରଖନ୍ତୁ। ଅଧମିଟର ଗଭୀର ଓ ଅଧମିଟର ଓସାରର ଗାତ ଖୋଳି ପ୍ରତି ଗାତରେ ଏକ ଝୁଡ଼ି ଦେଶୀ ଗାଇର ଷଢ଼ା ଗୋବର ଖତ ତଥା କୌଣସି ଜୈବିକ ଖତ ବା ଜୀବାମୃତ ଆଦି ଦେଇ ମଞ୍ଜି ବା ଚାରା ଲଗାନ୍ତୁ। ଜୁନ୍ ବା ଜୁଲାଇ ଗଛ ଲଗାଇବାର ପ୍ରକୃଷ୍ଟ ସମୟ ଅଟେ।



**ଯତ୍ନ :** ଶୀତଦିନେ ଗଛ ପତ୍ରଝଡ଼ା ଦିଏ। ଛୋଟ, ଦୁର୍ବଳ ଶୁଖିଲା ଡାଳ କାଟିଦିଅନ୍ତୁ, ଗଛ ହୃଷ୍ଟପୁଷ୍ଟ ହୋଇ ବଢ଼ିବ। ଓଡ଼ିଶାରେ ଯେତିକି ବର୍ଷା ହୁଏ ସେତିକି ଫସଲ ପାଇଁ ଯଥେଷ୍ଟ। ଖରାଦିନେ ଉପଯୁକ୍ତ ବ୍ୟବଧାନରେ ଜଳସେଚନ କରନ୍ତୁ।

**ଫୁଲ ଓ ଫଳ :** ମାର୍ଚ୍ଚରୁ ଜୁଲାଇ ମାସ ପର୍ଯ୍ୟନ୍ତ ଫୁଲ ଆସିଥାଏ। ଜୁନ୍ ଜୁଲାଇରୁ ଫଳ ଧରେ ଏବଂ ସେପ୍ଟେମ୍ବରରୁ ଡିସେମ୍ବର ମାସ ମଧ୍ୟରେ ଫଳ ପାଚେ।

**ଅମଳ :** ଲଗାଇବାର ୪ରୁ ୫ ବର୍ଷ ପରେ ଫଳ ଆସେ। ଗୋଟିଏ ଗଛରୁ ୫୦ରୁ ୨୦୦ଟି ପର୍ଯ୍ୟନ୍ତ ଫଳ ଧରେ। ସମ୍ପୂର୍ଣ୍ଣ ପାଚିବା ପର୍ଯ୍ୟନ୍ତ ଗଛରେ ଫଳ ରଖନ୍ତୁ ନାହିଁ। କାରଣ ତାହା ଫାଟିଯାଏ। ସେହିପରି କଷି ଫଳ ମଧ୍ୟ ତୋଳନ୍ତୁ ନାହିଁ। ଫଳ ହିସାବରେ ଏହା ଯେତିକି ସୁସ୍ୱାଦୁ ସ୍ୱାସ୍ଥ୍ୟକର ସେତିକି ଆରୋଗ୍ୟ ବର୍ଦ୍ଧକ। ଏହି ଗଛରେ ରୋଗ ପୋକ ଲାଗିବା ପ୍ରାୟ ଦେଖାଯାଏ ନାହିଁ। ଜୈବିକ କୀଟ ନିୟନ୍ତ୍ରକ ହିସାବରେ ଆତ ମଞ୍ଜି ଓ ପତ୍ରର ରସକୁ ବ୍ୟବହାର କରାଯାଏ। ଏହି ମଞ୍ଜିର କୀଟନାଶକ ବିକର୍ଷଣ ଓ ଅରୁଚିକର ଗୁଣ ରହିଛି। ବିଭିନ୍ନ ପ୍ରକାର ମାଛି, ଜଉପୋକ ଓ ଅନ୍ୟାନ୍ୟ କୀଟମାନଙ୍କ ପ୍ରତି ସ୍ପର୍ଶ ବିଷ ହିସାବରେ କାମ କରିଥାଏ।

**ରୋଗ ପୋକ ଦମନ**

**ଆତପତ୍ର ଗୋମୂତ୍ର ରସାୟନ :** ୫୦୦ ଗ୍ରାମ ଆତପତ୍ରକୁ ଭଲଭାବରେ ଧୋଇ ୨ଲିଟର ପାଣିରେ ସିଝାନ୍ତୁ। ତଥା ଏହି ସିଝାପାଣି ଏକ ଚତୁର୍ଥାଂଶ ରହିଲେ ଚୁଲିରୁ କାଢ଼ି ଥଣ୍ଡା କରନ୍ତୁ। ଏଥିରେ ୨୫୦ ଗ୍ରାମ ଦେଶୀ ଗାଇର ଗୋବର ଓ ଗୋମୂତ୍ର ମିଶାନ୍ତୁ। ତା'ପରେ ଏଥିରେ ୨୦ଲିଟର ପାଣି ମିଶାଇ ଫସଲରେ ସିଞ୍ଚନ କରନ୍ତୁ।

ମୋ: ୯୦୭୮୦୬୦୦୪୩

## ଶୋଷକ ପୋକ ଦାଉରୁ ରକ୍ଷା ଲାଗି...

ଭଲ ବର୍ଷା ହୋଇ ପାଗ ଆସିଲା ପରେ ବିଳମ୍ବ ନ କରି କପା ବୁଣନ୍ତୁ। ଏକର ପ୍ରତି ୫ କିଗ୍ରା ଏମ୍‌ସିୟୁ – ୫ କିମ୍ବା ୭୫୦ ଗ୍ରାମ୍ ସବିତା କିସମ କପା ବିହନ ଆବଶ୍ୟକ ହୋଇଥାଏ। ଶୋଷକ ପୋକ ଦାଉରୁ ରକ୍ଷା ପାଇବା ପାଇଁ ପ୍ରତି କିଗ୍ରା ବିହନରେ ୭ ଗ୍ରାମ୍ ଇମିଡାକ୍ଲୋପ୍ରିଡ୍ ଗୁଣ୍ଡ ଅଳ୍ପ ପାଣି ମିଶାଇ ଗୋଳାଇ ଦେବା ଆବଶ୍ୟକ। ଏହାଦ୍ୱାରା ଶୋଷକ ଶ୍ରେଣୀର ପୋକ ୪୫ ଦିନ ପର୍ଯ୍ୟନ୍ତ ନିୟନ୍ତ୍ରଣରେ ରହିବେ।



## ଗୋରୁଙ୍କୁ ଅଢ଼େଇ ଦିନିଆ ଜ୍ୱର ହୋଇଥିଲେ...

ବର୍ଷାଦିନେ ଗୋ-ମହିଷିଙ୍କୁ ଅଢ଼େଇ ଦିନିଆ ଜ୍ୱର ହୋଇଥାଏ। ଗୋ–ମହିଷିଙ୍କ ଦେହରେ ଅଧିକ ତାତି ରହେ ଓ ଆକ୍ରାନ୍ତ ପ୍ରାଣୀ ଗୋଟିଏ ଗୋଡ଼ ଟେକି ରଖେ। ଏହି ଜ୍ୱରର ଉପଶମ ପାଇଁ ଡାକ୍ତରଙ୍କ ପରାମର୍ଶରେ ଔଷଧ ଖୁଆନ୍ତୁ। ଗୁହାଳ ପରିଷ୍କାର ଓ ଶୁଖିଲା ରଖନ୍ତୁ। ଗୁହାଳ ଚାରିପାଖ ଉଚ୍ଚା ଓ ନିଗିଡ଼ା କରନ୍ତୁ, ନଚେତ୍ ପାଣି ଜମି ସନ୍ତସନ୍ତିଆ ହେଲେ ଗୋରୁଙ୍କୁ ବିଭିନ୍ନ ସଂକ୍ରାମକ ରୋଗ ହେବାର ଆଶଙ୍କା ଥାଏ। ମଶା ଓ ମାଛିଙ୍କ ଉପଦ୍ରବରୁ ରକ୍ଷା କରିବାକୁ ଗୁହାଳର ତଳକୁ ଦିନରେ ଅନ୍ତତଃ ଥରେ ବା ଦୁଇଥର ଫିନାଇଲ ପ୍ରଭୃତି ବିଶୋଧକ ପଦାର୍ଥରେ ସଫା କରନ୍ତୁ। ଫିମ୍ପି ହୋଇଥିବା ଦାନା ଖୁଆନ୍ତୁ ନାହିଁ। ଏହା ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ। ଗୁହାଳ ତଳ ଓଦା ରଖନ୍ତୁ ନାହିଁ । ଓଦା ରହିଲେ ବିଭିନ୍ନ ରୋଗର ଆଶଙ୍କା ଥାଏ। ଗୁହାଳ ତଳକୁ ଶୁଖିଲା ରଖିବା ପାଇଁ ପାଉଁଶ ବା ବାଲି ବିଛାନ୍ତୁ।



# ଲାଭକାରୀ ସଜନା


ଡ. ପରେଶ କୁମାର ପଣ୍ଡା

ସଜନା ଏକ ବୃକ୍ଷଜାତୀୟ ପନିପରିବା। ଏହାର ଉଭୟ ମଞ୍ଜି ଓ କଟା ଡାଳକୁ ଲଗାଯାଏ। ସଜନା/ମୁଗୁନା ମଞ୍ଜି ଲାଗିବାର ୬–୮ ମାସ ମଧ୍ୟରେ ଫଳ ଆରମ୍ଭ ହୋଇ ବର୍ଷସାରା ଫଳ ଫଳିଥାଏ। ୫୦ସେମିx ୫୦ସେମି x୫୦ସେମିର ଗାତ ଖୋଳି ଖତ ଦେଇ ଡାଳ ଖଣ୍ଡ ପୋତାଯାଏ।

ଜୁଲାଇ ଏବଂ ଅଗଷ୍ଟ ମାସରେ ସଜନା ଲଗାଇଲେ ଭଲ। ଏହାର ଜାଫନା ଓ ସିଲୋନ୍ କିସମ ବେଶ୍ ଲୋକପ୍ରିୟ। ଏହା ସାଧାରଣତଃ ମଞ୍ଜି ଓ ତଳି ଦ୍ୱାରା



ବଂଶ ବିସ୍ତାର କରେ। ମଞ୍ଜି ଅପେକ୍ଷା କଟା ଡାଳରୁ ଗଛ କରିବା ସୁବିଧା ଜନକ। ଫଳନ୍ତି ଗଛରୁ ୩–୪ ଫୁଟ ଲମ୍ୱା ମୋଟା ଡାଳ କାଟି ଗଭୀର ଗାତରେ ବର୍ଷା ଦିନେ ପୋତି ଦିଆଯାଏ। ଏହାର ଅଗରେ ଗୋବର ବୋଳି ଦେଲେ କଟାମୁହଁ ଶୁଖି ନ ଥାଏ ଓ ଶୀଘ୍ର ପତ୍ର ଦେଇଥାଏ। ଏକ ଏକର ପାଇଁ ୨୫୦ ଗ୍ରାମ ବିହନ ଆବଶ୍ୟକ ହୋଇଥାଏ । ସଙ୍କର ସଜନା ଚାଷ ବେଶ୍ ଲାଭଜନକ। ଏହି କିସମ ଗଛରେ ଛଅ ମାସରେ ଛୁଇଁ ଧରିଥାଏ। ପ୍ରଥମେ ଆବଶ୍ୟକ ପରିମାଣର ଖତ ଓ ମାଟି ଦେଇ ମଞ୍ଜି ପଲିଥିନ ମୁଣିରେ ଚାରା ପ୍ରସ୍ତୁତ କରାଯାଏ। ଚାରା ୪୦ଦିନର ହୋଇଗଲେ ତାହା ରୋଇବା ପାଇଁ ଉପଯୋଗୀ ହୋଇଥାଏ। ଏକ ଏକର ଜମିରେ ପ୍ରାୟ ୨.୫ ମିଟର ବ୍ୟବଧାନରେ ହାରାହାରି ୬୪୦ଟି ଚାରା ଲଗାଯାଏ। ଏକର ପ୍ରତି ୧୦୦ କ୍ୱିଣ୍ଟାଲ ଖତ ସହ ୩୦ : ୧୨ : ୪୦ କିଗ୍ରା ଏନ:ପି:କେ ଦିଆଯାଏ। ଚାରା ଲଗାଇବା ସମୟରେ ପ୍ରତି ଗଛରେ ୧୫ କିଗ୍ରା ଖତ ଦିଆଯାଏ। ଏହା ସହ ୫୦ ଗ୍ରାମ ଡି.ଏ.ପି. ଓ ୫୦ ଗ୍ରାମ ମ୍ୟୁରେଟ୍ ଅଫ ପଟାସ୍ ଦେଇ ଗାତରେ ଚାରା ଲଗାଇଲେ ଗଛ ଭଲ ବୃଦ୍ଧି ହୁଏ। ଏହାର ଦୁଇ ମାସ ପରେ ୮୦ ଗ୍ରାମ ୟୁରିଆ ଓ ୫୦ ଗ୍ରାମ ମ୍ୟୁରେଟ୍ ଅଫ ପଟାସ ଦେଇ ହୁଡା ଟେକାଯାଏ। ଗଛରେ ଫୁଲ ଓ ଫଳ ନ ଝଡିବା ପାଇଁ ପ୍ଲାନୋଫିକ୍ସ ୨ ମିଲି ଲିଟର ପ୍ରତି ଗୋଳାଇ ସିଞ୍ଚନ କରାଯାଏ। ଏହାର ମୂଳରେ ପ୍ରଚୁର ପାଣି ଦେବା ଆବଶ୍ୟକ। କିନ୍ତୁ ପାଣି ଯେପରି ଜମି ନ ରୁହେ, ସେଥିପ୍ରତି ଦୃଷ୍ଟି ଦିଅନ୍ତୁ। ଗଛରେ ସଅଁବାଳୁଆ ନ ହେବା ପାଇଁ ମୂଳରେ କ୍ଲୋରୋପାଇରିଫସ ଗୁଣ୍ଡ ପ୍ରୟୋଗ କରାଯାଏ। ଫଳ ମାଛି ଦମନ ପାଇଁ ଏକ ଲିଟର ପାଣିରେ ଏକ ମିଲି ହିସାବରେ ନ୍ୟୁଭାନ୍ ମିଶାଇ ସିଞ୍ଚନ କରାଯାଏ।

*–ସହକାରୀ କୃଷି ଅଧିକାରୀ*
*କୃଷି ଭବନ, ଭୁବନେଶ୍ୱର*
*ମୋ : ୭୨୦୫୦୯୬୦୮୦*

## ମାଛ ଯାଆଁଳ ସମ୍ପର୍କରେ...



ଉନ୍ନତ କିସମର ମାଛ ଯାଆଁଳ ସଂଗ୍ରହ କରନ୍ତୁ। ଯାଆଁଳ ଛାଡ଼ିବା ପରେ ଅଖା ଭିତରେ ଖତ ଓ କୁଣ୍ଡା ରଖି ପୋଖରୀରେ ଛାଡି ଦିଅନ୍ତୁ। ନୂଆକରି ମାଛଚାଷ କରୁଥିଲେ ପୋଖରୀର ଆକାର ଦେଖି ପୋଖରୀ ପ୍ରତି ୫ରୁ ୧୦କିଗ୍ରା ଚୂନ ପ୍ରୟୋଗ କରନ୍ତୁ। ପାଣିର ସୁବିଧା ଦେଖି ମାଛ ଯାଆଁଳ ଚାଷ କରନ୍ତୁ। ମାଛ ଯାଆଁଳ ଉତ୍ପାଦନ କେନ୍ଦ୍ରରୁ ମାଛ ବିହନକୁ ଯାଆଁଳ ପର୍ଯ୍ୟନ୍ତ ବଢ଼ାଇ ଯେଉଁଠି ଅଧିକ ପାଣିର ସୁବିଧା ରହିଛି ସେଠାରେ ଆଗାମୀ ଦିନ ପାଇଁ ସାଇତି ରଖିହେବ । ପୋଖରୀରେ ପଟୁମାଟି ମାଡିଯାଇ ଥିଲେ ଏହାକୁ କାଢ଼ି ପାଣି ନିର୍ମଳ ହେବାପରେ ମାଛ ଯାଆଁଳ ଛାଡ଼ନ୍ତୁ।

## ସଂକ୍ଷେପରେ

### ତେଲ ଉପରେ ଅଧିକ ଭାଟ୍ ନେଉଛନ୍ତି ରାଜସ୍ଥାନ, ମଧ୍ୟପ୍ରଦେଶ:ପୁରୀ

**ନୂଆଦିଲ୍ଲୀ, ୨୭।୭:** ମଧ୍ୟପ୍ରଦେଶ ପେଟ୍ରୋଲ ଉପରେ ଏବଂ ରାଜସ୍ଥାନ ଡିଜେଲ ଉପରେ ସବୁଠାରୁ ଅଧିକ ଭାଟ୍ ଆଦାୟ କରୁଛି ବୋଲି ସୋମବାର ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂ ପୁରୀ କହିଛନ୍ତି। ଏକ ଲିଖିତ ଉତ୍ତରରେ ସେ କହିଛନ୍ତି ଯେ, ମଧ୍ୟପ୍ରଦେଶ ପେଟ୍ରୋଲ ଉପରେ ୩୧.୫୫ ଟଙ୍କା ଟିକସ ନେଉଛି। ଏହା ସାରା ଦେଶରେ ସର୍ବାଧିକ। ସେହିଭଳି ରାଜସ୍ଥାନ ଡିଜେଲ ଉପରେ ୨୧.୮୨ ଟଙ୍କା ଟିକସ ଭାଟ୍ ଭାବେ ଲଗାଉଛି। ଅଣ୍ଡାମାନ ନିକୋବର ଦ୍ୱୀପ ସମୂହରେ ପେଟ୍ରୋଲ ଏବଂ ଡିଜେଲ ଉପରେ ସବୁଠାରୁ କମ୍ ପରିମାଣର ଭାଟ୍ ଯଥାକ୍ରମେ ୪.୮୨ ଟଙ୍କା ୪.୭୪ ଟଙ୍କା ଲାଗୁ ହେଉଥିବା ପୁରୀ କହିଛନ୍ତି। ସାରା ଦେଶରେ ପେଟ୍ରୋଲ ଏବଂ ଡିଜେଲ ଦର ସମାନ କରିବା କୌଣସି ଯୋଜନା ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। କେନ୍ଦ୍ର ସରକାର ଉତ୍ପାଦ ଟିକସ ଭାବେ ୩୨ ଟଙ୍କା ନେଉଛନ୍ତି। ଏହାର ଉପଯୋଗ ବିଭିନ୍ନ ଯୋଜନାରେ କରାଯାଉଛି। ଗରିବ କଲ୍ୟାଣ ଯୋଜନାରେ ୮୦ କୋଟି ଗରିବ ଲୋକଙ୍କୁ ସହାୟତା କରାଯାଇଛି। ମାଗଣା ଟିକା, ଏମ୍ଏସ୍‌ପି ଏବଂ ପ୍ରଧାନମନ୍ତ୍ରୀ କୃଷକ ସମ୍ମାନ ନିଧି ଭଳି ଯୋଜନା ଅନ୍ୟ ଯୋଜନାରେ ସରକାରଙ୍କୁ ଖର୍ଚ୍ଚ କରିବାକୁ ପଡୁଥିବା ପୁରୀ ମତ ରଖିଛନ୍ତି।

### ଏସ୍‌ବିଆଇ ଶୀର୍ଷ ଟିମ୍‌ର ପୁନର୍ଗଠନ

ନୂଆଦିଲ୍ଲୀ, ୨୭।୭: ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ)ର ଶୀର୍ଷ ଟିମ୍‌ରେ ପୁନର୍ଗଠନ ଘୋଷଣା କରାଯାଇଛି। ମାନବ ସମ୍ବଳ ଏବଂ ଟେକ୍ନୋଲୋଜି ବିଭାଗରେ ଏହି ଅଦଳବଦଳ କରାଯାଇଥିବା ଜଣାପଡିଛି। ଓମ୍ ପ୍ରକାଶ ମିଶ୍ରଙ୍କୁ ମାନବ ସମ୍ବଳ ବିଭାଗର ଡିଏମ୍‌ଡି ଏବଂ କର୍ପୋରେଟ ଡେଭଲପମେଣ୍ଟ ଅଫିସର ଭାବେ ଅବସ୍ଥାପିତ କରାଯାଇଛି। ସେହିଭଳି ରବିନ୍ଦ୍ର ଭାବେ ଡିଏମ୍‌ଡି ଏବଂ ମୁଖ୍ୟ ସୁଚନା ଅଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ରାଣା ଆଶୁତୋଷ କୁମାର ସିଂ ଷ୍ଟ୍ରାଟେଜି ବିଭାଗର ନୂଆ ଡିଏମ୍‌ଡି ଏବଂ ମୁଖ୍ୟ ଡିଜିଟାଲ ଅଧିକାରୀ ନିଯୁକ୍ତ ହୋଇଛନ୍ତି।

# ଅଭିବୃଦ୍ଧି ଆକଳନ କମାଇଲା ଆଇଏମ୍ଏଫ୍

ନୂଆଦିଲ୍ଲୀ, ୨୭।୭

କରୋନା ଯୋଗୁ ଦେଶର ଅର୍ଥ ବ୍ୟବସ୍ଥା ସଙ୍କଟ ସ୍ଥିତି ଦେଇ ଗତି କରୁଛି। ୨୦୨୦-୨୧ରେ ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି) -୭.୩% ରହିଥିଲା। ଚଳିତ ଆର୍ଥିକ ବର୍ଷରେ ମଧ୍ୟ ଅଭିବୃଦ୍ଧି ଧାରା ପ୍ରଭାବିତ ରହିବ ବୋଲି ଅନ୍ତର୍ଜାତୀୟ ଏଜେନ୍ସିଗୁଡିକ କହିଲେଣି। ମଙ୍ଗଳବାର ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି(ଆଇଏମ୍ଏଫ୍) ପକ୍ଷରୁ ଏହାର ରିପୋର୍ଟ ପ୍ରକାଶ ପାଇଛି। ଏହି ଏଜେନ୍ସି ଭାରତ ଲାଗି ଅଭିବୃଦ୍ଧି ଆକଳନକୁ ୩% କମାଇ ୯.୫% କରିଛି। ୨୦୨୧-୨୨ ଆର୍ଥିକ ବର୍ଷରେ ଭାରତର ଅଭିବୃଦ୍ଧି ୧୨.୫% ରହିବ ବୋଲି ଏହା ପୂର୍ବରୁ କହିଥିବା ବେଳେ ବର୍ତ୍ତମାନ ଏହାକୁ କମାଇଥିବା ଜଣାପଡିଛି।

ଆଇଏମ୍ଏଫ୍ ମଙ୍ଗଳବାର ଜାରି କରିଥିବା ଏହାର ୱାର୍ଲଡ ଇକୋନୋମିକ ଆଉଟଲୁକ ରିପୋର୍ଟରେ କହିଛି, କରୋନା ଦ୍ୱିତୀୟ ଲହର ଯୋଗୁ ମାର୍ଚ୍ଚ ଠାରୁ ମେ ମାସ ଯାଏ ଭାରତରେ ଲାଗୁ ହୋଇଥିବା କଟକଣା ଯୋଗୁ ବଜାର ପ୍ରଭାବିତ ରହିବ।




### ୨୦୨୧-୨୨ରେ ଜିଡିପି ୯.୫% ରହିବ

ଆଇଏମ୍ଏଫ୍ ଜିଡିପି ଅନୁମାନକୁ ରିଜର୍ଭ ବ୍ୟାଙ୍କ ଆକଳନ ଅନୁସାରେ ସମାନ କରିଛି। ଚଳିତ ଆର୍ଥିକ ବର୍ଷ ଲାଗି ଭାରତର ଜିଡିପି ଅଭିବୃଦ୍ଧି ଆକଳନକୁ ଆର୍‌ବିଆଇ ୧୦.୫%ରୁ ହ୍ରାସ କରି ୯.୫% କରିଛି। ସେହିଭଳି ଏସ୍‌ବିଆଇ ୧୦.୪%ରୁ ୭.୯%, ବିଶ୍ୱ ବ୍ୟାଙ୍କ ୧୦.୧%ରୁ ୮.୩%, ମୁଡିସ ୧୩.୯%ରୁ ୯.୬%, ଏଆଣ୍ଡପି ୧୧%ରୁ ୯.୫% ଏବଂ ଏସିଆନ ଡେଭଲପମେଣ୍ଟ ବ୍ୟାଙ୍କ ଏହି ଆକଳନକୁ ୧୧%ରୁ ୧୦%କୁ ହ୍ରାସ କରିଛି।

### ଦ୍ରୁତ ହାରରେ ଅଭିବୃଦ୍ଧି କରିବ ଭାରତ

୨୦୨୨-୨୩ରେ ଭାରତର ଅଭିବୃଦ୍ଧି ହାର ୮.୫% ରହିବ ବୋଲି ଆଇଏମ୍ଏଫ୍ ଆକଳନ କରିଛି। ପୂର୍ବର ଆକଳନ ତୁଳନାରେ ଏହା ୧୬୦ ବେସିସ ପଏଣ୍ଟ ଅଧିକ। ଏହି ଆକଳନ ଯଦି ଠିକ୍ ସାବ୍ୟସ୍ତ ହୁଏ ତେବେ ଭାରତ ବିଶ୍ୱର ସବୁଠାରୁ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥ ବ୍ୟବସ୍ଥା ଭାବେ ପରିଗଣିତ ହେବ। ଚାଇନାର ଅର୍ଥ ବ୍ୟବସ୍ଥା ୫.୭% ହାରରେ ବଢିବା ନେଇ ଏହି ଏଜେନ୍ସି ଆକଳନ କରିଛି। ସରକାରଙ୍କ ମୁଖ୍ୟ ଆର୍ଥିକ ପରାମର୍ଶଦାତା କୃଷ୍ଣମୂର୍ତ୍ତି ସୁବ୍ରମଣ୍ୟନ କହିଛନ୍ତି ଆର୍ଥିକ ବର୍ଷ ୨୦୨୨-୨୩ ଜିଡିପି ଅଭିବୃଦ୍ଧି ୬.୫%ରୁ ୭% ରହିବା ନେଇ ଆଶା କରାଯାଉଛି।

### ସଂକ୍ରମଣ ବୃଦ୍ଧି, ଭାକ୍ସିନ ହ୍ରାସ ଚିନ୍ତା ବଢ଼ାଉଛି

ଆଇଏମ୍ଏଫ୍‌ର ମୁଖ୍ୟ ଅର୍ଥନୀତିଜ୍ଞ ଗୀତା ଗୋପିନାଥ କହିଛନ୍ତି, ଟିକା ଆସିବା ପରେ ଅଭିବୃଦ୍ଧି ଉନ୍ନତ ହେବ ବୋଲି ଆଶା କରାଯାଉଥିଲା। ମାତ୍ର କରୋନା ମାମଲା ବଢିବା ଏବଂ ଭାକ୍ସିନ ହ୍ରାସ ହେବା ଯୋଗୁ ଏହା ଜିଡିପି ଅଭିବୃଦ୍ଧିକୁ ପ୍ରଭାବିତ କରିଛି। ବିଶ୍ୱର ବିକଶିତ ଅର୍ଥ ବ୍ୟବସ୍ଥାର ୪୦%ରୁ ଅଧିକ ଲୋକ ଟିକା ନେଇ ସାରିଛନ୍ତି। ମାତ୍ର ଅଭିବୃଦ୍ଧିଶୀଳ ଅର୍ଥ ବ୍ୟବସ୍ଥାଗୁଡିକର ମାତ୍ର ୧୧% ଲୋକଙ୍କୁ ଟିକା ମିଳିପାରିଛି।

# ଜାତୀୟ ରୁଡସେଟି ଏକାଡେମିର ବାର୍ଷିକ ପୁସ୍ତିକା ଉନ୍ମୋଚିତ



**ଭୁବନେଶ୍ୱର, ୨୭।୭:** ଜାତୀୟ ରୁଡସେଟି ଏକାଡେମିର ବାର୍ଷିକ ପୁସ୍ତିକାକୁ ଭାରତୀୟ ଷ୍ଟେଟ ବ୍ୟାଙ୍କର ଆଞ୍ଚଳିକ ପ୍ରଧାନ କାର୍ଯ୍ୟାଳୟ ଡିଜିଏମ ଧ୍ରୁବ ଚରଣ ବଳ ଉନ୍ମୋଚନ କରିଛନ୍ତି। କୋଭିଡ ମହାମାରୀର ପ୍ରତିବନ୍ଧକ ସତ୍ତ୍ୱେ ବ୍ୟାଙ୍କର ସମସ୍ତ ଆର୍‌ସେଟି କେନ୍ଦ୍ର ତାଲିମ ଏବଂ ଆତ୍ମନିଯୁକ୍ତି କ୍ଷେତ୍ରରେ ଉତ୍କର୍ଷ ହାସଲ କରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ ସହାୟକ ନିୟନ୍ତ୍ରକ ସୂର୍ଯ୍ୟା ପ୍ରଶାଦ ମିଶ୍ର କହିଛନ୍ତି, ଗତ ଆର୍ଥିକ ବର୍ଷରେ ୧୩,୫୫୫ ବେରୋଜଗାର ଥିବା ଯୁବତୀଯୁବକଙ୍କୁ ତାଲିମ ପ୍ରଦାନ କରାଯାଇଯାଇ ରୋଜଗାରକ୍ଷମ କରାଯାଇଛି। ଏହି ଅବସରରେ ଷ୍ଟେଟ ବ୍ୟାଙ୍କର ଏଜିଏମ ସନ୍ତୋଷ ନାରାୟଣ ଜେନା ଓ ନୋଡାଲ ଅଫିସର ରାଧାକାନ୍ତ ରାଉତରାୟ ଓ କାନାରା ବ୍ୟାଙ୍କର ପରିଚାଳକ ନିରୋଜ କୁମାର ଦୋରା ପ୍ରମୁଖ ଉପସ୍ଥିତ ଥିଲେ।

# ଅଲିମ୍ପିକରେ ଏଲପିୟୁର ୧୧ ଛାତ୍ରୀଙ୍କ ପ୍ରତିନିଧିତ୍ୱ

ନୂଆଦିଲ୍ଲୀ, ୨୭।୭



ଟୋକିଓ ଅଲିମ୍ପିକରେ ଲଭଲି ପ୍ରଫେସନାଲ ୟୁନିଭର୍ସିଟିର ୧୧ ଛାତ୍ର ଭାରତକୁ ପ୍ରତିନିଧିତ୍ୱ କରିଛନ୍ତି। ଭାରତୀୟ ହକି ଦଳର ଅଧିନାୟକ ମନପ୍ରିତ ସିଂ ଏହି ଅନୁଷ୍ଠାନର ଛାତ୍ର। ଅଲିମ୍ପିକ କଣ୍ଟିଜେଣ୍ଟ ପାଇଁ ଦେଶର କୌଣସି ଏକ ଘରୋଇ ବିଶ୍ୱବିଦ୍ୟାଳୟରୁ ସର୍ବାଧିକ ଛାତ୍ର ସାମିଲ ହୋଇଥିବା ପ୍ରଥମ। ଏଲ୍‌ପିୟୁର ଛାତ୍ରମାନେ ଚଳିତ ଅଲିମ୍ପିକରେ କୁସ୍ତି, ହକି, ଜାଭେଲିନ ଥ୍ରୋ, ଦୌଡକୁଦ ଭଳି ପ୍ରତିଯୋଗିତାରେ ଭାଗ ନେବେ ବୋଲି ଜଣାପଡିଛି। ଅଲିମ୍ପିକରେ ଭାରତକୁ ପ୍ରତିନିଧିତ୍ୱ କରୁଥିବା ମୋଟ ପ୍ରତିଯୋଗୀଙ୍କ ମଧ୍ୟରେ ଏଲ୍‌ପିୟୁର ୧୦% ଛାତ୍ର ସାମିଲ ରହିଥିବାରୁ ଅତ୍ୟନ୍ତ ଖୁସି ବୋଲି ଚାନସେଲର ଅଶୋକ ମିତ୍ତଲ କହିଛନ୍ତି। କୁସ୍ତି ଯୋଦ୍ଧା ବଜରଙ୍ଗ ପୁନିଆ ଅନୁଷ୍ଠାନର ପବ୍ଲିକ ଆଡମିନିଷ୍ଟ୍ରେଶନ ବିଭାଗର ସ୍ନାତକୋତ୍ତର ଛାତ୍ର। ସେ ୬୧ କେଜି ବର୍ଗରେ ପ୍ରତିନିଧିତ୍ୱ କରୁଛନ୍ତି।

# ଆମଦାନୀ ଟିକସକୁ ନେଇ ଟୁଇଟର ଯୁଦ୍ଧ

ନୂଆଦିଲ୍ଲୀ, ୨୭।୭

ଭାରତରେ ଇ-ଯାନ ଉପରେ ଲାଗୁ ହେଉଥିବା ଟିକସକୁ ନେଇ ଟୁଇଟର ଯୁଦ୍ଧ ଲାଗି ରହିଛି। ଓଲା ପ୍ରତିଷ୍ଠାତା ଭାବିସ ଅଗ୍ରୱାଲ ଟେସଲା ଏବଂ ହ୍ୟୁଣ୍ଡାଇକୁ ଏ ସଂକ୍ରାନ୍ତ ଟିକସ ନେଇ ଉତ୍ତର ରଖିଛନ୍ତି। ଭାରତରେ ଲାଗୁ ହେଉଥିବା ଆମଦାନୀ ଟିକସକୁ ନେଇ ସେ ଶକ୍ତ ଭାବେ ଉତ୍ତର ରଖିଛନ୍ତି। ଭାବେସ ଲେଖିଛନ୍ତି ଯେ, କେବଳ ଆମଦାନୀ କରନ୍ତୁ ନାହିଁ। ଭାରତରେ ଇ-ଯାନର ଉତ୍ପାଦନ ମଧ୍ୟ କରିବା ଆବଶ୍ୟକ। ଉଲ୍ଲେଖଯୋଗ୍ୟ, ଆମଦାନୀ ଟିକସ ହ୍ରାସ କରାଗଲେ ଏହା ଇଭିର ବଜାରକୁ ଉତ୍ସାହିତ କରିବ ବୋଲି ଟେସଲା ଏବଂ ହ୍ୟୁଣ୍ଡାଇ ପୂର୍ବରୁ



କହିସାରିଛନ୍ତି। ଏହାକୁ ନେଇ ଅଗ୍ରୱାଲ କହିଛନ୍ତି, ଏହି ମତ ଉପରେ ମୁଁ ସହମତ ନୁହେଁ। ନିଜ କ୍ଷମତା ଉପରେ ବିଶ୍ୱାସ କରି ଭାରତରେ ଇ-ଯାନ ଉତ୍ପାଦନ ପାଇଁ ବିଶ୍ୱସ୍ତରୀୟ ଓରିଜିନାଲ ଇକ୍ୱିପମେଣ୍ଟ ମାନୁଫାକଚର(ଓଇଏମ୍)ଗୁଡିକୁ ଆକର୍ଷିତ କରିବାକୁ ହେବ। କେବଳ ଆମଦାନୀ କରିଦେଲେ ହେବ ନାହିଁ। ଏମିତି ହେଲେ

### ଟେସଲା,ହ୍ୟୁଣ୍ଡାଇକୁ ଓଲା ପ୍ରତିଷ୍ଠାତାଙ୍କ ଜବାବ

ଆମେ ପ୍ରମୁଖ ସ୍ଥାନରେ ରହିପାରିବାନି ବୋଲି ଅଗ୍ରୱାଲ ମତପ୍ରକାଶ କରିଛନ୍ତି।

ବର୍ତ୍ତମାନ ଭାରତରେ ଲାଗୁ ହେଉଥିବା ଉଚ୍ଚ ପରିମାଣର ଆମଦାନୀ ଟିକସ କୁ ଜୋରଦାର ଚର୍ଚ୍ଚା ଲାଗି ରହିଛି। ଟେସଲା ଭାରତ ସରକାରଙ୍କୁ ଏ ନେଇ ଏକ ଚିଠି ଲେଖିଛି। କମ୍ପାନୀ କହିଛି ଯେ, ଭାରତରେ ଇ-ଯାନ ଟିକସ କମ୍ ହେବାର ଆବଶ୍ୟକତା ରହିଛି। ଟିକସ କମିଲେ କମ୍ପାନୀର ଇ-ଯାନଗୁଡିକ ଶସ୍ତା ହେବ। ଫଳରେ ଚାହିଦା ବଢିବା ସହ ସରକାରଙ୍କ ରାଜସ୍ୱ ମଧ୍ୟ ବଢିବ।

### ଆଲୟାଙ୍କ ଫିଟ୍‌ନେସ୍ ସିକ୍ରେଟ୍



**ମୁମ୍ବାଇ:** ପ୍ରଥମ ଫିଲ୍ମ 'ଜୱାନି ଜାନେମନ' ପରେ ଅଭିନେତ୍ରୀ ପୂଜା ବେଦିଙ୍କ ଝିଅ ଅଭିନେତ୍ରୀ ଆଲୟା ଏଫ୍ ଏବେ ଖୁବ୍ ଚର୍ଚ୍ଚାରେ। ଅଭିନୟ ସହ ଆଲୟା ତାଙ୍କ ଫିଟନେସ୍ ପାଇଁ ବେଶ୍ ଜଣାଶୁଣା। ଆଲୟା ଫିଟ ରହିବାକୁ ନିୟମିତ ଯୋଗ ୱାର୍କଆଉଟ କରିଥାଆନ୍ତି। ଆଲୟାଙ୍କ ଇନଷ୍ଟାଗ୍ରାମରେ ସେ ଯୋଗ କରୁଥିବାର କିଛି ଭିଡିଓ ଦେଖିବାକୁ ମିଳିଥାଏ। ବହୁ କଠିନ ଆସନକୁ ଖୁବ୍ ସହଜରେ କରିପାରନ୍ତି ଏହି ଅଭିନେତ୍ରୀ। ବିଭିନ୍ନ ବ୍ୟାୟାମ କରି ନିଜକୁ ଫିଟ୍ ରଖିଛନ୍ତି ଆଲୟା ।

ଫୁର୍ସତ୍

# ଅଧା ମିନିଟ୍‌ରେ ଯାଉଛି ଗୋଟିଏ ଜୀବନ

### ଆଜି ବିଶ୍ୱ ହେପାଟାଇଟିସ୍ ଦିବସ

ପ୍ରତିବର୍ଷ ଜୁଲାଇ ୨୮ରେ ପାଳିତ ହୋଇଥାଏ 'ବିଶ୍ୱ ହେପାଟାଇଟିସ୍ ଦିବସ'। ହେପାଟାଇଟିସ୍‌ର ଅର୍ଥ ହେଲା ଲିଭର ବା ଯକୃତ ପ୍ରଦାହ। ଜୀବାଣୁ, ଭୂତାଣୁ, କବକ ଓ ପରଜୀବୀ (ପାରାସାଇଟ୍) ଦ୍ୱାରା ସଂକ୍ରମିତ ହୋଇଥାଏ। କିନ୍ତୁ ଭୂତାଣୁ (ଭାଇରସ) ସଂକ୍ରମିତ ହେପାଟାଇଟିସ୍ ଆମ ପାଇଁ ଅଧିକ ଘାତକ। ଚଳିତବର୍ଷ ବିଶ୍ୱ ହେପାଟାଇଟିସ୍ ଦିବସ ଅବସରରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ଘୋଷିତ ସ୍ଲୋଗାନଟି ହେଲା 'ହେପାଟାଇଟିସ୍ ଅପେକ୍ଷା କରିପାରେନା' (ହେପାଟାଇଟିସ୍ କ୍ୟାନ ନଟ୍ ୱେଟ୍'।

ହେପାଟାଇଟିସ୍ ସମ୍ପର୍କରେ ଡା. ନିତ୍ୟାନନ୍ଦ ସ୍ୱାଇଁ କହନ୍ତି, 'ସମଗ୍ର ବିଶ୍ୱରେ ହେପାଟାଇଟିସ୍ ଅନ୍ୟତମ ପ୍ରମୁଖ ସଂକ୍ରାମକ ରୋଗ ଭାବରେ ଉଭା ହୋଇଛି। ଏ ନେଇ ଜନସାଧାରଣଙ୍କୁ ବିଭିନ୍ନ ଉପାୟ (ଟିଭି, ରେଡିଓ, ଖବରକାଗଜ)ରେ ସଚେତନ କରାଯାଉଛି। ବିଶେଷଭାବରେ ୨୦୩୦ ସୁଦ୍ଧା ବିଶ୍ୱକୁ ହେପାଟାଇଟିସ୍‌ମୁକ୍ତ କରିବାକୁ ଲକ୍ଷ୍ୟ ରଖାଯାଇଛି। ଜୁଲାଇ ୨୮ରେ ବିଶିଷ୍ଟ ଚିକିତ୍ସା ବିଜ୍ଞାନୀ ଡା. ବାରୁଚ୍ ସାମୁଏଲ୍ ବ୍ଲମ୍‌ବର୍ଗ ଜନ୍ମଗ୍ରହଣ କରିଥିଲେ। ସେ ହେପାଟାଇଟିସ୍-ବି ଭାଇରସ୍‌କୁ ଆବିଷ୍କାର କରିଥିଲେ ଏବଂ ଏଥିପାଇଁ ତାଙ୍କୁ ଚିକିତ୍ସା ବିଜ୍ଞାନରେ ୧୯୭୬ରେ ସମ୍ମାନଜନକ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା। ତେଣୁ ତାଙ୍କର ଜନ୍ମଦିନକୁ 'ବିଶ୍ୱ ହେପାଟାଇଟିସ୍ ଦିବସ' ଭାବରେ ପାଳନ କରାଯାଇଥାଏ। ଏକ ସଦ୍ୟତମ ସର୍ଭେରୁ ଜଣାପଡ଼ିଛି ଯେ, କେବଳ ହେପାଟାଇଟିସ୍‌ର ଭୂତାଣୁ ବିଭିନ୍ନ ପ୍ରକାରର। ସେଗୁଡ଼ିକ ହେଲା ହେପାଟାଇଟିସ୍-ଏ, ବି, ସି, ଡି, ଇ ଏବଂ ଜି। ସେହି ଅନୁସାରେ ଏଥିରେ ଆକ୍ରାନ୍ତ ରୋଗର ନାମକରଣ (ଉଦାହରଣ ସ୍ୱରୂପ ହେପାଟାଇଟିସ୍-ଏ ରୋଗ) ମଧ୍ୟ କରାଯାଏ। ଏଥିରେ ଆକ୍ରାନ୍ତ ହୋଇ ବିଶ୍ୱରେ ପ୍ରତି ୩୦ ସେକେଣ୍ଡରେ ଜଣଙ୍କ ଜୀବନ ଯାଉଛି।



ହେପାଟାଇଟିସେ-ଏ ଏବଂ ହେପାଟାଇଟିସ୍-ବି ଦ୍ୱାରା ଅଧିକ ରୋଗୀ ମୃତ୍ୟୁବରଣ କରିଥାଆନ୍ତି। ହେପାଟାଇଟିସ୍-ଏ ଏବଂ 'ଇ'ର ଭୂତାଣୁ ରୋଗୀର ମଳରେ ନିଷ୍କାସିତ ହୋଇ ଜଳ ଓ ଖାଦ୍ୟକୁ ସଂକ୍ରମିତ କରିଥାଆନ୍ତି; ଯାହାଦ୍ୱାରା ଏହି ରୋଗ ବ୍ୟାପିଥାଏ। ଅନ୍ୟପକ୍ଷରେ ହେପାଟାଇଟିସ୍-ବି ଏବଂ 'ସି' ଅତି ମାରାତ୍ମକ ଏବଂ ସଂକ୍ରମିତ ରକ୍ତ ସଂସ୍ପର୍ଶରେ ଆସିବା ଦ୍ୱାରା ଏହି ରୋଗ ବ୍ୟାପିଥାଏ। ଏପରି ସଂକ୍ରମିତ ରକ୍ତ ନେଲେ କିମ୍ବା ଏହାଦ୍ୱାରା ସଂକ୍ରମିତ ସିରିଞ୍ଜି ଏବଂ ଛୁଞ୍ଚି ଦ୍ୱାରା ଇଞ୍ଜେକ୍‌ସନ ନେଲେ ଏହି ରୋଗ ବ୍ୟାପେ। ସେହିପରି ଏହି ଭୂତାଣୁ ମଧ୍ୟ ପୁରୁଷର ଶୁକ୍ର ରସରେ ଏବଂ ନାରୀର ପ୍ରସବ ଗହ୍ୱରରେ ଉପସ୍ଥିତ ଥାଏ। ଫଳରେ ଯୌନ ମିଳନ ଦ୍ୱାରା ଏହି ରୋଗ (ହେପାଟାଇଟିସ୍-ବି ଏବଂ 'ସି') ବ୍ୟାପିଥାଏ। ସମକାମୀ ପୁରୁଷ ଏପରି କି ସଂକ୍ରମିତ ଗର୍ଭବତୀ ମା'ର ଗର୍ଭସ୍ଥ ଶିଶୁ ଏହି ରୋଗରେ ଆକ୍ରାନ୍ତ ହୋଇଥାଆନ୍ତି। ହେପାଟାଇଟିସ୍ 'ଡି' ସଂକ୍ରମିତ ରକ୍ତ ଦ୍ୱାରା ବ୍ୟାପୁଥିବା ବେଳେ ହେପାଟାଇଟିସ୍ 'ଜି' ସମ୍ପର୍କରେ କୌଣସି ସବିଶେଷ ତଥ୍ୟ ନାହିଁ। ରକ୍ତ ପରୀକ୍ଷାରୁ ଏହି ରୋଗ ନିର୍ଣ୍ଣୟ କରାଯାଏ। ହେପାଟାଇଟିସ୍ ଦ୍ୱାରା ଆକ୍ରାନ୍ତ ହେବାର ଲକ୍ଷଣଗୁଡ଼ିକ ମଧ୍ୟରେ ରହିଛି-ଜଣ୍ଡିସ ହେବା, ଜ୍ୱର ହେବା, ଅଇ ଉଠାଇବା, ବାନ୍ତି ହେବା, କ୍ଳାନ୍ତ ଲାଗିବା ଏବଂ ପେଟରେ ଯନ୍ତ୍ରଣା ହେବା। ହେପାଟାଇଟିସ୍ ରୋଗର ନିରାକରଣ ପାଇଁ ଟିକା ରହିଛି। ବିଶେଷଭାବରେ ହେପାଟାଇଟିସ୍-ଏ, 'ବି'ର ପ୍ରତିଷେଧକ ଟିକା ଉପଲବ୍ଧ। ବ୍ଲଡ ବ୍ୟାଙ୍କରୁ ସଂଗୃହୀତ ବିଶୁଦ୍ଧ ରକ୍ତ ନେବା, ଇଞ୍ଜେକ୍ସନ ପାଇଁ ଡିସପୋଜେବଲ ସିରିଞ୍ଜି ଓ ନିଡିଲ ବ୍ୟବହାର କରିବା ଏବଂ ସୁରକ୍ଷିତ ଯୌନମିଳନରେ ଜଡ଼ିତ ହେବା ଦ୍ୱାରା ହେପାଟାଇଟିସେ-ବି ଏବଂ 'ସି'ରୁ ନିଜକୁ ସୁରକ୍ଷିତ ରଖିହେବ ଏବଂ ବିଶୁଦ୍ଧ ଜଳପାନ ଓ ଖାଦ୍ୟ ଦ୍ୱାରା ନିବାରଣ କରିହେବ ହେପାଟାଇଟିସ୍-ଏ ଓ 'ଇ'ର ସଂକ୍ରମଣ।

# ପଣିକିଆରେ ରେକର୍ଡ

**ଚଣ୍ଡିଗଡ଼:** ତୁଳସୀ ଦୁଇ ପତ୍ରରୁ ବାସିଲା ପରି କେତେକ ପିଲା ଅଛନ୍ତି, ଯେଉଁମାନଙ୍କର ବିଚକ୍ଷଣ ବୁଦ୍ଧି ଖୁବ୍ କମ୍ ବୟସରୁ ଜଣା ପଡ଼ିଯାଇଥାଏ। ଠିକ୍ ଏମିତି ଜଣେ ପ୍ରତିଭା ହେଉଛନ୍ତି କୁଅଁର ପ୍ରତାପ ସିଂହ। ମାତ୍ର ୩ ବର୍ଷ ବୟସରେ ସେ ୩୦ ଖନ୍ଦା ପର୍ଯ୍ୟନ୍ତ ପଣିକିଆ ବେଶ୍ ସହଜରେ କହିପାରୁଛନ୍ତି। ବିଭିନ୍ନ ଦେଶର ରାଜଧାନୀ ତଥା ଐତିହ୍ୟସ୍ଥଳ ଆଦି ଅନେକ କଥା ଖୁବ୍‌ଶୀଘ୍ର ମନେ ରଖିପାରୁଥିବାରୁ ଏବେ ସେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ, ଏସିଆ ବୁକ୍ ଅଫ୍ ରେକର୍ଡ ଭଳି ବହୁ ଅନ୍ତର୍ଜାତୀୟ ରେକର୍ଡ ମଧ୍ୟ କରିପାରିଛନ୍ତି। ପଞ୍ଜାବର ଲୁଧିଆନା ସହରରେ ରହନ୍ତି କୁଅଁର ପ୍ରତାପ ସିଂହ। ପ୍ରତାପ ପଞ୍ଚମ ଶ୍ରେଣୀ ପିଲାଙ୍କର ପାଠକୁ ମଧ୍ୟ ସହଜରେ ମନେ ରଖି ପାରିଛନ୍ତି। ୪୦ ଖନ୍ଦା ପର୍ଯ୍ୟନ୍ତ ପଣିକିଆକୁ ସେ ସହଜରେ କହି ପାରୁଛନ୍ତି। ସବୁ ଦେଶର ରାଜଧାନୀର ନାଁ କହିପାରନ୍ତି। ଏଭଳି ସ୍ମରଣ ଶକ୍ତି ପାଇଁ ଏବେ ପ୍ରତାପ ବହୁ ଅନ୍ତର୍ଜାତୀୟ ରେକର୍ଡ କରିପାରିଛନ୍ତି। ୩୦ ଖନ୍ଦା ପର୍ଯ୍ୟନ୍ତ ପଣିକିଆ



କହିବାରେ ସେ ହେଉଛନ୍ତି ସର୍ବକନିଷ୍ଠ ବାଳକ। ୧ ମିନିଟରେ ସେ ୨୭ଟି ବିଶ୍ୱ ଐତିହ୍ୟସ୍ଥଳକୁ ଏକ ସମୟରେ ଓଲଟା କରି କହି ଗ୍ରାଣ୍ଡ ମାଷ୍ଟର ଟାଇଟଲ୍ ପାଇଛନ୍ତି। ୧ ମିନିଟରେ ୧୪ଟି ଗୁଣନ ଟେବୁଲ ସମାଧାନ କରି ରେକର୍ଡ କରିଛନ୍ତି। ଏହା ସହିତ ମାତ୍ର ୪୮ ସେକେଣ୍ଡରେ ସେ ଭାରତର ସବୁ ରାଜ୍ୟ ଓ ରାଜଧାନୀର ନାଁ କହିପାରନ୍ତି। ସେ ୨୩ ମିନିଟ୍ ୪୮ ସେକେଣ୍ଡରେ କମ୍ ବୟସର ବାଳକଭାବେ ସବୁଠୁ ଅଧିକ ବହି ପଢ଼ିବାରେ ରେକର୍ଡ ବି କରିଛନ୍ତି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

NURSING
ADMISSION OPEN
For Session 2021-22
Courses Offered
B.Sc. Nursing (4 yrs.)
(Approved by ONMRC, BBSR, and Affiliated by Utkal University, BBSR.
GNM (3 yrs.)
(Approved by ONMRC, BBSR and Affiliated by Indian Nursing Council, New Delhi)
ANM (2 yrs.)
(Approved by ONMRC, BBSR and Affiliated by Indian Nursing Council, New Delhi)
DMLT (2 yrs.)
(Approved by DMLT / RT Council BBSR)
PALLI CHANDAN
GROUP OF INSTITUTION
Women's College Road, Nimapada, Puri-752106
Ph.- 9437282699 / 9658570761
Email- kamal2007@pcgi.co.in

ଲୋନ୍ ଧମାକା
2% ସୁଧ, 50% ଛାଡ
ମହିଳାଙ୍କ ନିମନ୍ତେ ବିଶେଷ ଛାଡ
COVID-19 ମହାମାରୀ ସମୟରେ ସମସ୍ତଙ୍କୁ ୧ଲକ୍ଷ ରୁ ୯୦ଲକ୍ଷ ପର୍ଯ୍ୟନ୍ତ ଲୋନ୍ ଯୋଗାଇ ଦିଆଯାଉଛି। ପର୍ସନାଲ୍ ଲୋନ୍, ସମ୍ପତ୍ତି ଲୋନ୍, ହୋମ୍ ଲୋନ୍, ଏଗ୍ରିକଲ୍‌ଚରାଲ୍ କିମ୍ବା ପଶୁପାଳନ ନିମନ୍ତେ ସବୁ ପ୍ରକାରର ଲୋନ୍ ଉପଲବ୍ଧ। ଘରେ ବସି Online ମାଧ୍ୟମରେ ସୁବିଧାରେ ଲୋନ୍ ର ଲାଭ ଉଠାନ୍ତୁ।
ମୁଦ୍ରା ଫାଇନାନ୍ସ
9999268493
7310635591

BANSAL TOWER COMPANY
GOVT APPROVED COMPANY
ଦ୍ୱାରା ମାନ୍ୟତା ପ୍ରାପ୍ତ ନିଜର ଖାଲି ଥିବା ଜମି, କ୍ଷେତ, ଛାତ ଏବଂ ଖାଲି ସ୍ଥାନ ମାନଙ୍କରେ 4G/5G ଟାୱାର ଲଗାନ୍ତୁ।
FAKE COMPANY ଠାରୁ ସାବଧାନ ରୁହନ୍ତୁ।
Advance: 60 Lakhs
ମାସିକ ଭଡା: ୪୫୦୦୦
ଏବଂ ଜଣଙ୍କୁ ଚାକିରି ଦିଆଯିବ।
Contact- 7376459854

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

ଦଶମ ଶ୍ରାଦ୍ଧବାର୍ଷିକୀ

ସ୍ୱର୍ଗତ ଡା. ରଘୁନାଥ ମହାପାତ୍ର
ଚାଷୀଖଣ୍ଡ, ଜଗତ୍‌ସିଂହପୁର
ବାପା, ଆପଣଙ୍କର ତ୍ୟାଗ, ନିଷ୍ଠା, ସାଧୁତା ଧାର୍ମିକ ଚେତନା ଏବଂ ସମସ୍ତଙ୍କ ପ୍ରତି ସ୍ନେହ, ଶ୍ରଦ୍ଧାଭାବ ଆମମାନଙ୍କର ପ୍ରେରଣାର ଉତ୍ସ ହୋଇ ରହିଛି। ଆଜିର ଦିନରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
:ଶୋକସନ୍ତପ୍ତ:
ପୁତ୍ର-ପୁତ୍ରବଧୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀବୋହୂ, ନାତୁଣୀ-ନାତୁଣୀଜ୍ୱାଇଁ ଏବଂ ଅଣନାତି, ଅଣନାତୁଣୀମାନେ ।
ଧ-୨୧୧୯୧

ଏକାଦଶାହ ଉପଲକ୍ଷେ

ଇଂ. ରଘୁନାଥ ପଣ୍ଡା
୫୫, ୟୁନିଟ୍-୬, ଭୁବନେଶ୍ୱର-୧
ଆବିର୍ଭାବ : ତା.୨୨.୦୨.୧୯୩୯
ତିରୋଧାନ : ତା.୧୮.୦୭.୨୦୨୧
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଈଶ୍ୱରଙ୍କ ପାଦ ପଦ୍ମରେ ବିନୀତ ପ୍ରାର୍ଥନା ।
ଶୋକସନ୍ତପ୍ତ :
ବନ୍ଧୁ ଓ ପରିବାର ବର୍ଗ
ଧ-୨୧୧୯୮

୨୪ତମ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ଅଲେଖ ଦୀକ୍ଷିତ
ପୁରୁଣା ବୁଢ଼ାକେରା
୧୯୧୦-୨୫।୦୭।୧୯୯୭
ଆଜିର ଶ୍ରାଦ୍ଧ ଦିବସରେ ତୁମ ଆତ୍ମାର ଶାନ୍ତି ପାଇଁ ଶ୍ରୀଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ ପରିବାରବର୍ଗ ।
ଧ-୨୧୧୯୦



ଟୋକିଓ ଅଲିମ୍ପିକ୍ସର ଜିମ୍ନାଷ୍ଟିକ୍ସ ପାରାଲାଲ ବାର୍‌ରେ କଳାକୌଶଳ ପ୍ରଦର୍ଶନ କରୁଛନ୍ତି ରୁଷିଆ ଜିମ୍ନାଷ୍ଟ ଆଞ୍ଜେଲିନା ମେଲନିକୋଭା।

# ଯୌନ ଶୋଷଣ ଅଭିଯୋଗରେ ସାଲାଜାର ଆଜୀବନ ବାସନ୍ଦ

ଟୋକିଓ,୨୭।୭(ଏପି)

ଟ୍ରାକ୍ କୋଚ୍ ଆଲବେର୍ଟୋ ସାଲାଜାର ଯୌନ ଓ ଭାବନାତ୍ମକ ଶୋଷଣ ଅଭିଯୋଗରେ ଆଜୀବନ ବାସନ୍ଦ ହୋଇଛନ୍ତି। ୟୁଏସ୍ ସେଣ୍ଟର ଫର୍ ସେଫ୍‌ସ୍ପୋର୍ଟ ଦ୍ୱାରା ସେ ସ୍ଥାୟୀ ଭାବେ ବାସନ୍ଦ ହୋଇଛନ୍ତି। ଏହି ବାସନ୍ଦାଦେଶ ବିରୋଧରେ ସାଲାଜାର ୧୦ ଦିନ ମଧ୍ୟରେ ଅପିଲ୍ କରିପାରିବେ। ତେବେ ଏ ନେଇ ହୋଇଥିବା ତଦନ୍ତ ସଂକ୍ରାନ୍ତରେ ସେଫ୍‌ସ୍ପୋର୍ଟ ସେଣ୍ଟର ଅଧିକ କିଛି ସୂଚନା ଦେଇନାହିଁ।

୨୦୧୯ରେ ମେରି କେନ୍, କାରା ଗୋଚର ଓ ଆମି ୟୋଡର ବେଗ୍‌ଲି ସାଲାଜାରଙ୍କ ବିପକ୍ଷରେ ଏଭଳି ଅଭିଯୋଗ ଆଣିଥିଲେ। ସେତେବେଳେ ଏହି ରନରମାନେ ନାଇକ ଓରେଗୋନ ପ୍ରୋଜେକ୍ଟ ଟିମ୍‌ରେ ସାମିଲ ଥିଲେ ଓ ସାଲାଜାରଙ୍କ ସହିତ କାର୍ଯ୍ୟ କରୁଥିଲେ। ପୂର୍ବରୁ ୨୦୨୦ରେ ସାଲାଜାରଙ୍କୁ ଅସ୍ଥାୟୀ ଭାବେ ବାସନ୍ଦ କରାଯାଇଥିଲା। ତେବେ ସୋମବାର ତାଙ୍କୁ ସ୍ଥାୟୀ ଭାବେ ବ୍ୟାନ୍ କରାଯାଇଛି। କ୍ରୀଡ଼ାରେ କୌଣସି ପ୍ରକାର ଶୋଷଣକୁ ବରଦାସ୍ତ କରାଯିବ ନାହିଁ ବୋଲି ଫେଡେରେଶନ ତରଫରୁ ସ୍ପଷ୍ଟ କରାଯାଇଛି। ୮୦ ଦଶକ ଆରମ୍ଭରେ ୬୨ ବର୍ଷୀୟ ସାଲାଜାର ବୋଷ୍ଟନ ଓ ନ୍ୟୁୟର୍କ ମାରାଥନରେ



ଆଲବେର୍ଟୋ ସାଲାଜାର

ଚାମ୍ପିୟନ ହୋଇଥିଲେ। ସେ ଅଲିମ୍ପିକ୍ ମେଡାଲିଷ୍ଟ ମୋ ଫରାହା ଓ ଗାଲେନ ରୁପ୍‌ଙ୍କ ଭଳି ଆଥ୍‌ଲେଟଙ୍କ କୋଚ ରହିଥିଲେ। ଏହି ବାସନ୍ଦାଦେଶ ନେଇ ସେ କୌଣସି ପ୍ରତିକ୍ରିୟା ପ୍ରକାଶ କରିନାହାନ୍ତି। ୨୦୧୯ରେ ମଧ୍ୟ ସେ ଡୋପିଂ ବ୍ୟାନ୍‌ର ସମ୍ମୁଖୀନ ହୋଇଥିଲେ।

# ଭାରତୀୟ ଶୁଟରଙ୍କ ନୈରାଶ୍ୟ ଜାରି

ଟୋକିଓ, ୨୭।୭ (ପି.ଟି.)

ଟୋକିଓ ଅଲିମ୍ପିକ୍ସରେ ଭାରତୀୟ ଶୁଟରଙ୍କ ନୈରାଶ୍ୟଜନକ ପ୍ରଦର୍ଶନ ଜାରି ରହିଛି। ମଙ୍ଗଳବାର ଉଭୟ ପିସ୍ତଲ ଓ ରାଇଫଲ ବିଭାଗର ମିକ୍ସଡ ଟିମ୍ ଇଭେଣ୍ଟ ଯୋଗ୍ୟତା ପର୍ଯ୍ୟାୟରୁ ଭାରତ ବିଦାୟ ନେଇଛି। ପୋଡିୟମ ଫିନିଶ୍ ଦାବିଦାର ବିବେଚିତ ହେଉଥିବା ସୌରଭ ଚୌଧାରୀ ଓ ମନୁ ଭାକର ଚାପର ବଶବର୍ତ୍ତୀ ହୋଇ ୧୦ ମିଟର ଏୟାର ପିସ୍ତଲ ମିକ୍ସଡ ଟିମ୍ ଇଭେଣ୍ଟର ଫାଇନାଲରେ ପ୍ରବେଶରେ ବିଫଳ ହୋଇଥିଲେ। ଆଶାକା ରେଞ୍ଜ୍‌ରେ ଅନୁଷ୍ଠିତ ପ୍ରତିଯୋଗିତାର ପ୍ରଥମ ଫେଜ୍‌ରେ ଉଭୟ ୫୮୨ ପଏଣ୍ଟ ସ୍କୋର କରିଥିଲେ ହେଁ କ୍ୱାଲିଫିକେଶନ ୨ରେ ୭ମ ସ୍ଥାନରେ ସନ୍ତୁଷ୍ଟ ରହିଥିଲେ। ଏହି ଇଭେଣ୍ଟରେ ଭାଗ ନେଇଥିବା ଅନ୍ୟତମ ଭାରତୀୟ ଯୋଡ଼ି ଅଭିଷେକ ବର୍ମା ଓ ଯଶସ୍ୱିନୀ ସିଂ ଦେଶୱାଲ କ୍ୱାଲିଫିକେଶନ ୧ କ୍ଲିୟର କରିବାରେ ବିଫଳ ହୋଇ ୧୭ତମ ସ୍ଥାନରେ ରହିଥିଲେ। ଉଭୟ ୬ ସିରିଜ ରେ ମୋଟ ୫୬୪ ପଏଣ୍ଟ ପାଇବାରେ ସକ୍ଷମ ହୋଇଥିଲେ। କ୍ୱାଲିଫିକେଶନର ଦ୍ୱିତୀୟ ଫେଜ୍‌ରେ ଚୌଧାରୀ ଓ ଭାକର ମୋଟ ୩୮୦ ପଏଣ୍ଟ ପାଇଥିଲେ। ଭାକର ସବୁଠାରୁ ଖରାପ ପ୍ରଦର୍ଶନ କରି ଦ୍ୱିତୀୟ ଫେଜ୍‌ର ପ୍ରଥମ ଶୁଟ୍‌ରେ ମାତ୍ର ୯୨ ଏବଂ ଦ୍ୱିତୀୟ ଶୁଟ୍‌ରେ ୯୪ ପଏଣ୍ଟ ପାଇଥିଲେ। ଚୌଧାରୀ ପ୍ରଥମ ଶୁଟ୍‌ରେ ୯୬ ଏବଂ ଦ୍ୱିତୀୟରେ ୯୮ ପଏଣ୍ଟ ପାଇବାରେ ସକ୍ଷମ ହୋଇଥିଲେ। ଫଳ ସ୍ୱରୂପ ପ୍ରଥମ ସିରିଜ ପରେ ଚୌଧାରୀ ଓ ଭାକର ପଏଣ୍ଟ ଟେବୁଲର ସର୍ବନିମ୍ନ ସ୍ଥାନରେ ରହିଥିଲେ। ଦ୍ୱିତୀୟ ଫେଜ୍‌ର ଶୀର୍ଷ ୪ ଯୋଡ଼ି ମେଡାଲ ରାଉଣ୍ଡ ପାଇଁ ଯୋଗ୍ୟତା ହାସଲ କରିବେ। ପ୍ରଥମ ଫେଜ୍‌ରେ ଚୌଧାରୀ ଆକର୍ଷଣୀୟ ପ୍ରଦର୍ଶନ କରି ୨୯୬ ଓ ଭାକର ୨୮୬ ପଏଣ୍ଟ ପାଇ ଦ୍ୱିତୟ ଫେଜ୍‌ରେ ପ୍ରବେଶ କରିଥିଲେ।

ଦିବସର ଶେଷଭାଗରେ ୧୦ ମିଟର ଏୟାର ରାଇଫଲ ମିକ୍ସଡ ଟିମ୍ ଇଭେଣ୍ଟରେ ଉଭୟ ଭାରତୀୟ ଯୋଡ଼ି ପ୍ରଥମ କ୍ୱାଲିଫିକେଶନ ଷ୍ଟେଜ୍‌ରୁ ବିଦାୟ ନେଇଥିଲେ। ଫଳରେ ଫାଇନାଲ ପ୍ରବେଶ ଏମାନଙ୍କ ପାଇଁ ଅପହଞ୍ଚ ହୋଇ ଯାଇଥିଲା। ଇଲାଭେନିଲ ଭାଲାରିଭାନ ଓ ଦିବ୍ୟାଂଶ ସିଂ ପନୱାର ମୋଟ ୬୨୬.୫ ପଏଣ୍ଟ ପାଇ ୧୨ତମ ସ୍ଥାନରେ ସନ୍ତୁଷ୍ଟ ହୋଇଥିଲେ। ସେହିପରି ଅଞ୍ଜୁମ ମୁଦଗିଲ ଓ ଦୀପକ କୁମା ଯୋଡ଼ି ୬୨୩.୮ ପଏଣ୍ଟ ସହିତ ୧୮ତମ ସ୍ଥାନ ପାଇଥିଲେ। ଏହି ଇଭେଣ୍ଟରେ ମୋଟ ୨୯ ଯୋଡ଼ି ଭାଗ ନେଇଥିଲେ। ଇଲାଭେନିଲ ଓ ଦିବ୍ୟାଂଶ ଏଠାରେ ଦକ୍ଷତା ଅନୁସାରେ ପ୍ରଦର୍ଶନ କରିବାରେ ବିଫଳ ହୋଇଥିଲେ।



ଇଲାଭେନିଲ ଭାଲାରିଭାନ ଓ ଦିବ୍ୟାଂଶ ସିଂ ପନୱାର।

## ବୁଧବାର ଭାରତର କାର୍ଯ୍ୟସୂଚୀ (ଭାରତୀୟ ସମୟ ଅନୁସାରେ)

**ତୀରନ୍ଦାଜୀ:**
- ପୁରୁଷ ବ୍ୟକ୍ତିଗତ ୧/୩୨ ଏଲିମିନେଶନ ମ୍ୟାଚ୍: ତରୁଣଦୀପ ରାୟ ବନାମ ଓଲେକ୍ସି ହୁନ୍‌ବିନ୍ (ୟୁକ୍ରେନ), ସମୟ: ସକାଳ ୭ଟା ୩୦ମିନିଟ।
- ପୁରୁଷ ବ୍ୟକ୍ତିଗତ ୧/୩୨ ଏଲିମିନେଶନ ମ୍ୟାଚ୍: ପ୍ରବୀଣ ଯାଦବ ବନାମ ଗାଲ୍‌ସାନ ବାଜାର୍ଜହାପୋଭ୍ (ରଷିଆନ ଅଲିମ୍ପିକ କମିଟି), ସମୟ: ଅପରାହ୍ନ ୧୨ଟା୩୦।
- ମହିଳା ବ୍ୟକ୍ତିଗତ ୧/୩୨ ଏଲିମିନେଶନ ମ୍ୟାଚ୍: ଦୀପିକା କୁମାରୀ ବନାମ କାର୍ମା (ଭୁଟାନ), ସମୟ: ଅପରାହ୍ନ ୨ଟା୧୫।

**ବ୍ୟାଡ୍‌ମିଣ୍ଟନ:**
- ମହିଳା ସିଙ୍ଗଲ୍ସ ଗ୍ରୁପ୍ ଜେ' ମ୍ୟାଚ୍: ପି.ଭି. ସିନ୍ଧୁ ବନାମ ଏନ୍. ୱାଇ ଚେଅଙ୍ଗ୍ (ହଂକଂ), ସମୟ: ସକାଳ ୭ଟା ୩୦।
- ପୁରୁଷ ସିଙ୍ଗଲ୍ସ ଗ୍ରୁପ୍ 'ଡି' ମ୍ୟାଚ୍: ବି. ସାଇ ପ୍ରଣିଥ୍ ବନାମ ଏମ୍. କାଲ୍‌ଜୋ (ନେଦରଲାଣ୍ଡ୍ସ), ସମୟ: ଅପରାହ୍ନ ୨ଟା୩୦।

**ବକ୍ସିଂ:**
- ମହିଳା ୭୫କେଜି ରାଉଣ୍ଡ ଅଫ୍ ୧୬ ବାଉଟ୍: ପୂଜା ରାଣୀ ବନାମ ଇଚ୍ରାକ୍ ଚାଇବ୍ (ଆଲଜେରିଆ), ସମୟ: ଅପରାହ୍ନ ୨ଟା୩୦।

**ହକି:**
- ମହିଳା ପୁଲ୍ ଏ' ମ୍ୟାଚ୍: ଭାରତ ବନାମ ଗ୍ରେଟ୍ ବ୍ରିଟେନ, ସମୟ: ସକାଳ ୬ଟା ୩୦।

**ରୋଇଂ:**
- ପୁରୁଷ ଲାଇଟ୍‌ୱେଟ୍ ଡବଲ୍ ସ୍କଲ୍ସ ସେମିଫାଇନାଲ ୨: ଅର୍ଜୁନ ଲାଲ ଜାଟ୍ ଓ ଅରବିନ୍ଦ ସିଂ, ସମୟ: ସକାଳ ୮ଟା

**ସେଲିଂ:**
ପୁରୁଷ ସ୍କିଫ୍ ୪୯ଇଆର ରେସ୍ ୧ ରୁ ୪: କେ.ସି. ଗଣପତି ଓ ବରୁଣ ଠକ୍କର, ସମୟ: ସକାଳ ୮ଟା ୩୦।

# ରୁଷିଆ ମହିଳା ଟିମ୍‌କୁ ସ୍ୱର୍ଣ୍ଣ

ଟୋକିଓ, ୨୭।୭ (ଏପି)

ଓପନିଂ ଭଲ୍ଟ ବେଳେ ଇଞ୍ଜୁରୀ ଯୋଗୁ ଗତଥରର ଅଲିମ୍ପିକ ଜିମ୍ନାଷ୍ଟିକ୍ସ ଚାମ୍ପିୟନ ସିମୋନ୍ ବାଇଲ୍ସ ଟିମ୍ ଫାଇନାଲ୍‌ରୁ ଓହରିଯିବାକୁ ବାଧ ହୋଇଛନ୍ତି। ଆମେରିକା ଜିମ୍ନାଷ୍ଟିକ୍ସ ଟିମ୍‌କୁ ଶକ୍ତ ଧକ୍କା ହୋଇଛି। ଏହାର ସୁଯୋଗ ନେଇ ରୁଷିଆ ଅଲିମ୍ପିକ ଟିମ୍ ଟାଇଟଲ ହାତେଇ ନେଇଛି। ବ୍ରିଟେନ ବ୍ରୋଞ୍ଜ ପଦକ ଲାଭ କରିଛି। ଆମେରିକାର ଏହି ୨୪ ବର୍ଷୀୟା ଷ୍ଟାର ଆଥଲେଟଙ୍କୁ ସର୍ବକାଳୀନ ମହାନ ଜିମ୍ନାଷ୍ଟ ବୋଲି କୁହାଯାଉଛି। ଭଲ୍ଟ ପ୍ରତିଯୋଗିତା ପରେ ସେ ଟିମ୍ ଡକ୍ଟରଙ୍କ ସହ ଫ୍ଲୋର୍ ଛାଡ଼ି ଚାଲିଯାଇଥିଲେ। କିଛି ସମୟ ପରେ ସେ ଫେରିଥିଲେ। ହାତରୁ ତାଙ୍କ ବାର୍ ଗ୍ରିପ୍ ଖୋଲି ଦେଇଥିଲେ। ଟିମ୍‌ମେଟ୍ ଗ୍ରେସ୍ ମ୍ୟାକ୍‌କାଲୁମ୍, ସିନିସା ଲି ଓ ଜୋର୍ଡାନ ଚାଇଲସ୍‌ଙ୍କୁ ଆଲିଙ୍ଗନ କରିବା ସହ ନିଜ ଜ୍ୟାକେଟ ଓ ସ୍ୱେଟ୍ ପ୍ୟାଣ୍ଟ କରିଧାନ କରି ଚାଲିଯାଇଥିଲେ। ଆମେରିକୀୟମାନେ ପ୍ରତିଯୋଗିତାର ଅବଶିଷ୍ଟ ତାଙ୍କ ବିନା ଭାଗ ନେବେ। ଲଗାତର ତୃତୀୟ ଥର ଅଲିମ୍ପିକ ଟାଇଟଲ ହାସଲ ଲାଗି ସେମାନେ ଯେଉଁ ଲକ୍ଷ୍ୟ ରଖିଥିଲେ ତାହା ପୂରଣ ହେବା ଭଳି ଆଉ ମନେ ହେଉ ନାହିଁ। ୫ବର୍ଷ ପୂର୍ବେ ରିଓ ଡି' ଜେନିରୋରେ ବାଇଲ୍ସ ୫ ପଦକ ଜିତିଥିଲେ। ସମସ୍ତ ୫ଟି ବିଭାଗରେ ଫାଇନାଲକୁ ଉନ୍ନୀତ ହୋଇଥିବାରୁ ତାଙ୍କ ପାଇଁ ଆଉ ଏକ ସଫଳତା ହାସଲର ସୁଯୋଗ ରହିଥିଲା। ଗୁରୁବାର ଅଲରାଉଣ୍ଡ ଫାଇନାଲ ହେବ। ସେତେବେଳେ ସେ ଉପଲବ୍ଧ ହେବେ କି ନା ତାହା ଏବେ ଅସ୍ପଷ୍ଟ। ଗେମ୍ସରେ ଇଭେଣ୍ଟର ଫାଇନାଲ ପରେ ହେବ।

## ବାଇଲ୍ସ ଓହରିଲେ



# ସ୍ପେନ୍‌କୁ ହରାଇଲା ଭାରତ

ଟୋକିଓ,୨୭।୭(ପି.ଟି.)

ତାରକା ଡ୍ରାଗ୍ ଫ୍ଲିକର ରୂପିନ୍ଦର ପାଲ ସିଂଙ୍କ ଡବଲ ଗୋଲ ବଳରେ ଭାରତୀୟ ପୁରୁଷ ହକି ଦଳ ଏକ ଗୁରୁତ୍ୱପୂର୍ଣ୍ଣ ବିଜୟ ହାସଲ କରି ଜବରଦସ୍ତ ପ୍ରତ୍ୟାବର୍ତ୍ତନ କରିଛି। ଟୋକିଓ ଅଲିମ୍ପିକ୍ସ ହକି ଇଭେଣ୍ଟରେ ମଙ୍ଗଳବାର ଭାରତ ଗ୍ରୁପ୍ ଏ'ରେ ତା'ର ତୃତୀୟ ମ୍ୟାଚ୍‌ରେ ସ୍ପେନ୍‌କୁ ୩-୦ ଗୋଲରେ ପରାସ୍ତ କରି କ୍ୱାର୍ଟର ଫାଇନାଲର ନିକଟତର ହୋଇଛି। ଗତ ମ୍ୟାଚ୍‌ରେ ଭାରତ ବିଶ୍ୱର ୧ ନମ୍ବର ଦଳ ଅଷ୍ଟ୍ରେଲିଆଠାରୁ ୧-୭ ଗୋଲରେ ଲଜ୍ଜାଜନକ ଭାବେ ପରାସ୍ତ ହୋଇଥିଲେ ମଧ୍ୟ ଏହି ମ୍ୟାଚ୍‌ରେ ଦମ୍‌ଦାର ପ୍ରଦର୍ଶନ କରି ବିଶ୍ୱର ୯ ନମ୍ବର ଦଳ ସ୍ପେନ୍‌କୁ ଚକ୍‌ମା ଦେଇଛି। ସିମରନଜିତ୍ ସିଂ ୧୪ତମ ମିନିଟରେ ପ୍ରଥମ ଗୋଲ ଦେଇ ଭାରତକୁ ଅଗ୍ରଣୀ କରାଇଥିଲେ। ଏହାର ଗୋଟିଏ ମିନିଟ୍ ପରେ ରୂପିନ୍ଦର ଏକ ସୁନ୍ଦର ଗୋଲ ଦେଇଥିଲେ। ଶେଷରେ ସେ ୫୧ତମ ମିନିଟ୍‌ରେ ଆଉ ଏକ ଗୋଲ ଦେଇ ଭାରତର ବିଜୟକୁ ନିଶ୍ଚିତ କରିଥିଲେ।

ଭାରତ ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ଚତୁର୍ଥ ସ୍ଥାନରେ ରହିଛି। ଅଷ୍ଟ୍ରେଲିଆଠାରୁ ବୃହତ୍ ବ୍ୟବଧାନରେ ପରାସ୍ତ ହୋଇଥିଲେ ମଧ୍ୟ ପ୍ରଥମ ମ୍ୟାଚ୍‌ରେ ଭାରତ ନ୍ୟୁଜିଲାଣ୍ଡକୁ ୩-୨ ଗୋଲରେ ହରାଇଥିଲା। ଅନ୍ୟପଟେ ସ୍ପେନ୍ ଏ ପର୍ଯ୍ୟନ୍ତ ବିଜୟର ସ୍ୱାଦ ଚାଖିପାରି ନାହିଁ। ଆର୍ଜେଣ୍ଟିନା ବିପକ୍ଷରେ ସ୍ପେନ୍ ୧-୧ ଗୋଲରେ ମ୍ୟାଚ୍ ଡ୍ର ରଖିଥିଲା। ଏହାପରେ ଦ୍ୱିତୀୟ ମ୍ୟାଚ୍‌ରେ ସ୍ପେନ୍ ନ୍ୟୁଜିଲାଣ୍ଡଠାରୁ ୩-୪ ଗୋଲରେ

## ରୂପିନ୍ଦରଙ୍କ ଡବଲ୍ ଗୋଲ

ପରାସ୍ତ ହୋଇଥିଲା। ଭାରତ ଏବେ ଗୁରୁବାର ଅଲିମ୍ପିକ ଚାମ୍ପିୟନ ଆର୍ଜେଣ୍ଟିନାକୁ ଭେଟିବ।

ମନୋବଳ ଭାଙ୍ଗିଲା ଭଳି ପରାଜୟ ବରଣ କରିବା ପରେ ଏଭଳି ବିଜୟ ହାସଲ କରିବା କୌଣସି ଦଳ ପାଇଁ ସହଜ କଥା ନୁହେଁ। କିନ୍ତୁ ଭାରତ ଅଷ୍ଟ୍ରେଲିଆ ବିପକ୍ଷ ପରାଜୟରେ ହତୋତ୍ସାହ ନ ହୋଇ ପ୍ରତ୍ୟାବର୍ତ୍ତନ କରି ଶୃଙ୍ଖଳିତ ଖେଳି ପ୍ରଦର୍ଶନ କରିଥିଲା। ଏହି ବିଜୟ ସତ୍ତ୍ୱେ ଭାରତୀୟ କୋଚ୍ ଗ୍ରାହମ ରିଡ୍ ଦଳର କେତୋଟି ଦୁର୍ବଳତା ତଥା ତ୍ରୁଟିକୁ ନେଇ ଚିନ୍ତାପ୍ରକଟ କରିଛନ୍ତି। ବାକିଥିବା ମ୍ୟାଚ୍‌ଗୁଡିକରେ ପେନାଲ୍ଟି କର୍ନର ନେଇ ଥିବା ପୁରୁଣା ଦୁର୍ବଳତାକୁ ଦୂରେଇବାକୁ ହେବ ବୋଲି କହିଛନ୍ତି। ବହୁତ କ୍ଷେତ୍ରରେ ଭାରତକୁ ଉନ୍ନତି ଆଣିବାକୁ ହେବ। ଆମେ ଏ ପର୍ଯ୍ୟନ୍ତ ପ୍ରତିପକ୍ଷ ଦଳଗୁଡିକୁ ବହୁ କର୍ନର ଦେଇଛୁ। ତେବେ ସ୍ପେନ୍ ବିପକ୍ଷରେ ଭାରତୀୟ ଡିଫେନ୍ସ ଭଲ ପ୍ରଦର୍ଶନ କରିଛି। ପ୍ରଥମ କ୍ୱାର୍ଟରରେ ଆମେ ଭଲ ପ୍ରଦର୍ଶନ କରିଥିଲୁ। ତେବେ ଦ୍ୱିତୀୟ ଓ ତୃତୀୟ କ୍ୱାର୍ଟରରେ ଆମକୁ ସାମାନ୍ୟ ସଂଘର୍ଷ କରିବାକୁ ପଡିଥିଲା ବୋଲି ରିଡ୍ ମ୍ୟାଚ୍ ପରେ କହିଛନ୍ତି।

ଦ୍ୱାଦଶ ମିନିଟ୍‌ରେ ସ୍ପେନ୍ ପେନାଲ୍ଟି କର୍ନର ପାଇଥିଲେ ମଧ୍ୟ ଗୋଲ ଦେଇପାରି ନ ଥିଲା। ମ୍ୟାଚର ଅନ୍ତିମ କେତୋଟି ମୁହୂର୍ତ୍ତରେ ଭାରତୀୟ ଖେଳାଳିମାନେ ଏକାଧିକ ଆଟାକ କରିଥିଲେ। ଗୋଲ ଶୁଝାଇବାକୁ ସ୍ପେନ୍ ପ୍ରୟାସ କରିଥିଲା। ଚାପ ପକାଇ ସ୍ପେନ୍ ତୃତୀୟ କ୍ୱାର୍ଟରରେ ୩ଟି ପେନାଲ୍ଟି କର୍ନର ପାଇଥିଲା। ତେବେ ଭାରତୀୟ ଡିଫେନ୍ସ ସ୍ପେନ୍‌ର ପ୍ରୟାସକୁ ପ୍ରତିହତ କରିଥିଲା। ଅଭିଜ୍ଞ ଗୋଲକିପର ପି.ଆର. ଶ୍ରୀଜେସ ସୁନ୍ଦର ପ୍ରଦର୍ଶନ କରିଥିଲେ। କଷ୍ଟକର ପରିସ୍ଥିତିରେ ଭାରତୀୟ ଡିଫେନ୍ସ ଢିଲା ହେବାର ଅପଯଶ ହାସଲ କରି ଆସୁଥିଲେ ମଧ୍ୟ ଏହି ମ୍ୟାଚ୍‌ରେ କିନ୍ତୁ କଥା ଅଲଗା ଥିଲା। ଭାରତୀୟ ଡିଫେନ୍ସ ଚାପକୁ ନିୟନ୍ତ୍ରଣ କରିବା ସହ ସ୍ପେନ୍ ଖେଳାଳିଙ୍କୁ ନିରାଶ କରିଥିଲେ। ପ୍ରଥମ କ୍ୱାର୍ଟରରେ ଭାରତ ୨ଟି ଗୋଲ ଦେଇଥିଲା। ୩-୦ରେ ପଛରେ ପଡିଥିଲେ ମଧ୍ୟ ସ୍ପେନ୍ ଆକ୍ରମଣ ଜାରି ରଖିଥିଲା। ଏକାଧିକ ସୁଯୋଗ ପାଇଥିଲେ ମଧ୍ୟ ସ୍ପେନ୍ ଗୋଲ ଦେଇପାରି ନ ଥିଲା। ଏଥିପାଇଁ ଗୋଲକିପର ଶ୍ରୀଜେସ ପ୍ରଶଂସାର ହକ୍‌ଦାର। କ୍ୱାର୍ଟର ଫାଇନାଲକୁ ଉଠିବାକୁ ହେଲେ ୬ ଦଳ ବିଶିଷ୍ଟ ପୁଲ୍ ଏ'ରେ ଭାରତକୁ ଅତିକମ୍‌ରେ ଟପ୍-୪ ରହିବାକୁ ହେବ ଅର୍ଥାତ୍ ଚତୁର୍ଥ ସ୍ଥାନ ଅଧିକାର କରିବାକୁ ହେବ।

ଅଲିମ୍ପିକ୍ସ ହକିରେ ଭାରତ ସବୁଠାରୁ ସଫଳତମ ଦଳ ସାବ୍ୟସ୍ତ ହୋଇଛି। ୮ ସ୍ୱର୍ଣ୍ଣ ସହ ଭାରତ ଗୋଟିଏ ରୌପ୍ୟ ଓ ୨ଟି ବ୍ରୋଞ୍ଜ୍ ପଦକ ଜିତିଛି। ୧୯୮୦ ମସ୍କୋ ଅଲିମ୍ପିକ୍ସରେ ଭାରତ ସ୍ୱର୍ଣ୍ଣ ପଦକ ଜିତିଥିଲା ଓ ଏହାପରେ ଭାରତ ପଦକ ହାସଲ କରିବାରେ ବିଫଳ ହୋଇଛି।



ସିମରନଜିତ (ମଝି) ଗୋଲ ଦେବାପରେ ସାଥି ଖେଳାଳିମାନେ ତାଙ୍କୁ ବଧେଇ ଜଣାଉଛନ୍ତି।



## ଅଲିମ୍ପିକ୍ସ ପଦକ ତାଲିକା

| ଦେଶ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଜାପାନ | ୧୦ | ୩ | ୫ | ୧୮ |
| ଆମେରିକା | ୯ | ୭ | ୮ | ୨୪ |
| ଚାଇନା | ୯ | ୫ | ୭ | ୨୧ |
| ଆରଓସି | ୭ | ୭ | ୪ | ୧୮ |
| ଗ୍ରେଟ ବ୍ରିଟେନ | ୪ | ୫ | ୩ | ୧୨ |
| ଦକ୍ଷିଣ କୋରିଆ | ୩ | ୨ | ୫ | ୧୦ |
| ଅଷ୍ଟ୍ରେଲିଆ | ୩ | ୧ | ୫ | ୯ |
| କାନାଡ଼ା | ୨ | ୩ | ୩ | ୮ |
| ଫ୍ରାନ୍ସ | ୨ | ୨ | ୩ | ୭ |
| କୋସୋଭୋ | ୨ | ୦ | ୦ | ୨ |
| ଇଟାଲୀ | ୧ | ୫ | ୬ | ୧୨ |
| ଚାଇନିଜ୍ ତାଇପେ | ୧ | ୨ | ୩ | ୬ |
| ବ୍ରାଜିଲ | ୧ | ୨ | ୨ | ୫ |
| ସୁଇଜରଲାଣ୍ଡ | ୧ | ୨ | ୨ | ୫ |
| ସ୍ଲୋଭେନିଆ | ୧ | ୧ | ୧ | ୩ |
| ସର୍ବିଆ | ୧ | ୧ | ୧ | ୩ |
| ହଙ୍ଗେରି | ୧ | ୧ | ୦ | ୨ |
| ଟ୍ୟୁନିସିଆ | ୧ | ୧ | ୦ | ୨ |
| ଜର୍ମାନୀ | ୧ | ୦ | ୩ | ୪ |
| ଅଷ୍ଟ୍ରିଆ | ୧ | ୦ | ୧ | ୨ |
| କ୍ରୋଏସିଆ | ୧ | ୦ | ୧ | ୨ |
| ଇସ୍ତୋନିଆ | ୧ | ୦ | ୧ | ୨ |
| ବର୍ମୁଡା | ୧ | ୦ | ୦ | ୧ |
| ଇକ୍ୱେଡର | ୧ | ୦ | ୦ | ୧ |
| ହଂକଂ | ୧ | ୦ | ୦ | ୧ |
| ଇରାନ | ୧ | ୦ | ୦ | ୧ |
| ନରୱେ | ୧ | ୦ | ୦ | ୧ |
| ଫିଲିପାଇନ୍ସ | ୧ | ୦ | ୦ | ୧ |
| ଥାଇଲାଣ୍ଡ | ୧ | ୦ | ୦ | ୧ |
| ଉଜ୍‌ବେକିସ୍ତାନ | ୧ | ୦ | ୦ | ୧ |
| ନେଦରଲାଣ୍ଡ୍ସ | ୦ | ୩ | ୦ | ୩ |
| ସ୍ପେନ | ୦ | ୨ | ୧ | ୩ |
| ଜର୍ଜିଆ | ୦ | ୨ | ୦ | ୨ |
| ଦକ୍ଷିଣ ଆଫ୍ରିକା | ୦ | ୨ | ୦ | ୨ |
| ମଙ୍ଗୋଲିଆ | ୦ | ୧ | ୨ | ୩ |
| ବେଲଜିୟମ | ୦ | ୧ | ୧ | ୨ |
| ଚେକ୍ ରିପବ୍ଲିକ୍ | ୦ | ୧ | ୧ | ୨ |
| ଇଣ୍ଡୋନେସିଆ | ୦ | ୧ | ୧ | ୨ |
| ବୁଲଗେରିଆ | ୦ | ୧ | ୦ | ୧ |
| କଲମ୍ବିଆ | ୦ | ୧ | ୦ | ୧ |
| ଡେନମାର୍କ | ୦ | ୧ | ୦ | ୧ |
| **ଭାରତ** | **୦** | **୧** | **୦** | **୧** |
| ଜୋର୍ଡାନ | ୦ | ୧ | ୦ | ୧ |
| ନର୍ଥ ମାସେଡୋନିଆ | ୦ | ୧ | ୦ | ୧ |
| ରୋମାନିଆ | ୦ | ୧ | ୦ | ୧ |
| ତୁର୍କମେନିସ୍ତାନ | ୦ | ୧ | ୦ | ୧ |
| କାଜାଖସ୍ତାନ | ୦ | ୦ | ୩ | ୩ |
| ୟୁକ୍ରେନ | ୦ | ୦ | ୩ | ୩ |
| ଇଜିପ୍ଟ | ୦ | ୦ | ୨ | ୨ |
| ମେକ୍ସିକୋ | ୦ | ୦ | ୨ | ୨ |
| ତୁର୍କୀ | ୦ | ୦ | ୨ | ୨ |
| ଆଇଭରି କୋଷ୍ଟ | ୦ | ୦ | ୧ | ୧ |
| କ୍ୟୁବା | ୦ | ୦ | ୧ | ୧ |
| ଇସ୍ରାଏଲ | ୦ | ୦ | ୧ | ୧ |
| କୁଏତ | ୦ | ୦ | ୧ | ୧ |
| ନ୍ୟୁଜିଲାଣ୍ଡ | ୦ | ୦ | ୧ | ୧ |

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ବୁଧବାର, ଜୁଲାଇ ୨୮/୨୦୨୧ Bhubaneswar, Wednesday, July 28/ 2021

# ଢେଙ୍କାନାଳର ବୃହତ୍ ବିଜୟ

**ଭୁବନେଶ୍ୱର, ୨୭।୭ (କ୍ରୀଡ଼ା ପ୍ରତିନିଧି):** ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା କଳାହାଣ୍ଡି କପ୍ କ୍ରିକେଟ ଟୁର୍ନାମେଣ୍ଟର ମଙ୍ଗଳବାର ଅନୁଷ୍ଠିତ ଏକ ମ୍ୟାଚରେ ଢେଙ୍କାନାଳ ବୃହତ୍ ବିଜୟ ହାସଲ କରିଛି। ଏହି ମ୍ୟାଚରେ ଦଳ ଡକ୍‌ୱର୍ଥ ଲୁଇସ ପଦ୍ଧତି ଅନୁସାରେ ୧୮୧ ରନରେ ମାଲକାନଗିରିକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଢେଙ୍କାନାଳ ୪୭.୪ ଓଭରରେ ୨୪୬ ରନ କରି ଅଲଆଉଟ ହୋଇଥିଲା। ବର୍ଷା ଯୋଗୁ ମ୍ୟାଚକୁ ୪୦ ଓଭର ବିଶିଷ୍ଟ କରାଯାଇଥିଲା। ହେଲେ ମାଲକାନଗିରି ୧୯.୨ ଓଭରରେ ୪୧ ରନରେ ସମସ୍ତ ଉଇକେଟ ହରାଇଥିଲା। ଅନ୍ୟ ମ୍ୟାଚ ଗୁଡ଼ିକ ମଧ୍ୟରେ ଇକୋର୍ସା ୬ ଉଇକେଟରେ ଗଞ୍ଜାମ ଓ ଅନୁଗୋଳ ୭ ଉଇକେଟରେ ବୌଦ୍ଧକୁ ହରାଇଥିବାବେଳେ କଳାହାଣ୍ଡି ଓ କେନ୍ଦ୍ରାପଡ଼ା ମ୍ୟାଚ ଟାଇ ରହିଛି। ସେହିପରି କଟକ-ବି ୫ ଉଇକେଟରେ ଭଦ୍ରକ, ସୁନ୍ଦରଗଡ଼ ୯ ଉଇକେଟରେ ନବରଙ୍ଗପୁର (ଡି ଏ ଲ୍ ଏ ସ୍ ପଦ୍ଧତି), ଖୋର୍ଦ୍ଧା ୬ ଉଇକେଟରେ ଭୁବନେଶ୍ୱର-ଏକୁ (ଭିଜେଡି ଓ ଅନ୍ୟ ପଦ୍ଧତି ଅନୁସାରେ) ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଭୁବନେଶ୍ୱର-ଏ ୪୯.୩ ଓଭରରେ ୧୭୩ ରନ କରିଥିଲା। ବର୍ଷା ପାଇଁ ମ୍ୟାଚକୁ ୪୦ ଓଭର ବିଶିଷ୍ଟ କରାଯାଇଥିଲା ଏବଂ ଖୋର୍ଦ୍ଧା ଆଗରେ ୧୫୭ ରନ ଟାର୍ଗେଟ ରଖା ଯାଇଥିଲା। ଖୋର୍ଦ୍ଧା ୩୪.୪ ଓଭରରେ ୪ ଉଇକେଟ ହରାଇ ହାସଲ କରି ନେଇଥିଲା। ବର୍ଷା ଯୋଗୁ ନୟାଗଡ଼-ବାଲେଶ୍ୱର ଏବଂ ନୂଆପଡ଼ା-ଦେବଗଡ଼ ମ୍ୟାଚ ବାତିଲ ହୋଇଛି।

# ଦ୍ୱିତୀୟ ଟି୨୦ ଘୁଞ୍ଚିଲା

**କଲମ୍ବୋ,୨୭।୭(ପି.ଟି.)**



## କ୍ରୁନାଲ ପାଣ୍ଡ୍ୟା କରୋନା ପଜିଟିଭ

ସ୍ଥାନୀୟ ଆର. ପ୍ରେମଦାସା ଷ୍ଟାଡିୟମରେ ମଙ୍ଗଳବାର ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଖେଳାଯିବାକୁ ଥିବା ଦ୍ୱିତୀୟ ଟି୨୦ ମ୍ୟାଚ୍‌କୁ ଗୋଟିଏ ଦିନ ଘୁଞ୍ଚାଇ ଦିଆଯାଇଛି। ଭାରତୀୟ ଅଲ୍‌ରାଉଣ୍ଡର କ୍ରୁନାଲ ପାଣ୍ଡ୍ୟା କୋଭିଡ୍-୧୯ ପଜିଟିଭ ବୋଲି ଟେଷ୍ଟରୁ ଜଣାପଡିବା ପରେ ଏହି ନିଷ୍ପତ୍ତି ନିଆଯାଇଛି। ମଙ୍ଗଳବାର ସକାଳେ କ୍ରୁନାଲଙ୍କ ପରୀକ୍ଷା ହୋଇଥିଲା ଓ ସେ ପଜିଟିଭ ବୋଲି ଜଣାପଡିଥିଲା। ସେ ଏବେ ୭ ଦିନ ଆଇସୋଲେଶନରେ ରହିବେ। ଫଳରେ ସେ ଏହି ସିରିଜରୁ ବାଦ୍ ପଡିଛନ୍ତି। ଏବେ ଦ୍ୱିତୀୟ ଟି୨୦ ମ୍ୟାଚ୍ ୨୮ ତାରିଖ ବୁଧବାର ଖେଳାଯିବ। ସେହିପରି ତୃତୀୟ ତଥା ଅନ୍ତିମ ମ୍ୟାଚ୍ ୨୯ ତାରିଖ ଗୁରୁବାର ଆୟୋଜନ ହେବ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସଚିବ ଜୟ ଶାହ କହିଛନ୍ତି।

ମ୍ୟାଚ୍ ପୂର୍ବରୁ ରାପିଡ୍ ଆଣ୍ଟିଜେନ ଟେଷ୍ଟ କରାଯାଇଥିଲା। କ୍ରୁନାଲ ପଜିଟିଭ ବୋଲି ଜଣାପଡିବା ପରେ ଦୁଇ ଦଳର ସଦସ୍ୟମାନଙ୍କୁ ଆଇସୋଲେଶନରେ ରଖାଯାଇଛି। ରିପୋର୍ଟ ଆସିବା ପର୍ଯ୍ୟନ୍ତ ସବୁ ଖେଳାଳିଙ୍କୁ ଆଇସୋଲେଶନରେ ରହିବାକୁ ହେବ ବୋଲି କୁହାଯାଇଛି। କ୍ରୁନାଲଙ୍କଠାରେ କୋଭିଡ୍-୧୯ ଲକ୍ଷଣ ଦେଖା ଦେଇଥିଲା। ଗଳାରେ ଯନ୍ତ୍ରଣା ଅନୁଭବ କରିବା ସହ ତାଙ୍କର କାଶ ମଧ୍ୟ ହେଉଥିଲା। ଭାରତୀୟ ଦଳର ଅନ୍ୟ ୮ ଖେଳାଳି କ୍ରୁନାଲଙ୍କ ସହିତ କ୍ଲୋଜ କଣ୍ଟାକ୍ଟରେ ଆସିଥିଲେ। ଏହି ଖେଳାଳିମାନେ ବାଧ୍ୟତାମୂଳକ ଆଇସୋଲେଶନରେ ରହିଥିଲେ। ତେବେ ଏହି ୮ ଖେଳାଳିଙ୍କ ଆରଟି- ପିସିଆର ରିପୋର୍ଟ ନେଗେଟିଭ ଆସିଛି। ଫଳରେ ବୁଧବାର ମ୍ୟାଚ୍ ଖେଳାଯିବା ସ୍ପଷ୍ଟ ହୋଇଛି। ଏହି ଖେଳାଳିମାନେ ମଧ୍ୟ ମ୍ୟାଚ୍ ପାଇଁ ଉପଲବ୍ଧ ହେବେ। ୪ଜଣ ଷ୍ଟାଣ୍ଡବାଇ ନେଟ୍ ବୋଲରଙ୍କ ସହିତ ୨୦ ଜଣ ସଦସ୍ୟଙ୍କୁ ନେଇ ଭାରତୀୟ ଦଳ ଶ୍ରୀଲଙ୍କା ଗସ୍ତ କରିଛି। ବର୍ତ୍ତମାନ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜ ଚାଲୁ ରହିବାରେ କୌଣସି ସମସ୍ୟା ନାହିଁ ବୋଲି କୁହାଯାଇଥିଲା। ଆଉ କେତେଜଣ ଖେଳାଳି ପଜିଟିଭ ଚିହ୍ନଟ ହେଲେ ମଧ୍ୟ ଭାରତୀୟ ଦଳରେ ଆବଶ୍ୟକ ସଂଖ୍ୟାରେ ଆରଟି-ପିସିଆର ନେଗେଟିଭ ରିପୋର୍ଟ ଧାରଣ କରିଥିବା ଖେଳାଳି ରହିଛନ୍ତି। ତେଣୁ ସିରିଜ ଆୟୋଜନରେ ବାଧା ସୃଷ୍ଟି ହେବ ନାହିଁ ବୋଲି କୁହାଯାଇଥିଲା। ସିରିଜ ଅନ୍ତିମ ଦୁଇଟି ମ୍ୟାଚ୍ କ୍ରମାଗତ ଦୁଇ ଦିନରେ ଖେଳାଯିବ। କିନ୍ତୁ ଏଥିପାଇଁ ବାକି ଖେଳାଳିମାନେ କରୋନା ସଂକ୍ରମିତ ନ ହେବା ନିଆତି ଆବଶ୍ୟକ। ପ୍ରଥମ ଟି୨୦ରେ ୩୮ ରନରେ ବିଜୟୀ ହୋଇ ଭାରତ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ୧-୦ରେ ଅଗ୍ରଣୀ ହାସଲ କରିଛି। କଲମ୍ବୋର ତାଜ ସମୁଦ୍ର ହୋଟେଲରେ କଡ଼ା ନିୟମ ମଧ୍ୟରେ କ୍ରୁନାଲ ବାୟୋ-ବବଲରେ ଥିବା ବେଳେ ସେ କିଭଳି ସଂକ୍ରମିତ ହେଲେ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଟିମ୍ ବସ ଡ୍ରାଇଭର କିମ୍ବା କ୍ୟାଟରିଙ୍ଗ ଷ୍ଟାଫ୍ ଭାଇରସ କ୍ୟାରିୟର ହୋଇଥାଇପାରନ୍ତି ବୋଲି ଆଶଙ୍କା କରାଯାଉଛି।

ଏହି ଘଟଣା ଏବେ ପୃଥ୍ୱୀ ଶ ଓ ସୂର୍ଯ୍ୟକୁମାର ଯାଦବଙ୍କ ଇଂଲଣ୍ଡ ଯାତ୍ରା ଯୋଜନାକୁ ପ୍ରଭାବିତ କରିବ ବୋଲି ଆଶଙ୍କା କରାଯାଉଥିଲା। ଏହି ଦୁଇ ଖେଳାଳି ଇଂଲଣ୍ଡ ଗସ୍ତରେ ଯାଇଥିବାରୁ ଭାରତୀୟ ଟେଷ୍ଟ ଦଳରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ପୂର୍ବରୁ ଅନୁଷ୍ଠିତ ଦିନିକିଆ ସିରିଜରେ ଭାରତ ୨-୧ ବ୍ୟବଧାନରେ ବିଜୟୀ ହୋଇଥିଲା।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୨୮ ଜୁଲାଇ, ୨୦୨୧



## ସଂକ୍ଷେପରେ

### ସଡ଼କ ଦୁର୍ଘଟଣା, ସ୍କୁଟି ଚାଳକ ମୃତ

ଓଡ଼ଗାଁ, ୨୭।୭ (ସ୍ୱ.ପ୍ର.): ନୟାଗଡ଼-ଗଞ୍ଜାମ ଜିଲା ବୁଗୁଡା ଥାନା ଅଧୀନ କରସିଂଛକରେ ଦୁର୍ଘଟଣା ଘଟି ଜଣେ ସ୍କୁଟି ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଓଡ଼ଗାଁ ଥାନା ଅଧୀନ କୋମଣ୍ଡଗ୍ରାମ ଛାମୁସାହିର ସତ୍ୟବାନ ସାହୁ(୩୦)। ମଙ୍ଗଳବାର ଅପରାହ୍ନ ପ୍ରାୟ ୩ଟାରେ ଏହି ଦୁଃଖଦ ଘଟଣା ଘଟିଛି। ସତ୍ୟବାନ ନିଜ ସ୍କୁଟି(ନଂ.ଓଡି୨୫ଜି ୩୭୮୧)ରେ କରିସଂ ରୁ ନିଜ ଗାଁକୁ ଫେରୁଥିବା ବେଳେ ସମ୍ମୁଖରୁ ଆସୁଥିବା ଏକ ବାଇକ୍(ନଂ.ଓଆର ୨୫ ୭୦୬୬) ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ସତ୍ୟବାନ ଗୁରୁତର ହୋଇଥିବା ବେଳେ ବାଇକ୍ ଚାଳକ ବଡପଡା ଗ୍ରାମର ଖଦାଳ ଗୌଡ ବି ଆହତ ହୋଇଥିଲେ। ଉଭୟଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର ସତ୍ୟବାନଙ୍କୁ ମୃତ ଘୋଷଣା କରିଥିଲେ।

### ବିଦ୍ୟୁତ୍ ପ୍ରବାହରେ ଯୁବକ ଗୁରୁତର

ଖଣ୍ଡପଡ଼ା,୨୭।୭(ସ୍ୱ.ପ୍ର.): ଖଣ୍ଡପଡ଼ା ବ୍ଲକ୍ ଅଧୀନ ବାଣପୁର ପଞ୍ଚାୟତ ଚୈତନ୍ୟପୁର ଗ୍ରାମର ସୁବଳ ନାୟକ ବିଦ୍ୟୁତ୍ ଆଘାତରେ ଗୁରୁତର ହୋଇଛନ୍ତି। ତାଙ୍କ ଘରକୁ ଟଣାଯାଇଥିବା ବିଦ୍ୟୁତ୍ ତାର ଏକ ଜିଆଇ ତାର ଉପରେ ଦେଇ ଯାଇଥିଲା। କୌଣସି କାରଣରୁ ସେହି ତାର କଟି ଯିବାରୁ ଜିଆଇ ତାର ଦେଇ ବିଦ୍ୟୁତ୍ ପ୍ରବାହ ହୋଇଥିଲା। ଫଳରେ ଗୁହାଳରେ ବନ୍ଧା ଯାଇଥିବା ଏକ ବଳଦ ବିଦ୍ୟୁତ୍ ପ୍ରବାହରେ ଛଟପଟ ହୋଇଥିଲା। ଏପରି ଅବସ୍ଥା ଦେଖି ସୁବଳ ବଳଦକୁ ଉଦ୍ଧାର କରିବାକୁ ଯାଇଥିବା ବେଳେ ସେ ବି ଗୁରୁତର ଆହତ ହୋଇଛନ୍ତି।

### ୨ ଶିକ୍ଷକଙ୍କ ସ୍ମୃତିସଭା

ଦଶପଲ୍ଲା,୨୭।୭(ଡି.ଏନ.ଏ.): ଗତ ୨୪ତାରିଖ ଗୁରୁ ପୂର୍ଣ୍ଣିମା ଦିନ ଦଶପଲ୍ଲାର ଶିକ୍ଷକ ଗୋକୁଳ ଚନ୍ଦ୍ର ପଟ୍ଟନାୟକ ଓ ମଦନ ମୋହନ ରଥଙ୍କ ପରଲୋକ ହୋଇଥିଲା। ମଙ୍ଗଳବାର ଦଶପଲ୍ଲା ହାଇସ୍କୁଲ ସଭାଗୃହରେ ଉଭୟ ଶିକ୍ଷକଙ୍କ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ପ୍ରଣତୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଶିକ୍ଷକ ପ୍ରମୋଦ କୁମାର ପ୍ରଧାନ, ପ୍ରଫୁଲ୍ଲ କୁମାର ମିଶ୍ର, ବିରଞ୍ଚି ନାରାୟଣ ମିଶ୍ର, ଅରୁଣ ମହାଖୁଡ,ବଣିକ ମହାସଂଘ ସଭାପତି ଅଲେଖ ସାହୁ, ଡା .ଅନ୍ତର୍ଯ୍ୟାମୀ ଭୂୟାଁ, ପ୍ରଫେସର ନନ୍ଦକିଶୋର ମିଶ୍ର, ଅବସରପ୍ରାପ୍ତ ଡିଆଇଜି ଗୋଲକ ବିହାରୀ ମହାନ୍ତି ,ବରିଷ୍ଠ ନାଗରିକ ମଞ୍ଚ ସଭାପତି ପ୍ରାଣକୃଷ୍ଣ ବେହେରା, ପୂର୍ବତନ ଜିଲା ପରିଷଦ ସଭ୍ୟା ସଂଯୁକ୍ତା ଦାସଗୁପ୍ତା, ଗାଳ୍ପିକ ହାଡିବନ୍ଧୁ ମାହାଖୁଡ,ପ୍ରଶାନ୍ତ କୁମାର ସାହୁ, ଡା. ପ୍ରଫୁଲ୍ଲ କୁମାର ଦାଶ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଆବାସ ଯୋଜନା ଘର ସ୍ୱପ୍ନ

■ ତାଲିକାରେ ସାମିଲ ହେଉନାହିଁ ପ୍ରକୃତ ହିତାଧିକାରୀଙ୍କ ନାମ
■ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ନିଷ୍ପତ୍ତି

ନୟାଗଡ଼ ଅଫିସ,୨୭।୭

ନୟାଗଡ଼ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗରିବ ଲୋକଙ୍କ ନାମକୁ ଜାଣିଶୁଣି କାଟି ଦିଆଯାଇଥିବା ଅଭିଯୋଗ ହୋଇ ଆସୁଛି। ଏ ସଂକ୍ରାନ୍ତରେ ନୟାଗଡ଼ ବିଡିଓ, ପିଡି ଡିଆରଡିଏ ଓ ଜିଲାପାଳଙ୍କ ନିକଟରେ ଅଭିଯୋଗ କରାଗଲେ ମଧ୍ୟ ସେମାନଙ୍କୁ ଯୋଜନାରେ ସାମିଲ କରାଯାଉନାହିଁ। ଏଭଳି ସ୍ଥଳେ ବାଦ୍ ପଡିଥିବା ଯୋଗ୍ୟ ହିତାଧିକାରୀମାନେ ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ନିଷ୍ପତ୍ତି ନେଇଛନ୍ତି।

ଅଭିଯୋଗ ଅନୁଯାୟୀ, ୨୦୧୧ ଏସଇସିସି( ସାମାଜିକ ଅର୍ଥନୈତିକ ଜାତି ଗଣନା) ଅନୁସାରେ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ ପାଇଁ ତଦନ୍ତ କରାଯାଇଥିଲା। ତଦନ୍ତରେ ଲକ୍ଷ୍ମୀପ୍ରସାଦ ପଞ୍ଚାୟତର ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ଗରିବ ଲୋକ ବାଦ୍ ପଡିଛନ୍ତି। ଏ ସଂକ୍ରାନ୍ତରେ ଜଣା ପଡିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏପରିକି ତଦନ୍ତ କରିଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ଜୋର ଧରିଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ବାଦ୍ ପଡିଥିବା ଲୋକଙ୍କୁ ଆବାସ ଯୋଜନାରେ ସାମିଲ କରାଯାଇ ନାହିଁ। ଏଣୁ ସେମାନେ ସରକାରୀ ଯୋଜନାରେ ଉପକୃତ ହୋଇ ପାରୁ ନାହାନ୍ତି ବୋଲି ଅଭିଯୋଗ ହୋଇଛି।

ଏ ସଂକ୍ରାନ୍ତରେ ରାଉତରାପୁର ଗାଁର ଦିଗାମ୍ବର ଦାସ କୁହନ୍ତି, ଭଙ୍ଗା ଘରେ ଜୀବନ ବିତିଲା। ଇନ୍ଦିରା ଆବାସ ଅଥବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘରଟିଏ ମିଳିଲା ନାହିଁ। ବିଭିନ୍ନ ବାହାନା ଦେଖାଇ ଆମକୁ ଆବାସ ଯୋଜନାରେ ଘର ଦିଆଯାଉନାହିଁ। କିନ୍ତୁ ଅଯୋଗ୍ୟ ଲୋକମାନେ ଧରାଧରି କରି ଯୋଜନାର ଫାଇଦା ନେଉଛନ୍ତି। ମୁଁ ଭାବୁଛି ଜୀବଦଶାରେ ମୋତେ ଘରଟିଏ ଆଉ ମିଳିବନି। ଯଦୁପୁର ଗାଁର ଲତା ନାହାକ କୁହନ୍ତି, ମୋର ବୟସ ୨୦ ବର୍ଷ। ମୋତେ ୧୭ବର୍ଷ ହୋଇଥିବା ବେଳେ ମା ଓ ବାପା ଚାଲିଗଲେ। ଏବେ ମୁଁ ଏକୁଟିଆ ରହୁଛି। ରହିବା ପାଇଁ ଘର ନାହିଁ। ଯେଉଁ ଭଙ୍ଗା ଘର ଥିଲା ସୋମବାର ବର୍ଷାରେ ଭାଙ୍ଗି ଗଲା। ପୁଣି ସେହି ଭଙ୍ଗା ଘରକୁ ମରାମତି କରି ଅଭିଶପ୍ତ ଜୀବନ ଯାପନ କରୁଛି। ମୋତେ ଯଦି ଆବାସ ଯୋଜନାରେ ଘର ମିଳିବନି ତେବେ ଯୋଜନା କାହାପାଇଁ ବୋଲି ସେ ଓଲଟା ପ୍ରଶ୍ନ କରିଛନ୍ତି। ଲକ୍ଷ୍ମୀପ୍ରସାଦର ପୂର୍ବତନ ସରପଞ୍ଚ ସୌମ୍ୟ ରଞ୍ଜନ ପ୍ରଧାନ କୁହନ୍ତି, ଯଦୁପୁର ଗାଁରେ ଭଗବାନ ପରିଡା, ରୁମା ନାହାକ, ଗଣେଶ ନାହାକ, ଶିବାଜୀ ନାହାକ, ଅଧିକାରୀ ଡାକୁଆ, ରାଉତାରପୁର ଗାଁର କୈଳାଶ ପ୍ରଧାନ, ଅମିନ ଦଳେଇ, ହାତିଆ ବେହେରା, ପତର ବେହେରା, ବୋଦାପଡା ଗାଁର ମହନ୍ତ ଷଣ୍ଢ, ବାରବାଟି ଗାଁର ହରି ସାହୁ, ନିରଞ୍ଜନ ବେହେରା, ଧମେଣି ବୃନ୍ଦାବନପୁରର ଅରୁଣ ନାୟକ, ବୁଦ୍ଧି ନାୟକ, ଲକ୍ଷ୍ମପ୍ରସାଦ ଗାଁର କୁଳମଣି ଜେନା, ପ୍ରଭାତ ନାୟକ, ବରପଲ୍ଲୀର ସୁକାନ୍ତ ବେହେରା ପରି ଅନେକ ଗରିବ ଲୋକ ଆବାସ ଯୋଜନାରୁ ବାଦ୍ ପଡିଛନ୍ତି। ତଦନ୍ତକାରୀ ଅଧିକାରୀ ଉଦ୍ଦେଶ୍ୟମୂଳକ ଭାବେ ନାମ କାଟିଛନ୍ତି। ସେମାନେ ତାଲିକାରୁ ବାଦ୍ ପଡିବା ପରେ ଜିଲାପାଳ, ବିଡିଓ, ପିଡିଡିଆରଡିଏଙ୍କ ନିକଟରେ ମୁଁ ବାରମ୍ବାର ଅଭିଯୋଗ କରିଛି। ହେଲେ ସେମାନଙ୍କ ନାଁକୁ ଏଯାବତ ସାମିଲ କରାଯାଇ ନାହିଁ। ନାଏବ ସରପଞ୍ଚ ପ୍ରମିଳା ଜେନା କୁହନ୍ତି, ମୁଁ କିଛି ମାସ ହେଲା ସରପଞ୍ଚ ଦାୟିତ୍ୱରେ ଅଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗରୀବ ଲୋକଙ୍କ ନାଁ ବାଦ୍ ପଡିଥିବା ଜାଣିବା ପରେ ପୁଣି ସର୍ଭେ କରାଯାଉଛି। ଯେଉଁମାନେ ଯୋଜନାରେ ଅର୍ନ୍ତଭୁକ୍ତ ହେବା ପାଇଁ ଯୋଗ୍ୟ ବିବେଚିତ ହେବେ ସେମାନଙ୍କ ନାମ ତାଲିକାରେ ରଖିବାକୁ ପରାମର୍ଶ ଦେଇଛି। ମୁଁ ଚେଷ୍ଟା କରୁଛି ଭଙ୍ଗା ଘରେ ରହୁଥିବା ଲୋକଙ୍କୁ ଆବାସ ଯୋଜନାରେ ଘର ମିଳୁ। ଏ ଦିଗରେ ପ୍ରଶାସନିକ ସହଯୋଗ ମିଳିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

# ନୟାଗଡ଼ ଜିଲାପାଳଙ୍କୁ ସ୍ମାରକପତ୍ର



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଖବରଦାତାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

ନୟାଗଡ଼ ଅଫିସ,୨୭।୭

**କେନ୍ଦ୍ରାପଡ଼ାରେ ଖବରଦାତାଙ୍କୁ ମାଡ ଘଟଣା**

■ ଖବରଦାତା ସୁରକ୍ଷା ଆଇନ ଲାଗୁ ଦାବି ଜୋର ଧରିଲା

ପୁରୀ, ନୟାଗଡ଼, କେନ୍ଦ୍ରାପଡ଼ାରେ ମାଡ ଘଟଣା ପରେ ଖବରଦାତାମାନେ ଆଉ ସୁରକ୍ଷିତ ନୁହନ୍ତି। ଏଣୁ ଖବରଦାତା ସୁରକ୍ଷା ଆଇନ ତୁରନ୍ତ ଲାଗୁ କରାଯାଉ। ଏଥି ସହିତ କେନ୍ଦ୍ରାପଡ଼ାରେ ଖବରଦାତାଙ୍କୁ ଆକ୍ରମଣ କରିଥିବା ମହିଳା ପୋଲିସ କନ୍‌ଷ୍ଟେବଳଙ୍କୁ ବହିଷ୍କାର ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି। ଏ ସଂକ୍ରାନ୍ତରେ ମଙ୍ଗଳବାର ନୟାଗଡ଼ ଜିଲା ସଦର ମହକୁମାରେ ପ୍ରତିବାଦ କରାଯାଇଛି। ଏ ପରିପ୍ରେକ୍ଷୀରେ ନୟାଗଡ଼ ଜିଲା ଡିଜିଟାଲ ମିଡିଆ ଜର୍ଣ୍ଣାଲିଷ୍ଟ ଆସୋସିଏଶନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଅତିରିକ୍ତ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ପୂର୍ବାହ୍ନରେ ନୟାଗଡ଼ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରୁ ଖବରଦାତାମାନଙ୍କ ଏକ ପ୍ରତିବାଦ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଏଥିରେ ଆକ୍ରମଣକାରୀଙ୍କୁ ବହିଷ୍କାର ଓ ଖବରଦାତା ସୁରକ୍ଷା ଆଇନ ତୁରନ୍ତ ଲାଗୁ ପାଇଁ ସ୍ଲୋଗାନ ଦିଆଯାଇଥିଲା। ଜିଲାର ବିଭିନ୍ନ ବ୍ଲକର ଖବରଦାତାମାନେ ଏହି ଆନ୍ଦୋଳନରେ ଭାଗ ନେଇଥିଲେ ।

# ଖଣ୍ଡପଡ଼ାରେ ବୃକ୍ଷ ରୋପଣ



ଚାରା ରୋପଣରେ ସାମିଲ ହୋଇଥିବା ଅନୁଷ୍ଠାନର ସଦସ୍ୟମାନେ।

ଖଣ୍ଡପଡ଼ା,୨୭।୭(ସ୍ୱ.ପ୍ର.)

ସ୍ୱେଚ୍ଛାସେବୀ ଅନୁଷ୍ଠାନ ବଂଶୀଧର ଇଣ୍ଟର ନ୍ୟାଶନାଲ ଫାଉଣ୍ଡେଶନ ପକ୍ଷରୁ ନୟାଗଡ଼ ଜିଲାରେ ଚାରା ବଣ୍ଟନ ସହ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ପକ୍ଷରୁ ଖଣ୍ଡପଡ଼ା ଅଞ୍ଚଳର ବିଭିନ୍ନ ସ୍ଥାନରେ ମଙ୍ଗଳବାର ବୃକ୍ଷ ରୋପଣ କରାଯାଇଛି। ଫାଉଣ୍ଡେଶନ ପକ୍ଷରୁ ମନୋଜ କୁମାର ସାହୁ, ଖଣ୍ଡପଡ଼ା ବ୍ଲକ କଂଗ୍ରେସ ସଭାପତି ବୈକୁଣ୍ଠନାଥ ପ୍ରଧାନ, କଂଗ୍ରେସ ନେତ୍ରୀ ବିନୋଦିନୀ ମହାନ୍ତି, ଯୁବ ସଙ୍ଗଠକ ଦେବାଶିଷ ପରମଗୁରୁ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ଅଙ୍ଗନୱାଡି କେନ୍ଦ୍ରରେ ଟିକାଦାନ

ନୟାଗଡ଼ ଅଫିସ,୨୭।୭

**ଆଶା ଆଶଙ୍କାରେ ଗର୍ଭବତୀ**

ନୟାଗଡ଼ ଜିଲାରେ ଅଙ୍ଗନୱାଡି କେନ୍ଦ୍ରରେ ଗର୍ଭବତୀ ମହିଳାଙ୍କୁ କୋଭିଡ୍ ଟିକା ଦିଆଯାଉଛି। କୋଭିଡ୍ ଟିକାଦାନ କେନ୍ଦ୍ର, ପିଏଚ୍‌ସି, ସିଏଚ୍‌ସିରେ ଟିକା ଦେବା ପାଇଁ ଗାଇଡ୍ ଲାଇନ ଥିବାବେଳେ ଅଙ୍ଗନୱାଡି କେନ୍ଦ୍ରରେ ଟିକାଦାନ କେତେ ନିରାପଦ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଯଦି କୌଣସି ଦୁର୍ଘଟଣା ଘଟେ ସେଥିପାଇଁ କିଏ ଦାୟୀ ରହିବ ବୋଲି ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଜିଲାର ଅଧିକାଂଶ ଅଙ୍ଗନୱାଡି କେନ୍ଦ୍ରର ଘର ନାହିଁ। ଯେଉଁଠି ଘର ଅଛି ସେଠାରେ ଗର୍ଭବତୀ ମହିଳାଙ୍କ ପାର୍ଶ୍ୱ ପ୍ରତିକ୍ରିୟା ଘଟିଲେ ତୁରନ୍ତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାପାଇଁ ଆନୁଷଙ୍ଗିକ ସୁବିଧା ଅଛି କି ନାହିଁ ତାହା ତଦନ୍ତ ସାପେକ୍ଷ। ଏନେଇ ସିଡିଏମ୍‌ଓ ଶକ୍ତି ପ୍ରସାଦ ମିଶ୍ର କୁହନ୍ତି, ଅଙ୍ଗନୱାଡି କେନ୍ଦ୍ରରୁ ଗର୍ଭବତୀ ମହିଳା ଅଣ୍ଡା ଓ ଛତୁଆ ନେଉଛନ୍ତି। ତାହା ପୁଣି ସେମାନଙ୍କ ଘର ପାଖରେ। ଗର୍ଭବତୀ ମହିଳାଙ୍କ ସୁବିଧାକୁ ଆଖି ଆଗରେ ରଖି ଜିଲାପାଳଙ୍କ ନିର୍ଦ୍ଦେଶରେ ଅଙ୍ଗନୱାଡି କେନ୍ଦ୍ରରେ ଟିକାଦାନ ବ୍ୟବସ୍ଥା କରାଯାଇଛି।

# ବିଦ୍ୟାଳୟ ରୂପାନ୍ତରୀକରଣ କାର୍ଯ୍ୟର ସମୀକ୍ଷା

ନୟାଗଡ଼ ଅଫିସ,୨୭।୭

ରାଜ୍ୟ ସରକାରଙ୍କ ୫-ଟି ଅଧୀନରେ ବିଦ୍ୟାଳୟର ରୂପାନ୍ତୀକରଣ ଯୋଜନାର ସମୀକ୍ଷା କରିଛନ୍ତି ଜିଲାପାଳ ପୋମା ଟୁଡୁ । ଏହି ଅବସରରେ ଇଟାମାଟି ବାମନ ଅବକାଶ ଉଚ୍ଚ ବିଦ୍ୟାଳୟ ଗସ୍ତ କରି ମଡେଲ କ୍ଲାସ ରୁମ୍, ଲାଇବ୍ରେରୀ, ବିଜ୍ଞାନଗାର ଆଦିର ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଜିଲାପାଳଙ୍କ ସହ ପିଡି ସୁବାସ ଚନ୍ଦ୍ର ରାୟ, ନୟାଗଡ଼ ବିଡିଓ ମନୋଜ ପାତ୍ର ଉପସ୍ଥିତ ଥିଲେ ।

# ୩୮ କରୋନା ଆକ୍ରାନ୍ତ ଚିହ୍ନଟ

ନୟାଗଡ଼ ଅଫିସ,୨୭।୭

ନୟାଗଡ଼ ଜିଲାରେ କରୋନା ସଂକ୍ରମଣ ହ୍ରାସ ପାଉଛି । ମଙ୍ଗଳବାର ରିପୋର୍ଟରେ ୩୮ ଆକ୍ରାନ୍ତ ଚିହ୍ନଟ ପରେ ୨ୟ ଲହରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୫ ହଜାର ୪୦୧ ରେ ପହଞ୍ଚିଛି । ମଙ୍ଗଳବାର ରିପୋର୍ଟରେ ଗଣିଆ ବ୍ଲକରେ ୧, ଖଣ୍ଡପଡ଼ା ବ୍ଲକରେ ୫, ନୟାଗଡ଼ ବ୍ଲକରେ ୬, ନୂଆଗାଁ ବ୍ଲକ ୫, ଓଡ଼ଗାଁ ବ୍ଲକ ୬, ରଣପୁର ବ୍ଲକ ୮ଜଣ ଓ ନୟାଗଡ଼ ପୌରାଞ୍ଚଳରେ ୭ ଜଣ ଚିହ୍ନଟ ହୋଇଛନ୍ତି । ସୂଚନାଯୋଗ୍ୟ, କରୋନାର ପ୍ରଥମ ଓ ୨ୟ ଲହର ନୟାଗଡ଼ ଜିଲାରୁ ୧୪୧ ଜୀବନ ନେଇ ସାରିଛି।

# ସ୍ଥିତାବସ୍ଥା ଜାରି ପାଇଁ କୋର୍ଟଙ୍କ ନିର୍ଦ୍ଦେଶ

ଖଣ୍ଡପଡ଼ା,୨୭।୭(ସ୍ୱ.ପ୍ର.)

**ତାଲିମ, ଉତ୍ପାଦନ କେନ୍ଦ୍ର ଉଚ୍ଛେଦ ମାମଲା**



ବନ୍ଦ ରହିଥିବା ତାଲିମ ଓ ଉତ୍ପାଦନ କେନ୍ଦ୍ର।

କଂସା, ପିତଳ ବାସନ ଶିଳ୍ପ ତଥା କାରିଗରମାନଙ୍କ ଉନ୍ନତି ଲକ୍ଷ୍ୟରେ କଣ୍ଟିଲୋରେ ପ୍ରତିଷ୍ଠିତ ତାଲିମ ଓ ଉତ୍ପାଦନ କେନ୍ଦ୍ର(ଟ୍ରେନିଂ କମ୍ ପ୍ରଡକ୍ସନ ସେଣ୍ଟର)କୁ ଶିଳ୍ପୀଶ୍ରୀ ଅନୁଷ୍ଠାନକୁ ଲିଜ୍ ସୂତ୍ରରେ ପ୍ରଦାନ କରାଯାଇଥିଲା। ଚୁକ୍ତିନାମା ଅନୁସାରେ ୫ବର୍ଷ ଲିଜ୍ ଅବଧି ଶେଷ ହୋଇଥିଲା। ଏହା ପରେ ବି ଆଉ ୪ବର୍ଷ ଅତିବାହିତ ହୋଇଯାଇଥିଲା। ସେଠାରେ ରାଜ୍ୟ ସରକାରଙ୍କ ଅନ୍ୟ କିଛି ଯୋଜନା ପାଇଁ ପ୍ରସ୍ତାବ ଥିବାରୁ ଉକ୍ତ କେନ୍ଦ୍ରକୁ ମାଜିଷ୍ଟ୍ରେଟ ଦାୟିତ୍ୱରେ ଆସିଥିବା ଖଣ୍ଡପଡ଼ା ଅତିରିକ୍ତ ତହସିଲଦାର ଲକ୍ଷ୍ମୀକାନ୍ତ ମଲ୍ଲିକ, ନୟାଗଡ଼ ଜିଲା ଶିଳ୍ପକେନ୍ଦ୍ରର ସହକାରୀ ନିର୍ଦ୍ଦେଶକ ଶଙ୍କର ପ୍ରସାଦ ବିଶ୍ୱାଳ, ଶିଳ୍ପ ବିକାଶ ଅଧିକାରୀ ସୂର୍ଯ୍ୟକାନ୍ତ ପଣ୍ଡା, ଖଣ୍ଡପଡ଼ା ଓ କଣ୍ଟିଲୋ ଫାଣ୍ଡି ଅଧିକାରୀ ପ୍ରଫୁଲ୍ଲ କୁମାର ଦେଓ ଏବଂ ପୋଲିସ ଉପସ୍ଥିତିରେ ଉଚ୍ଛେଦ କରାଯାଇ ଶିଳ୍ପ ବିଭାଗକୁ ହସ୍ତାନ୍ତର କରାଯାଇଥିଲା। ଏହାର ପ୍ରତିବାଦରେ ଶିଳ୍ପୀଶ୍ରୀର ସଭାପତି ସରୋଜ କୁମାର ମହାରଣା ରାଜ୍ୟ ହସ୍ତତନ୍ତ୍ର ବିଭାଗ ନିର୍ଦ୍ଦେଶକ, ନୟାଗଡ଼ ଜିଲାପାଳ, ନୟାଗଡ଼ ଜିଲାଶିଳ୍ପ କେନ୍ଦ୍ର ସାଧାରଣ ପରିଚାଳକ ଓ ଖଣ୍ଡପଡ଼ା ତହସିଲଦାରଙ୍କୁ ପକ୍ଷଭୁକ୍ତ କରି ଖଣ୍ଡପଡ଼ା ଦେୱାନୀ ଅଦାଲତରେ ଆଶ୍ରୟ ନେଇଥିଲେ। କୋର୍ଟ ଆଇ ଏ ନଂ. ୨୨/୨୦୨୧(ସିଭିଲ ସୁଟ ନଂ. ୪୭/୨୦୨୧)ରେ ସମସ୍ତ କାଗଜପତ୍ର ପ୍ରମାଣକୁ ଭିତ୍ତିକରି ଗରିବ କାରିଗରଙ୍କ ସ୍ୱାର୍ଥ ଦୃଷ୍ଟିରୁ ସ୍ଥିତାବସ୍ଥା ବଜାୟ ରଖିବାକୁ ଗତ ୨୩ ତାରିଖରେ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାକୁ ବରିଷ୍ଠ ଓକିଲ ବିକ୍ରମ ସାହୁ ପରିଚାଳନା କରୁଛନ୍ତି।

ସୂଚନାଯୋଗ୍ୟ, କଣ୍ଟିଲୋର କଂସା, ପିତଳ ବାସନ ଶିଳ୍ପ ଲୋପ ପାଇବାକୁ ବସିଥିବା ବେଳେ କାରିଗରମାନଙ୍କୁ ନୂତନ ଜ୍ଞାନକୌଶଳରେ ତାଲିମ ପ୍ରଦାନ ପାଇଁ ସ୍ଥାନୀୟ ଅଞ୍ଚଳରେ ଏକ ତାଲିମ କେନ୍ଦ୍ର ୨୦୦୮ ଏପ୍ରିଲ ୧୬ ରୁ ଆରମ୍ଭ କରାଯାଇଥିଲା। ନାବାର୍ଡର ଆର୍ଥିକ ସହାୟତା ଓ ଖଣ୍ଡପଡ଼ା ସ୍ୱେଚ୍ଛାସେବୀ ସମନ୍ୱୟ ସମିତି(କେଏସ୍‌ଏସ୍‌ଏସ୍)ର ତତ୍ତ୍ୱାବଧାନରେ ଉକ୍ତ କେନ୍ଦ୍ରକୁ କାର୍ଯ୍ୟକ୍ଷମ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ଚୟନ କରାଯାଇଥିବା ୬୦ ଜଣ ଯୁବ କାରିଗରଙ୍କୁ ନୂତନ ପ୍ରଣାଳୀରେ ତାଲିମ ପ୍ରଦାନ କରାଯିବା ପାଇଁ ବ୍ୟବସ୍ଥା ହୋଇଥିଲା। ଫଳରେ ପୁରାତନ କଂସା ପିତଳ ବାସନ ଶିଳ୍ପର କିଛି ମାତ୍ରାରେ ଉନ୍ନତି ହେବା ନେଇ କାରିଗରମାନଙ୍କ ମଧ୍ୟରେ ଆଶା ସଞ୍ଚାର ହୋଇଥିଲା। ମାତ୍ର ୬୦ ଜଣ ଯୁବ କାରିଗରଙ୍କ ତାଲିମ କାର୍ଯ୍ୟକ୍ରମ ଶେଷ ହୋଇଥିଲେ ମଧ୍ୟ ଉତ୍ପାଦନ କାର୍ଯ୍ୟର କୌଣସି ଅଗ୍ରଗତି ହୋଇପାରି ନ ଥିଲା। କେଏସ୍‌ଏସ୍‌ଏସ୍‌ର ପରିଚାଳନାଗତ ତ୍ରୁଟିକୁ ଏଥିପାଇଁ ଦାୟୀ କରାଯାଇଥିଲା। ଫଳରେ ସଂପୃକ୍ତ କେନ୍ଦ୍ରରେ ଥିବା ଲକ୍ଷାଧିକ ଟଙ୍କାର ଯନ୍ତ୍ରପାତି ଓ ଆସବାବପତ୍ର ଅକାମୀ ହୋଇ ନଷ୍ଟ ହେଉଥିବା ବେଳେ ବିଦ୍ୟୁତ୍ ଶୁଳ୍କ ପୈଠ ହେଉ ନ ଥିବାରୁ ଏହାର ୩ ଫେଜ ଲାଇନକୁ କାଟି ଦିଆ ଯାଇଥିଲା। ସମ୍ପୃକ୍ତ ସଂସ୍ଥା ଉକ୍ତ କେନ୍ଦ୍ରକୁ ପରିଚାଳନା କରିବା ପାଇଁ ଆଗ୍ରହ ପ୍ରକାଶ ନ କରିବାରୁ ୨୦୧୧ ଅକ୍ଟୋବର ୧୨ରେ ତତ୍କାଳୀନ ନୟାଗଡ଼ ଜିଲାପାଳ ଅରବିନ୍ଦ ଅଗ୍ରୱାଲଙ୍କ ଅଧକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ସଂପୃକ୍ତ ସଂସ୍ଥାଠାରୁ ଦାୟିତ୍ୱ ପ୍ରତ୍ୟାହାର କରାଯାଇ ଶିଳ୍ପୀଶ୍ରୀକୁ ୨୦୧୨ ଡିସେମ୍ବର ୧୪ରେ ୫ବର୍ଷ ପାଇଁ ଲିଜ୍ ଦିଆଯାଇଥିଲା।

# ସୁଧୁରୁଛି ପୋତାଗଡ଼ର ଭଗ୍ନାବସ୍ଥା

■ ଦୀର୍ଘ ବର୍ଷ ପରେ ଜଳିଲା ଲାଇଟ
■ ଜୋର ଧରିଲା ପର୍ଯ୍ୟଟନ କ୍ଷେତ୍ର ମାନ୍ୟତା ଦାବି

ବିଦ୍ୟାଧର ସାହୁ
ଗଞ୍ଜାମ,୨୭।୭(ଡି.ଏନ.ଏ.)


ପାତାଗଡ଼ ଠାରେ ଥିବା ବିଭିନ୍ନ କୀର୍ତ୍ତି।

ଗଞ୍ଜାମ ସହର ସ୍ଥିତ ଋଷିକୁଲ୍ୟା ନଦୀ ପାର୍ଶ୍ୱରେ ବ୍ରିଟିଶ ଅମଳରୁ ରହିଛି ଐତିହାସିକ ପୋତାଗଡ଼। ଏହି ଗଡ଼ ପୋତି ହୋଇଯିବା ଫଳରେ ଏହା ପୋତାଗଡ଼ ଭାବେ ନାମିତ ହୋଇଥିଲା। ସେଠାରେ ଥିବା ହାତୀ ଘୋଡାଶାଳ ଆଦି ଭାଙ୍ଗି ରୁଜି ଯାଇଥିବା ବେଳେ ଅନେକ ଐତିହ୍ୟ କୀର୍ତ୍ତିଗୁଡିକ ଏବେ ବି ପୋତି ହୋଇଯାଇଛି। ଯେ କୌଣସି ବିପଦ ସମୟରେ ରାଜା ଆତ୍ମ ଗୋପନ ନିମନ୍ତେ ଏବେ ବି ଗୋଟିଏ ସୁଡୁଙ୍ଗ ସେଠାରେ ଦେଖିବାକୁ ମିଳେ। ଏଥିସହିତ ରାଣୀଙ୍କ ସ୍ନାନ ନିମନ୍ତେ ଋଷିକୁଲ୍ୟା ନଦୀକୁ ସଂଯୋଗ ଏକ ରାସ୍ତା ମଧ୍ୟ ରହିଛି। ଏହି ଐତିହାସିକ ପୋତାଗଡ଼ର ପୁନଃ ଉଦ୍ଧାର ପାଇଁ ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା ବାରମ୍ବାର ସରକାର ଏବଂ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ବର୍ତ୍ତମାନ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଜିଲା ପ୍ରଶାସନ ଉପରେ ଚାପ ପକାଇ ଐତିହାସିକ ପୋତାଗଡ଼ର ଉନ୍ନତି ପାଇଁ ଅଣ୍ଟା ଭିଡିଛନ୍ତି। ଏଠାରେ ଏଭଳି ଏକ ଐତିହାସିକ ସ୍ଥାନ ରହିଛି ବୋଲି ଜିଲା ତଥା ସମଗ୍ର ରାଜ୍ୟବାସୀଙ୍କୁ ଜଣେଇବା ନିମନ୍ତେ ପଣ୍ଡାଙ୍କ ନିଜସ୍ୱ ଉଦ୍ୟମରେ ପୋତାଗଡ଼ ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ପରେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ପୋତାଗଡ଼ ଗସ୍ତ କରିବା ସହ ରାଜ୍ୟ ପର୍ଯ୍ୟଟନ ସଚିବ ଓ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିସହିତ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ପୋତାଗଡ଼ ଡାକି ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଥିଲେ ଜିଲାପାଳ। ସେଠାରେ ବୋଟିଂ କ୍ଲବ, ଶିଶୁ ଉଦ୍ୟାନ, ପାନ୍ଥନିବାସ, ସ୍ମାର୍ଟ ପାର୍କ ଆଦି ନିର୍ମାଣ କରାଯିବାକୁ ଆଲୋଚନା ହୋଇଥିଲା। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ତହସିଲଦାର ଅରୁଣ କୁମାର ନାୟକ, ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ରୋନିତ କୁମାର ଏବଂ ଗ୍ରାସୀମ କମ୍ପାନୀ ଡିଜିଏମ ତଥା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବୀନ୍ଦ୍ର କୁମାର ମହାନ୍ତି ପ୍ରମୁଖ ପୋତାଗଡ଼ ଉନ୍ନତି ପାଇଁ ଲାଗି ପଡିଥିଲେ। ଅଞ୍ଚଳବାସୀ , ଗ୍ରାସୀମ କମ୍ପାନୀ ସହଯୋଗରେ ଯୁଦ୍ଧ କାଳୀନ ଭିତ୍ତିରେ ପୋତାଗଡ଼ ଚତୁପାର୍ଶ୍ୱ ସଫେଇ କରାଯାଇଛି। ଦୁଇ ଦିନ ହେବ ପୋତାଗଡ଼ ଚାରିପଟେ ଏନ୍‌ଏସି ପ୍ରଶାସନ ପକ୍ଷରୁ ବିଦ୍ୟୁତ୍ ଖୁଣ୍ଟ ପୋତା ଯାଇ ଲାଇଟ ଲଗା ଯାଇଛି। ଏହି ଐତିହାସିକ ପୋତାଗଡ଼କୁ ପର୍ଯ୍ୟଟନ କ୍ଷେତ୍ର ମାନ୍ୟତା ପାଇଁ ସ୍ଥାନୀୟବାସୀ ଦାବି କରିଛନ୍ତି।

# ସୋସାଇଟିରେ ତାଲା, ଲକ୍ଷ୍ୟ ପୂରଣ ନେଇ ସନ୍ଦେହ

ଭଞ୍ଜନଗର,୨୭।୭(ଡି.ଏନ.ଏ)



ଭଗ୍ନ ଅବସ୍ଥାରେ ଥିବା ଭଞ୍ଜନଗର ବ୍ଲକ ଲାଲସିଂ ସୋସାଇଟିରେ ତାଲା ଝୁଲୁଛି ।

**ପ୍ରହସନ ପାଲଟିଛି ଚାଷୀ ପଞ୍ଜୀକରଣ**

ଚଳିତବର୍ଷ ଖରିଫ ଧାନ ଫସଲ ସୋସାଇଟିରେ ବିକ୍ରିକରିବା ପାଇଁ ଗତ ୧୫ ତାରିଖରୁ ଗଞ୍ଜାମ ଜିଲାରେ ଅନ୍‌ଲାଇନ୍‌ରେ ଚାଷୀଙ୍କ ନାମ ପଞ୍ଜୀକରଣ ଆରମ୍ଭ ହୋଇଛି। ଏହା ଅଗଷ୍ଟ ୧୫ ପର୍ଯ୍ୟନ୍ତ ଚାଲିବ। ମାତ୍ର ଭଞ୍ଜନଗର ସମେତ ଅନ୍ୟ କେତେକ ବ୍ଲକରେ ଚାଷୀ ପଞ୍ଜୀକରଣ ଏକ ପ୍ରକାର ପ୍ରହସନ ପାଲଟିଥିବା ଦେଖାଯାଉଛି। ଚାଷୀ ପଞ୍ଜୀକରଣ କିଭଳି ତ୍ୱରାନ୍ୱିତ ହୋଇପାରିବ ସେ ନେଇ ପ୍ରଶାସନ ପକ୍ଷରୁ ବାରମ୍ବାର ସମୀକ୍ଷା କରାଯାଉଛି। ସୋମବାର ଖାଦ୍ୟ ଯୋଗାଣ ଓ ସମବାୟ ବିଭାଗର ପ୍ରମୁଖ ସଚିବ ଭି.ଭି.ଯାଦବ ଏ ନେଇ ସମୀକ୍ଷା କରିଥିବା ବେଳେ ମଙ୍ଗଳବାର ଜିଲାପାଳ ବିଜୟ ଅମୃତ କୁଲାଙ୍ଗେ ମଧ ଜିଲାର ବିଭିନ୍ନ ବିଭାଗର ଅଧିକାରୀଙ୍କୁ ନେଇ ଅନ୍‌ଲାଇନ୍ ମାଧ୍ୟମରେ ସମୀକ୍ଷା କରିଛନ୍ତି। ଚାଷୀ ଯେଭଳି ସୁବିଧାରେ ନାମ ପଞ୍ଜୀକରଣ କରିପାରିବେ ସେଥିପ୍ରତି ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଗତ ଖରିଫ୍‌ରେ ଜିଲାରେ ୧ଲକ୍ଷ ୩୯ ହଜାର ୬୪୮ ଚାଷୀ ନାମ ପଞ୍ଜୀକରଣ କରିଥିଲେ। ଚଳିତଥର ଗତ ୧୩ ଦିନ ହେଲା ପଞ୍ଜୀକରଣ ଚାଲିଥିଲେ ମଧ ମଙ୍ଗଳବାର ସୁଦ୍ଧା ମାତ୍ର ୧୧,୩୮୧ ଚାଷୀଙ୍କ ନାମ ପଞ୍ଜୀକୃତ ହୋଇଛି। ଆଉ ୧୮ ଦିନ ପରେ ପଞ୍ଜୀକରଣ ବନ୍ଦ ହୋଇଯିବ। ତେଣୁ ବର୍ତ୍ତମାନଠୁ ଲକ୍ଷ୍ୟ ପୂରଣକୁ ନେଇ ସନ୍ଦେହ ପ୍ରକାଶ ପାଇଲାଣି। ଭଞ୍ଜନଗର ଉପଖଣ୍ଡରେ ଗତବର୍ଷ ୪୯୦୫୫ ଜଣ ଚାଷୀ ପଞ୍ଜୀକରଣ କରିଥିବା ବେଳେ ଚଳିତ ବର୍ଷ ମଙ୍ଗଳବାର ସୁଦ୍ଧା ୩୨୬୦ ଚାଷୀ ପଞ୍ଜୀକରଣ କରିଛନ୍ତି। ସେଥିମଧ୍ୟରେ ସୋରଡ଼ା ବ୍ଲକରେ ସର୍ବାଧିକ ୧୦୫୧ ଜଣ ଥିବା ବେଳେ ଆସିକାରେ ୬୮୦, ଭଞ୍ଜନଗର ବ୍ଲକରେ ୧୬୧ ବେଲଗୁଣ୍ଠାରେ ୧୩୮, ବୁଗୁଡ଼ାରେ ୨୦୫, ଧରାକୋଟରେ ୨୩୯, ଜଗନ୍ନାଥପ୍ରସାଦରେ ୨୫୧ ଓ ଶେରଗଡ଼ ବ୍ଲକରେ ୫୩୫ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି। ଭଞ୍ଜନଗର ବ୍ଲକରେ ଗତବର୍ଷ ୪୭୮୪ ଜଣ ପଞ୍ଜୀକରଣ କରିଥିଲେ। ଜିଲାରେ ଚାଷୀ ପଞ୍ଜୀକରଣ ଦାୟିତ୍ୱ ୩୭୯ ସେବା ସମବାୟ ସମିତି ଓ ୫୧ଟି ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଦିଆଯାଇଛି। ସେଥିମଧରେ ଭଞ୍ଜନଗର ଉପଖଣ୍ଡର ୧୨୫ଟି ସେବା ସମବାୟ ସମିତି ଓ ୨୪ଟି ସ୍ୱୟଂ ସହାୟକ ଗୋଷ୍ଠୀ ଅଛନ୍ତି। ଅନ୍ୟପକ୍ଷରେ ଜିଲାର ଅଧିକାଂଶ ପଞ୍ଜୀକରଣ ପାଇଁ ଆବେଦନ କିଭଳି ହେବ ତାହା ଜାଣନ୍ତି ନାହିଁ। ତେଣୁ ସେମାନେ ଏଥିରୁ ବଞ୍ଚିତ ହେବା ସମ୍ଭାବନା ରହିଛି। ଅଧିକାଂଶ ସୋସାଇଟି ଧାର୍ଯ୍ୟ ସମୟରେ ଖୋଲାଯାଉନାହିଁ। ଆଉ କେତେଟି ବହୁଦିନ ପର୍ଯ୍ୟନ୍ତ ଖୋଲୁନି। ଯେଉଁଥିପାଇଁ ଏହି ସମସ୍ୟା ଦେଖାଦେଇଛି। ବିଗତ ଦିନରେ ମନଇଛା ଚାଷୀ ପଞ୍ଜୀକରଣ ହେଉଥିଲା। ଏପରିକି ଯେଉଁମାନଙ୍କ ଜମି ନାହିଁ ସେମାନେ କର୍ମଚାରୀଙ୍କୁ ହାତ କରି ନାମ ପଞ୍ଜୀକରଣ କରି ଧାନ ବିକ୍ରି କରିପାରୁଥିଲେ। ପ୍ରକୃତ ଚାଷୀ ସଚେତନତା ଅଭାବରୁ ନାମ ପଞ୍ଜୀକରଣ କରି ନ ପାରି ଅଭାବୀ ଧାନ ବିକ୍ରିର ସମ୍ମୁଖିନ ହେଉଥିଲେ। ଏହାକୁ ଆଖି ଆଗରେ ରଖି ଚଳିତବର୍ଷ ସରକାର କିଛି କଡ଼ା ପଦକ୍ଷେପ ନେଇଛନ୍ତି। ଚଳିତବର୍ଷ ପଞ୍ଜୀକରଣ ପାଇଁ ଆବେଦନ ପରେ କୃଷି, ସମବାୟ ଏବଂ ରାଜସ୍ୱ ବିଭାଗ ପକ୍ଷରୁ ମିଳିତ ଭାବେ ଆବେଦନକାରୀଙ୍କ କେତେ ଚାଷ ଜମି ଅଛି ତାହା ଯାଞ୍ଚ ହେବ। ଯଦି କେହି ଜାଲିଆତି କରଥିବା ଜଣାପଡ଼ିଲେ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ।

ଏ ନେଇ ଭଞ୍ଜନଗର ଉପଖଣ୍ଡ ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରା କହିଛନ୍ତି, ଚଳିତବର୍ଷ ପ୍ରକୃତ ଚାଷୀ ପଞ୍ଜୀକରଣରୁ ଯେଭଳି ବାଦ୍ ନ ପଡ଼ନ୍ତି ସେଥିପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି। ମୃତ ଜମି ମାଲିକଙ୍କ ଆଧାର କାର୍ଡ଼ ନ ଥିଲେ ମଧ୍ୟ ବର୍ତ୍ତମାନ ଯିଏ ଆବେଦନ କରିବେ ତାଙ୍କର ପ୍ରମାଣପତ୍ର ଦେଇ ଆବେଦନ କରିପାରିବେ। ଯଦି କେଉଁଠି ଚାଷୀମାନେ ଅସୁବିଧାର ସମ୍ମୁଖିନ ହେଉଥିବା ଖବର ଆସିବ ତେବେ ତାର ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ବେହେରା କହିଛନ୍ତି।

**ଭେଜାଲ ମଦ ଜବତ ୨ ଗିରଫ**

ଆସିକା,(ଡି.ଏନ.ଏ.)-ଆସିକା ଥାନା ରଘୁନାଥ ନଗର ଓ ପାକଲାପଲ୍ଲୀ ଏରୋଗୋଲା ବସାରେ ପୋଲିସ ଚଢ଼ାଉ କରି ଭେଜାଲ ମଦ ବିକ୍ରି ଅଭିଯୋଗରେ ୨ଜଣଙ୍କୁ ଗିରଫ କରିଛି । ସେମାନଙ୍କ ନିକଟରୁ ୫୦ ଲିଟର ଭେଜାଲ ମଦ ଜବତ କରିଛି । ଏହି କାରବାରରେ ରାମଚନ୍ଦ୍ର ବେହେରା ଓ ଜି. ଗଣେଶଙ୍କୁ ଗିରଫ କରାଯାଇଛି । ଆସିକା ଥାନାରେ ନଂ.୪୮୨ ଓ ୪୮୩/୨୧ରେ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି ।

## ସଂକ୍ଷେପରେ

### ରେଳଧାରଣାରୁ ବୃଦ୍ଧଙ୍କ ମୃତଦେହ ଜବତ

**ବ୍ରହ୍ମପୁର ଅଫିସ,୨୭।୭:** ସରକାରୀ ରେଳବାଇ ପୋଲିସ (ଜିଆରପି) ମଙ୍ଗଳବାର ଜରଡ଼ା ବଙ୍ଗଳା ନିକଟ ରେଳଧାରଣା କଡ଼ରୁ ଜଣେ ବୃଦ୍ଧଙ୍କ ମୃତଦେହ ଜବତ କରିଛି। ମୃତକ ଅଯୋଧ୍ୟା ନଗରରେ ରହୁଥିବା ନିରଞ୍ଜନ ଖାଡଙ୍ଗା। ପୋଲିସ ନଂ.୪୦/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ନିରଞ୍ଜନ ଗଞ୍ଜାମ ଜିଲା ହୁମାରେ ଥିବା ଏକ ହାଇସ୍କୁଲରେ ପ୍ରଧାନ ଶିକ୍ଷକ ଥିବାବେଳେ ସେ ବର୍ଷେ ତଳେ ଅବସର ନେଇଥିଲେ। ଅଯୋଧ୍ୟା ନଗରରେ ଏକ ଘର ଭଡା ନେଇ ରହୁଥିବା ବେଳେ ଆଙ୍କୁଲି ନିକଟରେ ସେ ଏକ ପ୍ଲଟ କିଣି ଗୃହ ନିର୍ମାଣ କରୁଥିଲେ। ପ୍ରତିଦିନ ଭଳି ସୋମବାର ସନ୍ଧ୍ୟାରେ ସେ ଆଙ୍କୁଲିରୁ ଚାଲି ଚାଲି ଉକ୍ତ ରେଳଧରଣା ଅତିକ୍ରମ କରି ଘରକୁ ଫେରୁଥିବା ବେଳେ ଟ୍ରେନ ଧକ୍କାରେ ତାଙ୍କର ମୃତ୍ୟୁ ଘଟିଥିବା ପୋଲିସ ସନ୍ଦେହ କରୁଛି। ମଙ୍ଗଳବାର ସକାଳେ ସ୍ଥାନୀୟ ଲୋକ ରେଳଧାରଣା କଡରେ ମୃତଦେହ ପଡିଥିବା ନେଇ ପୋଲିସକୁ ଖବର ଦେଇଥିଲେ। ଅନ୍ୟପଟେ ସୋମବାର ସନ୍ଧ୍ୟାରୁ ନିରଞ୍ଜନ ନିଖୋଜ ଥିବା ବେଳେ ତାଙ୍କ ଘର ଲୋକ ଖୋଜାଖୋଜି କରି ଶେଷରେ ଜରଡ଼ା ବଙ୍ଗଳା ରେଳଧାରଣା କଡ଼ରେ ପହଞ୍ଚିଥିଲେ। ନିରଞ୍ଜନଙ୍କ ଭାଇ ସୁରେନ୍ଦ୍ର ମୃତଦେହ ଚିହ୍ନଟ କରିଥିଲେ ବୋଲି ପୋଲିସ କହିଛି।

### ହତ୍ୟା ଉଦ୍ୟମ ମାମଲାରେ ଅଭିଯୁକ୍ତ ଗିରଫ

**ବ୍ରହ୍ମପୁର ଅଫିସ,୨୭।୭:** ଏକ ହତ୍ୟା ଉଦ୍ୟମ ମାମଲାର ଅଭିଯୁକ୍ତଙ୍କୁ ଟାଉନ ଥାନା ପୋଲିସ ମଙ୍ଗଳବାର ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ବଡବଜାର ଥାନା ଅନ୍ତର୍ଗତ ପୁରୁଣା ବ୍ରହ୍ମପୁରର ସନ୍ତୋଷ କୁମାର ସାହୁ। ମାମଲା ନମ୍ବର ୧୪୮/୨୧ରେ ତାଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି। ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ବୋଲି ପୋଲିସ କହିଛି। ଘଟଣାରୁ ପ୍ରକାଶ, କାହ୍ନୁ ପଣ୍ଡା ଏକ ଘରୋଇ ବସରେ ହକର ଭାବେ କାମ କରନ୍ତି। ସୋମବାର ଅପରାହ୍ନରେ ପୁରୁଣା ବସ୍‌ଷ୍ଟାଣ୍ଡରେ ଉଭୟ ସିଟି ବସ ଓ ଏକ ଘରୋଇ ବସ ପହଞ୍ଚି ଥିଲା। ବସରେ ଯାତ୍ରୀ ନେବା ପାଇଁ ସିଟି ବସ୍ ହକର ସନ୍ତୋଷ ଓ କାହ୍ନୁଙ୍କ ମଧ୍ୟରେ ଝଗଡା ହୋଇଥିଲା। ଏପରି କି ସନ୍ତୋଷ ଏକ ପଥରରେ କାହ୍ନୁଙ୍କ ମୁଣ୍ଡକୁ ଛେଚି ଦେଇଥିଲେ। ଫଳରେ କାହ୍ନୁଙ୍କ ମୁଣ୍ଡରୁ ପ୍ରଚୁର ରକ୍ତସ୍ରାବ ହେବା ସହ ସେ ଗୁରୁତର ହୋଇଥିଲେ। ପୋଲିସ ପହଞ୍ଚି ଆହତଙ୍କୁ ଏମ୍‌କେସିଜି ମେଡିକାଲ ସ୍ଥାନାନ୍ତର କରିଥିଲା। ପରେ କାହ୍ନୁ ପୋଲିସ ନିକଟରେ ଏନେଇ ଅଭିଯୋଗ କରିଥିଲେ।

### ଭବାନୀ ଜିଲା ଯୁବ ବିଜେଡି ସଭାପତି

**ବ୍ରହ୍ମପୁର ଅଫିସ,୨୭।୭:** ଗଞ୍ଜାମ ଜିଲା ଯୁବ ବିଜେଡିର ନୂଆ ସଭାପତି ହୋଇଛନ୍ତି ପୂର୍ବତନ ଛାତ୍ର ନେତା ଭବାନୀକାନ୍ତ ସାହୁ। ପ୍ରାୟ ୬ ମାସ ତଳେ ସଭାପତି ହୋଇଥିବା ଲକ୍ଷ୍ମଣ ଚୌଧୁରୀଙ୍କୁ ମଙ୍ଗଳବାର ଅଚାନକ ଭାବେ ରାଜ୍ୟ ଯୁବ ବିଜେଡି ସଭାପତି ବିଧାୟକ ବ୍ୟୋମକେଶ ରାୟ ହଟାଇ ଦେଇଛନ୍ତି। ଗଞ୍ଜାମ ଜିଲା ବିଜେଡି ସଭାପତି ତଥା ବ୍ରହ୍ମପୁର ପୂର୍ବତନ ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଏହି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ମାସ ଶେଷ ସପ୍ତାହରେ ଜିଲା ମହିଳା ବିଜେଡି ସଭାନେତ୍ରୀ ସଂଘମିତ୍ରା ଦଳାଇଙ୍କୁ ବଦଳାଇ ନୂଆ ଚେହେରା ଏମ୍. ସୁଜାତା ପାତ୍ରଙ୍କୁ ଜିଲା ସଭାନେତ୍ରୀ କରାଯାଇଛି। ଏହାର ମାସକ ଭିତରେ ଯୁବ ବିଜେଡି ସଭାପତି ବଦଳିବା ନେଇ ଜୋର ଧରିଛି ରାଜନୈତିକ ଚର୍ଚ୍ଚା। ପରବର୍ତ୍ତୀ ପର୍ଯ୍ୟାୟରେ ଜିଲା ଛାତ୍ର ବିଜେଡି ସଂଗଠନ ମଧ୍ୟ ପୁନର୍ଗଠନ ହେବାର ସମ୍ଭାବନା ଥିବା ଶଙ୍କ ଦଳରେ ଆଲୋଚନା ଚାଲିଛି।

### ଲୁହା ପାଇପ୍ ବୋଝେଇ ଟ୍ରେଲର ଦୁର୍ଘଟଣାଗ୍ରସ୍ତ

**ଭଞ୍ଜନଗର,୨୭।୭(ଡି.ଏନ.ଏ):** ଭଞ୍ଜନଗର ଥାନା ଅନ୍ତର୍ଗତ ପହଣ୍ଡା ଛକରେ ମଙ୍ଗଳବାର ଏକ ଲୁହା ପାଇପ୍ ବୋଝେଇ ଟ୍ରେଲର ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ କେହି ମୃତାହତ ହୋଇନାହାନ୍ତି। ଟ୍ରେଲରଟି ମଧ୍ୟପ୍ରଦେଶରୁ ଆସିକା ଅଭିମୁଖେ ଯାଉଥିବା ବେଳେ ପହଣ୍ଡା ଗୋଲେଇ ଛକରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ସେହିଭଳି ଭଞ୍ଜନଗର ଦୁର୍ଗାପ୍ରସାଦ ମୁଖ୍ୟ ରାସ୍ତାର ଖାରିଗୁଡ଼ା ନିକଟରେ ଏକ ବାଇକ୍ ଧକ୍କାରେ ସମ୍ପୃକ୍ତ ଗ୍ରାମର ସଂଗ୍ରାମ ନାୟକ ଗୁରୁତର ଆହତ ହୋଇଛନ୍ତି । ତାଙ୍କୁ ପ୍ରଥମେ ଭଞ୍ଜନଗର ପରେ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ପଠାଯାଇଛି।

# ବିଦେଶୀ ମଦ କାରଖାନାରେ ଚଢ଼ାଉ

## ନକଲି ମଦ, ୩୦ ଲିଟର ସ୍ପିରିଟ ଜବତ: ୫ ଗିରଫ

ଆସିକା,୨୭।୭(ଡି.ଏନ.ଏ.)

ଗାଙ୍ଗପୁର ଥାନା ଅନ୍ତର୍ଗତ ଧାନପୁଞ୍ଜା ଗ୍ରାମରେ ଚାଲିଥିବା ଏକ ନକଲି ବିଦେଶୀ ମଦ କାରଖାନା ଉପରେ ପୋଲିସ ମଙ୍ଗଳବାର ସକାଳେ ଚଢାଉ କରିଥିଲା। ସେଠାରୁ ବିଭିନ୍ନ ନାମୀଦାମୀ କମ୍ପାନୀର ଲେବୁଲ ଲଗାଯାଇଥିବା ବହୁ ପରିମାଣର ମଦ ବୋତଲ ସହ ସ୍ପିରିଟ, ଲେବୁଲ ଓ ଠିପି ଜବତ କରାଯାଇଛି। ପୋଲିସ ୧୫୨.୮ ଲିଟର ମଦ ଓ ୩୦ ଲିଟର ସ୍ପିରିଟ ଜବତ କରିଛି । ଏହି କାରବାର ଅଭିଯୋଗରେ ୫ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ କନ୍ଧମାଳ ଜିଲା ବାଲିଗୁଡା ଗ୍ରାମର ସରସ୍ୱତୀ ମହାନ୍ତି, ଗୌରହରି ଦାସ, ହିଞ୍ଜିଳି ଥାନା କାଞ୍ଜିଆମା ଗ୍ରାମର ପ୍ରଦୀପ କୁମାର ଦାସ, ଗାଙ୍ଗପୁର ଥାନା ଧାନପୁଞ୍ଜା ଗ୍ରାମର ରାଜବାବୁ ସାହୁ ଏବଂ ବ୍ରହ୍ମପୁର ବଡବଜାର ଥାନା ପ୍ରହ୍ଲାଦ ନଗରର ସନ୍ତୋଷ ସ୍ୱାଇଁ।



ଜବତ ନକଲି ମଦବୋତଲ ସହ ଗିରଫ ଅଭିଯୁକ୍ତ।

ଅଭିଯୁକ୍ତମାନଙ୍କ ନିକଟରୁ ଏକ କାର୍, ୩,୩୬୦ଟଙ୍କା ଓ ୫ଟି ମୋବାଇଲ ଫୋନ୍ ଜବତ ହୋଇଛି । ଏ ନେଇ ଗାଙ୍ଗପୁର ଥାନାରେ ନଂ.୩୨୩/୨୧ରେ ମାମଲା ରୁଜୁ କରାଯାଇଛି । ମଙ୍ଗଳବାର ଗାଙ୍ଗପୁର ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଭଞ୍ଜନଗର ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ମିଶ୍ର ଓ ଗାଙ୍ଗପୁର ଥାନା ଅଧିକାରୀ ଧିରେଶ କୁମାର ଦାସ ଏହି ସୂଚନା ଦେଇଛନ୍ତି । ଏହି ର୍‍ୟାକେଟରେ କନ୍ଧମାଳ ଠାରୁ ବ୍ରହ୍ମପୁର ଯାଏଁ ଅଭିଯୁକ୍ତଙ୍କ ସଂପୃକ୍ତି ରହିଛି। ହୋମିଓ ପ୍ୟାଥିକ ଔଷଧରେ ବ୍ୟବହୃତ ସ୍ପିରିଟ ଦ୍ୱାରା ମଦ ପ୍ରସ୍ତୁତ କରାଯାଉଛି । ଏଥିରେ ଅନ୍ୟ କେହି ସଂପୃକ୍ତ ଅଛନ୍ତି କି ନାହିଁ ସେ ସମ୍ପର୍କରେ ତଦନ୍ତ ଜାରି ରହିଥିବା ଏସଡିପିଓ ମିଶ୍ର ସୂଚନା ଦେଇଛନ୍ତି ଅନ୍ୟପକ୍ଷରେ ପାଇଲିପଡା ଛକ ଠାରେ ଗାଙ୍ଗପୁର ପୋଲିସ ପକ୍ଷରୁ ରୋଡ ବ୍ଲକିଂ କରି ଯାନବାହାନ ଯାଞ୍ଚ ବେଳେ ଗୋଟିଏ ଗାଡି ଦ୍ରୁତ ଗତିରେ ଚାଲିଯାଇଥିଲା। ଏହାର ପିଛା କରି ପୋଲିସ ବିଞ୍ଝଣା ଛକ ଠାରେ ଗାଡିକୁ ଅଟକାଇବାରୁ ଦୁଇଟି କାର୍ଟୁନରେ ଥିବା ୧୮୦ ମିଲି ଲିଟର ନକଲି ମଦ ଜବତ ହୋଇଥିଲା। ଏହାର ଅନୁସନ୍ଧାନ ବେଳେ ଅଭିଯୁକ୍ତଙ୍କ ଠାରୁ ମଦ ତିଆରି କାରଖାନାର ସୁରାକ ପାଇ ପୋଲିସ ଏହି ଚଢାଉ କରିଥିଲା ।

# ଆଇଟିଆଇରେ ନିର୍ମିତ ହେବ ନୂତନ ଛାତ୍ରୀ ନିବାସ

ବ୍ରହ୍ମପୁର ଅଫିସ,୨୭।୭

**୪ କୋଟି ୬୫ ଲକ୍ଷ ୩୮ ହଜାର ମଞ୍ଜୁର**

ବ୍ରହ୍ମପୁର ଆଇଟିଆଇରେ ଆଉ ଏକ ନୂତନ ଛାତ୍ରୀ ନିବାସ ନିର୍ମାଣ ହେବ। ଏ ନେଇ ରାଜ୍ୟ ବୈଷୟିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ୪ କୋଟି ୬୫ ଲକ୍ଷ ୩୮ ହଜାର ଟଙ୍କା ମଞ୍ଜୁର ହୋଇଥିବା ଅଧ୍ୟକ୍ଷ ଡ. ରଜତ କୁମାର ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଏହି ନୂତନ ଛାତ୍ରୀ ନିବାସ ୨ ମହଲା ବିଶିଷ୍ଟ ଓ ଲିଫ୍ଟର ସୁବିଧା ମଧ୍ୟ ରହିବ। ଏଥିରେ ୧୭୦ ଛାତ୍ରୀ ରହିବା ନିମନ୍ତେ ସୁବିଧା ହେବ। ବର୍ତ୍ତମାନ ଶିକ୍ଷାନୁଷ୍ଠାନରେ ତିନୋଟି ଛାତ୍ରୀ ନିବାସ ରହିଛି; ଯେଉଁଠାରେ ୩୦୦ ଛାତ୍ରୀ ରହୁଛନ୍ତି। ଆଗାମୀ ଦିନରେ ନୂତନ ଛାତ୍ରୀ ନିବାସ ନିର୍ମାଣ ହେବା ପରେ ଶିକ୍ଷାନୁଷ୍ଠାନରେ ପାଠ ପଢା ପ୍ରତି ଛାତ୍ରୀମାନେ ଆଗ୍ରହ ପ୍ରକାଶ କରିବା ସହ ସଂଖ୍ୟା ବୃଦ୍ଧି ପାଇବ ବୋଲି ଅଧ୍ୟକ୍ଷ ପ୍ରକାଶ କରିଛନ୍ତି।

# ରାମଚଣ୍ଡୀ ପୀଠକୁ ପର୍ଯ୍ୟଟନସ୍ଥଳ ମାନ୍ୟତା ପାଇଁ ଜିଲାପାଳଙ୍କୁ ଭେଟିଲେ ବିଧାୟକ

ଛତ୍ରପୁର,୨୭।୭(ଡି.ଏନ୍.ଏ.)

ଛତ୍ରପୁର ଉପକଣ୍ଠ ପାହାଡ ଉପରେ ଥିବା ମା’ ରାମଚଣ୍ଡୀ ପୀଠକୁ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ଦେବା ଲାଗି ଦାବି ହୋଇଆସୁଛି। ସୋମବାର ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଏ ନେଇ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କୁ ଭେଟି ଲିଖିତ ଭାବେ ଜଣାଇଛନ୍ତି। ପୀଠରେ ଉନ୍ନତୀକରଣ ଓ ସୌନ୍ଦର୍ଯ୍ୟକରଣ ଦ୍ରୁତ ଗତିରେ ଆଗେଇ ଚାଲିଛି । ଲକ୍ଷାଧିକ ଭକ୍ତ ଏହି ଶକ୍ତିପୀଠକୁ ଆସୁଛନ୍ତି। ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାରେ ଏଠାରେ ବିଭିନ୍ନ ପ୍ରକଳ୍ପ ହୋଇଥିବା ବେଳେ ଆହୁରି ମଧ୍ୟ କାମ ଚାଲିଥିବା ବିଧାୟକ ଚିଠିରେ ଦର୍ଶାଇଛନ୍ତି। ରାମଚଣ୍ଡୀଙ୍କ ନୂତନ ମନ୍ଦିର ନିର୍ମାଣ କରାଯାଇଥିବାବେଳେ କଲ୍ୟାଣ ମଣ୍ଡପ, ପାଇଖାନା, ପାହାଡ ଉପରକୁ ଯିବା ପାଇଁ ଭଲ ପକ୍କା ରାସ୍ତା ନିର୍ମାଣ ହୋଇଛି । ଏଥିସହ ଭ୍ୟୁ ପଏଣ୍ଟ, ମାର୍କେଟ କମ୍ପ୍ଲେକ୍ସ, ରୋଷେଇଶାଳ, କଲ୍ୟାଣ ମଣ୍ଡପ, ହନୁମାନ ମନ୍ଦିର ଆଦି ନିର୍ମାଣ କାମ ଚାଲିଥିବା ଅବଗତ କରାଯାଇଛି। ତେଣୁ ଏହି ପୀଠକୁ ଜିଲା ଟୁରିଷ୍ଟ ମ୍ୟାପ୍‌ରେ ସ୍ଥାନିତ କରିବାକୁ ବିଧାୟକ ଅନୁରୋଧ କରିଥିଲେ । ସୂଚନାଯୋଗ୍ୟ, ପର୍ଯ୍ୟଟନ ମନ୍ତ୍ରୀ ଛତ୍ରପୁର ଆସିଥିବାବେଳେ ରାମଚଣ୍ଡୀ ପୀଠକୁ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ଦେବା ଲାଗି ବିଧାୟକ ଦୃଷ୍ଟି ଆକର୍ଷଣ କରିଥିଲେ ।

# ୧୮ ମାସ ପରେ ଉଦ୍ଧାର ନାବାଳିକା ଫେରିଲେ

ବ୍ରହ୍ମପୁର ଅଫିସ,୨୭।୭

## ଉତ୍କଳ ବାଳାଶ୍ରମରୁ ଅନ୍ତେବାସୀ ଚମ୍ପଟ ଘଟଣା

ଗଞ୍ଜାମ ଜିଲା ଅତିରିକ୍ତ ଜିଲାପାଳ (ସାଧାରଣ)ଙ୍କ ନେତୃତ୍ୱରେ ଏକ ୫ ଜଣିଆ ଟିମ୍ ବ୍ରହ୍ମପୁର ମେଡିକାଲ ବ୍ୟାଙ୍କ କଲୋନୀ ସିଦ୍ଧାର୍ଥ ନଗରରେ ଥିବା ସ୍ୱଧାର ଗୃହକୁ ଅଚାନକ ଗସ୍ତରେ ମଙ୍ଗଳବାର ଯାଇଥିଲେ। ସେଠାରେ ୪ଜଣ ନାବାଳିକା ଅନ୍ତେବାସୀ ଥିବା ଜଣାପଡିଥିଲା। ସେମାନଙ୍କୁ ଶିଶୁ ମଙ୍ଗଳ ସମିତି (ସିଡବ୍ଲ୍ୟୁସି)ରେ ହାଜର କରାଇବାକୁ କମିଟି ନିର୍ଦ୍ଦେଶ ଦେଇଥିଲା। ଉଦ୍ଧାର ହେବାର ୧୮ ମାସ ପରେ ବେଆଇନ ଭାବେ ସ୍ୱଧାର ଗୃହରେ ଥିବା ୪ଜଣ ନାବାଳିକାଙ୍କୁ ସିଡବ୍ଲ୍ୟୁସି ନିର୍ଦ୍ଦେଶ କ୍ରମେ ଉତ୍କଳ ବାଳାଶ୍ରମକୁ ଫେରିଛନ୍ତି।

ସୂଚନା ଅନୁସାରେ, ବ୍ରହ୍ମପୁର ଗୋଷାଣୀନୂଆଗାଁ ଥାନା ଅନ୍ତର୍ଗତ ଉତ୍କଳ ବାଳାଶ୍ରମରୁ ୨୦୨୦ ଜାନୁୟାରୀ ୬ ତାରିଖ ବିଳମ୍ବିତ ରାତିରେ ୧୩ ଜଣ ଅନ୍ତେବାସୀ ପାଚେରି ଡେଇଁ ଫେରାର ହୋଇଯାଇଥିଲେ। ଏନେଇ ବାଳାଶ୍ରମ ଅଧୀକ୍ଷକ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୨/୨୦ରେ ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଥିଲା। ପର୍ଯ୍ୟାୟ କ୍ରମେ ୧୩ ଜଣ ଅନ୍ତେବାସୀଙ୍କୁ ଉଦ୍ଧାର କରିଥିଲା। ଏନେଇ ଅତିରିକ୍ତ ଜିଲାପାଳ ଲିନା କୁମାରୀ ଖେସ୍ କୁହନ୍ତି, ମୋ ନେତୃତ୍ୱରେ ୫ ଜଣିଆ କମିଟି ସ୍ୱଧାର ଗୃହକୁ ଅଚାନକ ପରିଦର୍ଶନରେ ଯାଇଥିଲୁ। ଉକ୍ତ ଅନୁଷ୍ଠାନରେ ନାବାଳିକା ଅନ୍ତେବାସୀ ରହିବା ପାଇଁ ଅନୁମତି ନ ଥିବା ବେଳେ ୪ଜଣ ଅନ୍ତେବାସୀଙ୍କୁ କିପରି ରଖାଯାଇଛି ବୋଲି କର୍ତ୍ତୃପକ୍ଷଙ୍କୁ ପଚରା ଯାଇଥିଲା। ସଂସ୍ଥାରେ ଏଭଳି ବେଆଇନ କାର୍ଯ୍ୟକଳାପ ଚାଲିଥିବାରୁ ସଂସ୍ଥା ମୁଖିଆଙ୍କୁ ଏଡିଏମ୍ ତାଗିଦ୍ କରିଥିଲେ। ସପ୍ତାହ ମଧ୍ୟରେ ୪ ଅନ୍ତେବାସୀଙ୍କୁ ସିଡବ୍ଲ୍ୟୁସିରେ ହାଜର କରିବାକୁ ସେ ନିର୍ଦ୍ଦେଶ ଦେଇଥିବା କହିଛନ୍ତି। ସେହିପରି ସ୍ୱଧାର ଗୃହର ଅଧୀକ୍ଷକ ଭାରତୀ ଜେନା କହିଛନ୍ତି, ୨୦୨୦ ଜାନୁୟାରୀ ୮ ରୁ ପର୍ଯ୍ୟାୟକ୍ରମେ ଗୋଷାଣୀନୂଆଗାଁ ପୋଲିସ ଉତ୍କଳ ବାଳାଶ୍ରମରୁ ଫେରାର ଥିବା ଅନ୍ତେବାସୀଙ୍କୁ ଉଦ୍ଧାର କରି ସ୍ୱଧାର ଗୃହରେ ରଖିବାକୁ ଅନୁରୋଧ କରିଥିଲା। ଏଣୁ ଆମେ ଏନେଇ ସିଡବ୍ଲ୍ୟୁସିକୁ ଜଣାଇବା ସହ ୧୩ ଅନ୍ତେବାସୀଙ୍କୁ ରଖିଥିଲୁ। ୧୩ ଜଣ ଅନ୍ତେବାସୀ ମଧ୍ୟରେ ୮ଜଣ ପୋକ୍‌ସୋ ମାମଲାର ପୀଡ଼ିତା ଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ କୋର୍ଟ ନିର୍ଦ୍ଦେଶକ୍ରମେ ୯ ଜଣ ଅନ୍ତେବାସୀଙ୍କୁ ତାଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା। ଏଡିଏମ୍‌ଙ୍କ ନିର୍ଦ୍ଦେଶ ଅନୁଯାୟୀ ଆମ ପାଖରେ ଥିବା ୪ଜଣ ଅନ୍ତେବାସୀଙ୍କୁ ସିଡବ୍ଲ୍ୟୁସି ନିକଟରେ ହାଜର କରାଯାଇଛି।

# ସଂଘବଦ୍ଧ ଆକ୍ରମଣରେ ୪ ଚାଷୀ ଆହତ

ପୁରୁଷୋତ୍ତମପୁର,୨୭।୭(ଡି.ଏନ.ଏ.)

ପୁରୁଷୋତ୍ତମପୁର ଥାନା ବେଢ ଗ୍ରାମରେ ମଙ୍ଗଳବାର ୪ ଜଣ ଚାଷୀଙ୍କୁ ଆକ୍ରମଣ କରାଯାଇଛି। ଏଥିରେ ଅର୍ଜୁନ ଜ୍ରୁତି, ଶିବରାମ ସାହୁ, ଭାଗିରଥି ପ୍ରଧାନ ଓ ଦିପକ ଜ୍ରୁତି ଆହାତ ହୋଇଛନ୍ତି। ଗ୍ରାମବାସୀ ସମସ୍ତ ଆହାତଙ୍କୁ ଉଦ୍ଧାର କରି ପୁରୁଷୋତ୍ତମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଅର୍ଜୁନ ଓ ଶିବରାମଙ୍କ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଯାଇଛି। ଅର୍ଜୁନଙ୍କ ଅଭିଯୋଗ ଅନୁସାରେ, ସମବାୟ ସମିତି ସେକ୍ରେଟାରୀ ଚଢା ଦରରେ ସାର ବିକ୍ରି କରୁଥିବା ନେଇ ଗତ ଶୁକ୍ରବାର ଚାଷୀମାନେ ଆନ୍ଦୋଳନ କରିଥିଲେ। ଏଥିରେ ପ୍ରତିଶୋଧ ପରାୟଣ ହୋଇ ପ୍ରତିବାଦ କରିଥିବା ଚାଷୀଙ୍କୁ ସମବାୟ ସମିତିକୁ ସାର ଆଣିବାକୁ ଯିବା ବେଳେ ଆକ୍ରମଣ କରାଯାଇଥିବା ସେ ଅଭିଯୋଗ କରିଛନ୍ତି।

# ସଫା ହେଉନି କେନାଲ, ଚାଷକାର୍ଯ୍ୟ ବାଧାପ୍ରାପ୍ତ

ଗୋଷାଣୀ,୨୭।୭

ଗୋଷାଣୀ ବ୍ଲକର ଚାଷୀମାନେ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଅଧିକାରୀଙ୍କ ଖାମ ଖିଆଲ ନୀତି ଯୋଗୁ ଚାଷୀମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ ଜମିରେ ଧାନରୁଆ ଆରମ୍ଭ ହୋଇଛି। କିନ୍ତୁ ଏ ଯାଏ କେନାଲ ସଫା ହୋଇ ନଥିବାରୁ ସେଥିରେ ପାଣି ଆସିନାହିଁ। ଯଦ୍ୱାରା କେତେକ ଗ୍ରାମଗୁଡ଼ିକରେ ଧାନରୁଆ ବାଧାପ୍ରାପ୍ତ ହୋଇଛି। ଏ ନେଇ ଗୋଷାଣୀ ବ୍ଲକର କ୍ଷୁଦ୍ର ଜଳସେଚନ ପ୍ରକଳ୍ପର କନିଷ୍ଠ ଯନ୍ତ୍ରୀଙ୍କୁ ଚାଷୀମାନେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। କେତେକ ଅଞ୍ଚଳର ପ୍ରଭାବଶାଳୀ ବ୍ୟକ୍ତିମାନଙ୍କ ଚାପରେ କାଁ ଭାଁ ଜଙ୍ଗଲ ସଫା କାର୍ଯ୍ୟ ହୋଇଛି। ଜଙ୍ଗଲ ସଫା ଗ୍ରୀଷ୍ମ ଋତୁରେ କରିବା କଥା। ହେଲେ ତାହା ହେଲା ନାହିଁ। ଅନ୍ୟପଟେ କେନାଲର ପାଣି ନ ଆସିଲେ ଧାନ ଫସଲ ନଷ୍ଟ ହେବାର ସମ୍ଭାବନା



ସଫା ହୋଇନଥିବା ଲଟାବୁଦା।

ରହିଛି। ରାଜ୍ୟ ସରକାର ଚାଷୀମାନଙ୍କ ପାଇଁ ବିଭିନ୍ନ ଯୋଜନା କରିଥିବା କହୁଥିବା ବେଳେ ଏହି ଯୋଜନା କାଗଜ କଲମରେ ସୀମିତ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଆନ୍ଧ୍ରପ୍ରଦେଶରେ ଗ୍ରୀଷ୍ମ ଋତୁରେ କେନାଲ, ବନ୍ଧ କାର୍ଯ୍ୟ କରୁଥିବା ବେଳେ ଓଡ଼ିଶାରେ ଏହା ଅଦୃଶ୍ୟ ହୋଇରହିଛି।

# ଧର୍ମାନୁଷ୍ଠାନ ଖୋଲିବା ଦାବିରେ ତହସିଲଦାରଙ୍କୁ ଦାବିପତ୍ର

ବ୍ରହ୍ମପୁର ଅଫିସ,୨୭।୭

କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ କଟକଣା କୋହଳ କରାଯାଇଛି। ଏହା ସତ୍ତ୍ୱେ ଧର୍ମାନୁଷ୍ଠାନ ଖୋଲା ନ ଯିବାରୁ ବହୁ ସେବାୟତଙ୍କ ପରିବାର ପ୍ରତିପୋଷଣ କ୍ଷେତ୍ରରେ ଗଭୀର ଆଘାତ ଲାଗିଛି। ଏ ନେଇ ମଙ୍ଗଳବାର ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ବହୁମୁଖୀ ସଂଘ ପକ୍ଷରୁ ଧର୍ମାନୁଷ୍ଠାନ ଖୋଲିବା ଦାବିରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବ୍ରହ୍ମପୁର ତହସିଲଦାର ସିପକ ପାତ୍ରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। କରୋନା ସଂକ୍ରମଣ ହ୍ରାସ ପାଇଥିବାରୁ ବିଭିନ୍ନ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ ଓ ବସ୍ ଚଳାଚଳ ପାଇଁ ଅନୁମତି ମିଳିଛି। କିନ୍ତୁ ଧର୍ମାନୁଷ୍ଠାନ ଖୋଲିବାକୁ ନେଇ କଟକଣା ବଳବତ୍ତର ରହିଛି। ଫଳରେ ଧର୍ମାନୁଷ୍ଠାନ ଉପରେ ନିର୍ଭର କରୁଥିବା ବ୍ୟକ୍ତିଙ୍କ ପକ୍ଷେ



ତହସିଲଦାରଙ୍କୁ ଦାବି ପତ୍ର ପ୍ରଦାନ।

ପରିବାର ଚଳାଇବା କଷ୍ଟସାଧ ହୋଇଛି। ଏଣୁ ତୁରନ୍ତ ଧର୍ମାନୁଷ୍ଠାନ ଖୋଲିବା ପାଇଁ ଉକ୍ତ ଦାବି ପତ୍ରରେ ଉଲ୍ଲେଖ ରହିଛି। ନଚେତ୍ ଆଗାମୀ ଦିନରେ ବ୍ରହ୍ମପୁର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଦାବି ପତ୍ର ପ୍ରଦାନ ସମୟରେ ସଂଘ ସଭାପତି ରାମ କୁମାର ପାତ୍ରଙ୍କ ସମେତ କିରଣ କୁମାର ସାହୁ, ଅଶୋକ ନିମାଇଁ, ସନ୍ଦେଶ ଦାଶ, ଦେବରାଜ ନାୟକ, ସନ୍ତୋଷ ପାତ୍ର ଓ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ଅଗ୍ନିକାଣ୍ଡରେ ୧୫ ବଖରା ଜଳିଗଲା

ସୋରଡ଼ା,୨୭।୭(ଡି.ଏନ୍.ଏ.)

ସୋରଡ଼ା ବ୍ଲକ ଅଶୂରବନ୍ଧ ପଞ୍ଚାୟତ ପାଟପଲ୍ଲି ଗ୍ରାମରେ ମଙ୍ଗଳବାର ଅଗ୍ନିକାଣ୍ଡ ଘଟି ୫ ପରିବାରର ୧୫ ବଖରା ଜଳିଯାଇଛି। କ୍ଷତିଗ୍ରସ୍ତ ମାନେ ହେଲେ ତ୍ରିନାଥ ନାୟକ, ଶଙ୍କର ନାୟକ, ଅନାଦି ନାୟକ, କାଳୁ ନାୟକ, ଦରମରି ନାୟକ। ସନ୍ଧ୍ୟାରେ ହଠାତ୍ ନିଆଁ ଲାଗିଯିବାରୁ ୫ ପରିବାରର ୩ ବଖରା ଲେଖାଏ ଘର ସହ ସମସ୍ତ ଅସବାବପତ୍ର ପୋଡ଼ିଯାଇଥିଲା। ଅଗ୍ନିକାଣ୍ଡର କାରଣ ଜଣାପଡ଼ିନଥିବା ବେଳେ ସ୍ଥାନୀୟ ଦମକଳ ବାହୀନି ପହଞ୍ଚି ନିଆଁକୁ ଆୟତ କରିଥିଲେ। ରାଜସ୍ୱ ନିରୀକ୍ଷକ ଅଭିରାମ ଶେଠୀ ପହଞ୍ଚି ଅଗ୍ନି ବିପନ୍ନଙ୍କୁ ପାଲ ବଣ୍ଟନ କରିଛନ୍ତି। ସମସ୍ତ ଗରିବ ପରିବାରର ହୋଇଥିବାରୁ ଘର ଯୋଗାଇବାକୁ କ୍ଷତିଗ୍ରସ୍ତମାନେ ଅନୁରୋଧ କରିଛନ୍ତି।

# ୩୦ ସୁଦ୍ଧା ଅକ୍ସିଜେନ୍ ପ୍ଲାଣ୍ଟ କାର୍ଯ୍ୟ ସାରିବାକୁ ଲକ୍ଷ୍ୟ

ଛତ୍ରପୁର,୨୭।୭(ଡି.ଏନ୍.ଏ.)

ଛତ୍ରପୁର ହସ୍ପିଟାଲରେ ଅକ୍ସିଜେନ୍ ପ୍ଲାଣ୍ଟ ନିର୍ମାଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ଏନଏଚଆଇ ଏହି ପ୍ଲାଣ୍ଟ କାର୍ଯ୍ୟ କରୁଥିବା ବେଳେ ଆସନ୍ତା ୩୦ ତାରିଖ ସୁଦ୍ଧା କାର୍ଯ୍ୟ ସାରିବାକୁ ଲକ୍ଷ୍ୟ ରଖାଯାଇଛି । ଅକ୍ସିଜେନ୍ ପ୍ଲାଣ୍ଟ ପାଇଁ ପୂର୍ବରୁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ଉପସ୍ଥିତିରେ ସ୍ଥାନ ଚୟନ କରାଯିବା ସହ ରାଜ୍ୟ ସରକାରଙ୍କୁ ବିସ୍ତୃତ ରିପୋର୍ଟ ଦିଆଯାଇଥିଲା। ୨୦ କିଲୋ ଲିଟର ବିଶିଷ୍ଟ ଉକ୍ତ ପ୍ଲାଣ୍ଟ ୧୪ ମିଟର ୯ ମିଟର ସ୍ଥାନରେ ସ୍ଥାପନ ହେବ । ପ୍ଲାଣ୍ଟରୁ ପାଇପ ଯୋଗେ ରୋଗୀଙ୍କୁ ଅକ୍ସିଜେନ୍ ଦିଆଯିବ । ଏଥିସହ ଅକ୍ସିଜେନ୍ ଷ୍ଟୋରେଜ୍ ପ୍ଲାଣ୍ଟ ମଧ୍ୟ ରାସ୍ତା ଓ କୋଠାବାଡି ବିଭାଗ ପକ୍ଷରୁ କରାଯାଉଛି । ପୂର୍ବରୁ ବ୍ରହ୍ମପୁର ବଡ ମେଡିକାଲରେ ଅକ୍ସିଜେନ୍ ପ୍ଲାଣ୍ଟ କାର୍ଯ୍ୟକ୍ଷମ ହୋଇ ସାରିଛି। ବ୍ରହ୍ମପୁରସ୍ଥିତ ସିଟି ହସ୍ପିଟାଲରେ ଅକ୍ସିଜେନ୍ ଷ୍ଟୋରେଜ୍ ପ୍ଲାଣ୍ଟ ପାଇଁ ମୁଖ୍ୟମନ୍ତ୍ରୀ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଅନ୍ୟପକ୍ଷରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଛତ୍ରପୁର ହସ୍ପିଟାଲର ସମ୍ପୂର୍ଣ୍ଣ ନକ୍ସା ମ୍ୟାପ ପ୍ରସ୍ତୁତି କାର୍ଯ୍ୟ ମଧ୍ୟ ଚାଲିଛି ।

# ଟିକାବାଲି-ବାହାଡାସାହି ରାସ୍ତା ଶୋଚନୀୟ

ଫୁଲବାଣୀ ଅଫିସ, ୨୭।୭

କନ୍ଧମାଳ ଜିଲା ଟିକାବାଲି ବ୍ଲକର ଟିକାବାଲିଠାରୁ ବାହାଡାସାହି ଛକ ପର୍ଯ୍ୟନ୍ତ ରାସ୍ତା ଅତ୍ୟନ୍ତ ଖରାପ ହୋଇଛି। ଏହି ରାସ୍ତା ଦେଇ ବ୍ଲକ ପ୍ରଶାସନ ଅଧିକାରୀଙ୍କଠାରୁ ଆରମ୍ଭ କରି ପୂର୍ତ୍ତ, ଆରଡି ବିଭାଗ ଯନ୍ତ୍ରୀମାନେ ଯାଉଥିଲେ ମଧ୍ୟ ଏଥିପ୍ରତି କାହାର ଦୃଷ୍ଟି ପଡୁନି। ସାଧାରଣ ଲୋକେ ରାସ୍ତା କାମ ପାଇଁ ବାରମ୍ବାର ଦାବି କରି ଆସୁଥିଲେ ହେଁ କିଛି ପଦକ୍ଷେପ ନିଆଯାଉ ନାହିଁ। ଫଳରେ ଦିନକୁଦିନ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଟିକାବାଲି ବ୍ଲକର ୧୧ ପଞ୍ଚାୟତରୁ ୮ ପଞ୍ଚାୟତ ଓ ଚକାପାଦ ବ୍ଲକର ଗୋଟିଏ ପଞ୍ଚାୟତର ଲୋକେ ଏହି ରାସ୍ତା ଉପରେ ନିର୍ଭରଶୀଳ। ଏଥିସହ ବ୍ରହ୍ମପୁରରୁ ଫୁଲବାଣୀ ମୁଖ୍ୟ ରାସ୍ତାରେ କୌଣସି ଅସୁବିଧା ହେଲେ ବ୍ରହ୍ମପୁର ବସଗୁଡ଼ିକ ଏହି ରାସ୍ତା ଦେଇ ଯାତାୟାତ କରେ । ରାସ୍ତା ନିର୍ମାଣକାରୀ ଠିକା ସଂସ୍ଥା ଏଆର୍‌ଏସ୍‌ଏସ୍‌ର ଭାରିଯାନଗୁଡିକ ବାଡିମୁଣ୍ଡାଠାରେ ଥିବା କ୍ରଶରରୁ ଚିପ୍‌ସ, ମେଟାଲ ଆଦି ବୋଝେଇ କରି ଏହି ରାସ୍ତାରେ ଯାତାୟାତ କରନ୍ତି। କିନ୍ତୁ ରାସ୍ତାର ମୁଖ୍ୟ ସମସ୍ୟା ହେଉଛି ଏହା ଅଣଓସାରିଆ। ଭାରିଯାନ ଯାତାୟାତ ଫଳରେ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡୁଛି। ରାସ୍ତାର କେଉଟ ସାହିଠାରୁ ଗୁଡାରି ସାହି ଯିବା ରାସ୍ତା ସମ୍ପୂର୍ଣ୍ଣ ଖାଲଖମାରେ ଭର୍ତ୍ତି । ବର୍ଷା ହେଲେ ସ୍ଥିତି ବେହାଲ । ବର୍ଷାଦିନ ହେଲା ରାସ୍ତାରେ ଯିବା ଆସିବା ଅତ୍ୟନ୍ତ ଦୟନୀୟ ଓ ବିପଜ୍ଜନକ। ତେଣୁ ଏହି ରାସ୍ତାର ନବୀକରଣ ପାଇଁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।



ଖାଲଖମା ରାସ୍ତାରେ ପାଣି ଜମି ରହିଛି।

# ସ୍ତ୍ରୀଙ୍କୁ ନିର୍ଯାତନା ଅଭିଯୋଗ

ପାତ୍ରପୁର, ୨୭।୭(ଡି.ଏନ.ଏ.)

ଜରଡ଼ା ଥାନା ବିଜୟପୁର ଗ୍ରାମର ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି। ମହିଳା ଜଣକ ହେଲେ ଉକ୍ତ ଗ୍ରାମର ଜିତେନ୍ଦ୍ର ପ୍ରଧାନଙ୍କ ସ୍ତ୍ରୀ ଅନିତା (୨୭) । ଜିତେନ୍ଦ୍ର ଓ ଅନିତା ଉଭୟ ଗୋଟିଏ ଗ୍ରାମର ହୋଇଥିବା ବେଳେ ସେମାନେ ପ୍ରେମ ବିବାହ କରିଥିଲେ। ବିବାହର ଏକ ବର୍ଷ ପରେ ସ୍ୱାମୀ ଓ ପରିବାର ଲୋକେ ଅନିତାଙ୍କୁ ନିର୍ଯାତନା ଦେଇ ଆସୁଥିଲେ। କିଛି ମାସ ହେଲା ଉଭୟ ଦମ୍ପତି ହାଇଦ୍ରାବାଦରେ ରହୁଥିଲେ। ସ୍ୱାମୀ ସେଠାରେ କାମରୁ ଆସିବା ପରେ ପ୍ରତିଦିନ ମଦ୍ୟପାନ କରି ସ୍ତ୍ରୀଙ୍କୁ ପିଟାପିଟି କରୁଥିଲେ। ଏହା ଅସହ୍ୟ ହେବାରୁ ଦଶ ଦିନ ପରେ ଅନିତା ହାଇଦ୍ରାବାଦରୁ ଖସି ଆସି ଗତ ୨୩ରେ ଜରଡା ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ବର୍ତ୍ତମାନ ସୁଦ୍ଧା ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଉନଥିବା ପୀଡିତା କହିଛନ୍ତି। ଏ ନେଇ ଜରଡା ଥାନା ଅଧିକାରୀ ଭାବାନନ୍ଦ ପ୍ରଧାନଙ୍କୁ ପଚାରିବାରୁ ସେହିଭଳି କିଛି ମୋ ଦୃଷ୍ଟିକୁ ଆସିନଥିବା ବେଳେ ଅଭିଯୋଗ ହୋଇଛକି ନାହିଁ ସେ ଜାଣିନଥିବା କହିଛନ୍ତି। ଅନିତାଙ୍କ ଗୋଟିଏ ୫ ବର୍ଷର ପୁଅ ଓ ୨ ବର୍ଷର ଗୋଟିଏ ଝିଅ ଅଛନ୍ତି ।

# ତଲାରୀ ବିକି ଚଳାଇ ହେଉନି ପରିବାର

ଛତ୍ରପୁର,୨୭।୭(ଡି.ଏନ୍.ଏ.)

ଆଷାଢ଼ ଶେଷ ପର୍ଯ୍ୟନ୍ତ ବର୍ଷାରେ ଅନିୟମିତତା ଯୋଗୁ ତଲାରୀ ଖୋଜା ପଡୁ ନ ଥିଲା। ଅନ୍ୟପକ୍ଷରେ କରୋନା କଟକଣା ପାଇଁ ବ୍ୟବସାୟ ମଧ୍ୟ ବନ୍ଦ ଥିଲା। ଏବେ ଜିଲାରେ କଟକଣା କୋହଳ ହୋଇଛି। ତଲାରି ବିକିବା ପାଇଁ ପାତ୍ରପୁର ବ୍ଲକ ଜରଡା ଗ୍ରାମର ଗୋପାଳ ଶବରଙ୍କ ଓ ଅନ୍ୟ କେତେଜଣ ବ୍ୟବସାୟୀ ଆସି ଛତ୍ରପୁର ବ୍ଲକ ପୋକଡିନ୍ଧ ଛକରେ ପହଞ୍ଚିଥିଲେ। ସ୍ଥାନୀୟ ଲୋକେ ଗୋପାଳଙ୍କ ଠାରୁ ତଲାରୀ ନେବାକୁ ଆସିଥିଲେ ମଧ୍ୟ ଅଧିକ ଦର ଶୁଣି ଫେରି ଯାଉଥିବା ଦେଖାଯାଇଥିଲା। ଗୋପାଳ ତଲାରୀ ଗୋଟାକୁ ୧୪୦ ଟଙ୍କାରେ ବିକ୍ରି କରିଥାନ୍ତି। ତେବେ ଚଢ଼ା ସମ୍ପର୍କରେ ପଚାରିବାରୁ ସେ କହିଥିଲେ, ତଲାରୀ ପାଇଁ ବାଉଁଶ, ସିଆଳିପତ୍ର ଅଭାବ ଦେଖାଯାଉଛି। ଗୋଟିଏ ତଲାରୀ ତିଆରି କରିବାକୁ ପ୍ରାୟ ୩୦ରୁ୪୦ ମିନିଟ ସମୟ ଲାଗୁଛି । ଏହି ପରିଶ୍ରମର ମୂଲ୍ୟ ମିଳୁନାହିଁ। ବାଉଁଶ,ସିଆଳୀପତ୍ର



ତଲାରୀ ବିକ୍ରି ହେଉଛି ।

ଆଣିବାକୁ ବଣ ଜଙ୍ଗଲକୁ ଯିବା ବେଳେ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ପରିବାରରେ ସ୍ତ୍ରୀ, ଦୁଇଟି ଝିଅ ଓ ଗୋଟିଏ ପୁଅ। ଏମାନେ କାର୍ଯ୍ୟରେ ସହଯୋଗ କରୁଥିଲେ ସୁଦ୍ଧା ଜିଲା ପ୍ରଶାସନ ସହଯୋଗ କରୁ ନ ଥିବାରୁ ଭାଙ୍ଗିପଡୁଛୁ ବୋଲି ଗୋପାଳ କହିଥିଲେ । କେବଳ ଚାଉଳ ଓ ଗହମ ମିଳୁଥିବା ସ୍ଥଳେପରିବାର ସହ ଝୁମ୍ପୁଡି ଘରେ ଦିନ କାଟିବାକୁ ସେ ବାଧ ହେଉଛନ୍ତି।